- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-10 ♦FRIDAY ♦4 JULY 2025 ♦PAGE-12 ♦₹ 6.00 | JEYPORE | ♦ବର୍ଷ-୪୩ ♦ସଂଖ୍ୟା-୧୦ ♦ଶୁକ୍ରବାର ♦୪ ଜୁଲାଇ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦





## ଗିଲ୍‌ଙ୍କ କୀର୍ତ୍ତିମାନ
# ୨୬୯

■ **ବର୍ମିଂହାମ, ୩।୭ (ଏଜେନ୍ସି):** ଭାରତୀୟ ଦଳର ଅଧିନାୟକ ଶୁବମାନ ଗିଲ୍ ଚଳିତ ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ୨୬୯ ରନର ମାରାଥନ ଦ୍ୱିଶତକୀୟ ପାଳି ଖେଳିଛନ୍ତି। ଗିଲ୍‌ଙ୍କ ଏହି ଦମ୍‌ଦାର ବ୍ୟାଟିଂ ବଳରେ ଭାରତ ପ୍ରଥମ ପାଳିରେ -- ରନର ବିଶାଳ ସ୍କୋର ଠିଆ କରାଇଛି। ଏହି ଦ୍ୱିଶତକୀୟ ପାଳି ଅବସରରେ ଗିଲ୍ ଏକାଧିକ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଟେଷ୍ଟରେ ଦ୍ୱିଶତକ ଅର୍ଜନ କରିବାରେ ସେ ଭାରତର ୬ଷ୍ଠ ଅଧିନାୟକ ହୋଇଛନ୍ତି। ତାଙ୍କ ପୂର୍ବରୁ ଏମ୍‌ଏକେ ପୌଟଦୀ, ସୁନିଲ ଗାଭାସ୍କର, ସଚିନ ତେନ୍ଦୁଲକର, ମହେନ୍ଦ୍ର ସିଂ ଧୋନି ଓ ବିରାଟ କୋହଲି ଏହି ସଫଳତା ପାଇଥିଲେ। ସେମାନଙ୍କ ମଧ୍ୟରୁ ବିରାଟ ଅଧିନାୟକ ଭାବେ ସର୍ବାଧିକ ୭ଟି ଦ୍ୱିଶତକ ମାରିଛନ୍ତି। ସେହିଭଳି ପଟୌଦୀ (୨୩ ବର୍ଷ ୩୯ ଦିନ)ଙ୍କ ପରେ ଦ୍ୱିତୀୟ କନିଷ୍ଠ ଭାରତୀୟ ଅଧିନାୟକ ଭାବେ ଗିଲ୍ (୨୫ ବର୍ଷ ୨୯୮ ଦିନ) ଦ୍ୱିଶତକ ହାସଲ କରିଛନ୍ତି। ଭାରତୀୟ ଅଧିନାୟକ ଭାବେ ମଧ୍ୟ ଏହା ଟେଷ୍ଟରେ ସର୍ବୋଚ୍ଚ ବ୍ୟକ୍ତିଗତ ସ୍କୋର ହୋଇଛି। ୨୦୧୯ରେ କୋହଲି ଅଧିନାୟକ ଥିବାବେଳେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଅପରାଜିତ ୨୫୪ ରନର ପାଳି ଖେଳିଥିଲେ। ସେହିଭଳି ବିଦେଶ ମାଟିରେ ଟେଷ୍ଟରେ ଭାରତୀୟ ବ୍ୟାଟର୍ ଭାବେ ଟେଷ୍ଟରେ ଏହା ସର୍ବୋଚ୍ଚ ସ୍କୋର ହୋଇଛି। ଏହିକ୍ରମରେ ଗିଲ୍ ୪୬ ବର୍ଷ ତଳର ଗାଭାସ୍କର (୨୨୧ ବନାମ ଇଂଲଣ୍ଡ, ୧୯୭୯, ଦି ଓଭାଲ)ଙ୍କ ରେକର୍ଡକୁ ମଧ୍ୟ ଅତିକ୍ରମ କରିଛନ୍ତି।


## ରାଜ୍ୟ ପାଇଁ ସମ୍ମାନ ଆଣିଲା '୫-ଟି' ରୂପାନ୍ତରଣ

# ପିଜିଆଇ ର୍‌ୟାଙ୍କିଙ୍ଗ: ଦେଶରେ ଓଡ଼ିଶା ପଞ୍ଚମ

■ **ଭୁବନେଶ୍ୱର, ୩।୭(ସମିସ):** ରାଜ୍ୟଗୁଡ଼ିକର ପରଫରମାନ୍ସ ଗ୍ରେଡ଼ିଂ ଇଣ୍ଡେକ୍ସ (ପିଜିଆଇ) ରାଙ୍କିଂରେ ଓଡ଼ିଶା ହାସଲ କରିଛି ଅନନ୍ୟ ସଫଳତା। ୨୦୧୪ରେ ଓଡ଼ିଶା ୧୪ତମ ସ୍ଥାନରେ ଥିବାବେଳେ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସଂସ୍କାର ଧର୍ମୀ କାର୍ଯ୍ୟକ୍ରମ ଓ ଶିକ୍ଷାନୁଷ୍ଠାନର '୫-ଟି' ରୂପାନ୍ତରଣ ଓଡ଼ିଶାକୁ ସାରା ଦେଶରେ ୫ମ ସ୍ଥାନରେ ପହଞ୍ଚାଇଛି। ଶିକ୍ଷା ଭିତ୍ତିଭୂମି ସହ ଶୈକ୍ଷିକ ମାନରେ କ୍ରମାଗତ ଉତ୍ତମ ପ୍ରଦର୍ଶନ ଓଡ଼ିଶାକୁ ସଦ୍ୟ ପ୍ରକାଶିତ ପରଫର୍‌ମାନସ୍ ଗ୍ରେଡ଼ିଂ ଇଣ୍ଡେକ୍ସ (ପିଜିଆଇ)-୨.୦ ର୍‌ୟାଙ୍କିଙ୍ଗରେ ସାରା ଦେଶରେ ପଞ୍ଚମ ସ୍ଥାନରେ ପହଞ୍ଚାଇଛି। ମୋଟ୍ ୫୯୫.୬ ସ୍କୋର ସହ ୨୦୨୩-୨୪ ଶିକ୍ଷାବର୍ଷ ପାଇଁ ଓଡ଼ିଶା ପ୍ରଚେଷ୍ଟା-୩ ଗ୍ରେଡ୍ ହାସଲ କରିବାରେ ସକ୍ଷମ ହୋଇଛି। କେନ୍ଦ୍ର ସରକାରଙ୍କ ଏହି ରିପୋର୍ଟ ପ୍ରକାଶିତ ହେବା ପରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଖୁସି ବ୍ୟକ୍ତ କରିବା ସହ ସରକାରୀ ସ୍କୁଲ ଶିକ୍ଷାର ଦୃଢ଼ ଭିତ୍ତିଭୂମି ଛାତ୍ରଛାତ୍ରୀଙ୍କୁ ଉତ୍କର୍ଷ ହାସଲ କରିବାରେ ସାହାଯ୍ୟ କରୁଥିବା କହିଛନ୍ତି।

'୫-ଟି' ଉପକ୍ରମରେ ସରକାରୀ ବିଦ୍ୟାଳୟର ଭିତ୍ତିଭୂମି ସୁଦୃଢ଼ ହୋଇଛି। ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ନିମନ୍ତେ ତତ୍‌କାଳୀନ ରାଜ୍ୟ ସରକାରଙ୍କ ପଦକ୍ଷେପ ସ୍ୱରୂକ ସ୍ମାର୍ଟ କ୍ଲାସରୁମ୍, କମ୍ପ୍ୟୁଟର, ଅତ୍ୟାଧୁନିକ ଲାବୋରୋଟାରୀର ବ୍ୟବସ୍ଥା କରାଯାଇଛି। ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ କରି ଛାତ୍ରଛାତ୍ରୀ ଶିକ୍ଷାଲାଭ କରୁଛନ୍ତି। ଏସବୁର ସଫଳ ଉପଯୋଗ ବିଦ୍ୟାଳୟଗୁଡ଼ିକରେ ଆଣିଛି ବିଶାଳ ରୂପାନ୍ତର। ଏହା ବ୍ୟତୀତ ଶିକ୍ଷା ସହ ଶାରିରୀକ ବିକାଶକୁ ଗୁରୁତ୍ୱ ଦିଆଯାଇ ବିଦ୍ୟାଳୟରେ ଖେଳପଡ଼ିଆର ଉନ୍ନତିକରଣ କରିବା ସହ କ୍ରୀଡ଼ା ସାମଗ୍ରୀ ଯୋଗାଇ ଦିଆଯାଇଛି। ଫଳରେ କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ ପକ୍ଷରୁ ପ୍ରକାଶିତ ▶ପୃଷ୍ଠା-୭

### ୨୦୧୪ରେ ୧୪ତମ ସ୍ଥାନ, ୨୦୨୩ରେ ୫ମ
### ଟ୍ୱିଟ୍ କରି ଖୁସି ବ୍ୟକ୍ତ କଲେ ନବୀନ



## ପଶ୍ଚିମ ଆଫ୍ରିକାରେ ତିନି ଭାରତୀୟଙ୍କୁ ଅପହରଣ

■ **ନୂଆଦିଲ୍ଲୀ, ୩।୭ (ଏଜେନ୍ସି):** ପଶ୍ଚିମ ଆଫ୍ରିକୀୟ ଦେଶ ମାଲିରେ ତିନି ଜଣ ଭାରତୀୟ ନାଗରିକଙ୍କୁ ଗତ ମଙ୍ଗଳବାର ଅପହରଣ କରାଯାଇଛି। ଏହି ଅପହରଣ ପଛରେ ଦୁର୍ଦ୍ଧାନ୍ତ ଆତଙ୍କବାଦୀ ସଂଗଠନ ଅଲ କାଏଦାର ହାତ ଥିବାର ସନ୍ଦେହ କରାଯାଉଛି। ଏହାକୁ ନେଇ ଭାରତ ସରକାର ଉଦ୍‌ବେଗ ପ୍ରକାଶ କରିବା ସହିତ ଭାରତୀୟଙ୍କ ତୁରନ୍ତ ଓ ନିରାପଦ ମୁକ୍ତି ପାଇଁ ପଦକ୍ଷେପ ନେବାଲାଗି ମାଲି ସରକାରଙ୍କୁ ଅନୁରୋଧ କରିଛନ୍ତି।

ଭାରତର ବୈଦେଶିକ ବିଭାଗ ପକ୍ଷରୁ କୁହାଯାଇଛି ଯେ ଏହି ତିନି ଜଣ ଭାରତୀୟ କାଏସରେ ଥିବା ଡାଏମଣ୍ଡ ସିମେଣ୍ଟ କାରଖାନାରେ କାମ କରୁଥିଲେ। ଗତ ମଙ୍ଗଳବାର ଦିନ କେତେକ ସଶସ୍ତ୍ର ଆତଙ୍କବାଦୀ ଏହି କାରଖାନା ଉପରେ ଅଚାନକ ଆକ୍ରମଣ କରିଥିଲେ। ଆକ୍ରମଣ ପରେ ସେମାନେ ଭାରତର ତିନି ଜଣ ନାଗରିକଙ୍କୁ ଅପହରଣ କରି ନେଇ ପଳାଇଥିଲେ। ଏହି ଆକ୍ରମଣ କିମ୍ବା ଅପହରଣ ନେଇ କୌଣସି ସଂଗଠନ ନିଜକୁ ଦାୟୀ କରି ନାହାନ୍ତି। କିନ୍ତୁ ଏହି ଦେଶରେ ଅଲ କାଏଦା ଭଳି ଅନେକ ଆତଙ୍କବାଦୀ ସଂଗଠନ ସକ୍ରିୟ ରହିଥିବାରୁ ସେମାନେ ହିଁ ଏଭଳି କାଣ୍ଡ ଘଟାଇଥିବା ସନ୍ଦେହ କରାଯାଉଛି। ମିଳିଥିବା ସୂଚନା ଅନୁଯାୟୀ ଗତ ମଙ୍ଗଳବାର ଦିନ ମାଲିର ବିଭିନ୍ନ ଅଞ୍ଚଳରେ ଏଭଳି ଆକ୍ରମଣ ହୋଇଥିଲା। ଏହି ଆକ୍ରମଣ ପଛରେ ଅଲ କାଏଦାର ସହଯୋଗୀ ସଂଗଠନ ଜମାତ ନୁସରତୁଲ ଇସଲାମର ହାତ ଥିବାର କୁହାଯାଉଛି।

**ଅଲକାଏଦାର ସମ୍ପୃକ୍ତି ସନ୍ଦେହ**

## ଆତ୍ମସମର୍ପଣ ପରେ ଜଗନ୍ନାଥ ପ୍ରଧାନ ଗିରଫ

# ଓଏଏସ୍ ଆନ୍ଦୋଳନ ପ୍ରତ୍ୟାହୃତ

■ **ଭୁବନେଶ୍ୱର, ୩।୭ (ସମିସ):** ଗୁରୁବାର ବିଳମ୍ବିତ ସନ୍ଧ୍ୟାରେ ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି ବିଏମ୍‌ସି ଅତିରିକ୍ତ କମିଶନରଙ୍କ ମାଡ଼ ଘଟଣାର ନେପଥ୍ୟ ନାୟକ କୁହାଯାଉଥିବା ବିଜେପି ନେତା ଜଗନ୍ନାଥ ପ୍ରଧାନ। ଭୁବନେଶ୍ୱର ଡ଼ିସିପିଙ୍କ କାର୍ଯ୍ୟାଳୟରେ ଆତ୍ମସମର୍ପଣ ପରେ ତାଙ୍କୁ ପୁଲିସ ଗିରଫ କରିଛି। କ୍ୟାପିଟାଲ ହସପିଟାଲରେ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ଜେଲ ପଠାଇ ଦିଆଯାଇଛି। ଶ୍ରୀ ପ୍ରଧାନଙ୍କ ଗିରଫଦାରି ପରେ ଗତ ୩ ଦିନ ହେଲା ସମୂହ ଛୁଟିରେ ଥିବା ଓଏଏସ୍ ସଂଘ ଆନ୍ଦୋଳନରୁ ଓହରିଛି। ଆସନ୍ତାକାଲିଠାରୁ ସମସ୍ତ ଓଏଏସ୍ ଅଧିକାରୀ କାର୍ଯ୍ୟରେ ଯୋଗ ଦେବେ ବୋଲି ସଂଘର ପକ୍ଷରୁ ସୂଚନା ଦିଆଯାଇଛି।

ବିଏମ୍‌ସି ଅତିରିକ୍ତ କମିଶନର ତଥା ଓଏଏସ୍ ରତ୍ନାକର ସାହୁଙ୍କ ଉପରେ ବିଜେପି ନେତା ଓ କର୍ମୀଙ୍କ ବର୍ବର ଆକ୍ରମଣ ପରେ ଓଏଏସ୍ ସଂଘ ସମୂହ ଛୁଟିରେ ଯାଇଥିଲା। ଯେ ପର୍ଯ୍ୟନ୍ତ ଘଟଣା ପଛର ନେପଥ୍ୟ ନାୟକ ଜଗନ୍ନାଥ ପ୍ରଧାନଙ୍କୁ ଗିରଫ ନ କରାଯାଇଛି ସେ ପର୍ଯ୍ୟନ୍ତ ସେମାନେ କାମରେ ଯୋଗ ଦେବେ ନାହିଁ ବୋଲି ସଂଘ କହିଥିଲା। ଫଳରେ ସାରା ରାଜ୍ୟରେ ପ୍ରଶାସନିକ କାର୍ଯ୍ୟ ବନ୍ଦ ହୋଇ ଯାଇଥିଲା ଓ ସଚିବାଳୟଠାରୁ ବ୍ଲକ୍ ପର୍ଯ୍ୟନ୍ତ ସବୁ ଓଏଏସ୍ ଅଧିକାରୀ ଛୁଟିରେ ଚାଲି ଯାଇଥିଲେ। ▶ପୃଷ୍ଠା-୭



**ପୁରୀ ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ଗୌତମ ଆଦାନୀ ଭକ୍ତଙ୍କ ପାଇଁ ନିଜକୁ କଲେ ଉତ୍ସର୍ଗୀକୃତ**

# ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ଭକ୍ତଙ୍କ ପାଇଁ ଗୌତମ ଆଦାନୀଙ୍କର ଉତ୍ସର୍ଗୀକୃତ ସେବା

ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟ ତିଥିରେ ପବିତ୍ର ପୁରୀଧାମରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ଜଣେ ସାଧାରଣ ସେବକ ଭାବରେ ଯୋଗ ଦେଇ ଭକ୍ତମାନଙ୍କ ସେବା କରିଛନ୍ତି ଆଦାନୀ ଗ୍ରୁପ୍ ଅଧ୍ୟକ୍ଷ ଶ୍ରୀ ଗୌତମ ଆଦାନୀ। ପରିବା କାଟୁଥିବା, ରୁଟି ପାଇଁ ଅଟା ଦଳୁଥିବା, ଖେଚୁଡ଼ି ରାନ୍ଧୁଥିବା ଅନ୍ୟ ସେବା କର୍ମୀମାନଙ୍କ ସହ 'ଜୟ ଜଗନ୍ନାଥ' ଧ୍ୱନୀ ମଧ୍ୟରେ ଅତି ସାଧାରଣ ପୋଷାକରେ ଶ୍ରୀ ଆଦାନୀ ନିଜେ ଖାଦ୍ୟ ପ୍ରସ୍ତୁତ କରିବାର ସମ୍ପୂର୍ଣ୍ଣ ନିଆରା ଦୃଶ୍ୟ ଅନେକଙ୍କୁ ବିମୋହିତ କରିଛି। ଯାହା ଅନେକଙ୍କ ପାଇଁ ଅବିଶ୍ୱାସ୍ୟ ମନେ ହୋଇଛି।

**ସମ୍ମାନ ନୁହେଁ, ସେବା; ଉପଦେଶ ନୁହେଁ, ଭାବନା**

ଆଦାନୀ ଗ୍ରୁପ୍ ଅଧ୍ୟକ୍ଷ ଶ୍ରୀ ଗୌତମ ଆଦାନୀ ପ୍ରସ୍ତୁତ କରିଥିବା ଓ ଭକ୍ତମାନଙ୍କୁ ପରଷୁଥିବା ଖାଦ୍ୟରେ ଥିଲା ଭକ୍ତି, ଆଦର ଓ ସମର୍ପଣ । ଶ୍ରୀ ଆଦାନୀଙ୍କ ସହ ତାଙ୍କ ପତ୍ନୀ ତଥା ଆଦାନୀ ଫାଉଣ୍ଡେସନ ଅଧ୍ୟକ୍ଷା ଡା.ପ୍ରୀତି ଆଦାନୀ, ଆଦାନୀ ପୋର୍ଟସ ଓ ଏସ୍‌ଇଜେଡ଼ର ନିର୍ଦ୍ଦେଶକ ଶ୍ରୀ କରଣ ଆଦାନୀ ପ୍ରମୁଖ ଜୁନ୍ ୨୮ ତାରିଖରେ ରଥଯାତ୍ରାର ଦ୍ୱିତୀୟ ଦିନରେ ପୁରୀ ଆଗମନ କରିଥିଲେ।

ରଥଯାତ୍ରା ଦେଖିବାକୁ ଆସି ମନ୍ଦିର ପ୍ରାଙ୍ଗଣରେ ବସିଥିବା କ୍ଳାନ୍ତ ତୀର୍ଥଯାତ୍ରୀ ଓ ଭକ୍ତମାନେ ଆଦାନୀଙ୍କ ଦ୍ୱାରା ଦିଆଯାଉଥିବା ପ୍ରସାଦକୁ ଗଭୀର ଭକ୍ତି ଭାବନା ସହ ହସିହସି ଗ୍ରହଣ କରିଥିଲେ। ଶ୍ରୀ ଆଦାନୀଙ୍କ ଆଚରଣ କର୍ପୋରେଟ ଜଗତ ସହ ଜଡ଼ିତ ବ୍ୟକ୍ତିଙ୍କ ନ ଥିଲା, ବରଂ ଏହା ଥିଲା ଅତ୍ୟନ୍ତ ସାଧାରଣ। କୌତୂହଳବଶତଃ ସେମାନେ ଶ୍ରୀ ଆଦାନୀ କେଉଁଠୁ ଆସିଛନ୍ତି ବୋଲି ପଚାରିଥିଲେ । ସ୍ମିତ ହସି ଶ୍ରୀ ଆଦାନୀ କହିଥିଲେ - ଆପଣଙ୍କ ପାଇଁ କିଛି ଅଧିକ କରୁନାହିଁ, ଜଣେ ସେବକ ଭାବରେ ମୋର କର୍ତ୍ତବ୍ୟ କରୁଛି ।

**ଏହି ସେବା କେବଳ ଏକ ଦାନମୂଳକ କାର୍ଯ୍ୟ ନୁହେଁ; ଏହା ଏକ ବିଶାଳ ପରମ୍ପରାର ଅଂଶ ଥିଲା**

"ସେବା ହିଁ ହେଉଛି ସାଧନା ଓ ସେବା ହେଉଛି ପୂଜା' ବୋଲି ସର୍ବଦା କହୁଥିବା ଆଦାନୀ ଗ୍ରୁପ୍ ଅଧ୍ୟକ୍ଷ ଶ୍ରୀ ଗୌତମ ଆଦାନୀ ସର୍ବଦା ଏହି ସିଦ୍ଧାନ୍ତରେ ବିଶ୍ୱାସ କରନ୍ତି ଓ ତାହାକୁ କାର୍ଯ୍ୟରେ ଦେଖାଇଥାଆନ୍ତି। ପୁରୀରେ ମଧ୍ୟ ସେ ସେହି କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। ଭକ୍ତ ଓ ତୀର୍ଥଯାତ୍ରୀଙ୍କ ପାଇଁ ଖଲି ପତ୍ର ଓ ବାସନ ରଖିବା ସହ ପାଣିବୋତଲ ପ୍ରଦାନ କରିବା, ଖଲି ପତ୍ର ପରିଷ୍କାର କରିବା ଓ ଧୋଇବା କାର୍ଯ୍ୟ କରିଥିଲେ। ଏହା ସହ ଏହି କାର୍ଯ୍ୟରେ ନିୟୋଜିତ ଅନ୍ୟ ସେବକମାନଙ୍କୁ ମଧ୍ୟ ସେ ସହାୟତା କରିବା ସହ ତାଙ୍କର ମନୋବଳ ବଢ଼ାଇଥିଲେ।

**ସେବା ଏକ ସାମୟିକ ବା ଋତୁ ଅନୁକୂଳ କାର୍ଯ୍ୟ ନୁହେଁ, ଏହା ଏକ ଆଧାତ୍ମିକ ପ୍ରକ୍ରିୟା ବୋଲି ବାର୍ତ୍ତା ଦେଇଛନ୍ତି।**

ସେଠାରେ କାର୍ଯ୍ୟ କରୁଥିବା ବ୍ୟକ୍ତିମାନଙ୍କ ପାଇଁ ଏହା ଥିଲା ଅବିଶ୍ୱାସ୍ୟ। ରଥଯାତ୍ରାରେ ଭକ୍ତମାନଙ୍କ ସେବାରେ ପୂର୍ବରୁ କିଛି ଅଭିଜ୍ଞତା ରଖିଥିବା ବ୍ୟକ୍ତିଙ୍କ ବ୍ୟତୀତ ଅନ୍ୟ ସମସ୍ତେ ଥିଲେ ନବନିଯୁକ୍ତ । ଯେଉଁମାନଙ୍କୁ ଆଦାନୀ ଫାଉଣ୍ଡେସନ ଓ ଆଦାନୀ ଗ୍ରୁପର ସିଏସ୍‌ଆର୍ ଶାଖା ପକ୍ଷରୁ ପ୍ରଶିକ୍ଷିତ କରାଯାଇଥିଲା। ଏହି ନବନିଯୁକ୍ତ କାର୍ଯ୍ୟକର୍ତ୍ତାମାନେ ଆଦାନୀ ଗ୍ରୁପ୍ ଅଧ୍ୟକ୍ଷଙ୍କୁ ସେମାନଙ୍କ ସହ ଏକା ସହିତ ଅଟା ଚକଟିବା, ଖାଦ୍ୟ ପ୍ରସ୍ତୁତ କରିବା, ଡ଼ାଲି ବାଣ୍ଟିବା ଓ ଅନ୍ୟ କାର୍ଯ୍ୟରେ ସହଯୋଗ କରିବା ଦେଖି ସେମାନେ ବିଶ୍ୱାସ କରି ପାରୁ ନ ଥିଲେ। ଏହା ତାଙ୍କ ହୃଦୟକୁ ଛୁଇଁଯାଇଥିଲା।

ପୁରୀରେ ଆଦାନୀ ଗ୍ରୁପ୍ ଅଧ୍ୟକ୍ଷ ଶ୍ରୀ ଗୌତମ ଆଦାନୀଙ୍କ କାର୍ଯ୍ୟ ଥିଲା ଏକ ନେତୃତ୍ୱ। ଯେଉଁଥିରେ କ୍ଷମତା ପ୍ରଦର୍ଶନ ନ ଥିଲା, ଅଧିକାର ଦେଖାଇବା ନ ଥିଲା; ଏଥିରେ ଥିଲା ଦୟା, କରୁଣା, ସହାୟତା ଓ ସହଯୋଗର ଭାବ। ଏହା ଥିଲା ସେଇ ସେବା, ଯେଉଁଥିରେ ଦାନ ନୁହେଁ; ଥିଲା ପ୍ରବହମାନ ଏକ ବିଶାଳ ପରମ୍ପରାର ଅଂଶ ବିଶେଷ ମାତ୍ର । ଏହି ବର୍ଷ ଆରମ୍ଭରେ ପ୍ରୟାଗରାଜର ମହାକୁମ୍ଭ ମେଳାରେ ମଧ୍ୟ ଶ୍ରୀ ଗୌତମ ଆଦାନୀ ଓ ତାଙ୍କ ଗ୍ରୁପ୍, ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ବ୍ୟବସ୍ଥା କରିଥିଲେ। ପୁରୀରେ ଏହି ଆୟୋଜନ ଯଦିଓ ସ୍ୱଳ୍ପ ଥିଲା, ମାତ୍ର ଏଥିରେ ରହିଥିଲା ଏକ ସାଂସ୍କୃତିକ ଅବିରତତା ଓ ନିରବ ମର୍ଯ୍ୟାଦା।

ରଥଯାତ୍ରା ଆରମ୍ଭ ପୂର୍ବରୁ ଆଦାନୀ ଫାଉଣ୍ଡେସନ ଟିମ୍ ଖାଦ୍ୟ ପ୍ରସ୍ତୁତି ପାଇଁ ସମ୍ପୂର୍ଣ୍ଣ ଯୋଜନା କରିଥିଲେ। କେତେ ଖାଦ୍ୟ ଲାଗିବ, କେମିତି ସେବକମାନେ ପାଳିରେ କାମ କରିବେ, ପାଣି ଓ ପରିଚ୍ଛନ୍ନତା ଯୋଜନା କେମିତି ହେବ, ଏସବୁକୁ ଏକ ସଂସ୍କୃତିକ ଅନୁଭୂତି ସହ ବ୍ୟବସ୍ଥାପନା ଦକ୍ଷତାରେ ଗଠନ କରାଯାଇଥିଲା। ସମ୍ପ୍ରତି ପୁରୀ ରଥଯାତ୍ରାରେ ସାଧୁସନ୍ଥ, ଭକ୍ତ ଓ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଶ୍ରୀ ଆଦାନୀ ନିଜେ ଏକ ଜୀବନ ସଂସ୍କୃତିର ଅଂଶ ଭାବରେ କାର୍ଯ୍ୟ କରିଛନ୍ତି। ସେବା ଏକ ସାମୟିକ ବା ଋତୁ ଅନୁକୂଳ କାର୍ଯ୍ୟ ନୁହେଁ, ଏହା ଏକ ଆଧାତ୍ମିକ ପ୍ରକ୍ରିୟା ବୋଲି ବାର୍ତ୍ତା ଦେଇଛନ୍ତି।











ଦିନକ ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ବାହୁଡ଼ା ବିଜେ: ରଥ-ପଥ ପ୍ରସ୍ତୁତ, ଭକ୍ତଙ୍କ ଗହଳିରେ ଉଚ୍ଛୁଳୁଛି ବଡ଼ଦାଣ୍ଡ (ଫଟୋ-ଅନିଲ)

### ନାକଚଣା ଦ୍ୱାରରେ ଲାଗିଲା ନନ୍ଦିଘୋଷ

# ଆଜି ନବମୀ ସନ୍ଧ୍ୟା ଦର୍ଶନ

**ପୁରୀ,୩।୭(ସମିସ):** ଗୁଣ୍ଡିଚା ମନ୍ଦିର ଆଡ଼ପମଣ୍ଡପରେ ସରିସରି ଆସୁଛି ମହାପ୍ରଭୁଙ୍କ ଲୀଳାଖେଳା। ଆଉ ଦିନକ ପରେ ଜନ୍ମବେଦୀରୁ ରତ୍ନବେଦୀକୁ ବାହୁଡ଼ିଯିବେ ଚତୁର୍ଦ୍ଧାମୂର୍ତ୍ତି। ରବିବାର ନବମୀ ସନ୍ଧ୍ୟା ଦର୍ଶନ। ସକାଳେ ଦର୍ଶନ ଆରମ୍ଭ ହେବା ପରଠାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିପାରିବେ ଶ୍ରଦ୍ଧାଳୁ। ୬ଟା ପରେ ସର୍ବସାଧାରଣ

**ଆଡ଼ପମଣ୍ଡପରେ ଦର୍ଶନ ପାଇଁ ଭକ୍ତଙ୍କ ପ୍ରବଳ ଭିଡ଼**

ଦର୍ଶନ ବନ୍ଦ ରହିବ। ତେବେ ଭକ୍ତମାନେ କିପରି ଶୃଙ୍ଖଳିତ ଭାବେ ଦର୍ଶନ କରିବେ ସେଥିଲାଗି ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।

ଆରମ୍ଭ ହୋଇଯାଇଛି ବାହୁଡ଼ା ପ୍ରସ୍ତୁତି। ବୁଧବାର ତାଳଧ୍ୱଜ ଏବଂ ଦେବଦଳନ ରଥ ରଥ ଦକ୍ଷିଣ ମୋଡ଼ ହୋଇ ନାକଚଣା ଦ୍ୱାରରେ ଲାଗିଥିଲା। ମାତ୍ର ନୀତି ବିଳମ୍ବ ଯୋଗୁଁ ନନ୍ଦିଘୋଷ ରଥ ଦକ୍ଷିଣ ମୋଡ଼ ହୋଇନଥିଲା। ଗୁରୁବାର ସକାଳେ ନନ୍ଦିଘୋଷ ରଥ ନାକଚଣା ଦ୍ୱାରରେ ଲାଗିଛି।

ଅପରପକ୍ଷେ ଶନିବାର ନବମୀ ସନ୍ଧ୍ୟା ଦର୍ଶନ। ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ, ସକାଳ ୭ଟାରୁ ଦର୍ଶନ ଆରମ୍ଭ ହେବ। ପ୍ରାୟ ଲକ୍ଷାଧିକ ଭକ୍ତ ସନ୍ଧ୍ୟା ଦର୍ଶନ କରିବେ ବୋଲି ପ୍ରଶାସନ ପକ୍ଷରୁ ଆକଳନ କରାଯାଇଛି। ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ହିଁ ସନ୍ଧ୍ୟା ଦର୍ଶନ ଚାଲିବ। ଏହାପରେ ଦର୍ଶନ ବନ୍ଦ ହୋଇ ବାହୁଡ଼ା ଯାତ୍ରା ପାଇଁ ସ୍ୱତନ୍ତ୍ର ନୀତିକାନ୍ତି କରାଯିବ। ସନ୍ଧ୍ୟା ଦର୍ଶନରେ ଭକ୍ତଙ୍କ ଭିଡ଼କୁ ନଜରରେ ରଖି ଗୁଣ୍ଡିଚା ମନ୍ଦିର ସିଂହଦ୍ୱାର ସମ୍ମୁଖରେ ହୋଇଥିବା ବ୍ୟାରିକେଡ୍ ସମ୍ପ୍ରସାରଣ କରାଯିବ। ସନ୍ଧ୍ୟା ଦର୍ଶନ ବ୍ୟବସ୍ଥା କିପରି ଶୃଙ୍ଖଳିତ ଏବଂ ସୁରକ୍ଷିତ ଭାବେ ସମ୍ପନ୍ନ ହେବ, ସେନେଇ ଜିଲ୍ଲାପାଳ ଚଞ୍ଚଳ ରାଣା ଓ ଏସ୍‌ପି ପିନାକ୍ ମିଶ୍ର ସ୍ଥିତି ଅନୁଧ୍ୟାନ କରିଛନ୍ତି। ସେହିପରି ମହାପ୍ରଭୁଙ୍କ ନୀତିକାନ୍ତିକୁ ଶୃଙ୍ଖଳିତ କରାଯିବ। ସନ୍ଧ୍ୟା ଦର୍ଶନ ପରେ ରାତିରେ ସେନାପଟା ଲାଗି, ବାହୁଟ କଣ୍ଟ, କୁସୁମୀ ଲାଗି ପରି ସ୍ୱତନ୍ତ୍ର ନୀତି ହେବ ବୋଲି ସୂଚନା ଦିଆଯାଇଛି।

ଅନ୍ୟପକ୍ଷରେ ଆଡ଼ପମଣ୍ଡପ ଦର୍ଶନ ସରିଆସୁଥିବା ବେଳେ ଗୁରୁବାର ପ୍ରବଳ ଭିଡ଼ ହୋଇଥିଲା। ସକାଳୁ ଏହି ଭିଡ଼ ଲାଗି ରହିଥିଲା। ଏମିତିକି ଗୁଣ୍ଡିଚା ମନ୍ଦିର ସମ୍ମୁଖରୁ ମେଡିକାଲ ଛକ ପର୍ଯ୍ୟନ୍ତ ଧାଡ଼ି ଲମ୍ବିଥିଲା। ଅନ୍ୟପକ୍ଷରେ ପ୍ରବଳ ଗହଳି ଯୋଗୁଁ ଗୁଣ୍ଡିଚା ମନ୍ଦିରରେ ଭକ୍ତ ଅଣନିଃଶ୍ୱାସୀ ହୋଇପଡୁଥିଲେ। ସେମାନଙ୍କୁ ଆଶୁ ଚିକିତ୍ସା କେନ୍ଦ୍ରରେ ଭର୍ତ୍ତି କରାଯାଉଥିଲା।

### ନବମୀ ସନ୍ଧ୍ୟା ଦର୍ଶନ

# ଭାବ ଅନୁସାରେ ଫଳ ପ୍ରଦାନର ଦିନ

**ପୁରୀ, ୩।୭ (ସମିସ):** ଆଷାଢ଼ ଶୁକ୍ଳ ଦ୍ୱିତୀୟାଠାରୁ ଆରମ୍ଭ ହୋଇଥିବା ଶ୍ରୀଗୁଣ୍ଡିଚା ଯାତ୍ରାର ଅଷ୍ଟମ ଦିବସ ତଥା ନବମୀ ତିଥିରେ ଆଡ଼ପମଣ୍ଡପରେ ମହାପ୍ରଭୁଙ୍କର ସନ୍ଧ୍ୟା ଦର୍ଶନ ଅନୁଷ୍ଠିତ ହୋଇଥାଏ। ଯିବା ଏବଂ ଆସିବା ଦୁଇଦିନକୁ ଛାଡ଼ି ଏକସପ୍ତାହ ପର୍ଯ୍ୟନ୍ତ ଚତୁର୍ଦ୍ଧାବିଗ୍ରହ ଆଡ଼ପମଣ୍ଡପରେ ଅବସ୍ଥାନ କରିଥା'ନ୍ତି। ଚଳିତବର୍ଷ କିନ୍ତୁ ୬ ଦିନ ଆଡ଼ପ ମଣ୍ଡପରେ ରହିଛନ୍ତି ଠାକୁର। ମହାପ୍ରଭୁ ଆଡ଼ପ ମଣ୍ଡପରେ ଅବସ୍ଥାନ କରୁଥିବା ସମୟରେ ଯେଉଁ ଭକ୍ତମାନେ ତାଙ୍କୁ ଗୋଟିଏ ଦିନ ଦର୍ଶନ କରନ୍ତି, ସେମାନେ ନୀଳାଦ୍ରିରେ ୧୦ବର୍ଷ ଦର୍ଶନ କରିବାର ପୁଣ୍ୟଫଳ ଲାଭ କରନ୍ତି ଓ ଦିନରେ ଦର୍ଶନ କରିବା ଅପେକ୍ଷା ରାତିରେ ଦର୍ଶନ କଲେ ଦଶଗୁଣ ଫଳପ୍ରାପ୍ତି ହୁଅନ୍ତି ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି।

ସନ୍ଧ୍ୟା ଦର୍ଶନର ବିଶେଷ ମହତ୍ତ୍ୱ ରହିଛି। ଏସମ୍ପର୍କରେ ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ପ୍ରତ୍ୟେକ ମନୁଷ୍ୟ ପକ୍ଷରେ ସନ୍ଧ୍ୟା କାଳ ହେଉଛି ଭଗବାନଙ୍କୁ ଉପାସନା କରିବାର ପ୍ରକୃଷ୍ଟ ସମୟ। ବୈଦିକ ପରମ୍ପରା ଅନୁଯାୟୀ, ଆର୍ଯ୍ୟ ଋଷିଗଣ ପ୍ରତ୍ୟହ ତ୍ରିକାଳ ସନ୍ଧ୍ୟାରେ ଈଶ୍ୱରଙ୍କୁ ଆରାଧନା କରିଥାନ୍ତି। ଆଡ଼ପମଣ୍ଡପରେ ଏକ ସପ୍ତାହ ଧରି ଠାକୁରମାନେ ଅବସ୍ଥାନ କରୁଥିବା ସମୟରେ ପ୍ରତିଦିନ ସନ୍ଧ୍ୟା ଆସୁଥିଲେ ମଧ୍ୟ ନବମୀ ସନ୍ଧ୍ୟାର ବିଶେଷ ଗୁରୁତ୍ୱ ରହିଛି। ଏହି ସନ୍ଧ୍ୟା ହେଉଛି ଦାରୁବିଗ୍ରହମାନଙ୍କର ଆଡ଼ପମଣ୍ଡପ ଅବସ୍ଥାନର ଅନ୍ତିମ ସନ୍ଧ୍ୟା। ଏହି ଅନ୍ତିମ ସନ୍ଧ୍ୟାରେ ଜନ୍ମମାଟିରେ ସମାଗତ ପ୍ରିୟ ଭକ୍ତଗଣଙ୍କୁ ଶେଷ ଦର୍ଶନ ଦେଇ ସେମାନଙ୍କୁ ଭାବ ଅନୁସାରେ ଫଳ ପ୍ରଦାନ କରିଥାନ୍ତି ମହାପ୍ରଭୁ।

ସ୍କନ୍ଦ ପୁରାଣରେ କୁହାଯାଇଛି, ଶ୍ରୀଜଗନ୍ନାଥ ମହାପ୍ରଭୁ ଆଡ଼ପ ମଣ୍ଡପରେ ଯେଉଁ ସାତଦିନ ଅବସ୍ଥାନ କରନ୍ତି, ସେହି ସମୟରେ ପୂର୍ବ ଦିବସର କାର୍ଯ୍ୟଠାରୁ ପରଦିବସର କାର୍ଯ୍ୟ ଉତ୍ତରୋତ୍ତର ଶ୍ରେୟସ୍କର। ତଦନୁଯାୟୀ, ଆଡ଼ପମଣ୍ଡପରେ ମହାପ୍ରଭୁଙ୍କ ଅବସ୍ଥାନର ପ୍ରଥମ ଦିବସଠାରୁ କ୍ରମରେ ଅନ୍ତିମ ଦିବସ ପର୍ଯ୍ୟନ୍ତ ଉପାସନା ଉତ୍ତରତ୍ତୋର ଶ୍ରେୟସ୍କର। ଏଣୁ ଅନ୍ତିମ ଦିବସରେ ଅନୁଷ୍ଠିତ ନବମୀ ସନ୍ଧ୍ୟା ଦର୍ଶନ ବାସ୍ତବିକ ବିଶେଷ ମହତ୍ତ୍ୱ ବହନ କରିଥାଏ। ଏହି ଦିନ ବହୁସଂଖ୍ୟାରେ ଭକ୍ତ ସନ୍ଧ୍ୟା କାଳରେ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାଇ ଭକ୍ତିର ସହିତ ପ୍ରଦୀପ ପ୍ରଜ୍ୱଳନ କରି ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ ସାରି ବ୍ରାହ୍ମଣମାନଙ୍କୁ ଶ୍ରୀମହାପ୍ରସାଦରେ ଆପ୍ୟାୟିତ କରିଥାନ୍ତି। ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ ମହାପ୍ରଭୁ ଜନ୍ମଭୂମିରେ ପ୍ରିୟ ଭକ୍ତଗଣଙ୍କୁ ଶେଷ ସନ୍ଧ୍ୟାରେ ଦର୍ଶନ ଦେଇ ସମସ୍ତ ମନୋବାଞ୍ଛିତ ଫଳ ପ୍ରଦାନ କରିଥାନ୍ତି ବୋଲି ବିଶ୍ୱାସ ରହିଛି। ତେଣୁ ଆଷାଢ଼ ଶୁକ୍ଳ ନବମୀ ସନ୍ଧ୍ୟା ଦର୍ଶନ ହେଉଛି ପରମ କୃପାମୟ ଭକ୍ତବତ୍ସଳ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କଠାରୁ ଦିବ୍ୟ କୃପା ଲାଭ କରିବାର ଏକ ମହାର୍ଘ ମୁହୂର୍ତ୍ତ।

# ବଜ୍ରପାତରେ ଦୁଇ ଯୁବକ ମୃତ

**ଝାରସୁଗୁଡ଼ା,୩।୭(ସମିସ):** ଝାରସୁଗୁଡ଼ା ଜିଲ୍ଲା, ବଡ଼ମାଳ ଥାନା ଅନ୍ତର୍ଗତ କୁରେବଗା ଗାଁରେ ବଜ୍ରପାତ ଦୁଇଜଣଙ୍କ ଜୀବନ ନେଇଛି। ମୃତକଦ୍ୱୟ ହେଲେ, ବଡ଼ମାଳ ଥାନା ବଞ୍ଜାରୀ ଗାଁର ଅଶୋକ ରୋହିଦାସ(୪୫) ଓ ଚୂଡ଼ାମଣି ରୋହିଦାସ(୨୯)। ସୂଚନାନୁଯାୟୀ, ଗୁରୁବାର ଭୋର୍ ପ୍ରାୟ ସାଢ଼େ ୪ଟାରେ ଦୁହେଁ ଗାଁ ନିକଟ ପାଉଁଶ ପୋଖରୀକୁ ଯାଇଥିଲେ। ଏହି ସମୟରେ



ଘଡ଼ଘଡ଼ି ସହ ବର୍ଷା ହୋଇଥିଲା। ତେଣୁ ସେମାନେ ଘରକୁ ଫେରି ଆସୁଥିଲେ। ତେବେ ବାଟରେ ସେମାନଙ୍କ ଉପରେ ଏକ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ଦୁହେଁ ଅଚେତ ହୋଇପଡ଼ିଥିଲେ। ସ୍ଥାନୀୟଲୋକ ସେମାନଙ୍କୁ ଉଦ୍ଧାର କରି ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବଡ଼ମାଳ ପୁଲିସ୍ ଉଭୟଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ମୃତକଙ୍କ ପରିବାର ବର୍ଗଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

### ହୃଦ୍‌ଘାତ ଏବେ ନୀରବ ମହାମାରୀ

# ଲକ୍ଷେ ଲୋକରେ ୨୮୨ ହୃଦ୍‌ଘାତର ଶିକାର

**ଭୁବନେଶ୍ୱର,୩।୭(ସମିସ):** ଦିନକୁ ଦିନ ଦେଶ ତଥା ରାଜ୍ୟରେ ହୃଦ୍‌ଘାତ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏକ ନୀରବ ମହାମାରୀ ଭାବେ ଲୋକଙ୍କ ମୁଣ୍ଡ ନେଇଚାଲିଛି। ରାଜ୍ୟ ସରକାରଙ୍କ ତଥ୍ୟାନୁସାରେ, ପ୍ରତି ଲକ୍ଷେ ଲୋକରେ ୨୮୨ଜଣଙ୍କର ହୃଦ୍‌ଘାତରେ ମୃତ୍ୟୁ ହେଉଛି। ପୂର୍ବରୁ ଏହା କେବଳ ବୟସ୍କ ଲୋକଙ୍କ ଭିତରେ ସୀମିତ ଥିଲା। ଏବେ ଯୁବବର୍ଗ ତଥା ୧୫ରୁ ୨୦ ବର୍ଷର ପିଲା ମଧ୍ୟ ଏହାର ଶିକାର ହେଉଛନ୍ତି। ଅପମିଶ୍ରିତ ଖାଦ୍ୟ, ମାତ୍ରାଧିକ ନିଶା ଦ୍ରବ୍ୟ ସେବନ ଓ ଚିନ୍ତା ଏହାର ମୁଖ୍ୟ କାରଣ। ଶରୀରରେ କୋଲେଷ୍ଟେରଲ୍ ପରିମାଣ ବଢ଼ିବା ସହ ଲୋକମାନେ ମୋଟାପଣର ଶିକାର ହେଉଛନ୍ତି। ଫଳରେ ଏହା ଉଚ୍ଚ ରକ୍ତଚାପ ଓ ମଧୁମେହକୁ ନିମନ୍ତ୍ରଣ କରିଥାଏ। ଫଳସ୍ୱରୂପ ଲୋକମାନେ ହୃଦ୍‌ଘାତ ଜନିତ ରୋଗର ଶିକାର ହେଉଛନ୍ତି ବୋଲି ବିଶେଷଜ୍ଞଙ୍କ ମତ।



ଅନ୍ୟପକ୍ଷରେ ହୃଦ୍‌ରୋଗୀଙ୍କ ମୃତ୍ୟୁସଂଖ୍ୟା ବଢ଼ିବାର କାରଣ ହେଉଛି ଠିକ୍ ଭାବେ ଚିକିତ୍ସା ନ ମିଳିବା। ଡାକ୍ତରମାନେ କେବଳ କଟକ, ଭୁବନେଶ୍ୱର, ସମ୍ବଲପୁର, ବ୍ରହ୍ମପୁର ଭଳି ସହରାଞ୍ଚଳକୁ ପ୍ରାଧାନ୍ୟ ଦେଉଛନ୍ତି। ଫଳରେ ଗ୍ରାମାଞ୍ଚଳର ଲୋକମାନେ ଠିକ୍ ଭାବେ ସେବା ପାଇପାରୁ ନାହାନ୍ତି। ତେଣୁ ଗତ କିଛି ବର୍ଷ ଭିତରେ ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ ହୃଦ୍‌ଘାତ ସଂଖ୍ୟା କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ସରକାର ଏଥିପ୍ରତି ଧ୍ୟାନ ଦେଲେ ଅନେକ ସମସ୍ୟାର ସମାଧାନ ହୋଇପାରନ୍ତା। ଏହାଛଡ଼ା ହୃଦ୍‌ଘାତଜନିତ ରୋଗରୁ ମୁକ୍ତି ପାଇଁ ପ୍ରତିଦିନ ବ୍ୟାୟାମ କିମ୍ବା ଯୋଗ କରିବା ଜରୁରୀ। ସେହିପରି ଖାଦ୍ୟରେ ନିୟନ୍ତ୍ରଣ ସହ ନିଶା ଓ ତମାଖୁଠାରୁ ଦୂରରେ ରହିବା

**■ ଗ୍ରାମାଞ୍ଚଳରେ ଯାଉଛି ଅଧିକ ଜୀବନ**
**■ ବିଶୃଙ୍ଖଳିତ ଜୀବନଶୈଳୀକୁ ଦାୟୀ କଲେ ଡାକ୍ତର**

ଆବଶ୍ୟକ ବୋଲି ବିଶେଷଜ୍ଞମାନେ କହୁଛନ୍ତି। ନିକଟ ଅତୀତରେ ଅନେକ ହାଇ-ପ୍ରୋଫାଇଲ୍ ସ୍ୱଳ୍ପ ବୟସ୍କରେ ହୃଦ୍‌ଘାତର ଶିକାର ହୋଇଛନ୍ତି। ଅଭିନେତା ସିଦ୍ଧାନ୍ତ ସୂର୍ଯ୍ୟବଂଶୀ, ଗାୟକ କେକେ, କମେଡିଆନ୍ ରାଜୁ ଶ୍ରୀବାସ୍ତବ ଏବଂ ରିଆଲିଟି ଟିଭି ତାରକା ସିଦ୍ଧାର୍ଥ ଶୁକ୍ଳା ଯୁବାବସ୍ଥାରେ ହୃଦ୍‌ଘାତରେ ମୃତ୍ୟୁବରଣ କରିଛନ୍ତି।


କାର୍ଡିଓଲୋଜିଷ୍ଟ ଡାକ୍ତର ସୁଶାନ୍ତ କୁମାର ପ୍ରଧାନଙ୍କ କହିବାନୁସାରେ, ହୃଦ୍‌ରୋଗ ଅନେକ ପ୍ରକାରରେ ହୋଇଥାଏ। ଜିନ୍‌ଗତ ହୃଦ୍‌ରୋଗ ଏକ ପ୍ରମୁଖ କାରଣ। ଏଥିସହ ଯେତେବେଳେ ହୃଦୟ ହଠାତ୍ ବନ୍ଦ ହୋଇଯାଏ, ଏହା ହୃଦ୍‌ଘାତ କିମ୍ବା ଆରିଦ୍‌ମିଆ ଯୋଗୁ ହୋଇପାରେ। ଛାତିରେ ଯନ୍ତ୍ରଣା, ଝାଳ, ମୁଣ୍ଡବିନ୍ଧା କିମ୍ବା ମୂର୍ଚ୍ଛା ହୋଇଗଲେ, ତୁରନ୍ତ ଡାକ୍ତରଙ୍କୁ ସମ୍ପର୍କ କରିବାକୁ ସେ ପରାମର୍ଶ ଦେଇଛନ୍ତି। କାରଣ ଠିକ୍ ସମୟରେ ଡାକ୍ତରଖାନାରେ ପହଞ୍ଚିଗଲେ, ଜୀବନ ରକ୍ଷା କରାଯାଇପାରିବ ବୋଲି ସେ କହିଛନ୍ତି। ସନ୍ତୁଳିତ ଜୀବନଶୈଳୀ, ନିୟମିତ ବ୍ୟାୟାମ, ମାନସିକ ଚାପ ନିୟନ୍ତ୍ରଣ, ସୁସ୍ଥ ଖାଦ୍ୟପଦାର୍ଥ, ଏବଂ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଏଥିରୁ ବଞ୍ଚାଇପାରିବ।

କ୍ୟାପିଟାଲ୍ ହସ୍ପିଟାଲ୍ ବରିଷ୍ଠ ଡାକ୍ତର ପ୍ରତାପ କୁମାର ଦାସ କହିଛନ୍ତି, ହୃଦ୍‌ଘାତ ପୂର୍ବରୁ ହୃଦୟର ମାଂସପେଶୀକୁ ରକ୍ତ ସଞ୍ଚାଳଣ ଧୀରେ ଧୀରେ ବନ୍ଦ ହୋଇଯାଏ। ସାଧାରଣତ ଉଚ୍ଚ ରକ୍ତଚାପ, ମଧୁମେହ, କିମ୍ବା ଅତ୍ୟଧିକ କୋଲେଷ୍ଟେରଲ୍ ଯୋଗୁଁ ହୋଇଥାଏ। ଏହାଦ୍ୱାରା ହାର୍ଟ ବିକଳାଙ୍ଗ ଅବସ୍ଥାକୁ ଚାଲି ଆସେ। ପରବର୍ତ୍ତୀ ସମୟରେ ହାର୍ଟକୁ ସଂପୂର୍ଣ୍ଣ ରୂପେ ବନ୍ଦ କରିଦିଏ। ଏହାଦ୍ୱାରା ଶ୍ୱାସପ୍ରଶ୍ୱାସ ବନ୍ଦ ହୋଇଯାଏ। କାର୍ଡିଓଲୋଜିଷ୍ଟ ଡାକ୍ତର ଦିବ୍ୟ ରଞ୍ଜନ ବେହେରା କହିଛନ୍ତି, କରୋନାରୀ ଆର୍ଟେରୀ ରୋଗ ହେଉଛି ପ୍ରାପ୍ତବୟସ୍କମାନଙ୍କ ମଧ୍ୟରେ ସବୁଠାରୁ ସାଧାରଣ ଓ ବିପଜ୍ଜନକ ହୃଦ୍‌ରୋଗ। ଧୂମ୍ରପାନ, ଦୁର୍ବଳ ଜୀବନଶୈଳୀ, ମାନସିକ ଚାପ ଏବଂ ଅସୁସ୍ଥ ଖାଦ୍ୟପଦାର୍ଥ ଯୋଗୁଁ ଅନେକ ଯୁବକଙ୍କୁ ଏହା ପ୍ରଭାବିତ କରୁଛି। ବର୍ତ୍ତମାନ ସମୟରେ ମାତ୍ରାଧିକ ଫାଷ୍ଟଫୁଡ୍ ସେବନ ଯୋଗୁଁ ମଧ୍ୟ ହୃଦ୍‌ରୋଗ ହେଉଥିବା ସେ କହିଛନ୍ତି।

### ରବି ଧାନ କିଣାରେ ବ୍ୟାପକ ଅବ୍ୟବସ୍ଥା

# ଚାଷୀଙ୍କୁ ସରକାରଙ୍କ ପ୍ରତାରଣା: ନବୀନ

**ଭୁବନେଶ୍ୱର, ୩।୭ (ସମିସ):** ଚଳିତ ବର୍ଷ ପଞ୍ଜିକରଣ କରିଥିବା ସମସ୍ତ ଚାଷୀଙ୍କଠାରୁ ରାଜ୍ୟ ସରକାର ରବି ଧାନ କିଣିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ; କିନ୍ତୁ ଦୁର୍ଭାଗ୍ୟର କଥା ଚାଷୀଙ୍କର ଲକ୍ଷାଧିକ କ୍ୱିଣ୍ଟାଲ୍ ଧାନ ଏପର୍ଯ୍ୟନ୍ତ ବିକ୍ରି ନ ହୋଇ ପଡ଼ିରହିଛି। ଏହାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ମୌସୁମୀ ବର୍ଷାରେ ହଜାର ହଜାର କ୍ୱିଣ୍ଟାଲ୍ ଧାନ ଭିଜି ଗଜା ହୋଇଥିବା ବେଳେ ସରକାର ଚାଷୀଙ୍କ ଦୁଃଖ ଶୁଣୁ ନାହାନ୍ତି ଓ ସେମାନଙ୍କୁ ପ୍ରତାରିତ କରିଛନ୍ତି ବୋଲି ନବୀନ କହିଛନ୍ତି।



ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ନବୀନ କହିଛନ୍ତି ଯେ ଯେଉଁ ଚାଷୀଙ୍କର ବଳକା ଧାନ ମଣ୍ଡିରେ ବିକ୍ରି କରିବାକୁ ପଞ୍ଜିକରଣ ହୋଇଛି, ଏଥିପାଇଁ ଜାରି ହୋଇଥିବା ଟୋକନ ଲାପ୍ସ ହେବ ନାହିଁ ବୋଲି ସରକାର କହିଥିଲେ। ଏପରିକି ଆବଶ୍ୟକସ୍ଥଳେ ଟୋକନ୍‌ର ଅବଧି ମଧ୍ୟ ବୃଦ୍ଧି କରାଯିବ ବୋଲି ଘୋଷଣା କରିଥିଲେ। ମାତ୍ର ଦୁର୍ଭାଗ୍ୟର କଥା, ଅଚାନକ ରାଜ୍ୟ ସରକାର ଜୁନ ୩୦ ତାରିଖ ଧାନ ବିକ୍ରି ଲାଗି ପଞ୍ଜିକରଣର ଶେଷ ଦିନରେ ଆଇସ୍କାନ୍ କରି ଧାନ କିଣିବା ଘୋଷଣା କରୁଛନ୍ତି। ରାଜ୍ୟ ସରକାରଙ୍କର ଏପରି ଚାଷୀମାରଣ ନୀତି ଯୋଗୁଁ ଓଡ଼ିଶାର ହଜାର ହଜାର ଚାଷୀ ହନ୍ତସନ୍ତ ହେଉଛନ୍ତି। ଏଭଳି ନିଷ୍ପତ୍ତି ଚାଷୀଙ୍କ ପ୍ରତି ଅତ୍ୟନ୍ତ ବେପରୁଆ ମନୋଭାବ ଓ ଘୋର ପ୍ରତାରଣା କହିଲେ ଭୁଲ ହେବନାହିଁ ବୋଲି ନବୀନ କହିଛନ୍ତି। ଏହା ସହ ଚାଷୀଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନ ଓ ରାଜ୍ୟ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏଥିପ୍ରତି ତୁରନ୍ତ ପଦକ୍ଷେପ ନିଅନ୍ତୁ ବୋଲି ସେ ପରାମର୍ଶ ଦେଇଛନ୍ତି । ରବି ଧାନ ବିକ୍ରି ପାଇଁ ପଞ୍ଜିକରଣ କରିଥିବା ସମସ୍ତ ଚାଷୀମାନଙ୍କ ବଳକା ଧାନ ସରକାର କ୍ରୟ କରନ୍ତୁ। ଲାପ୍ସ ହୋଇଥିବା ଟୋକନର ଅବଧି ବୃଦ୍ଧି କରାଯିବା ସାଙ୍ଗକୁ ଧାନ କ୍ରୟ ସୀମା ମଧ୍ୟ ବୃଦ୍ଧି କରାଯାଉ। ଏହା ଫଳରେ ଓଡ଼ିଶାର ଚାଷୀ ଭାଇଭଉଣୀମାନେ ଆଶ୍ୱସ୍ତ ହେବା ସହ ବହୁତ ଉପକୃତ ହେବେ ବୋଲି ନବୀନ କହିଛନ୍ତି ।

# ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଅନୁଧ୍ୟାନ କଲେ ଗଜପତି

**ପୁରୀ,୩।୭(ସମିସ):** ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି ଗଜପତି ମହାରାଜା ଦିବ୍ୟସିଂହଦେବ। ଗୁରୁବାର ପୂର୍ବାହ୍ଣରେ ଗଜପତି ମହାରାଜା ଶ୍ରୀନଅରରୁ ବାହାରି ଦକ୍ଷିଣଦ୍ୱାରରେ



ପହଞ୍ଚିଥିଲେ। ତାଙ୍କୁ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ ସ୍ୱାଗତ କରି ଭିତରକୁ ପାଛୋଟି ନେଇଥିଲେ। ଗଜପତି ମହାରାଜା ଉଭୟ ଭିତର ଏବଂ ବାହାର ରତ୍ନଭଣ୍ଡାର ବୁଲି ଦେଖିଥିଲେ। ଏଏସ୍ଆଇ ପକ୍ଷରୁ ଚାଲିଥିବା ରତ୍ନଭଣ୍ଡାର ମରାମତି କାମ ଅନୁଧ୍ୟାନ କରିଥିଲେ। ଆଉ କ'ଣ କାମ ରହିଛି ସେ ବିଷୟରେ ଏଏସ୍ଆଇ ଅଧିକାରୀଙ୍କୁ ପଚାରି ବୁଝିଥିଲେ।

ପ୍ରାୟ ୪୦ ମିନିଟ୍ ମନ୍ଦିରରେ ରହି ଫେରିଥିଲେ ଗଜପତି ମହାରାଜା। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଗଜପତି କହିଥିଲେ, ନୀଳାଦ୍ରିବିଜେ ସୁଦ୍ଧା ମରାମତି ସମ୍ପୂର୍ଣ୍ଣ ହୋଇଯିବ। ଏବେ ରତ୍ନଭଣ୍ଡାର ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ। ଭିତରୁ ଅତି ସୁନ୍ଦର ମଧ୍ୟ ଦେଖାଯାଉଛି। ମନ୍ଦିରର ନିର୍ମାଣଶୈଳୀ ଅନୁସାରେ ଶାଣ ପଥରରେ ସମସ୍ତ କାମ

**■ ନୀଳାଦ୍ରି ବିଜେ ସୁଦ୍ଧା ମରାମତି ସମ୍ପୂର୍ଣ୍ଣ ହେବ**
**■ ୬୦୦ ଖରାପ ପଥର ବଦଳା ଯାଇଛି**
**■ ରତ୍ନଭଣ୍ଡାର ଏବେ ସୁରକ୍ଷିତ ଆଉ ସୁନ୍ଦର ଦିଶୁଛି**

କରାଯାଇଛି। ଖରାପ ହୋଇଯାଇଥିବା ଅନେକ ବିମ୍ ଏବଂ ପଥର ବଦଳାଯାଇଛି। ପାଖାପାଖି ୬୦୦ ପୁରୁଣା ପଥର କଢ଼ାଯାଇ ନୂଆ ଶାଣ ପଥର ଲଗାଯାଇଛି। ମହାପ୍ରଭୁଙ୍କ କୃପାରୁ କାମ ଏବେ ପୂର୍ଣ୍ଣାଙ୍ଗ ହେବାକୁ ଯାଉଛି।

ସେହିପରି ମହାପ୍ରଭୁଙ୍କ ରତ୍ନଅଳଙ୍କାର ଗଣତିମଣତି ସମ୍ପର୍କରେ ଗଜପତି ମହାରାଜା କହିଥିଲେ, ନୀଳାଦ୍ରିବିଜେ ଭିତରେ ରତ୍ନଭଣ୍ଡାର କାମ ସରିଯିବ। ମହାପ୍ରଭୁ ରତ୍ନସିଂହାସନରେ ବିଜେ କରିବା ପରେ ରାଜ୍ୟ ସରକାରଙ୍କ ପରାମର୍ଶକ୍ରମେ ଏଥିପାଇଁ ଗଠିତ ସ୍ୱତନ୍ତ୍ର କମିଟି ଆନୁକୂଲ୍ୟରେ ଗଣତିମଣତି କାମ ଅତିଶୀଘ୍ର ଆରମ୍ଭ ହେବ।

ଅନ୍ୟପକ୍ଷରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି ଯେ ଗଜପତି ମହାରାଜା ନିଜେ ତଦାରଖ କରି ବୈଷୟିକ କମିଟିକୁ ଧନ୍ୟବାଦ ଦେଇଛନ୍ତି। ଭିତର ରତ୍ନଭଣ୍ଡାର ମରାମତି କାମ ପ୍ରାୟତଃ ଶେଷ ହୋଇଛି। ବାହାର ରତ୍ନଭଣ୍ଡାର କାମ ଦିନେ ଦୁଇଦିନ ଭିତରେ ଶେଷ ହେବ ବୋଲି କହିଛନ୍ତି। ଗଜପତିଙ୍କ ସହ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଓ ଏଏସ୍ଆଇ ସୁପରିଣ୍ଟେଣ୍ଡେଣ୍ଟ ଡି.ବି. ଗଡନାୟକ ପ୍ରମୁଖ ସାମିଲ ଥିଲେ।

ସୂଚନାଥାଉ କି, ରତ୍ନଭଣ୍ଡାର କାର୍ଯ୍ୟ ପ୍ରାୟ ସମ୍ପୂର୍ଣ୍ଣ ହୋଇଛି। ଭିତର ଭଣ୍ଡାର ଘରେ ଅନେକ ପଥର ବଦଳାଇ ଥିବା ବେଳେ ସମସ୍ତ ବିମ୍‌କୁ ଶକ୍ତ କରଯାଇଛି। ଭଣ୍ଡାରର ବାହାର ଓ ଭିତର ଅଂଶକୁ ରାସାୟନିକ ପ୍ରଲେପ ଦେଇ ସଂରକ୍ଷଣ କରାଯାଉଛି। ରତ୍ନଭଣ୍ଡାର ମରାମତି କାର୍ଯ୍ୟରେ ୮୦ରୁ ଅଧିକ କୁଶଳୀ କାରିଗର ପର୍ଯ୍ୟାୟ କ୍ରମେ ଲାଗିଛନ୍ତି। ଶ୍ରୀମନ୍ଦିରର ସମସ୍ତ ରୂପା ଦ୍ୱାରକୁ ପରିଷ୍କାର କରାଯାଉଥିବା ବେଳେ ବଳକା ଥିବା ଦ୍ୱାରକୁ ବର୍ମାଟିକ କାଠରେ ନୂଆ କବାଟ ଲଗାଯିବ। ଗର୍ଭଗୃହର କାଠ ନିର୍ମିତ କନକ ମୁଣ୍ଡିକୁ ବଦଳାଯାଇ ଷ୍ଟେନଲେସ୍ ଷ୍ଟିଲ ଲଗାଯାଉଛି।

# 'ଶବରୀ ଭବନ' ଯୁବ ପିଢ଼ିଙ୍କୁ ପ୍ରେରଣା ଯୋଗାଇବ: ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ୩।୭ (ସମିସ):** ଶବରୀ ସାଂସ୍କୃତିକ ପରିଷଦ ଦ୍ୱାରା ଭୁବନେଶ୍ୱରସ୍ଥିତ ଆଇଆର୍‌ସି ଭିଲେଜଠାରେ ନିର୍ମିତ 'ଶବରୀ ସାଂସ୍କୃତିକ ଭବନ'କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ଭବନ କେବଳ ଏକ ଆଶ୍ରୟସ୍ଥଳ ନୁହେଁ, ଏହା ଆଦିବାସୀ ଯୁବ ଓ ନେତୃତ୍ୱର ଉଦୟ ପାଇଁ ଏକ ମଞ୍ଚ ଏବଂ ଓଡ଼ିଶାବାସୀଙ୍କ ସ୍ୱାଭିମାନର ପରିଚୟ ହେବା ସହ ନୂଆପିଢ଼ି ପାଇଁ ଏକ ଅନୁପ୍ରେରଣା ରୂପେ ଦୀପ୍ତିମାନ ରହିବ। ଏହାର ଉନ୍ନତୀକରଣ ପାଇଁ ୨କୋଟି ଟଙ୍କାର ଅନୁଦାନ ଘୋଷଣା କରିବା ସହ ଆବଶ୍ୟକ ନିର୍ମାଣ ପାଇଁ ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କୋରାପୁଟ, ରାୟଗଡ଼ା, ନବରଙ୍ଗପୁର ଓ ମାଲକାନଗିରି ଆଦି ଜିଲ୍ଲାର ଆଦିବାସୀ ଭାଇ-ଭଉଣୀମାନଙ୍କ ପାଇଁ ସ୍ୱଳ୍ପକାଳୀନ ରହଣି ସହ ଶିକ୍ଷା, କାର୍ଯ୍ୟ ଓ ସାଂସ୍କୃତିକ କାର୍ଯ୍ୟ ପାଇଁ ଏହା ଏକ କେନ୍ଦ୍ର ହେବାକୁ ଥିବା ବେଳେ ଏଠାରେ ସମ୍ମିଳନୀ, ପ୍ରଶିକ୍ଷଣ ଶିବିର, କଳା ପ୍ରଦର୍ଶନୀ ଓ ଗବେଷଣା କାର୍ଯ୍ୟକ୍ରମ ହେବା ଦ୍ୱାରା ଏକ ସାଂସ୍କୃତିକ ଜୀବନତା ପାଇଁ ଅନୁପ୍ରେରଣା ହେବ। ଆଦିବାସୀ ଭାଇ-ଭଉଣୀମାନେ ଏଠାକୁ ଆସିଲେ ନିଜ ଘର ପରି ଅନୁଭବ କରିବା ସହ ଶିକ୍ଷା, ଚିକିତ୍ସା, ନିଯୁକ୍ତି, ଓ ଉନ୍ନତିର ମାର୍ଗ ଏହିଠାରୁ ଆରମ୍ଭ ହେବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

କାର୍ଯ୍ୟକ୍ରମରେ ଗଣ ଶିକ୍ଷାମନ୍ତ୍ରୀ ତଥା ଶବରୀ ସାଂସ୍କୃତିକ ପରିଷଦର ସଭାପତି ନିତ୍ୟାନନ୍ଦ ଗଣ୍ଡ, ସାଂସଦ ମୁନା ଖାନ, ସାଂସଦ ବଳଭଦ୍ର ମାଝୀ, ଶବରୀ ସାଂସ୍କୃତିକ ସଂସଦର ପୂର୍ବତନ ସଭାପତି ତଥା ପୂର୍ବତନ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝୀ, ଶବରୀ ସାଂସ୍କୃତିକ ସଂସଦର ପୂର୍ବତନ ସଭାପତି ତଥା ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲିଙ୍କ ସମେତ ବହୁ ରାଜନେତା ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ସ୍ୱାଗତ ଭାଷଣ ଦେଇଥିବା ବେଳେ ଶବରୀ ସାଂସ୍କୃତିକ ପରିଷଦର ଉପ-ସଭାପତି ଗୋଦାବରୀଶ ମହାପାତ୍ର ଧନ୍ୟବାଦ ଦେଇଥିଲେ।

### ସନ୍ତୋଷ ଖଟୁଆଙ୍କ ମନ୍ତବ୍ୟକୁ ନବୀନଙ୍କ ଭର୍ତ୍ସନା

# ନିର୍ବାଚିତ ଜନପ୍ରତିନିଧିଙ୍କ ଏପରି ଶବ୍ଦ ଅସହ୍ୟ ଓ ଅମାନବିକ

ଭୁବନେଶ୍ୱର,୩।୭(ସମିସ): ବିଜେଡି ନେତ୍ରୀ ଡଃ ଲେଖାଶ୍ରୀ ସାମନ୍ତସିଂହାରଙ୍କ ବିରୋଧରେ ବିଜେପି ବିଧାୟକ ସନ୍ତୋଷ ଖଟୁଆଙ୍କ ଅଶାଳୀନ କୁତ୍ସିତ ମନ୍ତବ୍ୟକୁ କଠୋର ଶବ୍ଦରେ ନିନ୍ଦା କରିଛନ୍ତି ବିରୋଧୀଦଳ ନେତା ନବୀନ ପଟ୍ଟନାୟକ । ଜଣେ ନିର୍ବାଚିତ ଜନପ୍ରତିନିଧିଙ୍କ ଏପରି ଶବ୍ଦ ପ୍ରୟୋଗ ଅତ୍ୟନ୍ତ ଅମାନବିକ ଓ ଅସହ୍ୟ ବୋଲି ନବୀନ କହିଛନ୍ତି।



ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ନବୀନ କହିଛନ୍ତି ଯେ ବିଜେଡିର ଜଣେ ସମ୍ମାନନୀୟା ନେତ୍ରୀଙ୍କ ପ୍ରତି ବିଜେପି ବିଧାୟକ ସନ୍ତୋଷ ଖଟୁଆଙ୍କ ଏପରି ଅପମାନଜନକ ମନ୍ତବ୍ୟ ଅତ୍ୟନ୍ତ ଦୁଃଖଦ । ରାଜନୈତିକ ପ୍ରତିଉତ୍ତର ଭାବରେ ସର୍ବସାଧାରଣରେ ଜଣେ ମହିଳାଙ୍କ ଚରିତ୍ର ସଂହାର କରିବା ରୁଗ୍ଣ ମାନସିକତାର ପରିଚୟ ଓ ମହିଳାଙ୍କ ସ୍ୱର ଚପାଇ ଦେବାକୁ ଉଦ୍ଦିଷ୍ଟ। ସବୁଠୁ ଅଧିକ ଦୁଃଖର ବିଷୟ ହେଉଛି ବିଜେପି ନେତାମାନଙ୍କର ଗଭୀର ନୀରବତା। ଜଣେ କେହି ବି ନେତା ଏପରି ଘୃଣ୍ୟ ମନ୍ତବ୍ୟକୁ ନିନ୍ଦା କରିବା ସହିତ ବିଧାୟକଙ୍କୁ ଉତ୍ତରଦାୟୀ କରିବାକୁ ମଧ୍ୟ ଆଗକୁ ଆସିନାହାନ୍ତି। ଏପରି ବ୍ୟବହାର ନେଇ ସଭିଙ୍କ ନୀରବତା ସରକାରୀ ଦଳର ଆଭିମୁଖ୍ୟ ବେଶ୍ ସ୍ପଷ୍ଟ ଭାବେ ସର୍ବସାଧାରଣରେ ଦର୍ଶାଉଛି। ମହିଳାଙ୍କ ସଶକ୍ତିକରଣ ବିଷୟରେ ଉପଦେଶ ଦେବା ପୂର୍ବରୁ, ରାଜନେତାମାନେ ପ୍ରଥମେ ମହିଳାଙ୍କୁ ସମ୍ମାନ ଜଣାଇବାର ମୌଳିକ ନୀତି ଶିଖିବା ଦରକାର। ଓଡ଼ିଶାର ରାଜନୈତିକ ଦୃଶ୍ୟପଟ ଏପରି ଲଜ୍ଜାଜନକସ୍ତରକୁ ଆସିବା ବେଶ୍ ବିରଳ। ତେଣୁ ଓଡ଼ିଶାର ସମସ୍ତ ସଚେତନ ନାଗରିକଙ୍କୁ ଏପରି ରୁଗ୍ଣ ମାନସିକତା ଥିବା ତଥା ନାରୀ ବିରୋଧୀ ମନୋଭାବ ରଖି ରାଜ୍ୟ ବିଧାନସଭାରେ ସ୍ଥାନ ଜମାଇଥିବା ଲୋକମାନଙ୍କର ଅସଲ ଚେହେରାକୁ ଚିହ୍ନନ୍ତୁ ବୋଲି ନବୀନ ଆହ୍ୱାନ ଦେଇଛନ୍ତି। ଏହାସହିତ ଦଳମତ ନିର୍ବିଶେଷରେ ଏହାକୁ ବିରୋଧ କରିବା ଏବଂ ଉତ୍ତରଦାୟିତ୍ୱ ବଜାୟ ରଖିବା ପାଇଁ ଏକ ହେବା ଉଚିତ ବୋଲି ନବୀନ କହିଛନ୍ତି।

**ହାତୀ ଦାନ୍ତ ଚୋରିକୁ ଚପାଇବା ପାଇଁ ନାରୀ ଜାତିକୁ ଅପମାନ**

# ବିଜେପି ବିଧାୟକ ସନ୍ତୋଷ ଖଟୁଆ ନାରୀ ଜାତିକୁ କ୍ଷମା ମାଗନ୍ତୁ: ବିଜେଡି

ଭୁବନେଶ୍ୱର,୩।୭(ସମିସ): ହାତୀ ଶିକାର ଓ ହାତୀ ଦାନ୍ତ ଚୋରି ଘଟଣାରେ ନୀଳଗିରି ବିଜେପି ବିଧାୟକ ସନ୍ତୋଷ ଖଟୁଆଙ୍କ ସମ୍ପୃକ୍ତି ଅଭିଯୋଗ କରିଥିବା ବିଜେଡି ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହରଙ୍କ ପ୍ରତି ଅତ୍ୟନ୍ତ କୁତ୍ସିତ ଓ ଅରୁଚିକର ମନ୍ତବ୍ୟ ଦେଇଛନ୍ତି ଶ୍ରୀ ଖଟୁଆ। ଏଭଳି ମନ୍ତବ୍ୟକୁ ବିଜେଡି ଦୃଢ ନିନ୍ଦା କରିବା ସହ ତୁରନ୍ତ ସମଗ୍ର ନାରୀ ଜାତି ନିକଟରେ ଶ୍ରୀ ଖଟୁଆ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ଦଳ ଦାବି କରିଛି।



ଗୁରୁବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ପ୍ରମିଳା ମଲ୍ଲିକ କହିଛନ୍ତି ଯେ ବନ ବିଭାଗ ଅଧିକାରୀମାନେ ଶ୍ରୀ ଖଟୁଆଙ୍କ ଫାର୍ମ ହାଉସରୁ ହାତୀ ଦାନ୍ତ ଚୋରଙ୍କୁ ଧରିଥିଲା। ତେଣୁ ଏପରି ଏକ ସ୍ପର୍ଶକାତର ମାମଲାରେ ବିଧାୟକଙ୍କ ସମ୍ପୃକ୍ତି ନେଇ ବିଜେଡି ଅଭିଯୋଗ କରିବା ସହ ତାଙ୍କୁ କାହିଁକି ଗିରଫ କରାଯିବ ନାହିଁ ବୋଲି ପ୍ରଶ୍ନ କରିଥିଲା। ମାତ୍ର ଏଥିରେ ଉତକ୍ଷିପ୍ତ ହୋଇ ବିଜେପି ବିଧାୟକ ଶ୍ରୀ ଖଟୁଆ ବିଜେଡି ନେତ୍ରୀ ଡଃ ଲେଖାଶ୍ରୀ ସାମନ୍ତସିଂହାରଙ୍କ ପ୍ରତି ଅତ୍ୟନ୍ତ ଘୃଣ୍ୟ, କୁତ୍ସିତ, ଅପମାନଜନକ ଓ ନିମ୍ନ ରୁଚିର ଭାଷା ପ୍ରୟୋଗ କରିଛନ୍ତି। ଜଣେ ମହିଳାର ମୁହଁକୁ ଆଧାର କରି ଯଦି ନକାରାତ୍ମକ ଟିପ୍ପଣୀ ଦିଆଯାଏ ତାହା କେବେହେଲେ ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ ବୋଲି ଶ୍ରୀମତୀ ମଲ୍ଲିକ କହିଛନ୍ତି। ମହିଳାମାନଙ୍କ ପ୍ରତି ଏଭଳି ଭାଷା ପ୍ରୟୋଗ କରିବା ପାଇଁ ତା'ର ବିଧାୟକମାନଙ୍କୁ ବିଜେପି ଏଭଳି ତାଲିମ ଦେଇଛି କି ବୋଲି ଶ୍ରୀମତୀ ମଲ୍ଲିକ ପ୍ରଶ୍ନ କରିଛନ୍ତି। ସେ ଆହୁରି କହିଛନ୍ତି ଯେ ମହିଳାମାନଙ୍କୁ ଅଧିକରୁ ଅଧିକ ସଂଖ୍ୟାରେ ରାଜନୀତିରେ ସାମିଲ ହେବା ପାଇଁ ପ୍ରବାଦ ପୁରୁଷ ବିଜୁ ବାବୁ ଯେଉଁ ଧାରା ଆରମ୍ଭ କରିଥିଲେ, ସେହି ଧାରାକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଗକୁ ନେଇଥିଲେ। ସମ୍ମାନର ସହ ମହିଳାମାନେ ସମାଜରେ ଛିଡା ହେବା ପାଇଁ ସେ ଅନେକ ପଦକ୍ଷେପ ନେଇଥିଲେ। ମାତ୍ର ରାଜ୍ୟରେ ବିଜେପି ସରକାରକୁ ଆସିଲା ପରେ ମହିଳାମାନେ ରାଜନୀତିଙ୍କୁ ନ ଆସନ୍ତୁ ବୋଲି ଦଳ ଚାହୁଁଥିବା ଜଣାପଡ଼ିଛି। ବିଧାୟକ ଶ୍ରୀ ଖଟୁଆଙ୍କ କୁତ୍ସିତ ମନ୍ତବ୍ୟ ତାଙ୍କ ରୁଗ୍ଣ ମାନସିକତାର ପରିଚୟଓ ଏହା ସମଗ୍ର ନାରୀ ଜାତି ପ୍ରତି ଅପମାନ। ତେଣୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ବିଜେପି ନାରୀ ଜାତିଙ୍କ ନିକଟରେ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ଶ୍ରୀମତୀ ମଲ୍ଲିକ ଦାବି କରିଛନ୍ତି।

**■ ବିଧାୟକଙ୍କ କୁତ୍ସିତ ମନ୍ତବ୍ୟ ତାଙ୍କ ରୁଗ୍ଣ ମାନସିକତାର ପରିଚୟ**
**■ ହାତୀ ଦାନ୍ତ ଚୋରଙ୍କ ସହ ନୀଳଗିରି ବିଧାୟକଙ୍କ ସଂପୃକ୍ତି ଅଭିଯୋଗ**

# ୬ରେ ହୀରାକୁଦ ଛାଡ଼ିବ ପ୍ରଥମ ବନ୍ୟାଜଳ

ସମ୍ବଲପୁର,୩।୭(ସମିସ): ଆସନ୍ତା ୬ ତାରିଖ ସକାଳ ୧୦ଟାରେ ହୀରାକୁଦ ଜଳଭଣ୍ଡାରରୁ ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯିବ। ଏଥିଯୋଗୁଁ ମହାନଦୀ ଓ ତା'ର ଶାଖାନଦୀଗୁଡ଼ିକର ଜଳସ୍ତର ବୃଦ୍ଧି ପାଇବ। ତେଣୁ ନଦୀ ମଧ୍ୟକୁ ପ୍ରବେଶ ଓ ଅନ୍ୟାନ୍ୟ ବ୍ୟବହାର ପାଇଁ ଜନସାଧାରଣ ସତର୍କତା ଅବଲମ୍ବନ କରିବାକୁ କୁହାଯାଇଛି। କୌଣସି ଦୁର୍ଘଟଣା ପାଇଁ ହୀରାକୁଦ ନଦୀବନ୍ଧ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ବୋଲି ମହାନଦୀ ଅବବାହିକା, ବୁର୍ଲା ମୁଖ୍ୟଯନ୍ତ୍ରୀ ଓ ଅବବାହିକା ପରିଚାଳକ ସୁଶୀଲ କୁମାର ବେହେରା ଏକ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି।



ହୀରାକୁଦ ଜଳଭଣ୍ଡାର ଉପରମୁଣ୍ଡରେ ବର୍ଷା ଯୋଗୁଁ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଉଛି। ଗୁରୁବାର ସନ୍ଧ୍ୟା ୬ଟାରେ ଜଳଭଣ୍ଡାରର ଜଳସ୍ତର ୬୦୩.୨୫ଫୁଟ୍ ରହିଥିଲା। ବର୍ତ୍ତମାନ ନଦୀବନ୍ଧର ସମସ୍ତ ସ୍ଲୁଇସ ଗେଟ୍ ବନ୍ଦ ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧୦୧୩୪୯ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ସ୍ପିଲୱେ, ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩୪୨୫୪ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ଅପରପକ୍ଷେ, ଉପରମୁଣ୍ଡରେ ୩୦.୧୧ମିମି ଏବଂ ତଳମୁଣ୍ଡରେ ୩୭.୫୧ମିମି ବର୍ଷା ହୋଇଥିବା ନଦୀବନ୍ଧ ସୂତ୍ରରୁ ପ୍ରକାଶ।

ଅପରପକ୍ଷେ, ବର୍ଷାଜଳ ନିଷ୍କାସନର ଦିନ ଓ ସମୟ ସମ୍ପର୍କରେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ, ସମ୍ବଲପୁର, କେନ୍ଦ୍ରୀୟ ରାଜସ୍ୱ ଆୟୁକ୍ତ, କଟକ ଓ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ, ବ୍ରହ୍ମପୁରଙ୍କ ସହ ସମ୍ବଲପୁର, ବରଗଡ଼, ସୋନପୁର, ଅନୁଗୋଳ, ବୌଦ୍ଧ, ନୟାଗଡ଼, କଟକ, ଫୁଲବାଣୀ, ଖୋର୍ଦ୍ଧା, କେନ୍ଦ୍ରାପଡ଼ା, ଜଗତସିଂହପୁର ଓ ପୁରୀ ଜିଲ୍ଲାର ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କୁ ଅବଗତ କରାଯାଇଛି। ଏହାସହ ସମ୍ବଲପୁର ମହାନଗର ନିଗମ ଆୟୁକ୍ତ, କଟକ ମହାନଗର ନିଗମ ଆୟୁକ୍ତ, ସୋନପୁର, ବୌଦ୍ଧ, ଆଠମଲ୍ଲିକ ଓ ବାଙ୍କୀ ପୌରନିର୍ବାହୀ ଅଧିକାରୀ ଏବଂ ପିଏଚ୍‌ଡି, ସମ୍ବଲପୁର ଅଧୀକ୍ଷଣ ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀଙ୍କୁ ଜଣାଇ ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ହୀରାକୁଦ ନଦୀବନ୍ଧରେ ସମୁଦାୟ ୯୮ଟି ଜଳ ନିଷ୍କାସନ ଫାଟକ ରହିଛି। ଏହାର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍। ହୀରାକୁଦ ନଦୀବନ୍ଧରେ ୬୪ଟି ସ୍ଲୁଇସ୍ ଫାଟକ ଓ ୩୪ଟି କ୍ରେଷ୍ଟ ଫାଟକ ରହିଛି। ଏହା ମାଧ୍ୟମରେ ହୀରାକୁଦ ଜଳଭଣ୍ଡାରରୁ ବନ୍ୟାଜଳ ନିଷ୍କାସନ କରାଯାଇଥାଏ। ଗତବର୍ଷ ଜୁଲାଇ ୨୮ରେ ପ୍ରଥମ ବନ୍ୟାଜଳ ନିଷ୍କାସନ ହୋଇଥିବା ବେଳେ ୨୦୨୩ ଜୁଲାଇ ୨୩ତାରିଖ, ୨୦୨୨ ଜୁନ୍ ୨୫ ତାରିଖ, ୨୦୨୧ ସେପ୍ଟେମ୍ବର ୧୪ତାରିଖ, ୨୦୨୦ ଜୁନ୍ ୨୫ତାରିଖରେ ହୀରାକୁଦ ଜଳଭଣ୍ଡାରରୁ ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯାଇଥିଲା।

## ଜାରି ରହିବ ବର୍ଷାର ପ୍ରଭାବ

ଭୁବନେଶ୍ୱର, ୩।୭(ସମିସ): ଉତ୍ତର ଓଡ଼ିଶା ଉପରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହାସହିତ ମୌସୁମୀ ଜନିତ ନିମ୍ନଚାପ ରେଖାର ପ୍ରଭାବ ମଧ୍ୟ ଓଡ଼ିଶା ଉପରେ ରହୁଛି। ଏଭଳି ଦୁଇଟି ପାଣିପାଗ ନିୟାମକ ଯୋଗୁଁ ରାଜ୍ୟରେ ବର୍ଷା ପାଇଁ ପାଗ ଅନୁକୂଳ ରହୁଛି। ଏଭଳି ସ୍ଥିତି ଆହୁରି ୩-୪ ଦିନ ପର୍ଯ୍ୟନ୍ତ ଜାରି ରହିବା ସହ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି। ଗୁରୁବାର ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଭଲ ବର୍ଷା ହୋଇଛି। ସାଢ଼େ ୫ ଟା ସୁଦ୍ଧା ଭୁବନେଶ୍ୱରରେ ୩୪ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ସୁନ୍ଦରଗଡ଼ରେ ୪୩, କୋରାପୁଟରେ ୧୪ ଏବଂ ବୌଦ୍ଧରେ ୧୫ ମିମି ବର୍ଷା ରେକର୍ଡ ହୋଇଛି। ଏହା ବ୍ୟତୀତ ଅନ୍ୟ ଜିଲ୍ଲାଗୁଡ଼ିକରେ ମଧ୍ୟରେ ଭଲ ବର୍ଷା ଅନୁଭୂତ ହୋଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ସୁନ୍ଦରଗଡ଼ରେ ସବୁଠୁ ଅଧିକ ବର୍ଷା ହେବାକୁ ଥିବା ବେଳେ ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ସୋନପୁର, ବଲାଙ୍ଗିର, ନୂଆପଡ଼ା ଆଦିରେ ମଧ୍ୟ ଭଲ ବର୍ଷା ହେବାର ସମ୍ଭାବନା ରହିଛି। ଆଗାମୀ ୬-୮ ଜୁଲାଇ ମଧ୍ୟରେ ଉତ୍ତର ଉପକୂଳ, ଉତ୍ତର, ଉତ୍ତର ପଶ୍ଚିମ ଜିଲ୍ଲାମାନଙ୍କରେ ଭାରି-ଅତି ଭାରି ବର୍ଷା ସମ୍ଭାବନା ରହିଛି। ଏହା ପରେ ୩-୪ଦିନ ବର୍ଷା ପରିମାଣ କମିବା ସହ ପରବର୍ତ୍ତୀ ସମୟରେ ଅର୍ଥାତ ୧୧-୧୨ ବେଳକୁ ପୁଣି ବର୍ଷା ବଢ଼ିବ ବୋଲି ଆକଳନ କରାଯାଉଛି।

# ଗ୍ରୀନ୍ ଇଣ୍ଡିଆ ଗଞ୍ଜାମ ଜିଲ୍ଲା ମୁଖ୍ୟ ଗିରଫ

ଜଗନ୍ନାଥପ୍ରସାଦ,୩।୭(ସମିସ): ଚିଟ୍‌ଫଣ୍ଡ ସଂସ୍ଥା 'ଗ୍ରିନ୍ ଇଣ୍ଡିଆ'ର ଗଞ୍ଜାମ ଜିଲ୍ଲା ମୁଖ୍ୟଙ୍କୁ ଜଗନ୍ନାଥପ୍ରସାଦ ଥାନା ପୁଲିସ୍ ଗିରଫ କରିଛି। ସେ ହେଲେ, ହିଞ୍ଜିଳି ଥାନା ଅନ୍ତର୍ଗତ ରାଲବ ଗ୍ରାମର ରଞ୍ଜନ ପରିଡ଼ା। ସେ ୨୦୧୪ ମସିହାରୁ ଫେରାର୍ ଥିଲେ। ତାଙ୍କ ନାମରେ ୧୦ କୋଟିର ଠକେଇ ଅଭିଯୋଗ ରହିଥିଲା। ପୂର୍ବରୁ ରୁଜୁ ମାମଲା ୬୨/୧୪, ଧାରା ୪୨୦, ୩୪ ଆଧାରରେ ପୁଲିସ୍ ତାଙ୍କୁ ଆଜି କୋର୍ଟଚାଲାଣ କରିଥିବା ଥାନାଧିକାରୀ ପ୍ରମୋଦ କୁମାର ଲେଙ୍କା ସୂଚନା ଦେଇଛନ୍ତି।



ପୁଲିସ୍ ସୂଚନାନୁଯାୟୀ, 'ଗ୍ରିନ୍ ଇଣ୍ଡିଆ' ଜଗନ୍ନାଥପ୍ରସାଦ ଅଞ୍ଚଳରେ ଏକ ଅଫିସ୍ ଖୋଲି ଲୋକଙ୍କୁ ନିବେଶ ପାଇଁ ପ୍ରବର୍ତ୍ତାଇଥିଲା। ତେବେ ବେଶ୍ କିଛି ଦିନ ଧରି ସଂସ୍ଥା ସ୍ଥାନୀୟ ଲୋକଙ୍କଠାରୁ ଅର୍ଥ ସଂଗ୍ରହ କରିବା ପରେ ରାତାରାତି କାର୍ଯ୍ୟାଳୟ ବନ୍ଦ କରିଦେଇଥିଲା। ଏନେଇ ଅଭିଯୋଗ ହେବା ପରେ ପୁଲିସ୍ ୫ ବର୍ଷ ତଳେ ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। କିନ୍ତୁ ସଂସ୍ଥାର ଗଞ୍ଜାମ ଜିଲ୍ଲା ନିର୍ଦ୍ଦେଶକ/ ମହାପ୍ରବନ୍ଧକ ରଞ୍ଜନ ପରିଡ଼ା ପୁଲିସ୍ ଆଖିରେ ଧୂଳି ଦେଇ ଫେରାର୍ ହୋଇଯାଇଥିଲେ। ତାଙ୍କ ନାମରେ ୧୦ କୋଟି ଟଙ୍କାର ଠକେଇର ଅଭିଯୋଗ ରହିଥିଲା। ପୁଲିସ୍ ତାଙ୍କୁ ଧରିବା ପାଇଁ ତାଙ୍କ ଘର ରାଲବ ଗ୍ରାମରେ ବହୁବାର ଚଢ଼ଉ କରିଥିଲେ ହେଁ ସଫଳ ହୋଇପାରିନଥିଲା। ଅପରପକ୍ଷେ, ରଞ୍ଜନ ବାରମ୍ବାର ବାରମ୍ବାର ମୋବାଇଲ ସିମ୍ ବଦଳାଇ ବିଭିନ୍ନ ରାଜ୍ୟ ବୁଲୁଥିବାରୁ ତାଙ୍କୁ ଟ୍ରାକ୍ କରିବା ବି ପୁଲିସ୍ ପାଇଁ କାଠିକର ହୋଇଥିଲା। ତେବେ କିଛି ଦିନ ହେବ ସେ ବ୍ରହ୍ମପୁରରେ ରହୁଥିବା ପୁଲିସ୍ ଏକ ବିଶ୍ୱସ୍ତ ସୂତ୍ରରୁ ଜାଣିବାକୁ ପାଇଥିଲା। ତେଣୁ ଜଗନ୍ନାଥ ପ୍ରସାଦ ପୁଲିସ ବ୍ରହ୍ମପୁରସ୍ଥିତ ସୂରଜବିହାର ଷଷ୍ଠ ଲାଇନ୍‌ରେ ଥିବା ତାଙ୍କର ବିଳାସପୂର୍ଣ୍ଣ ବଙ୍ଗଳା ଉପରେ ତୀକ୍ଷ୍ଣ ନଜର ରଖିଥିଲା। ଏହାରି ଭିତରେ ବ୍ରହ୍ମପୁର ଟାଉନ୍ ଥାନା ସହଯୋଗରେ ତାଙ୍କର ଗ୍ୟାସ୍ କନେକ୍ସନ୍, ଟିଭି ଲାଇନ, ମୋବାଇଲ ରିଚାର୍ଜ ଭଳି ଅନେକ ସୂତ୍ରରୁ ତା'ର ଗତିବିଧି ଓ ରହଣି ସ୍ଥାନ ନେଇ ଖବର ସଂଗ୍ରହ କରିଥିଲା। ଗତ ୨ ତାରିଖ ଦିନ ସେ ଘରେ ଥିବା ଜାଣିପାରି ଅତର୍କିତ ଚଢ଼ଉ କରି ଧରିବାରେ ସଫଳ ହୋଇଥିଲା। ସେଠାରୁ ଅଭିଯୁକ୍ତଙ୍କୁ ଧରି ଜଗନ୍ନାଥପ୍ରସାଦ ଥାନାକୁ ଅଣାଯାଇଥିଲା। ଏହି ଚଢ଼ଉରେ ଥାନା ଏଏସ୍‌ଆଇ ପ୍ରିୟରଞ୍ଜନ ମିଶ୍ର, ହାବିଲଦାର ଦିଲ୍ଲୀପ କୁମାର ରଣା, ମହେଶ୍ୱର ନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

**■ ୧୧ ବର୍ଷ ପରେ ଧରା ହେଲା**
**■ ସିମ୍ ବଦଳାଇ ପୁଲିସ୍**

# ସରଣ୍ଡାରେ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ; ଯବାନ ଗୁରୁତର

ରାଉରକେଲା, ୩।୭(ସମିସ): ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ସରଣ୍ଡା ଜଙ୍ଗଲରେ ଗୁରୁବାର ଭୋର୍‌ରେ ସର୍ଚ୍ଚ ଅପରେସନ୍ ବେଳେ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ ଘଟି ଜଣେ ଯବାନ ଗୁରୁତର ହୋଇଛନ୍ତି। ସେ ହେଲେ, ଝାଡ଼ଖଣ୍ଡ ଜାଗୁଆର୍ ଟିମ୍‌ର ମନୋଜ ଦମାଇ। ତାଙ୍କୁ ଚିକିତ୍ସା ପାଇଁ ରାଞ୍ଚି ଏୟାରଲିଫ୍ଟ କରାଯାଇଛି। ଛୋଟନାଗରା ଥାନା ଅଧୀନ ବାବୁଡେରା ନିକଟ ସରଣ୍ଡା ଜଙ୍ଗଲରେ ଏହି ବିସ୍ଫୋରଣ ଘଟିଛି। ଦୁଇଦିନ ତଳେ ଝାଡ଼ଖଣ୍ଡ ଜାଗୁଆର୍ ଓ ସିଆରପିଏଫ୍ ୬୦ ବାଟାଲିୟନ ଅର୍ଦ୍ଧସାମରିକ ବାହିନୀ ମିଳିତ ସର୍ଚ୍ଚ ଅପରେସନ୍ କରି ସରଣ୍ଡା ଜଙ୍ଗଲରୁ ମାଓବାଦୀଙ୍କ ଦ୍ୱାରା ଗଚ୍ଛିତ ଥିବା ପ୍ରାୟ ୧୮ ହଜାର ଡେଟୋନେଟର୍ ଜବତ କରିଥିଲେ।



ସୂଚନାଯୋଗ୍ୟ, ମାଓଅଧ୍ୟୁଷିତ ବଣାଇଁ ଉପଖଣ୍ଡକୁ ମାଓବାଦୀମୁକ୍ତ ଅଞ୍ଚଳ ଘୋଷଣା କରି ଏଠାରେ ମୁତୟନ ଅର୍ଦ୍ଧସାମରିକ ବାହିନୀ (ସିଆର୍‌ପିଏଫ୍) ପୋଷ୍ଟଗୁଡ଼ିକୁ ୨୦୧୫ ମସିହାରେ ଅପସାରଣ କରି ନିଆଯାଇଥିଲା। ଫଳରେ, ବେଶ୍ କିଛି ଦିନ ନିରବ ରହିବା ପରେ ଛୋଟନାଗପୁର ମାଓ ଡିଭିଜନ୍ ଏବେ ପୁନଃସକ୍ରିୟ ହୋଇ ବଳ ଗୋଟାଇବାରେ ଲାଗିଥିବା କୁହାଯାଉଛି। ଦୀର୍ଘ ଦିନ ଧରି ସେମାନେ ଅସ୍ତିତ୍ୱ ଜାହିର କରିଥିବା ସତ୍ତ୍ୱେ ପୁଲିସ ହେୟମନୋଭାବ ପୋଷଣ କରି ଗୁରୁତ୍ୱ ନଦେବା ଏବଂ ପୁଲିସ ଓ ସାଧାରଣଲୋକଙ୍କ ସମ୍ପର୍କରେ ଦୂରତା ସୃଷ୍ଟି ମାଓ ସଂଗଠନ ପାଇଁ ଅଦୃଶ୍ୟ ବରଦାନ ସାଜିଥିବା ଏବେ ସ୍ପଷ୍ଟ ହୋଇଛି। ଦୀର୍ଘ ଦିନ ହେବ, ଓଡ଼ିଶା ସୀମାବର୍ତ୍ତୀ ଅଞ୍ଚଳରୁ ଅପସାରିତ ଅର୍ଦ୍ଧସାମରିକ ବାହିନୀଙ୍କୁ ପୁନଃ ଓଡ଼ିଶା-ଝାଡ଼ଖଣ୍ଡ ସୀମାରେ ମୁତୟନ ନକଲେ ଆଗକୁ ପରିସ୍ଥିତି ଅଣାୟତ୍ତ ହେବା ନିଶ୍ଚିତ ବୋଲି ଆଶଙ୍କା ପ୍ରକାଶ ପାଇଛି।

# ଭିଜିଲାନ୍ସ ଜାଲରେ ଆଉ ଜଣେ କୁବେର ଯନ୍ତ୍ରୀ

ଟିଟିଲାଗଡ଼/ସମ୍ବଲପୁର/ଝାରସୁଗୁଡ଼ା, ୩।୭(ସମିସ): ବାକ୍ସ ଖଟର ଗଦି ତଳେ ଥିଲା ସ୍ୱତନ୍ତ୍ର ଚାମ୍ବର। ତାଲା ପଡ଼ିଥିବା ଉକ୍ତ ଚାମ୍ବରକୁ ଖୋଲିବାରୁ ସେଥିରୁ ମିଳିଥିଲା ବିଡ଼ାବିଡ଼ା ଟଙ୍କା। ଏହାସହ ଘରେ ରହିଥିଲା ପୁଳାପୁଳା ସୁନା ଗହଣା। ଖାଲି ସେତିକି ନୁହେଁ, ବାବୁଙ୍କ ନାଁରେ ଅଛି ୪ଟି ବିଲ୍ଡିଂ, ୯ଟି ପ୍ଲଟ୍ ଓ ମାର୍କେଟ୍ କଂପ୍ଲେକ୍ସ। ବ୍ୟାଙ୍କ ଡିପୋଜିଟ୍ ଏବଂ ନିବେଶ ବି କମ୍ ନୁହେଁ। ଭିଜିଲାନ୍ସ ଆଜି ପୁଣି ଏକ ବଡ଼ ହାତ ମାରିଛି। ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ଟିଟିଲାଗଡ଼ ଆର୍ ଆଣ୍ଡ ବି ସବ୍‌ଡିଭିଜନ୍‌ର ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ଡିଲେଶ୍ୱର ମାଝୀଙ୍କ ଟିଟିଲାଗଡ଼ସ୍ଥିତ କାର୍ଯ୍ୟାଳୟ ସମେତ ସମ୍ବଲପୁର, ଝାରସୁଗୁଡ଼ା, ବ୍ରଜରାଜନଗର ଆଦି ୬ଟି ସ୍ଥାନରେ ଏକକାଳୀନ ଚଢ଼ଉ କରି ବିପୁଳ ସଂପତ୍ତି ଠାବ କରିଛି।

ଗୁରୁବାର ସକାଳ ୭ଟାରୁ ଡିଲେଶ୍ୱରଙ୍କ ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଥାନା ଅଧୀନ ଗାନ୍ଧୀଛକସ୍ଥିତ ପୈତୃକ ବାସଭବନ, ମାର୍କେଟ କମ୍ପ୍ଲେକ୍ସ ଏବଂ ଲହଣ୍ଡାବୁଡସ୍ଥିତ ଦୁଇଟି ଘରେ ଚଢ଼ଉ ହୋଇଥିଲା। ତାଙ୍କର ପୈତୃକ ଘରେ ଏବେ କେବଳ ଜଣେ ଜଗୁଆଳି ରହୁଥିଲେ। ଜରାଜୀର୍ଣ୍ଣ ଦିଶୁଥିବା ଏହି ଘରୁ ଜମିଜମା ସମ୍ପର୍କିତ ଅନେକ ମୂଲ୍ୟବାନ କାଗଜପତ୍ର ଜବତ ହୋଇଛି। ପରେ ଗାନ୍ଧୀଛକ ନିକଟରେ ଜାତୀୟ ରାଜପଥ-୪୯ ସମ୍ମୁଖରେ ଥିବା ଦୁଇ ମହଲା ମାର୍କେଟ କମ୍ପ୍ଲେକ୍ସର ସ୍ଥାନ ପରିସୀମା ଏବଂ ମୂଲ୍ୟ ଭିଜିଲାନ୍ସ ବିଭାଗ ଆକଳନ କରିଛି। ବିଭିନ୍ନ କାଗଜପତ୍ର ଯାଞ୍ଚ କରିବା ପରେ ଡିଲେଶ୍ୱରଙ୍କ ଝାରସୁଗୁଡ଼ା ବଡମାଲରେ ଏବଂ ବ୍ରଜରାଜନଗରରେ ମୂଲ୍ୟବାନ ପ୍ଲଟ ଥିବା ଜଣାପଡ଼ିଛି। ୪ଜଣ ଡିଏସପିଙ୍କ ନେତୃତ୍ୱରେ ହୋଇଥିବା ଚଢ଼ଉରେ ସମ୍ବଲପୁର ଭିଜିଲାନ୍ସ ଟିମ୍‌ର ତିନିଜଣ ଇନ୍ସପେକ୍ଟର, ଜଣେ ଏଏସ୍‌ଆଇଙ୍କ ସମେତ ୫ ଜଣିଆ ଟିମ୍ ଝାରସୁଗୁଡ଼ାରେ ଚଢ଼ଉ କରି କାଗଜପତ୍ର ଯାଞ୍ଚ କରିଥିଲେ।



ଡିଲେଶ୍ୱରଙ୍କ ବିଭିନ୍ନ ଠିକଣାରେ ଚଢ଼ଉରେ ପୁଳାପୁଳା ଟଙ୍କା, ସୁନା ଗହଣା, ନଗଦ ଟଙ୍କା ଜବତ ହୋଇଛି। ଏ ପର୍ଯ୍ୟନ୍ତ ଠାବ ହୋଇଥିବା ସମ୍ପତ୍ତିରେ ୪ଟି ବିଲ୍ଡିଂ, ଏକ ମାର୍କେଟ କମ୍ପ୍ଲେକ୍ସ, ୯ଟି ମୂଲ୍ୟବାନ ପ୍ଲଟ, ୩ ଶହ ଗ୍ରାମ୍ ସୁନା, ନଗଦ ୬ ଲକ୍ଷ ଟଙ୍କା, ୨୦ ଲକ୍ଷ ଟଙ୍କାର ବ୍ୟାଙ୍କ ଡିପୋଜିଟ ଭିଜିଲାନ୍ସ ବିଭାଗ ଦ୍ୱାରା ଠାବ ହୋଇଛି। ସମ୍ବଲପୁରରେ ୪୫୦୦ ବର୍ଗଫୁଟର ଦୁଇ ମହଲା କୋଠା, ଝାରସୁଗୁଡ଼ା ବ୍ରଜରାଜନଗରରେ ୬୩୦୦ ବର୍ଗଫୁଟର ଦୁଇ ମହଲା ଘର ଓ ଏକ ମାର୍କେଟ କମ୍ପ୍ଲେକ୍ସ, ଲହଣ୍ଡା ବୁଡରେ ଦୁଇଟି ବିଲ୍ଡିଂ ଠାବ ହୋଇଛି। ବ୍ରଜରାଜନଗରରେ ଗୋଟିଏ, ବଡମାଲରେ ଗୋଟିଏ ଏବଂ ସମ୍ବଲପୁର ଟାଉନରେ ୬ଟି ଓ ସମ୍ବଲପୁର ଜିଲ୍ଲାରେ ଗୋଟିଏ ପ୍ଲଟ ଥିବା ଭିଜିଲାନ୍ସ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

**■ ଖଟର ସ୍ୱତନ୍ତ୍ର ଚାମ୍ବରରୁ ମିଳିଲା ନଗଦ ୬.୫୭ ଲକ୍ଷ ଟଙ୍କା**
**■ ୪ ବିଲ୍ଡିଂ, ମାର୍କେଟ୍ କମ୍ପ୍ଲେକ୍ସ, ୯ଟି ପ୍ଲଟ୍ ଠାବ**

### ■ ବାପାଙ୍କୁ ମୁଖାଗ୍ନି ଦେବାକୁ ଆସୁଥିଲେ

# ଦୁର୍ଘଟଣାରେ ଚାଲିଗଲା ପୁଅ-ବୋହୂଙ୍କ ଜୀବନ

ଗଣିଆ/ବୌଦ୍ଧ/ନୂଆପଡ଼ା, ୩।୭ (ସମିସ): ବାପାଙ୍କ ମୃତ୍ୟୁ ଖବର ପାଇ ପତ୍ନୀଙ୍କ ସହ ଗାଁକୁ ଆସୁଥିଲେ। ହେଲେ ବାଟରେ ଏକ ଦୁର୍ଘଟଣା ସେମାନଙ୍କ ଜୀବନ ନେଇଗଲା। ବୌଦ୍ଧ ଜିଲ୍ଲା ରାମ୍ବିକଟା ଟୋଲଗେଟ୍ ନିକଟରେ ଆଜି ଭୋର୍ ପ୍ରାୟ ୪ଟାରେ ଏହି ଦୁଃଖଦ ଘଟଣା ଘଟିଛି। ମୃତ ଦମ୍ପତି ହେଲେ, ନୟାଗଡ଼ ଜିଲ୍ଲା ଗଣିଆ ଅଞ୍ଚଳର ରାଜକିଶୋର ସାହୁ(୫୬) ଓ ତାଙ୍କ ପତ୍ନୀ ମୀନାରାଣୀ ସାହୁ। ସେମାନେ ଆସୁଥିବା କାର୍‌ଟି ରାସ୍ତାକଡ଼ରେ ଠିଆ ହୋଇଥିବା ଏକ ଟ୍ରକ୍‌କୁ ମୁହାଁମୁହିଁ ଧକ୍କା ଦେବାରୁ ଏହି ଅଘଟଣ ଘଟିଛି। ବୌଦ୍ଧ ଆଦର୍ଶ ଥାନା ପୁଲିସ୍ ଦୁହିଁଙ୍କ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହାସହ ଦୁର୍ଘଟଣାଗ୍ରସ୍ତ କାର୍ ଓ ଟ୍ରକ୍‌କୁ ଜବତ କରିଛି।

ସୂଚନାନୁଯାୟୀ, ରାଜକିଶୋର ଦୀର୍ଘ ବର୍ଷ ଧରି ନୂଆପଡ଼ା ଜିଲ୍ଲା କୋମନା ବ୍ଲକ୍ କୁରୁମପୁରୀ ସରସ୍ୱତୀ ହାଇସ୍କୁଲରେ ବିଜ୍ଞାନ ଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ। ୩ ବର୍ଷ ହେଲା ସେ ପ୍ରଧାନ ଶିକ୍ଷକ ଭାବେ ପଦୋନ୍ନତି ପାଇଥିଲେ। ନୂଆପଡ଼ା ଜିଲ୍ଲା ସଦର ମହକୁମା ନୀଳଶୈଳ ନଗରରେ ସେ ଘର କରି ସପତ୍ନୀକ ରହୁଥିଲେ। ବୁଧବାର ବିଳମ୍ବିତ ରାତିରେ ଗଣିଆ ପାଟଣାସାହିରେ ରହୁଥିବା ତାଙ୍କ ବାପା ଅବସରପ୍ରାପ୍ତ ଶିକ୍ଷକ ବଲ୍ଲଭ ସାହୁଙ୍କର ମୃତ୍ୟୁ ଘଟିଥିଲା। ଏହି ଖବର ପାଇ ପତ୍ନୀ ମୀନାରାଣୀଙ୍କ ସହ ରାଜକିଶୋର ରାତାରାତି ଏକ କାର୍‌ରେ ଗାଁକୁ ଆସୁଥିଲେ। ତେବେ ଭୋର୍ ପ୍ରାୟ ୪ଟାରେ ଖୋର୍ଦ୍ଧା-ବଲାଙ୍ଗିର ୫୭ ନମ୍ବର ଜାତୀୟ ରାଜପଥର ରାମ୍ବିକଟା ଟୋଲଗେଟ୍ ନିକଟରେ ଛିଡ଼ା ହୋଇଥିବା ଏକ ଟ୍ରକ୍ ସହ ତାଙ୍କ କାର୍‌ଟି ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ କାର୍‌ର ସମ୍ମୁଖ ଭାଗ ଭାଙ୍ଗିରୁଜି ଚୂରମାର୍ ହୋଇଯାଇଥିଲା। ସ୍ଥାନୀୟ ଲୋକେ ଦୁହିଁଙ୍କୁ ସଙ୍ଗେସଙ୍ଗେ ବୌଦ୍ଧ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ୍ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଥିଲା। ଗାଁରେ ଦୁହିଁଙ୍କ ଶବ ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଗଣିଆ ଶ୍ମଶାନରେ ମୃତ ବଲ୍ଲଭ ସାହୁଙ୍କୁ ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ପତି-ପତ୍ନୀଙ୍କୁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇଥିଲା।



# ସଫଳତା ସାଉଣ୍ଟୁଛି 'ଆଇକନିକ୍ ଆଦର୍ଶ ବିଦ୍ୟାଳୟ'

ଭୁବନେଶ୍ୱର, ୩।୭(ସମିସ): ସଫଳତା ସାଉଁଟୁଛି ଅନ୍ଧାରୁଆସ୍ଥିତ ଆଇକନିକ୍ ଓଡ଼ିଶା ଆଦର୍ଶ ବିଦ୍ୟାଳୟ। ମାତ୍ର ୨ ବର୍ଷର ଏହି ଶିକ୍ଷାନୁଷ୍ଠାନର ପ୍ରାୟ ୨୦ ପ୍ରତିଶତରୁ ଅଧିକ ଛାତ୍ରଛାତ୍ରୀ ବିଭିନ୍ନ ଜାତୀୟ ସ୍ତରୀୟ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ଦେଶର ପ୍ରତିଷ୍ଠିତ ବୈଷୟିକ ଶିକ୍ଷାନୁଷ୍ଠାନରେ ପଢ଼ିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ନିଟ୍ ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ କରି ଡାକ୍ତରୀ ପଢୁଛନ୍ତି। କେବଳ ଆଇକନିକ୍ ବିଦ୍ୟାଳୟ ନୁହେଁ; ପ୍ରତି ବ୍ଲକ୍‌ରେ ପ୍ରତିଷ୍ଠିତ ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ମଧ୍ୟ ଜାତୀୟ ସ୍ତରର ପରୀକ୍ଷାରେ ସଫଳତା ହାସଲ କରୁଛନ୍ତି। ଫଳରେ ଆଦର୍ଶ ବିଦ୍ୟାଳୟ ଓ ଆଇକନିକ୍ ଆଦର୍ଶ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପ୍ରଥମ ପସନ୍ଦ ପାଲଟିଛି।

ଆଇକନିକ୍ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ୨୦୨୨ରେ ଆରମ୍ଭ ହେବା ପରେ ଦୁଇଟି ବ୍ୟାଚ୍‌ରେ ଛାତ୍ରଛାତ୍ରୀମାନେ ଦ୍ୱାଦଶ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରତିବର୍ଷ ୫ଶହ ପିଲା ଲେଖାଏଁ ମୋଟ୍ ହଜାରେ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ତନ୍ମଧ୍ୟରୁ ୧୩୮ ଜଣରୁ ଅଧିକ ପିଲା ଜେଇଇ ପରୀକ୍ଷାରେ କୃତକାର୍ଯ୍ୟ ହେବା ସହ ଦେଶର ବିଭିନ୍ନ ପ୍ରତିଷ୍ଠିତ ବୈଷୟିକ ଶିକ୍ଷାନୁଷ୍ଠାନରେ ପଢୁଛନ୍ତି। ସେହିପରି ପ୍ରାୟ ୩୫ଜଣ ପିଲା ନିଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଡାକ୍ତରୀ ପଢ଼ିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ସଫଳତା ପାଇଥିବା ଛାତ୍ରଛାତ୍ରୀଙ୍କ କହିବା ଅନୁଯାୟୀ, ଆଇକନିକ୍ ଆଦର୍ଶ ବିଦ୍ୟାଳୟର ଶିକ୍ଷାଦାନ ଶୈଳୀ ଓ ଶୈକ୍ଷିକ ବାତାବରଣ ସେମାନଙ୍କୁ ସଫଳତା ପାଇବାରେ ସହଯୋଗ କରୁଛି। ସକାଳ ୭.୪୫ରୁ ଅପରାହ୍ଣ ୧.୩୦ ପର୍ଯ୍ୟନ୍ତ ଶ୍ରେଣୀଗୃହରେ ପାଠପଢ଼ା ହେଉଛି। ଛାତ୍ରଛାତ୍ରୀଙ୍କ ଦ୍ୱନ୍ଦ ଦୂର କରିବାକୁ ଶିକ୍ଷକମାନେ ପ୍ରାଥମିକତା ଦେଉଛନ୍ତି। ଦୈନିକ ଘଣ୍ଟାଏ ଲେଖାଏଁ ଏଥିପାଇଁ ଧାର୍ଯ୍ୟ କରାଯାଇଥିବାବେଳେ ଆବଶ୍ୟକସ୍ଥଳେ ଅତିରିକ୍ତ ସମୟ ଦେଇ ପିଲାଙ୍କୁ ବୁଝାଇଥା'ନ୍ତି। ଯେଉଁଦିନର ପାଠ ସେହିଦିନ ସାରିବାକୁ ପ୍ରୋତ୍ସାହିତ କରାଯାଉଥିବାରୁ ଆଗ୍ରହ ବହୁଗୁଣିତ ହେଉଛି।

ଅନ୍ୟପକ୍ଷରେ ଅନ୍ଧାରୁଆ ଆଇକନିକ୍ ଆଦର୍ଶ ବିଦ୍ୟାଳୟରେ ରହିଛି ୨୬ଟି ଅତ୍ୟାଧୁନିକ ଶ୍ରେଣୀଗୃହ, ଆଇସିଟି ଲ୍ୟାବ୍, ୮ଟି ଅତ୍ୟାଧୁନିକ ସାଇନ୍ସ ଲ୍ୟାବ୍ ଓ ଗ୍ରନ୍ଥାଗାର, ଯାହା ଛାତ୍ରଛାତ୍ରୀଙ୍କୁ ପଢ଼ିବା ପାଇଁ ଆଗ୍ରହ ବଢ଼ାଇବା ସହ ଉତ୍ତମ ବୈଷୟିକ ଶିକ୍ଷା ଗ୍ରହଣରେ ବିଶେଷ ସହାୟକ ହୋଇଛି। ୧୩ ଏକର ଜମିରେ ପ୍ରତିଷ୍ଠିତ ଏହି ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କ ପାଇଁ ଦୁଇଟି ଲେଖାଏଁ ଛାତ୍ରନିବାସ ଓ ଛାତ୍ରୀନିବାସ, ଶିକ୍ଷକଙ୍କ ପାଇଁ ୨୨ଟି ବାସଗୃହ, ୮ଟି ଅତିଥି କକ୍ଷ ଓ ୩୦ ଜଣଙ୍କ ପାଇଁ ଏକ ବିଶ୍ରାମାଗାର, ସେଣ୍ଟ୍ରାଲ କିଚେନ ଓ ଡାଇନିଙ୍ଗ, ଡର୍ମିଟୋରି, ପାର୍କ ଓ ବଗିଚାର ବ୍ୟବସ୍ଥା ହୋଇଛି। ୧୨ ଏକର ଜମିରେ ଦୌଡ଼କୁଦ ଟ୍ରାକ୍, ଫୁଟବଲ୍ ପଡ଼ିଆ, ବ୍ୟାଡ୍‌ମିଣ୍ଟନ୍ ଓ ଭଲିବଲ୍ କୋର୍ଟ ଆଦି ମୁକ୍ତାକାଶ କ୍ରୀଡ଼ା ସୁବିଧା ପିଲାମାନଙ୍କ ଶାରୀରିକ ଭାବେ ସୁସ୍ଥ ରଖିବା ସହ ମନକୁ ପ୍ରଫୁଲ୍ଲ କରୁଛି। ଫଳରେ ମାତ୍ର ଦୁଇବର୍ଷର ଏହି ସରକାରୀ ବିଦ୍ୟାଳୟ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ଦୃଷ୍ଟି ଆକର୍ଷଣ କରିପାରିଛି।

ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବା ସମୟରେ ପ୍ରଥମ ଥର ପାଇଁ ସିବିଏସ୍‌ଇ ପାଠ୍ୟକ୍ରମ ଆଧାରିତ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଢାଞ୍ଚାରେ ରାଜ୍ୟରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି)ର ପରିକଳ୍ପନା କରିଥିଲେ। ପୁଣି ସମସ୍ତ ଓଏଭିରୁ ମେଧାବୀ ଛାତ୍ରଛାତ୍ରୀଙ୍କୁ ନେଇ ଆଇକନିକ୍ ଓଏଭି କରିବାକୁ ଯୋଜନା କଲେ। ଉନ୍ନତମାନର ଓ ଅତ୍ୟାଧୁନିକ ଶିକ୍ଷାଦାନ ବ୍ୟବସ୍ଥା କରି ଓଡ଼ିଆ ପିଲାଙ୍କୁ ଦେଶରେ ପ୍ରତିଷ୍ଠିତ କରିବାକୁ ରୋଡ୍ ମ୍ୟାପ୍ କଲେ। ଯାହାର ସୁଫଳ ମାତ୍ର ଦୁଇବର୍ଷରୁ ରାଜ୍ୟର ଛାତ୍ରଛାତ୍ରୀମାନେ ପାଇପାରୁଛନ୍ତି। ଶିକ୍ଷାକ୍ଷେତ୍ରରେ ରାଜ୍ୟ ପାଇଁ ଏହା ଏକ ମାଇଲଷ୍ଟୋନ୍ ବୋଲି ଅଭିଭାବକ ଓ ଶିକ୍ଷାବିତ୍‌ମାନେ ମତବ୍ୟକ୍ତ କରିଛନ୍ତି।

**■ ଦୁଇ ବର୍ଷରେ ୨ଶହ ପିଲା ନେଟ୍ ଓ ଜେଇଇ କୃତକାର୍ଯ୍ୟ**
**■ ଆକୃଷ୍ଟ କରୁଛୁ ଅତ୍ୟାଧୁନିକ ଶିକ୍ଷାଦାନ, ଶୈକ୍ଷିକ ପରିବେଶ**
**■ ନବୀନ ପଟ୍ଟନାୟକଙ୍କ ପରିକଳ୍ପନାକୁ ମିଳିଛି ଅନନ୍ୟ ସଫଳତା**

# ପୋଡ଼ାଗଡ ଲ୍ୟାମ୍ପ୍‌ସରୁ ଚୋରି ଉଦ୍ୟମ

ପୋଡ଼ାଗଡ,୩।୭(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ କୋରାପୁଟ ସଦର ଥାନା ଅନ୍ତର୍ଗତ ପୋଡ଼ାଗଡ ଲ୍ୟାମ୍ପ୍‌ସ କାର୍ଯ୍ୟାଳୟରୁ ଚୋରି ଉଦ୍ୟମ ହୋଇଛି। ଲଗାଣ ବର୍ଷା ଯୋଗୁଁ ପୋଡ଼ାଗଡ଼ ଶୂନ୍‌ଶାନ୍ ଥିଲା। ଏହାର ସୁଯୋଗ ନେଇ କିଛି ଦୁର୍ବୃତ୍ତ ଚୋରି କରିବାକୁ ଉଦ୍ୟମ କରି କାର୍ଯ୍ୟାଳୟର ତାଲା ଭାଙ୍ଗି କାର୍ଯ୍ୟାଳୟ ଭିତରେ ଥିବା ଆଲମୀରା ଭାଙ୍ଗି ଅସବାବପତ୍ର ଫିଙ୍ଗା ଫିଙ୍ଗି କରିଛନ୍ତି। ଲକର ରୁମ୍‌ର ତାଲା ଭାଙ୍ଗିଥିଲେ ମଧ ସଟର ଖୋଲିପାରି ନାହାନ୍ତି। ସକାଳେ ଲ୍ୟାମ୍ପ୍‌ସ ଏମ୍‌ଡି ୍ରସନ୍ତୋଷ କୁମାର ଦାସ ଓ ପିଅନ କାର୍ଯ୍ୟାଳୟକୁ ଖୋଲିଲା ପରେ ଘଟଣା ଜାଣି କୋରାପୁଟ ସଦର ଥାନା ଅଧିକାରୀଙ୍କୁ ଜଣାଇଲେ। ସଦର ଥାନା ଭାରପ୍ରାପ୍ତ ଅଧିକାରୀ ରୁନୁ ମାଝୀ କର୍ମଚାରୀଙ୍କ ସହ ଆସି ସିସି କେମେରା ସହ କାର୍ଯ୍ୟାଳୟରେ ଅନୁସନ୍ଧାନ କରିଛନ୍ତି। ଅନୁସନ୍ଧାନରେ ଚୋର ମାନେ କିଛି ନେଇ ନ ଥିବା ଜଣାପଡିଛି। ଅନୁସନ୍ଧାନ ସମୟରେ ଲ୍ୟାମ୍ପ୍‌ସ ସଭାପତି ଡ଼ମରୁ ଯାନୀ , ନିର୍ଦ୍ଦେଶକ ମହେନ୍ଦ୍ର କୂଳଦୀପ, ସୁବାସ ଚନ୍ଦ୍ର ରାୟ, ଲୋଚନ ବିଶୋଇ, ଗଙ୍ଗାଧର ପଟ୍ଟନାୟକ, କୁମୁଟି ଯାନୀ ଏବଂ ଲ୍ୟାମ୍ପ୍‌ସ କର୍ମଚାରୀ ଉପସ୍ଥିତ ଥିଲେ।

# ରକ୍ତଦାନ କରି ବିପଦର ବନ୍ଧୁ ସାଜିଲେ ଯୁଧିଷ୍ଠୀ



ଚନ୍ଦାହାଣ୍ଡି,୩।୭(ସମିସ): ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ହରିଡ଼ାପଡା ଗ୍ରାମର ତ୍ରିଲୋଚନ ପାରିଙ୍କ ସ୍ୱାସ୍ଥ୍ୟ ଭଲ ନଥିବାରୁ ତାଙ୍କୁ ଧର୍ମଗଡ଼ ହସ୍ପିଟାଲରେ ଭର୍ତି କରାଯାଇଥିଲା। ତେବେ ତାଙ୍କୁ "ଏ'ପୋଜିଟିବ ରକ୍ତ ଆବଶ୍ୟକତା ଥିବା ଡାକ୍ତର କହିଥିବା ବେଳେ ପରିବାର ଲୋକେ ରକ୍ତ ଯୋଗାଡ଼ କରିପାରିନଥିଲେ। ଖବର ପାଇ ଆଜି ଫଲସକ୍ଷପଡା ଗ୍ରାମର ଯୁଧିଷ୍ଠି ଗହୀର ନିଜସ୍ୱ ଖର୍ଚ୍ଚରେ ବାଇକ୍ ଯୋଗେ ସୁଦୂର ଧର୍ମଗଡ଼ ଯାଇ ରକ୍ତଦାନ କରିଛନ୍ତି। ରକ୍ତଦାତା ଯୁଧିଷ୍ଠି କହିଛନ୍ତି ଯେ, ବୁନ୍ଦାଏ ରକ୍ତ ଅଭାବରେ କାହାରି ଜୀବନ କୁ ମରଣ ମୁଖକୁ ଠେଲି ଦେବା ନାହିଁ । ଭୟଭୀତ ନହୋଇ ରକ୍ତଦାନ କରିବାକୁ ସେ ଯୁବଗୋଷ୍ଠୀଙ୍କୁ ଆହ୍ୱାନ ଦେଇଛନ୍ତି। ରକ୍ତର ଜରୁରୀ ସମୟରେ ରକ୍ତହୀନତାର ଶିକାର ହୋଇଥିବା ତ୍ରିଲୋଚନଙ୍କୁ ରକ୍ତଦାନ କରି ବିପଦର ବନ୍ଧୁ ସାଜିଛନ୍ତି ଯୁଧିଷ୍ଠି । ତାଙ୍କ ଏଭଳି ମହତ କାର୍ଯ୍ୟ ପାଇଁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛ।

● ରାଜସ୍ୱ ନିରୀକ୍ଷକଙ୍କ ବିରୋଧରେ ଲାଞ୍ଚ ଅଭିଯୋଗ

# ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ କାକୁଆଁ ବାସିନ୍ଦା



କୋରାପୁଟ,୩।୭(ସମିସ): କୋରାପୁଟ ଜିଲ୍ଲା ନନ୍ଦପୁର ତହସିଲ ଅନ୍ତର୍ଗତ ବିଲାପୁଟ ଗ୍ରାମପଞ୍ଚାୟତର ରାଜସ୍ୱ ନିରୀକ୍ଷକ ଓ ଅତିରିକ୍ତ ରାଜସ୍ୱ ନିରୀକ୍ଷକ ଜମି ଜମା ପଟ୍ଟା ପାଇଁ ଲାଞ୍ଚ ମାଗୁଥିବା ଅଭିଯୋଗ ହୋଇଛି। ବିଲାପୁଟ ଗ୍ରାମପଞ୍ଚାୟତ ଅନ୍ତର୍ଗତ କାକୁଆଁ ମୌଜାର ୨୨ ଜଣଙ୍କ ଠାରୁ ଘରଡିହ ପଟ୍ଟା କରିଦେବା ପାଇଁ ୩୦୦ ଟଙ୍କା ଲେଖାଏଁ ଲାଞ୍ଚ ମାଗିଥିବା ଅଭିଯୋଗ କରି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହା ସହିତ ପଟ୍ଟା ଦେବା ପାଇଁ ୨୦୦ ଟଙ୍କା ଲେଖାଏଁ ଲାଞ୍ଚ ମାଗୁଥିବା ସେମାନେ ଅଭିଯୋଗ କରିଛନ୍ତି। କାକୁଆଁ ଗାଁର ତିଳକ ବଡନାୟକଙ୍କ ଠାରୁ ଜଙ୍ଗଲ ଜମିର ସ୍କେଚମ୍ୟାପ ୨ ହଜାର ଟଙ୍କା ଜୋର ଜବରଦସ୍ତ ନେଇଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ଟଙ୍କା ନଦେଲେ କାମ ହେବ ନାହିଁ ବୋଲି ରାଜସ୍ୱ ନିରୀକ୍ଷକ ଓ ଅତିରିକ୍ତ ରାଜସ୍ୱ ନିରୀକ୍ଷକ ଧମକ ଦେଉଥିବା ବିଲାପୁଟ ଗ୍ରାମପଞ୍ଚାୟତର ସମିତି ସଭ୍ୟ ଯୋଗେଶ୍ୱର ଖେମୁଣ୍ଡୁ କହିଛନ୍ତି। ଏ ସଂକ୍ରାନ୍ତରେ ନନ୍ଦପୁର ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ କୌଣସି ସୁଫଳ ମିଳିନଥିବା ସେ କହିଛନ୍ତି। ତେଣୁ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ କାକୁଆଁ ମୌଜା ବାସିନ୍ଦା ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।

# କୋର୍ଟ ପରିସରରେ ଚାରାରୋପଣ



ଚନ୍ଦାହାଣ୍ଡି, ୩।୭(ସମିସ): ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ତାଲୁକ ଲିଗାଲ ଏଡ କମିଟି ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚନ୍ଦାହାଣ୍ଡି ପ୍ରଥମ ଶ୍ରେଣୀ ବିଚାରପତି ଜରିନ୍ ଖାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଚାରାରୋପଣ କାର୍ଯ୍ୟକ୍ରମରେ ଚନ୍ଦାହାଣ୍ଡି ସ୍ଥିତ କୋର୍ଟ ପରିସରର ଚତୁର ପାଶ୍ୱର୍ରେ ବିଭିନ୍ନ ପ୍ରକାର ଚାରାରୋପଣ କରାଯାଇଥିଲା। ଚାରାରୋପଣର ଉପକାରିତା ସମ୍ପର୍କରେ ବୁଝାଇବା ସହ ନିଜ ଘର ଚାରି ପାଖରେ ବିଭିନ୍ନ ପ୍ରକାର ଚାରାରୋପଣ କରି ସୁସ୍ଥ ପରିବେଶ ଗଠନ ପାଇଁ ଜେଏମ୍‌ଏଫସି ଜରିନ୍ ଖାନ ପରାମର୍ଶ ଦେଇଥିଲେ। ଏଥିସହ କୋର୍ଟ ଚତୁପାଶ୍ୱରେ ଫୁଲ ବଗିଚା କରି କୋର୍ଟର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ନିମନ୍ତେ ସମସ୍ତ ଓକିଲ ନିଷ୍ପତ୍ତି ନେଇଥିଲେ। ଏହି କାର୍ଯ୍ୟକ୍ରମ ରେ ଆଇନଜୀବୀ ମହମ୍ମଦ ହୁସେନ, ଜୟଦେବ ଖମାରୀ, ହୁମେଶ୍ୱର ହଂସ, କ୍ଷେମରାଜ ବାଘ, ଶ୍ୟାମ ସୁନ୍ଦର ସୁନାନୀ,"ହିରାଧର ମାଳି,କୋର୍ଟ କର୍ମଚାରୀ କେଶରୀ ମାନହୀର, ଆଶିଷ ସାହୁ, ପ୍ରବୀଣ ଦାସ, ନିଲୁ ଶବର, ବ୍ରହ୍ମାନନ୍ଦ ତାଣ୍ଡି,ଭରତ ଦାସ,ଚନ୍ଦାହାଣ୍ଡି ଫରେଷ୍ଟର ବିପିନ ହରିଜନ ପ୍ରମୁଖ ଉପସ୍ଥିତ ଥିଲେ।

# ବନବିଭାଗ ପକ୍ଷରୁ ବନ ମହୋତ୍ସବ



ସିକରପାଇ,୩।୭(ସମିସ): ରାୟଗଡ଼ା ବନଖଣ୍ଡ ଅନ୍ତର୍ଗତ କଲ୍ୟାଣସିଂହପୁର ରେଞ୍ଜ ବନ ବିଭାଗ ପକ୍ଷରୁ ଆଜି ବନ ମହୋତ୍ସବ ସପ୍ତାହ ପାଳନ କରାଯାଇଛି। ସିକରପାଇ ଗ୍ରାମଦେବୀ ମା' ମୂତ୍ୟାଲୁମାଙ୍କ ମନ୍ଦିର ନିକଟରେ ଆରମ୍ଭ ହେଇଛି ଚାରା ଲଗାଇବା କାର୍ଯ୍ୟକ୍ରମ। ଆଜି ବନ ବିଭାଗ ରେଞ୍ଜର ଚନ୍ଦନ ଗମାଙ୍ଗ ଓ ବନପାଳ ପି କେ ଜେନା ଓ ପରାଗାର୍ଡ ତଥା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରକୃତିମିତ୍ର ତଥା ପରିବେଶ ପ୍ରେମୀ ଶିକ୍ଷକ ତାପସ ଦଳାଇ, ବସନ୍ତ କୌଶଲ୍ୟା, ହରିଶଙ୍କର ନାୟକ, ସିଦ୍ଧାନ୍ତ କୁଲିସିକା, ମମତା ନିନ୍ଦ, ସୋନିଆ ଦୀପ୍ ଛାତ୍ରଛାତ୍ରୀ, ଏନ୍‌ସିସି ଛାତ୍ରୀ ମାନେ ଚାରାରୋପଣ କରିଥିଲେ। ମା' ପାଇଁ ବୃକ୍ଷଟିଏର ନାରା ଦିଆ ଯାଇଥିଲା।

ବର୍ଷାରେ ନଷ୍ଟ ହେଲା ସୁନାର ଫସଲ

# ଗଜା ଧାନକୁ ନେଇ ଚିନ୍ତାରେ ଚାଷୀ





କୁନ୍ଦୁରା, ୩।୭(ସମିସ): ଲଗାଣ ବର୍ଷା ପାଇଁ ସବୁଠୁ ଅଧିକ କ୍ଷତି ସହୁଛି ଚାଷୀ। କାହାର ବିଲରେ ଧାନ ପଡ଼ିଛି ତ ଆଉ କାହାର ରାସ୍ତା କଡ଼ରେ ବର୍ଷାରେ ଭିଜିଛି ଧାନ। ଏମିତିକି ବର୍ଷାରେ ଓଦା ହୋଇଥିବା ଧାନ ଏବେ ଗଜା ହୋଇସାରିଲାଣି। କୁନ୍ଦୁରା ବ୍ଲକ ରାଣୀଗୁଡା ପଞ୍ଚାୟତର ସର୍ଗୀଗୁଡା ଗ୍ରାମରେ ଏଭଳି ଦେଖିବାକୁ ମିଳିଛି । କୁନ୍ଦୁରା ବ୍ଲକ ସର୍ଗୀଗୁଡ଼ାରେ ରବିଧାନ ଚାଷରେ ବ୍ୟାପକ କ୍ଷତି ହୋଇଛି। ଧାନ ଅମଳ ପରେ ପରେ ଲାଗିରହିଛି ବର୍ଷା। ବର୍ଷାରେ ସୁରକ୍ଷିତ ସ୍ଥାନକୁ ନେବାକୁ ସମୟ ପାଇଲେ ନାହିଁ ଚାଷୀ। ଅମଳ ହୋଇଥିବା ଧାନ ରାସ୍ତାରେ ଓ କଟା ଯାଇଥିବା ଧାନ ଜମିରେ ଗଜା ହୋଇଯାଇଛି। ଚାଷୀଙ୍କ ସୂଚନା ପ୍ରକାରେ ଗାଁରେ ସବୁଠାରୁ ଅଧିକ କ୍ଷତି ହୋଇଛି ମନୋଜ କୁମାର ମହୁଙ୍କର। ତାଙ୍କ କହିବା ଅନୁସାରେ ପାଞ୍ଚ ଏକର ଜମିରେ ହୋଇଥିବା ଚାଷର ସମୁଦାୟ ଧାନ ପ୍ରାୟ ୧୩୦ କୁଇଣ୍ଟାଲ ରାସ୍ତାର ଏକ ପାଶ୍ୱର୍ରେ ଗଜା ହୋଇ ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ଦେଢ଼ ଏକର ଜମିରେ ଧାନ କଟାଯାଇ ସେଠାରୁ ଆଣି ପାରିଲେ ନାହିଁ। ତାହା ପ୍ରାୟ ୩୦ କ୍ୱିଣ୍ଟାଲ ହେବ ଗଜା ହୋଇଛି। ସେହିଭଳି ବନବିହାରୀ ଗନ୍ତାୟତଙ୍କ ଅମଳ ହୋଇଥିବା ଧାନ ପ୍ରାୟ ୧୦୦ କ୍ୱିଣ୍ଟାଲ ଓ ଜମିରେ ରହିଛି ପ୍ରାୟ ୧୬୦ କୁଇଣ୍ଟାଲ ଗଜା ଧାନ ବୋଲି ସେ କହିଛନ୍ତି। ସେହିଭଳି ଗାଁର ଅନ୍ୟ ଚାଷୀ ଶିଙ୍ଘ ହରିଜନଙ୍କ ୧୫ କ୍ୱିଣ୍ଟାଲ, ଗେଲେଶ୍ୱରୀ ଗନ୍ତାୟତଙ୍କ ୩୦, ଦୁର୍ଯ୍ୟୋଧନ ହରିଜନଙ୍କ ୨୫, ତୀର ହରିଜନଙ୍କ ୨୦, ଆଲେକ କଛପଙ୍କ ୧୦, ମନୋହର ହରିଜନଙ୍କ ୨୦ କୁଇଣ୍ଟାଲ ଅମଳ ପରେ ଗଜା ହୋଇ ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ସେହି ଗାଁର ପଦ୍ମନ ହରିଜନ, ତ୍ରିନାଥ ହରିଜନ, ଗୁରୁ ହରିଜନ, ଏବଂ ସିଉନିଗୁଡ଼ା ଚାଷୀ ଘାସି ହରିଜନ ଏବଂ ଗୁରୁ ହରିଜନ ପ୍ରମୁଖଙ୍କ ଧାନ କଟା ଯାଇନାହିଁ । ଜମିରେ ଗଜା ହୋଇଯାଇଛି । ଧାନ କ୍ଷୟକ୍ଷତି ହେବା ନେଇ ଚାଷୀ ମାନେ ସରପଞ୍ଚ ଶିବ ପ୍ରଧାନୀଙ୍କୁ ସୂଚନା ଦେଇଥିଲେ। ସରପଞ୍ଚ ଶ୍ରୀ ପ୍ରଧାନୀ କୃଷି ବିଭାଗ, ରାଜସ୍ୱ ନିରୀକ୍ଷକ ଓ ଲ୍ୟାମ୍ପ୍‌ସକୁ ଜଣାଇଥିଲେ। ରାଜସ୍ୱ ନିରୀକ୍ଷକ ଦିବାକର ଦିଶାରୀ ଆଜି ଗାଁରେ ଯାଇ କ୍ଷୟକ୍ଷତି ଆକଳନ କରିଛନ୍ତି। ଏବେ ସରକାରୀ କ୍ଷତିପୂରଣ ହିଁ ଚାଷୀଙ୍କ ସାହା ଭରସା ବୋଲି ସେମାନେ କହିଛନ୍ତି।

# ଅଜଣା ମୃତଦେହ ଉଦ୍ଧାର

ପୋଡ଼ାଗଡ଼,୩।୭(ସମିସ): କୋରାପୁଟ-ବିଶାଖାପାଟଣା ୨୬ ନମ୍ବର ଜାତୀୟ ରାଜପଥ ନିକଟ ମୋହନପଡ଼ା ନିକଟ ବିଲାପୁଟ ଗ୍ରାମର ଚାଷ ଜମି ବଳରେ ଅଜଣା ବ୍ୟକ୍ତିଙ୍କ ଶବ ଉଦ୍ଧାର କରିଛି କୋରାପୁଟ ସଦର ପୁଲିସ। ସୂଚନା ମୁତାବକ ବିଲାପୁଟ ଗ୍ରାମର କିଛି ଲୋକ ଚାଷ କରିବା ନିମନ୍ତେ ନିଜ ଜମିକୁ ଯାଇଥିଲେ। ସେହି ସମୟରେ ଜମି ନିକଟ ନାଳରେ ଏକ ଶ ଭାସୁଥିବା ଦେଖି କୋରାପୁଟ ସଦର ପୁଲିସକୁ ଖବର ଦେଇଥିଲେ। ଖବର ପାଇଲା କ୍ଷଣି ସଦର ଥାନା ସବ୍ ଇନ୍ସପେକ୍ଟର ଫକୀର ମୋହନ ଖରାଙ୍କ ନେତୃତ୍ୱ ରେ ଏକ ଟିମ୍ ଘଟଣସ୍ଥଳକୁ ଯାଇ ତଦନ୍ତ କରିବା ସହ ଶହ ଉଦ୍ଧାର କରି କୋରାପୁଟ ସ୍ଥିତ ସହିଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ହସ୍ପିଟାଲ୍‌କୁ ସ୍ଥାନାନ୍ତର କରିଥିଲେ।

● ଯାଞ୍ଚ ଆଳରେ ବୋଲେରୋ ଅଟକାଇଲେ ଦୁର୍ବୃତ୍ତ

# ଲୁଟିନେଲେ ଚାଷୀଙ୍କ ୧ ଲକ୍ଷ ଟଙ୍କା !

ଜୟପୁର,୩।୭(ସମିସ): ଜୟପୁର ସହରରେ ଲୁଟେରା ଏବଂ ଦୁର୍ବୃତ୍ତଙ୍କ ପ୍ରାର୍ଦୁଭାବ ବୃଦ୍ଧି ପାଉଛି। ପୁଲିସକୁ ଖାତିର ନ କରି ସ୍ପଷ୍ଟ ଦିବାଲୋକରେ ମଧ ଲୁଟେରା ଓ ଦୁର୍ବୃତ୍ତ ଆତଙ୍କରାଜ ସୃଷ୍ଟି କରୁଛନ୍ତି। ଆଜି ଅପରାହ୍ନରେ ଜୟପୁର ସହରରେ ବୋଲେରରେ ଯାଉଥିବା ୬ଜଣ ଚାଷୀଙ୍କ ୧ ଲକ୍ଷ ଟଙ୍କା ବୋଲେରୋ ଭିତରୁ ବ୍ୟାଗରୁ ଲୁଟ କରାଯାଇଥିବ ଟାଉନଥାନାରେ ଅଭିଯୋଗ ହୋଇଛି। ପୁଲିସ ଏ ନେଇ ତଦନ୍ତ ଆରମ୍ଭ କରିଛି। ୩ ଲୁଟେରା ବାଇକ୍‌ରେ ଫେରାର ହୋଇଯାଇଛନ୍ତି। ସୂଚନା ଅନୁଯାୟୀ, ଆଜି ଅପରାହ୍ନରେ ସ୍ଥାନୀୟ ଏମ୍‌ଜି ରୋଡସ୍ଥିତ ଏକ ରାଷ୍ଟ୍ରୀୟ ବ୍ୟାଙ୍କରୁ ରବିଧାନ ବିକ୍ରି ବାବଦକୁ ଜମାଖାତାରେ ପୈଠ ହୋଇଥିବା ଟଙ୍କା ଉଠାଣ ନେଇ ସ୍ଥାନୀୟ ବ୍ଲକ ହାଡିଆ ଗ୍ରାମର ଚାଷୀ କମଳଲୋଚନ ଭତ୍ରା ଏବଂ ଅନ୍ୟ ୫ଜଣ ଚାଷୀଙ୍କୁ ମିଶାଇ ସମୁଦାୟ ୬ ଜଣ ଏକ ବଲେରୋରେ ଆସି ବ୍ୟାଙ୍କରୁ ୩ ଲକ୍ଷ ୯୦ ହଜାର ଟଙ୍କା ଟଙ୍କା ଉଠାଣ କରିଥିଲେ। ଉଠାଣ ହୋଇଥିବା ସମସ୍ତ ଟଙ୍କା ଏକ ବ୍ୟାଗରେ ରଖି ଗାନ୍ଧିଛକ ନିକଟସ୍ଥ ଏକ ହୋଟେଲକୁ ମଧ୍ୟାହ୍ନଭୋଜନ ପାଇଁ ଯାଇଥିଲେ। ବେଲରୋଡ ରାସ୍ତା ଦେଇ ରାଜା ନହରକୁ କୌଣସି କାର୍ଯ୍ୟରେ ଯାଉଥିବା ବେଳେ ଗୋଟିଏ ବାଇକ୍‌ରେ ୩ଜଣ ଦୁର୍ବୃତ୍ତ ଆସି ସେମାନଙ୍କ ଗାଡିକୁ ଅଟକାଇ ସେମାନେ ଖାଇଥିବା ହୋଟେଲରୁ ତାଙ୍କର ମୋବାଇଲ ଚୋରି ହୋଇଥିବା ନେଇ ବାହାନା ଦେଖାଇ ବୋଲେର ଯାଞ୍ଚ କରିବାକୁ ଜିଦ୍ କରିଥିଲେ। ଏହି ସମୟରେ ଚାଷୀ ଏବଂ ୩ ଜଣ ଦୁର୍ବୃତ୍ତଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ବୋଲେରୋ ଭିତରେ ଯାଞ୍ଚ କରିବାକୁ ଜିଦ୍ କରିବା ସହ ଯାଞ୍ଚ କରିବା ଆଳରେ ଟଙ୍କା ବ୍ୟାଗରୁ ଦୁଇ ବିଡ଼ା ୫ ଶହ ଟଙ୍କା ନୋଟକୁ ମିଶାଇ ଏକ ଲକ୍ଷ ଟଙ୍କା ଲୁଟି ବାଇକରେ ଫେରାର୍ ହୋଇ ଯାଇଥିଲେ। ଚାଷୀ ମାନେ ନିରାଶ ହୋଇ ଟାଉନଥାନାରେ ଅଭିଯୋଗ କରିଛନ୍ତି। ଏଥିନେଇ ପୁଲିସ ପକ୍ଷରୁ ଟଙ୍କା ଉଠାଣ ହୋଇଥିବା ବ୍ୟାଙ୍କ, ଅନ୍ୟାନ୍ୟ ଦୋକାନ ଏବଂ ରାସ୍ତାରେ ଲାଗିଥିବା ସିସି ଟିଭି ଦୃଶ୍ୟ ଯାଞ୍ଚ କରିବା ସହ ତଦନ୍ତ ଆରମ୍ଭ ହୋଇଥିବା ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ପ୍ରକାଶ କରିଛନ୍ତି।, କିନ୍ତୁ ଅଭିଯୋଗକାରୀ ମାନେ କୌଣସି ଲିଖିତ ଅଭିଯୋଗ ଦେଇନାହାଁନ୍ତି ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି। ସେହିପରି ଆଜି ସଂଧ୍ୟାରେ ସହରର ପାଣିନଳା ସାହିରେ ଜଣେ ଛାତ୍ର ଟିଉସନ ଯାଉଥିବା ସମୟର କିଛି ଦୁର୍ବୃତ୍ତ ତାଙ୍କର ମୋବାଇଲ୍ ଫୋନ ଟାଣି ନେଇଯାଇଥିବା ନେଇ ଟାଉନଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୁଲିସ ଏନେଇ ଏକ ମାମଲା ରୁଜୁ କରି ସିସିଟିଭିକୁ ଯାଞ୍ଚ କରି ଅନୁସନ୍ଧାନ ଜାରି ରଖିଛନ୍ତି।

# ବନ ବିଭାଗ ପକ୍ଷରୁ ଚାରାରୋପଣ

ବୈପାରିଗୁଡ଼ା,୩।୭(ସମିସ): ବୈପାରିଗୁଡା ବ୍ଲକ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଚାରାରୋପଣ ଅନୁଷ୍ଠିତ ହୋଇଯାଇଛି । ବନାଞ୍ଚଳ ଅଧିକାରୀ ସନ୍ଦୀପ ପାଣିଗ୍ରାହୀଙ୍କ ନିର୍ଦ୍ଦେଶ କ୍ରମେ ବାଲିଗାଁ କନ୍ୟାଶ୍ରମ, ମଙ୍ଗୁଗୁଡା ଗ୍ରାମ, ଚେରକା ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାର ଚାରା ଯଥା ନିମ୍ବ, ଓସ୍ତ ଆଦି ଚାରାରୋପଣ କରାଯାଇଛି। ଫୁଲ, ଫଳ ଓ ଅଁଳା, ବାହାଡ଼ା ଭଳି ଔଷଧୀୟ ଗଛ ମଧ ଲଗାଯାଇଥିଲା। ସମସ୍ତ ଗଛ ଗୁଡ଼ିକର ଯତ୍ନ ନେବାକୁ ପରାମର୍ଶ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଡେପୁଟି ରେଞ୍ଜର ମାନସ ରଞ୍ଜନ ନାୟକ, ବାଲିଗାଁ ବନପାଳ ଏନ୍. ଶ୍ରୀନିବାସ ରାଓ, ବନରକ୍ଷୀ ପ୍ରିୟଙ୍କା କର ଏବଂ ଭିଏସଏସ କମିଟିର ସଦସ୍ୟ, କନ୍ୟାଶ୍ରମର ପ୍ରଧାନ ଶିକ୍ଷକ, ସ୍କୁଲ ଛାତ୍ରୀ ଏବଂ. ସମସ୍ତ ଷ୍ଟାଫ ଉପସ୍ଥିତ ଥିଲେ ।

● ୬ରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଜୟପୁର ଗସ୍ତ

# କେନ୍ଦ୍ରୀୟ ବିଦ୍ୟାଳୟ ଘର ଓ ରାସ୍ତା କାର୍ଯ୍ୟ ତଦାରଖ କଲେ ଜିଲ୍ଲାପାଳ, ଏସ୍‌ଡିପିଓ



ଜୟପୁର,୩।୭(ସମିସ): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆସନ୍ତା ୬ ତାରିଖରେ କୋରାପୁଟ ଜିଲ୍ଲା ସମେତ ଜୟପୁର ଗସ୍ତର କାର୍ଯ୍ୟକ୍ରମ ରହିଛି। ତେଣୁ ଜିଲ୍ଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଜୟପୁର ସହରରେ ନୂତନ ଭାବେ ଆରମ୍ଭ ହୋଇଥିବା କେନ୍ଦ୍ରୀୟ ବିଦ୍ୟାଳୟର ଅସ୍ଥାୟୀ ଭବନକୁ ସେ ଚଗସ୍ତ କରିବା ସହ ଜଗନ୍ନାଥ ସାଗର ଏବଂ ଗ୍ଲୋକାଲ ଛକ ରାସ୍ତାରେ ୮ ଏକର ଜମିରେ ନୂତନ ଭବନ ନିର୍ମାଣ ନେଇ ଭିତ୍ତିପ୍ରସ୍ତର ସ୍ଥାପନ ନେଇ କାର୍ଯ୍ୟକ୍ରମ ରହିଛି। ତେଣୁ ଆଜି ପୁଣି ଜିଲ୍ଲାପାଳ ଭି.କିର୍ତ୍ତିଭାସନ, ଉପଜିଲ୍ଲାପାଳ ଏ.ଶଶ୍ୟା ରେଟ୍ଟି, ଜୟପୁର ଏସଡିପିଓ ପାର୍ଥ କାଶ୍ୟପ ଏବଂ ଅନ୍ୟାନ୍ୟ ଅଧିକାରୀ ଓ ଯନ୍ତ୍ରୀ ମାନେ ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପାଶ୍ୱର୍ରେ ରହିଥିବା କେନ୍ଦ୍ରୀୟ ବିଦ୍ୟାଳୟର ଅସ୍ଥାୟୀ ଭବନ ମରାମତି, ରଙ୍ଗଦିଆ କାର୍ଯ୍ୟ ସମେତ ମୁଖ୍ୟରାସ୍ତାରୁ ବିଦ୍ୟାଳୟ ରାସ୍ତା ପର୍ଯ୍ୟନ୍ତ ଯାତାୟାତ ରାସ୍ତାର ନିର୍ମାଣର ଯାଞ୍ଚ କରିଥିଲେ। ଗାନ୍ଧୀଛକ ଠାରୁ କେନ୍ଦ୍ରୀୟ ବିଦ୍ୟାଳୟ ପର୍ଯ୍ୟନ୍ତ ରାସ୍ତାରେ ଥିବା ଖାଲ ଗୁଡ଼ିକୁ ମାଟି ପକାଇ ବନ୍ଦ କରାଯାଉଛି। ପ୍ରସ୍ତାବିତ କେନ୍ଦ୍ରୀୟ ବିଦ୍ୟାଳୟର ସ୍ଥାୟୀ ଭବନର ଭିତ୍ତିପ୍ରସ୍ତର ସ୍ଥାପନ ଜମିକୁ ଯାତାୟାତ ପାଇଁ ଅସ୍ଥାୟୀ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଆସନ୍ତା ଦୁଇଦିନ ମଧ୍ୟରେ ସମସ୍ତ କାର୍ଯ୍ୟ ସମାପ୍ତ ହେବା ନେଇ ଜିଲ୍ଲାପାଳ ସମସ୍ତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା କାଲି ପୁଣି ଜିଲ୍ଲାପାଳ ସମସ୍ତ କାର୍ଯ୍ୟର ତଦାରଖ କରିବେ ବୋଲି ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ପୂଜା ରାଉତ, ପୌରଯନ୍ତ୍ରୀ ଅଜୟ କୁମାର ଜାନୀ, ଆଟିଡିଓ କନିଷ୍ଠ ଯନ୍ତ୍ରୀ ଚୈତନ୍ୟ ବାସକେ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଆସନ୍ତା ୬ ତାରିଖ ରବିବାର ଦିନ ପୂର୍ବାହ୍ନ ପୂର୍ବହ୍ନ ୧୦ଟାରେ ଜୟପୁର ଠାରେ ପହଞ୍ଚି ପ୍ରସ୍ତାବିତ କେନ୍ଦ୍ରୀୟ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ଏବଂ ଅସ୍ଥାୟୀ କେନ୍ଦ୍ରୀୟ ବିଦ୍ୟାଳୟ ଭବନ ପରିସର ଉଦଘାଟନ କରିବେ। ପୂର୍ବାହ୍ନ ୧୧ଟା ୪୫ ରେ ସ୍ଥାନୀୟ ଦଶହରା ପଡିଆରେ ଆୟୋଜିତ ହେବକୁ ଥିବା ବିଜେପି ଦଳୀୟ କର୍ମକର୍ତ୍ତା ସମାବେଶରେ ଯୋଗ ଦେବେ। ଅପରାହ୍ନ ୨ଟାରେ କୋରାପୁଟକୁ ଫେରିଯିବେ ଏବଂ ସେଠାରେ କୋରାପୁଟ ଜିଲ୍ଲାର ବିଦ୍ୟାଳୟ ଓ ଉଚ୍ଚଶିକ୍ଷା ସମ୍ପର୍କରେ ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ଏବଂ ଲୋକପ୍ରତିନିଧିଙ୍କ ସହ ସମୀକ୍ଷା ବୈଠକରେ ଯୋଗଦେବେ।

# ମାନବିକ ଅଧିକାର କମିଶନଙ୍କ ଉଦ୍ଦେଶ୍ୟରେ ମିଳିତ ପାଷ୍ଟର ଫେଲୋସିପ୍‌ର ଦାବିପତ୍ର ପ୍ରଦାନ




କୋରାପୁଟ,୩।୭(ସମିସ): ରାଜ୍ୟର ବିଭିନ୍ନ ଜିଲ୍ଲା ଗୁଡିକରେ ଘଟିଯାଇଥିବା ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଓ ରାଜ୍ୟର ଖ୍ରୀଷ୍ଟିଆନ ମାନଙ୍କ ସୁରକ୍ଷା ନିମନ୍ତେ ଆଜି ଜାତୀୟ ଖ୍ରୀଷ୍ଟିଆନ ଦିବସ ଅବସରରେ ମାନବିକ ଅଧିକାର କମିଶନଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର କୋରାପୁଟ ଜିଲ୍ଲା ମିଳିତ ପାଷ୍ଟର ଫେଲୋସିପ ପକ୍ଷରୁ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ସଭାପତି ରେଭ୍ ଡାନିଏଲ ଖରା ସମ୍ପାଦକ ରେଭ୍ ସୁନିଲ କ୍ଷତ୍ରୀୟଙ୍କ ନେତୃତ୍ୱରେ ଜିଲ୍ଲାର ବିଭିନ୍ନ ବ୍ଲକ ମୁନ୍ସିପାଲଟରୁ ପ୍ରତିନିଧିଗଣ ଏକତ୍ରିତ ହୋଇ ଜିଲ୍ଲାର ବନ୍ଧୁଗାଁ ବ୍ଲକ ଅଣ୍ଡାମେଡାର ଗ୍ରାମର ଚାରି ନିରୀହ ପରିବାରଙ୍କ ଘର ଭାଙ୍ଗି ଗାଁରୁ ତଡି ଦେବା ଓ ମାଲକାନଗିରି ଜିଲ୍ଲାର ତିରିଶ ଜଣଙ୍କ ଧର୍ମକୁ ଆକ୍ଷେପ କରି ତାଙ୍କୁ ମରଣାନ୍ତକ ଆକ୍ରମଣ କରିବା, ସେହିପରି ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲ୍ଲା ଗୁଡିକରେ ଧର୍ମାନ୍ତରୀକରଣ ନାଁରେ ମିଥ୍ୟାରୋପ କରି ଗୃହରେ ପ୍ରାର୍ଥନା ଓ ଘରେ ବାଇବେଲ୍ ରଖିବା ବିରୋଧ କରୁଛନ୍ତି । ସ୍ଥାନେ, ସ୍ଥାନେ ଆକ୍ରମଣର ମିଥ୍ୟା। କେସ୍ ଶିକାର ହେଉଛନ୍ତି । ଏଣୁ ଏହିସବୁ ବିଷୟରେ ସରକାରଙ୍କ ଠାରେ ସୁରକ୍ଷା ନିମନ୍ତେ ଅନୁରୋଧ କରାଯାଇଛି। ଏଥିରେ କୋରାପୁଟ ଜିଲ୍ଲାର ବିସପ୍ ରାଜେଶ ପାତ୍ର, ଫେଲୋସିପର ଉପଦେଷ୍ଟା ରେଭ୍ ଆଇ.ଡି ସୁନା, ପାଳକ ସୁନିଲ ଖିଲ, ପାଳକ ସନ୍ଟୟ କୁମାର ଡ଼ଙ୍ଗିରି, ପାଳକ ଜଗତ ହିଆଲ, ପାଳକ୍ ବିପୁଳ ଟାକ୍ରି, ନିରଞ୍ଜନ ବାଘ,ଅଜିତ ଟାକ୍ରି , ଏ ଗିଦ୍ଦିୟୋନ ଓ ଆଶିଷ ବାବୁ ପ୍ରମୁଖ ଉପସ୍ଥିତ ରହିଥିଲେ।

# ରାୟଗଡା ଜିଲ୍ଲାରୁ ଆରମ୍ଭ ହେବ 'ଏ ଆଇ' ଚିକିତ୍ସା ସେବା




ରାୟଗଡା,୩।୭(ସମିସ): ରାଜ୍ୟରେ ପ୍ରଥମ ଥର ପାଇଁ କୃତ୍ରିମ ବୁଦ୍ଧିମତା (ଆର୍ଟିଫିସିଆଲ ଇଣ୍ଟିଲେଜେନସି) ଏ.ଆଇ ମାଧମରେ ପ୍ରସୂତି ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ନେଇ ରାଜ୍ୟ ସରକାର ଘୋଷଣା କରିଛନ୍ତି। ଏହି ସେବା ରାୟଗଡା ଭଳି ଦୁର୍ଗମ ଅଞ୍ଚଳରୁ ପ୍ରଥମେ ଆରମ୍ଭ ହେବ। ଏହା ଦ୍ୱାରା ଦୁର୍ଗମ ଅଞ୍ଚଳର ପ୍ରସୂତି ମା ମାନେ ଲାଭାନ୍ୱିତ ହୋଇପାରିବେ। ଗର୍ଭଧାରଣ ଠାରୁ ଆରମ୍ଭ କରି ପ୍ରସବ ପର୍ଯ୍ୟନ୍ତ ସବୁ ପ୍ରକ୍ରିୟା ଅନୁଧ୍ୟାନ କରିବା ଲାଗି ଆଇଟି ଜ୍ଞାନ କୌଶଳ ଆଧାରିତ କିଟର ବ୍ୟବହାର କରାଯିବ। ଯାହା ଫଳରେ ପ୍ରସୂତିର ମୃତ୍ୟ ଓ ଶିଶୁ ମୃତ୍ୟ ହାରକୁ ବହୁଳ ମାତ୍ରାରେ ରୋକାଇଯାଇ ପାରିବ ବୋଲି ଜଣାପଡ଼ିଛି। ରାୟଗଡା ଭଳି ଏକ ପଛୁଆ ଜିଲ୍ଲାରେ ଗତ କିଛି ବର୍ଷ ଧରି ଶିଶୁ ଓ ମାତୃ ମୃତ୍ୟୁ ହାର ଜାତୀୟ ପରିସଂଖ୍ୟାନ ଠାରୁ ଅଧିକା ରହୁଛି । ଏହା ରାଜ୍ୟ ଠାରୁ ଆରମ୍ଭ କରି ଜାତୀୟ ସ୍ତରରେ ସ୍ୱାସ୍ଥ୍ୟ ଅଧିକାରୀଙ୍କ ଚିନ୍ତାର ବିଷୟ ପାଲଟିଛି। ଶିଶୁ ମୃତ୍ୟୁହାର ଓ ମାତୃ ମୃତ୍ୟୁ ହାର କମ କରିବା ପାଇଁ ତୃଣ ମୂଳ ସ୍ତରରେ ଥିବା ସ୍ୱାସ୍ଥ୍ୟ ବିଭାଗୀୟ କର୍ମୀ ମାନଙ୍କ ଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀ ମାନେ ଏବେ ତତ୍ପର ହୋଇ ଉଠିଛନ୍ତି। ଡିଜିଟାଲ ଡାଇଗ୍ନୋସିସ ଡିଭାଇସ ଫର୍ ପ୍ରେଗନେନ୍ସି ମନିଟରିଂ ନାମକ କିଟ୍ ବ୍ୟବହାର କରାଯିବ। ଏଥିପୂର୍ବରୁ ଏହି କିଟ୍‌ର ସଫଳ ପରୀକ୍ଷଣ କରାଯାଇଛି। ପ୍ରାଥମିକ ସ୍ତରରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ୨୦୦ ଡିଜିଟାଲ ଡାଇଗ୍ନୋସିସ ଡିଭାଇସ ଫର୍ ପ୍ରେଗନେନ୍ସି ମନିଟରିଂ କିଟ ଆଣିବା ନେଇ କମ୍ପାନୀକୁ ଅନୁମୋଦନ କରାଯାଇଛି। ଭ୍ରୁଣ ଅବସ୍ଥାରୁ ଆରମ୍ଭ କରି ପ୍ରସବ ପର୍ଯ୍ୟନ୍ତ ଗର୍ଭସ୍ଥ ଶିଶୁର ଶାରୀରିକ ଓ ମାନସିକ ବିକାଶକୁ କିଟ ସହାୟତାରେ ଅନୁଧ୍ୟାନ କରାଯିବ। ଗର୍ଭସ୍ଥ ଶିଶୁର କିଛି ସ୍ୱାସ୍ଥ୍ୟଗତ ସମସ୍ୟା ଥିଲେ ଏହା ତୁରନ୍ତ ଜଣାପଡିବା ସହିତ ସମୟ ଥାଉ ଥାଉ ଏହାର ଚିକିତ୍ସା କରାଯାଇ ପାରିବ। ସମସ୍ତ ଆଶାକର୍ମୀ ମାନଙ୍କୁ ସ୍ମାର୍ଟ ଫୋନ ପ୍ରଦାନ କରାଯାଇ ଏହି ଏ.ଆଇ ର ବ୍ୟବହାର ନେଇ ପ୍ରଶିକ୍ଷଣ ଦିଆଯିବ ବୋଲି ରାୟଗଡା ଜିଲ୍ଲା ମୂଖ୍ୟ ଚିକିତ୍ସାଳୟର ସ୍ତ୍ରୀ ଓ ପ୍ରସୂତି ବିଭାଗ ମୂଖ୍ୟ ଡଃ ପ୍ରଫୁଲ ଚନ୍ଦ୍ର ପାଢୀ ପ୍ରକାଶ କରିଛନ୍ତି। ଏ.ଆଇ ମାଧମରେ ପ୍ରସୂତି ମହିଳାଙ୍କ ସ୍ୱାସ୍ଥ୍ୟ ସଫଳ ପରୀକ୍ଷଣ କରାଯାଇ ତୁରନ୍ତ ସେମାନଙ୍କୁ ପ୍ରାଥମିକ ସ୍ଥରରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚିକିତ୍ସା କରି ମା ଓ ଶିଶୁର ଜୀବନ ବଞ୍ଚାଇ ପାରିବ ବୋଲି ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ(ମେଡିକାଲ) ଡାକ୍ତର ପ୍ରଶାନ୍ତ କୁମାର ମିଶ୍ର ଗଣମାଧ୍ୟମକୁ ଜଣାଇଛନ୍ତି।



● ଦଳିତଙ୍କ ଉପରେ ଅମାନୁଷିକ ଅତ୍ୟାଚାର

# ଦଳିତ ସମାଜର ଶୋଭାଯାତ୍ରା, ଦାବିପତ୍ର ପ୍ରଦାନ




ବନ୍ଧୁଗାଁ, ୩।୭ (ସମିସ):

କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ ଦଳିତ ସମାଜ ପକ୍ଷରୁ ଗଞ୍ଜାମ ଜିଲ୍ଲା ଧରାକୋଟ ଥାନା ଅଧୀନରେ ଦଳିତ ମାନଙ୍କ ଉପରେ ହୋଇଥିବା ଅମାନୁଷିକ ଅତ୍ୟାଚାର ଓ ଆକ୍ରମଣ ଘଟଣାକୁ ପ୍ରତିବାଦ କରି ସାନସରପଲ୍ଲୀ ଛକରୁ ପୁଲିସ ଥାନା ପର୍ଯ୍ୟନ୍ତ ଶାନ୍ତି ଶୋଭାଯାତ୍ରା କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଥାନା ଆଇଆଇସିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସାମ୍ପ୍ରଦାୟିକ ଦିଗ ଓ ଜାତିବାଦୀ ଉଦ୍ଦେଶ୍ୟ ନେଇ କିଛି ଗୋଷ୍ଠୀ ପାରମ୍ପାରିକ ଭାବରେ ଗାଇ ଗୋରୁ ପାଳନ ଓ ବିକ୍ରି କରୁଥିବା ଦଳିତ ମାନଙ୍କ ଉପରେ ଆକ୍ରମଣ ଘଟଣା ବୃଦ୍ଧି ପାଇବାରେ ଲାଗିଛି। ଗୋ ରକ୍ଷା ନାମରେ ଚାନ୍ଦା ଆଦାୟ ଗୋଷ୍ଠୀର କିଛି ଲୋକ ରାଜନୈତିକ ଲୋକଙ୍କୁ ହାତ କରି ଅପରାଧ କରିବାକୁ ସାହସ ପାଉଛନ୍ତି। ଦଳିତଙ୍କ ଉପରେ ଅତ୍ୟାଚାର ବନ୍ଦ କରିବା, ମର୍ଯ୍ୟାଦାରେ ବଞ୍ଚାଇବାକୁ ଦେବା ପାଇଁ ଦଳିତ ସମାଜ ସରକାରଙ୍କୁ ଦାବି କରାଯାଇଛି। ଦଳିତଙ୍କ ଉପରେ ଗୋ ରକ୍ଷାକାରୀ ଯେଉଁ ପ୍ରକାର ବର୍ବରତା ଆକ୍ରମଣ କରିଛନ୍ତି, ସେମାନଙ୍କୁ ଆଇନ ଅନୁଯାୟୀ ଦଣ୍ଡିତ କରିବା, ସଂଖ୍ୟାଲଘୁ ଦଳିତ ମାନଙ୍କୁ ସୁରକ୍ଷା ପ୍ରଦାନ କରିବା ପ୍ରତିବାଦରେ ଶତାଧିକ ଦଳିତ ସମାଜ ବ୍ୟକ୍ତି ଶାନ୍ତି ଶୋଭାଯାତ୍ରା କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଥାନା ଏସ ଆଇ ବିଜୟ ମୁର୍ମୁଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି। ଏହି ଶାନ୍ତି ଶୋଭାଯାତ୍ରାରେ ଦଳିତ ସମାଜର ବାଲା ନାଗ, ଅଶୋକ କାଲପା, ଉତ୍ତମ ନାୟକ, ଯୋଗେଶ ମହାନନ୍ଦିଆ , ସରପଞ୍ଚ ଲକ୍ଷ୍ମୀ କାଡ୍ରାକା, ସରପଞ୍ଚ ସୁନ୍ଦୁରୁ ପିଡିକା, ନିରଞ୍ଜନ ଗରଡ଼ା, ମୁକୁନ୍ଦ ବେବରା, ମଧୁ ଗାଣ୍ଡା, ବିଜୟ ବେହେରା ଭାସ୍କର ବିଡିକା, ରଞ୍ଜିତ କାଲପା, ଶଙ୍କର ଦେବାରପଲ୍ଲୀ, ଗୋଜେନ୍ଦ୍ର ଖୋସଲା, ଭକ୍ତ ଦେବରପଲ୍ଲୀ, ମିନା ବେବରା, ସଞ୍ଜୀବ କୁମାର ବାଙ୍ଗାରି, କାଣ୍ଡୁ ପିଡିକା, କାଲପା କୁଶ, କୁର୍ମା ଦେବରପଲ୍ଲୀଙ୍କ ସମେତ ବହୁ ଲୋକ ଉପସ୍ଥିତ ଥିଲେ।

ଅଜଣା ରୋଗରେ ପଞ୍ଚମ ଶ୍ରେଣୀ ଛାତ୍ର ମୃତ

# ପରିବାରର ୫ ଜ୍ୱରରେ ଆକ୍ରାନ୍ତ



ବନ୍ଧୁଗାଁ,୩।୭ (ସମିସ): କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ୍ କାପୁଲୋଡା ପଞ୍ଚାୟତ ଟିକରପଡା ଗାଁରେ ପଞ୍ଚମ ଶ୍ରେଣୀର ଜଣେ ଛାତ୍ରଙ୍କ ଅଜଣା ରୋଗରେ ମୃତ୍ୟୁ ହୋଇଯାଇଛି। ଏହି ଘଟଣା ପରେ ତାଙ୍କ ପରିବାରର ୫ ଜଣ ସଦସ୍ୟ ଜ୍ୱରରେ ପୀଡ଼ିତ ଥିବାରୁ ଏହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି ପରିବାର ଲୋକେ। ସୂଚନା ଅନୁଯାୟୀ. ଗତ ସୋମବାର ଦିନ ମୃତ ଶିଶୁ ଈଶ୍ୱର ମେଲେକାଙ୍କୁ ଜ୍ୱର ହୋଇଥିଲା। ତାଙ୍କୁ ଚିକିତ୍ସା ପାଇଁ ଆଲମଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। କିନ୍ତୁ ସ୍ୱାସ୍ଥ୍ୟ କେନ୍ଦ୍ର ବନ୍ଦ ଥିବାରୁ ପାର୍ବତୀପୁର ମେଡିକାଲକୁ ଚିକିତ୍ସା ପାଇଁ ନିଆଯାଇଥିଲା। ସେଠାରେ ଡାକ୍ତର ଚିକିତ୍ସା ପାଇଁ ପିଲାର ରକ୍ତ ପରୀକ୍ଷା କରାଯିବା ଅବସ୍ଥାରେ ସେ ଅଚେତ ହୋଇ ଯାଇଥିଲେ। ପିଲାର ଚିକିତ୍ସା ହେବ ନାହିଁ କହି ଡାକ୍ତର ତାଙ୍କୁ ଘରକୁ ନେଇ ଯିବା ପାଇଁ ଜଣାଇ ଥିଲେ। ପିଲା ଘରକୁ ଆସି ପହଞ୍ଚିବା ପରେ ମଙ୍ଗଳବାର ଦିନ ରାତିରେ ମୃତ୍ୟୁ ହୋଇଥିଲା। ପରିବାରର ସମସ୍ତେ ଭୀଷଣ ଜ୍ୱରରେ ଆକ୍ରାନ୍ତ ହୋଇ ବିଞ୍ଚଣାରେ ରହିଥିଲେ। ଗାଁ ଲୋକଙ୍କ ଦ୍ୱାରା ଜିଲ୍ଲା ସିଡିଏମଓ ଙ୍କୁ ଫୋନ ଜରିଆରେ ଅଜଣା ରୋଗରେ ଆକ୍ରାନ୍ତ ହୋଇଥିବା ଅବଗତ କରିଥିଲେ। ସିଡିଏମ୍‌ଓଙ୍କ ନିର୍ଦ୍ଦେଶ ପରେ ମଙ୍ଗଳବାର ରାତ୍ରି ୧ଟା ସମୟରେ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରୁ ଡ଼ା ପରିବେଶଙ୍କ ଟିମ ପହଞ୍ଚି ଜ୍ୱରରେ ପୀଡ଼ିତ ଥିବା ଯମୁନା ମେଲେକା (୬) ଓ ଶିବୁ ମେଲେକା (୪) ଙ୍କୁ ଚିକିତ୍ସା ପାଇଁ କୋରାପୁଟ ଜିଲ୍ଲା ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ପଠାଇ ଥିଲେ। ମୃତ ଶିଶୁର ପିତା ମୁତେଲା ମେଲେକା , ମାଆ କାମସେଲି ମେଲେକା ଓ ଛୋଟ ଝିଅ ଏମୁନା ମେଲେକା (୧)ଙ୍କୁ ବନ୍ଧୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଉଛି। ସୁଚନା ଅନୁଯାୟୀ, ବନ୍ଧୁଗାଁ ବ୍ଲକରେ ଥିବା ସମସ୍ତ ଗାଁରେ ଏକ ମାସ ହେଲା ଘରେ ଘରେ ଜ୍ୱର ରୋଗୀ ଥିବାବେଳେ ଆଶ୍ରମ ସ୍କୁଲ ଗୁଡିକରେ ଥିବା ପିଲାଙ୍କୁ ମଧ୍ୟ ଜ୍ୱର ହୋଇଥିବା ଦେଖିବାକୁ ମିଳିଛି। ମେଡିକାଲ ଓ ଆଶା ଦିଦିଙ୍କ ପାଖକୁ ଗଲେ ମେଲେରିଆ ପୀଡ଼ିତ ଲୋକଙ୍କୁ କେବଳ ବଟିକା ଖାଇବାକୁ ଦେଇ ପଠାଇ ଦେଉଛନ୍ତି। ରୋଗୀ ବଟିକା ଖାଇବା ପରେ ଚିକିତ୍ସିତ ନ ହେଲେ ବନ୍ଧୁଗାଁ ବ୍ଲକ ପ୍ରତି ପଞ୍ଚାୟତରେ ଥିବା କ୍ୱାକ୍ ମାନଙ୍କ ପାଖରେ ଟଙ୍କା ଦେଇ ଇଞ୍ଜେକସନ ଓ ସାଲାଇନ୍ ନେଇ କିଛି ଦିନ ପାଇଁ ସୁସ୍ଥ ହେଉଛନ୍ତି। ପରେ ପୁନର୍ବାର ଜ୍ୱର ହେଲେ ବ୍ରେନ୍ ମେଲେରିଆ ଓ ଅନ୍ୟାନ୍ୟ ଜ୍ୱରରେ ପୀଡ଼ିତ ହୋଇ ପ୍ରାଣ ହରାଉଥିବା ଦେଖିବାକୁ ମିଳୁଛି।

## ଟିପ୍ପର ଚାପାରେ ଜଣେ ମୃତ ;ରାସ୍ତାରୋକ

ଡାବୁଗାଁ, ୩।୭ (ସମିସ): ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମା ସ୍ଥିତ ଡାବୁଗାଁ -ବୋରିଗାଁ ପୂର୍ତ୍ତ ବିଭାଗ ରାସ୍ତା ଉପରେ ବସ୍‌ଷ୍ଟାଣ୍ଡ ନିକଟରେ ଏକ ଟିପ୍ପର ଚକା ତଳେ ଚାପି ହୋଇ ଗୁରୁବାର ପୂର୍ବାହ୍ନ ୧୧ଟା ସମୟରେ ଜଣଙ୍କର ମୃତ୍ୟୁ ଘଟିଛି। ସୂଚନା ଅନୁଯାୟ. ଡାବୁଗାଁ ଗ୍ରାମର ରାଜୁ ଯାଦବ (୫୬) ଡାବୁଗାଁ - ବୋରିଗାଁ ରାସ୍ତା କଡରେ ଏକ ଜଳଖିଆ ଦୋକାନ କରି ଚଳି ଆସୁଥିଲେ। ଗୁରୁବାର ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ସେ କୌଣସି କାମରେ ନିଜ ହୋଟେଲରୁ ବାହାରକୁ ଯାଉଥିବା ବେଳେ ଏକ ଟିପର ନଂ ଓଡି ୨୬ଜି ୩୬୩୦ ତାଙ୍କୁ ଧକ୍କା ଦେଇଥିଲା। ଟିପ୍ପର ଚକା ତଳେ ଚାପି ହୋଇ ସେ ପ୍ରାଣ ହରାଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଟିପ୍ପର ଚକା ତଳେ ଚାପି ହେବା ପରେ ଡ୍ରାଇଭର ଗାଡି ନ ଅଟକାଇ ସେଠାରୁ ଗାଡି ନେଇ ଫେରାର ହୋଇଯାଇଥିଲେ। ପରେ ଟ୍ରିପ୍ପର ଡ୍ରାଇଭର ମାଝିଗୁଡ଼ା ଛକ ନିକଟରେ ଗାଡି ରଖି କୁଆଡେ ଫେରାର ହୋଇଯାଇଛି। ଖବରପାଇ ଡାବୁଗାଁ ଥାନା ଆଇଆଇସି ଗୋପାଳକୃଷ୍ଣ ଆଗୁପତ୍ର, ସବ୍ ଇନ୍ସପେକ୍ଟର ଚନ୍ଦନ ସାହୁ ଘଟଣାସ୍ଥଳରେ ପହଞ୍ଚି ଥିଲେ। ଡାବୁଗାଁ ପୁଲିସ ଉକ୍ତ ଗାଡିକୁ ମାଝିଗୁଡା ନିକଟରୁ ଜବତ କରି ଥାନାରେ ରଖିଛି । ପରେ ପରିବାର ଲୋକେ କ୍ଷତିପୂରଣ ଦାବି କରି ଡାବୁଗାଁ ବୋରିଗାଁ ରାସ୍ତା ଅବରୋଧ କରିଥିଲେ। ପରେ ଆଲୋଚନା କରାଯାଇ ଗାଡ଼ିମାଲିକ ୨ଲକ୍ଷ ୫୦ ହଜାର କ୍ଷତିପୂରଣ ଦେବାକୁ ପ୍ରତିଶୃତି ଦେବାପରେ ଅପରାହ୍ନ ୩ଟା ସମୟରେ ରାସ୍ତାରୋକ୍ ହଟିଥିଲା। ରାସ୍ତାରୁ ଶବ ଉଠାଯାଇ ବ୍ୟବଚ୍ଛେଦ ପାଇଁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠା ଯାଇଛି। ଏନେଇ ମୃତକର ପୁଅ ଟିଙ୍କୁ ଯାଦବ ଡାବୁଗାଁ ଥାନାରେ ଏତଲା ଦେଇଛନ୍ତି। ଏତଲାକୁ ଭିତ୍ତି କରି ଥାନା ଏଏସଆଇ ଗୋପାଳକୃଷ୍ଣ ହାଲଓ୍ୱା ଡାକ୍ତରଖାନାରେ ପହଞ୍ଚି କରି ଶବ ଜବତ କରି ପଞ୍ଚନାମା କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଶବ ବ୍ୟବଚ୍ଛେଦ କରାଯାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଥାନା କେସ ନଂ ୧୪୫/୨୫ରେ ଏକ ମାମଲା ରୁଜୁ କରାଯାଇଛି।

■ ରେଳଲାଇନରେ ମାଟି ଅତଡ଼ା ଖସିବା ଘଟଣା

# ଦିନକରେ ରେଳବାଇର ୫୦ କୋଟି କ୍ଷତି



କୋରାପୁଟ,୩।୭ (ସମିସ): ଗତ କିଛି ଦିନ ହେଲା କୋରାପୁଟ ଜିଲ୍ଲାରେ ଲଗାଣ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ମାଟି ଅତଡ଼ା ଖସି ବୁଧବାର ଅପରାହ୍ନ ଠାରୁ କୋରାପୁଟ ଜୟପୁର ମଧ୍ୟରେ ରେଳ ଚଳାଚଳ ବନ୍ଦ ରହିଛି। କିରୋଣ୍ଡୁଲ କୋତାବାଲସା (କେକେ) ରେଳ ଲାଇନରେ ଦୈନିକ ୧୦-୧୨ ଟି ଯାତ୍ରୀବାହୀ ଟ୍ରେନ ସହ ପ୍ରାୟ ୨୫ ଟି ମାଲବାହୀ ଟ୍ରେନ ଚଳାଚଳ କରିଥାଏ। ମୁଖ୍ୟତଃ ଏହି ରୁଟ୍‌ରେ ଛତିଶଗଡର ବୈଲାଡିଲା ଠାରୁ ଲୁହା ପଥର ଓ କୋଇଲା ବିଶାଖାପାଟଣାକୁ ଟ୍ରେନ୍ ଯୋଗେ ପରିବହନ କରା ଯାଇଥାଏ। ଟ୍ରେନ ଚଳାଚଳ ବନ୍ଦ ରହିଥିବା କାରଣରୁ ରେଳବାଇ ବିଭାଗର ଗୋଟିଏ ଦିନରେ ପ୍ରାୟ ୫୦ କୋଟି ଟଙ୍କାର କ୍ଷତି ହୋଇଥିବା ଜଣାପଡ଼ିଛି। ତେଣୁ ରେଳ ବିଭାଗ ପକ୍ଷରୁ ଏହାର ପୁନରୁଦ୍ଧାର କାର୍ଯ୍ୟ ଯୁଦ୍ଧ କାଳୀନ ଭିତିରେ ଚାଲିଛି। ବିଶାଖାପାଟଣା ଡି ଆର୍ ଏମ ଲଳିତ ଭୋରା, ସହକାରୀ ଡି ଆର୍ ଏମ ମନୋଜ କୁମାର ସାହୁ, ରାୟଗଡ଼ା ଡି ଆର୍ ଏମ ଅମିତାଭ ସିଂହଲ ପ୍ରମୁଖ ଘଟଣା ସ୍ଥଳରେ ଉପସ୍ଥିତ ରହି ଉଦ୍ଧାର କାର୍ଯ୍ୟ ତଦାରଖ କରୁଥିବାବେଳେ ଉଚ୍ଚ କ୍ଷମତା ସମ୍ପନ୍ନ ୧୩ ଗୋଟି ଏସ୍କାଭେଟର ମେସିନ ସହ ତିନିଶହ ଶ୍ରମିକ ନିୟୋଜିତ ହୋଇଛନ୍ତି। ଗୁରୁବାର ରାତି ସୁଦ୍ଧା କୋରାପୁଟ ଜୟପୁର ମଧ୍ୟରେ ରେଳ ଚଳାଚଳ ସ୍ୱାଭାବିକ ହେଇପାରେ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି। ମାଟି ଅତଡ଼ା ଖସିବା ଯୋଗୁଁ ବୁଧବାର ଜଗଦଲପୁର ଠାରୁ ଛାଡ଼ିବାକୁ ଥିବା ହୀରାଖଣ୍ଡ ଏକ୍ସପ୍ରେସ, ରାଉରକେଲା ଇଣ୍ଟରସିଟି ଏକ୍ସପ୍ରେସ ଏବଂ ବିଶାଖାପାଟଣା ନାଇଟ୍ ଏକ୍ସପ୍ରେସ ଟ୍ରେନ ଗତକାଲି ବାତିଲ୍ କରା ଯାଇଥିବା ବେଳେ ୧୨ଟି ଟ୍ରେନର ଚଳାଚଳ ଷ୍ଟେସନ ପରିବର୍ତ୍ତନ କରାଯାଇଥିଲା। ସେହିପରି ବାହୁଡା ଯାତ୍ରା ନିମନ୍ତେ ଚାଲିବାକୁ ଥିବା ଜଗଦଲପୁର-ପୁରୀ ସ୍ୱତନ୍ତ୍ର ଟ୍ରେନ୍ ମଧ୍ୟ ବାତିଲ ହୋଇଥିବା ବିଭାଗୀୟ ସୂଚନା ମିଳିଛି।

## ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି ଉଦ୍ଧାର କାର୍ଯ୍ୟ

## ଲଗାଣ ବର୍ଷାରେ ୪ ଘର ଭୁଶୁଡିଲା



ସେମିଳିଗୁଡା, ୩।୭ (ସମିସ): କୋରାପୁଟ ଜିଲ୍ଲା ସେମିଲିଗୁଡା ବ୍ଲକ ରାଜପୁଟ ଗ୍ରାମପଞ୍ଚାୟତରେ ଲଘୁଚାପ ଲଗାଣ ବର୍ଷା ଯୋଗୁଁ ତିନି ପରିବାରଙ୍କ ଘର ଭୁଶୁଡ଼ି ପଡିଛି। ମୁଖ୍ୱି ବିଧାଇ ଗ୍ରାମର କୃଷ୍ଣ ମାଝୀ, ପୋଡାଗଡ଼ ଗ୍ରାମ ଗ୍ରାମର ଜେମା ହନ୍ତାଲଙ୍କ ଘର ଭୁଶୁଡ଼ି ପଡିଥିବା ବେଳେ ପୂଜାରୀପୁଟ ଗ୍ରାମର ବଳରାମ ପୂଜାରୀଙ୍କ ଘର ଉପରେ କରଞ୍ଜ ଗଛ ପଡ଼ି ଘର ନଷ୍ଟ ହୋଇଯାଇଛି। ଏଥିରେ ରାଜପୁଟ ପଞ୍ଚାୟତର ସରପଞ୍ଚ ପୀତାମ୍ବର କିର୍ସାନୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ରାଜସ୍ୱ ବିଭାଗ ଅଧିକାରୀଙ୍କୁ ଅବଗତ କରାଇଛନ୍ତି। ମଙ୍ଗଳବାର ବିଳମ୍ବିତ ରାତି ୩ ଘଟିକା ସମୟରେ ଗଛ ପଡି ଘର ଆଜବେଷ୍ଟସ ସବୁ ଭାଙ୍ଗିଯିବା ସହ ଭିତରେ ରଖୁଥିବା ଧାନ, ମଣ୍ଡିଆ, ଚାଉଳ ଓ ଘର ସାମଗ୍ରୀ ବର୍ଷାରେ ଭିଜି ନଷ୍ଟ ହୋଇଯାଇଛି। ସରପଞ୍ଚ ପୀତାମ୍ବର କିର୍ସାନୀ ପହଞ୍ଚି ପରିବାରବର୍ଗଙ୍କୁ ପଲିଥିନ ବଣ୍ଟନ କରିଛନ୍ତି। ଏହି ତିନି ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ସରକାରଙ୍କ ପକ୍ଷରୁ ସହାୟତା ପ୍ରଦାନ କରିବା ପାଇଁ ସାଧାରଣରେ ଦାବି ହୋଇଛି। ସେହିପରି ମାଲି ପୁଙ୍ଗରରେ ଗୋଟିଏ ଘର ନଷ୍ଟ ହେଇଥିବା ସୂଚନା ମିଳିଛି।

## ଲଗାଣ ବର୍ଷା; ଖୋଲିଲା ମାଛକୁଣ୍ଡ ଡ୍ୟାମର ୨ ଗେଟ୍



କୋରାପୁଟ/ଲମତାପୁଟ,୩।୭ (ସମିସ): ଲଗାଣ ବର୍ଷାରେ ମାଛକୁଣ୍ଡ ଜଳଭଣ୍ଡାରର ଜଳପତନ ବୃଦ୍ଧି ପାଇବାରୁ ଜଳବିଦ୍ୟୁତ ପ୍ରକଳ୍ପ କର୍ତ୍ତୃପକ୍ଷ ଡି. ଡ୍ୟାମର ଦୁଇଟି ଗେଟ୍ ଖୋଲିବାକୁ ବାଧ୍ୟ ହୋଇଛନ୍ତି। ବୁଧବାର ଅପରାହ୍ନରେ ୭ ନମ୍ବର ଓ ରାତିରେ ୬ ନମ୍ବରଗେଟ ଖୋଲି ବନ୍ୟା ଜଳ ନିଷ୍କାସନ କରାଯାଉଛି। ଡ୍ୟାମର ଜଳଧାରଣ କ୍ଷମତା ୨୫୯୦ ଫୁଟ ରହିଥିବା ବେଳେ ଡ୍ୟାମରେ ବର୍ତ୍ତମାନ ଜଳସ୍ତର ୨୫୮୬ ଫୁଟକୁ ଛୁଇଁଛି। ବର୍ତ୍ତମାନ ଦୁଇଟି ଗେଟ ଦେଇ ହଜାରେ କିୟୁସେକ୍ ପାଣି ନିଷ୍କାସିତ କରାଯାଉଛି।

## କୃଷ୍ଣପ୍ରିୟା ପାତ୍ରଙ୍କ ବିୟୋଗ



ବୈପାରୀଗୁଡ଼ା, ୩।୭ (ସମିସ): ବୈପାରୀଗୁଡା ବ୍ଲକ ସଦର ମହକୁମା ସ୍ଥିତ ଶ୍ରୀରାମ ମନ୍ଦିର ସାହିର ପୂର୍ବତନ ସରପଞ୍ଚ ତ୍ରିନାଥ ପାତ୍ରଙ୍କ ପତ୍ନୀ କୃଷ୍ଣପ୍ରିୟା ପାତ୍ର( ୭୪)ଙ୍କ ଗୁରୁବାର ସକାଳେ ନିଜ ବାସ ଭବନରେ ପରଲୋକ ଘଟିଛି। ମୃତ କୃଷ୍ଣପ୍ରିୟା ପ୍ରାୟ ସାତ ଆଠ ବର୍ଷ ହେବ ଅସୁସ୍ଥ ଅବସ୍ଥାରେ ଥିଲେ। ସେ ଜଣେ ପରୋପକାରୀ ଓ ଧର୍ମ ପରାୟଣ ମହିଳା ଭାବେ ଅଞ୍ଚଳରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ମୃତ୍ୟୁ ବେଳକୁ ସ୍ୱାମୀ ତ୍ରିନାଥ ପାତ୍ର, ପୁଅ ପ୍ରସାଦ ପାତ୍ରଙ୍କ ସମେତ ବନ୍ଧୁ ବର୍ଗ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଆସି ତାଙ୍କର ଶେଷ ଦର୍ଶନ କରିଥିଲେ।

## ମଞ୍ଚସ୍ଥ ହେଲା ନବରଙ୍ଗପୁରର ନାଟକ 'ଅନ୍ଧାର'



ନବରଙ୍ଗପୁର,୩।୭ (ସମିସ): ଓଡ଼ିଶା ଭାଷା ସାହିତ୍ୟ ଓ ସଂସ୍କୃତି ପରିଷଦ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଏବଂ ଓଡ଼ିଶା ନାଟ୍ୟ ସଙ୍ଘର ମିଳିତ ଆନୁକୁଲ୍ୟରେ ଭୁବନେଶ୍ୱର ସ୍ଥିତ ଭଞ୍ଜ କଳା ମଣ୍ଡପ ଠାରେ 'ନାଟ୍ୟ ଧାରା'ର ଦ୍ୱିତୀୟ ସନ୍ଧ୍ୟାରେ ମଞ୍ଚସ୍ଥ ହୋଇ ଯାଇଛି ନବରଙ୍ଗପୁର ତ୍ରୀଧାରା ନାଟ୍ୟ ସଙ୍ଘ ପ୍ରାୟୋଜିତ ନାଟକ "ଅନ୍ଧାର'। ପ୍ରକାଶ ଥାଉକି ପ୍ରତିମାସ ୧ ତାରିଖ ଠାରୁ ୩ ତାରିଖ ଯାଏଁ ନାଟ୍ୟ ଧାରା ଅନୁଯାୟୀ ଭଞ୍ଜ କଳା ମଣ୍ଡପରେ ଓଡ଼ିଶାର ବିଭିନ୍ନ ଜିଲ୍ଲାର ପଞ୍ଜିକୃତ ସଂସ୍ଥା ମାନଙ୍କୁ ଏଠାରେ ନାଟ୍ୟ ପ୍ରଦର୍ଶନ କରିବା ପାଇଁ ମନୋନୀତ କରାଯାଇଥାଏ। ଏହି ପରିପ୍ରେକ୍ଷୀରେ ନବରଙ୍ଗପୁର ଜିଲ୍ଲା ତ୍ରିଧାରା ନାଟ୍ୟ ସଙ୍ଘର ନାଟକ ଅନ୍ଧାର ମଞ୍ଚସ୍ଥ ହେବା ପାଇଁ ମନୋନୀତ ହୋଇଥିଲା। ସଙ୍ଘର କଳାକାର ଦେବୀ ତ୍ରିପାଠୀ, ରଘୁନାଥ ରଥ, ଶିବ ଶଙ୍କର ତ୍ରିପାଠୀ, ପ୍ରକାଶିନୀ ଚୌଧୁରୀ, ବିଭୁଦତ୍ତ ସେଠୀ, ରିତେଶ ପୁଜାରୀ, ଅଶୋକ ପଣ୍ଡା, ପବିତ୍ର ଦତ୍ତ, ନିତ୍ୟପ୍ରକାଶ ନୀଙ୍ଗି ଓ ବିଜୟ ବାରିକ ବିଭିନ୍ନ ଭୂମିକାରେ ଚମତ୍କାର ଅଭିନୟ କରିଥିଲେ। ଯାହା ଆମକୁ ଆଲୋକ ଭଳି ଦେଖା ଯାଏ ତା ଭିତରେ ଲୁଚି ରହିଥାଏ ଅନ୍ଧାର। ଏହି ଆଲୋକ ଓ ଅନ୍ଧାରର ଖେଳ ଭିତରେ ମଣିଷ ଜୀବନ ଗତି କରେ। କାହାଣୀଟି ଆଜିକାଲିର ଲାଞ୍ଚ ମିଛ ଦୁନିଆଁକୁ ନେଇ ଗତିଶୀଳ ହୋଇଥିଲା। ଏହାକୁ ଆଧାର କରି ଏହି ନାଟକର ଲେଖା ରହିଥିଲା। ଏହି ନାଟକଟିକୁ ବିଶିଷ୍ଟ ନାଟ୍ୟକାର ଜଗନ୍ନାଥ ବେହେରା ରଚନା ଓ ନିର୍ଦ୍ଦେଶନା ଦେଇଥିଲେ। ରୀନାରାଣୀ ବେହେରା ଓ ବିଶ୍ୱ ଭୂଷଣ ମହାନ୍ତି ସହଯୋଗ କରିଥିବା ବେଳେ ଏହାକୁ ଓଡିଶା ନାଟ୍ୟ ସଙ୍ଘର ସଦସ୍ୟ ମାନେ ମଞ୍ଚ ପରିଚାଳନା କରିଥିଲେ।

● ନନ୍ଦପୁର ରଥଯାତ୍ରା ବିଭ୍ରାଟ ଘଟଣା

## ପ୍ରଶାସନ ଓ ଦେବୋତ୍ତର କମିଟିର ତତ୍ପରତା

ନନ୍ଦପୁର,୩।୭ (ସମିସ): କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ୍‌ରେ ନନ୍ଦପୁରର ମହାପ୍ରଭୁଙ୍କ ଘୋଷଯାତ୍ରାରେ ଦେଖା ଦେଇଥିବା ବିଭ୍ରାନ୍ତି ପରେ ବାହୁଡ଼ା ରଥ ଯାତ୍ରା ନେଇ ପ୍ରଶାସନ ଓ ଦେବତ୍ତର କମିଟି ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଚଳିତ ବର୍ଷ ନନ୍ଦପୁର ରଥଯାତ୍ରାକୁ ସରସ ସୁନ୍ଦର କରିବାକୁ ଦେବୋତ୍ତର କମିଟି ନେଇ ଥିବା ପଦକ୍ଷେପ ନୂତନ ରଥ ନିର୍ମାଣକୁ ଅଞ୍ଚଳର ସମସ୍ତ ଶ୍ରଦ୍ଧାଳୁ ସ୍ୱାଗତ କରିଥିଲେ। ତେବେ ଗୁଣ୍ଡିଚା ଯାତ୍ରାରେ ବିଭ୍ରାଟ ଶ୍ରଦ୍ଧାଳୁଙ୍କୁ ଘୋର ଆଘାତ ଦେଇଛି। ନୂତନ ରଥ ଟାଣି ଭକ୍ତ ମହା ଆନନ୍ଦ ପ୍ରାପ୍ତି ଅନୁଭବ କରିବାକୁ ଯେଉଁ ଆଶା ଉଦ୍ଦୀପନା ରହିଥିଲା ତାହା ପୁରଣ ହୋଇ ପାରିନଥିଲା। ଶନିବାର ମହା ପ୍ରଭୁଙ୍କ ବାହୁଡା ଯାତ୍ରାକୁ ସୁନିଶ୍ଚିତ ଓ ସୁରକ୍ଷିତ କରିବାକୁ ପ୍ରଶାସନ ଓ ଦେବୋତ୍ତର କମିଟି ପକ୍ଷରୁ ତତ୍ପରତା ଦେଖାଇ କାର୍ଯ୍ୟ ଆରମ୍ଭ ହୋଇଛି। ତତ୍ ସହିତ ରଥଟଣାକୁ ନେଇ ମଧ୍ୟ ଏକ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଆଲୋଚନା କରାଯାଇଥିବା ସୂଚନା ମିଳିଛି। ଗଣମାଧ୍ୟମକୁ ସୂଚନା ଦେଇ ନନ୍ଦପୁର ଆଇଆଇସି କହିଛନ୍ତି ବାହୁଡା ରଥ ଯାତ୍ରା ଶୃଙ୍ଖଳିତ ହେବ। ଦେବୋତ୍ତର କମିଟି ସହ ଆଲୋଚନା ଶେଷ ହୋଇଛ। କୌଣସି ଅସୁବିଧା ନାହିଁ। ରଥରେ କୌଣସି ତ୍ରୁଟି ନାହିଁ। ସବୁ ଠିକ୍ ଅଛି। ଯାହା ମଧ୍ୟ ଟିକିଏ ରହିଛି, ସବୁ କାର୍ଯ୍ୟ ଠିକ୍ ସମୟରେ ଶେଷ ହୋଇଯିବ ବୋଲି ସୂଚନା ଦେଇଛନ୍ତି ଆଇଆଇସି ଶ୍ରୀମତୀ ପଣ୍ଡା । ଠିକ୍ ସମୟରେ ନୀତି କାନ୍ତି ହୋଇ ବାହୁଡା ରଥ ଗଡିବ ବୋଲି ସୂଚନା ଦେଇଛନ୍ତି ଆଇଆଇସି ମମତା କୁମାରୀ ପଣ୍ଡା।

● ପୋଲ ଉପରେ ବର୍ଷା ଜଳ

## ଟିକରପଡ଼ା ଓ ଅର୍ଣ୍ଡା ଗ୍ରାମ ବିଚ୍ଛିନ୍ନ



ନନ୍ଦପୁର,୩।୭ (ସମିସ): ଗତ ସପ୍ତାହରୁ ଅଧିକ ସମୟ ହେବ ଲଗାଣ ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଚାଷ ଜମି ଜଳମଗ୍ନ ହୋଇ ଚାଷୀ କୂଳକୁ ହତାଶକରିଛି। ତୁହାକୁ ତୁହା ବର୍ଷା ଲାଗି ରହିଥିବା ବେଳେ ନନ୍ଦପୁର ଥାନା ଅନ୍ତର୍ଗତ ଟିକରପଡ଼ା ସହ ଅର୍ଣ୍ଡା ଗ୍ରାମକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ରାସ୍ତା ଓ ପୋଲ ଉପରେ ବର୍ଷା ଜଳ ପ୍ରଭାବିତ ହେଉଥିବା ବେଳେ ଯାନବାହାନ ଯିବା ଆସିବା ସଂପୂର୍ଣ୍ଣ ବନ୍ଦ ହୋଇଯାଇଛି। ସୂଚନା ଅନୁସାରେ ଲଘୁଚାପ ବର୍ଷାର ପ୍ରଭାବ କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ୍‌ରେ ଦେଖିବାକୁ ମିଳିଛି। ତୁହାକୁ ତୁହା ଲଗାଣ ବର୍ଷା ହେଉଥିବା ବେଳେ ନାଳ ନର୍ଦ୍ଦମା ସହ ଚାଷ ଜମିରେ ବର୍ଷା ଜଳ ଜମି ରହିଥିବା ଦେଖିବାକୁ ମିଳୁଛି। ଚାଷୀ ଚାଷ ଜମିର ଜମମଗ୍ନ ଦେଖି ହତାଶ ହୋଇପଡ଼ିଛି। ଆଗକୁ ବର୍ଷା ବଢିଲେ ଚାଷୀ ମୁଣ୍ଡରେ ଚଡ଼କ ପଡ଼ିବ ବୋଲି ଚାଷୀ ଭାଇ ମୁଣ୍ଡରେ ହାତ ଦେଇଛି। ତେବେ ପାଣିପାଗ ବିଭାଗ ସୂଚନା ଅନୁସାରେ ଆଗକୁ ୫ ତାରିଖ ପର୍ଯ୍ୟନ୍ତ ବର୍ଷା ରହିଥିବା ସୂଚନା ଚାଷୀ କୂଳକୁ ହତାଶ କରିଛି । ବ୍ଲକର ୯୦ ପ୍ରତିଶତ ଚାଷ ଜମି ଜଳମଗ୍ନ ହୋଇ ରହିଛି। ଅନେକ ଗ୍ରାମ ରାସ୍ତା ଉପରେ ବର୍ଷା ଜଳ ପ୍ରବାହିତ ହେଉଥିବାରୁ ଲୋକେ ଚିନ୍ତାରେ ପଡ଼ିଛନ୍ତି।

# ବ୍ୟବସାୟୀଙ୍କ ଗୋଦାମରେ ସରକାରୀ ଚାଉଳ

## ଜିଲ୍ଲା ପରିଷଦ ସଭ୍ୟଙ୍କ ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ଦାବି



କୋଷାଗୁମୁଡା, ୩।୭ (ସମିସ): ଗରିବ ଲୋକଙ୍କ ପାଇଁ ସରକାର ତରଫରୁ ଆସୁଥିବା ରାସନ ଚାଉଳ ଏବେ ପଞ୍ଚାୟତରେ ପହଞ୍ଚିବା ପୂର୍ବରୁ ହିଁ ଗାୟବ ହୋଇଯାଉଛି। ଖାଦ୍ୟ ଯୋଗାଣ ବିଭାଗ ବିରୋଧରେ ଏଭଳି ସାଙ୍ଘାତିକ ଅଭିଯୋଗ ଆଣିଲେ କୋଷାଗୁମୁଡା ବ୍ଲକ ୩ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଭ୍ୟ କ୍ଷୀରଦ କୁମାର ନାୟକ। ବୁଧବାର ଦିନ ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ କାର୍ଯ୍ୟାଳୟ ଠାରେ ଚାଲିଥିବା ପଞ୍ଚାୟତ ସମିତି ବୈଠକରେ ବ୍ଲକ ଯୋଗାଣ ଅଧିକାରୀ-ମାନସ ରଞ୍ଜନ ଜେନାଙ୍କ ଉପସ୍ଥିତିରେ ଜିଲ୍ଲା ପରିଷଦ ସଭ୍ୟ କ୍ଷୀରଦ କୁମାର ନାୟକ ରାସନ ଚାଉଳ ହେର ଫେର ହେଉଥିବା କଥା କହି ବିଭାଗୀୟ ଅଧିକାରୀଙ୍କୁ ଏହା ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିଥିଲେ। ଏହି ଖବର ଶୁଣି ଉପସ୍ଥିତ ବିଭିନ୍ନ ଅଧିକାରୀ ଓ ସରପଞ୍ଚ, ସମିତିସଭ୍ୟ ମାନେ ଆଚମ୍ବିତ ହୋଇଥିବା ଦେଖିବାକୁ ମିଳିଥିଲା। ରାସନ ଚାଉଳ ପଞ୍ଚାୟତ ଗୋଦାମ ଗୃହରେ ନ ରଖି କର୍ଚ୍ଚମାଳର ଜଣେ ବ୍ୟବସାୟୀର ଦୋକାନ ଗୃହରେ ଆସି ରହୁଛି। ଯାହାର ଠିକ ତଥ୍ୟ ମଧ୍ୟ ରହିଥିବା ସେ ନିଜ ଅଭିଯୋଗରେ ଦର୍ଶାଇ ଥିବା ଦେଖିବାକୁ ମିଳିଛି। ସଠିକ ତଥ୍ୟ ପ୍ରଦାନ ପୂର୍ବକ ତିନି ନମ୍ବର ଜିଲ୍ଲା ପରିଷଦ ଶ୍ରୀ ନାୟକ ଚାଉଳ ଗାଡି ନମ୍ବର ଓ-ଆର-୨୪-୫୪୬୪ ରୁ କର୍ଚ୍ଚାମାଳର ବିମଳ ବିଶୋଇଙ୍କ ଘରେ ପଞ୍ଚାୟତ ଚାଉଳ ୧୬ଜୁନ ଅପରାହ୍ଣରେ ଅନଲୋଡ଼ କରୁଥିବା ସମୟରେ ଏକ ଭିଡିଓ ଉତ୍ତୋଳନ କରିଥିଲେ। ଏହି ଘଟଣାକୁ ନେଇ ବ୍ଲକ ଯୋଗାଣ ଅଧିକାରୀ ଶ୍ରୀ ଜେନାଙ୍କୁ ଓ ଭାଇସ ଚେୟାରମ୍ୟାନ୍ ଯୋଗେନ୍ଦ୍ର ସ୍ୱାଇଁଙ୍କୁ ଖବର ଦେଇଥିଲେ। ଖବର ଜଣାଇବାର ପ୍ରାୟ ୧୬ଦିନ ବିତିଯାଇଥିଲେ ମଧ୍ୟ ବିଭାଗ ତରଫରୁ କୌଣସି ପଦକ୍ଷେପ ନ ନେବାରୁ ପଞ୍ଚାୟତ ସମିତି ବୈଠକରେ ସେ ଏହି ପ୍ରସଙ୍ଗ ଉଠାଇଥିଲେ। ବର୍ତ୍ତମାନ କାଗଜକଲମରେ ଚାଉଳ ପରିମାଣ ସଠିକ୍ କରାଯାଇଥିଲେ ମଧ୍ୟ ଏ ନେଇ ସେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଛନ୍ତି। ଏହି ଘୋଟଣାକୁ ନେଇ ପଞ୍ଚାୟତ ପିଇଓ ସଞ୍ଜୟ ମହାଙ୍କୁଡଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଗୋଟିଏ ଗାଡିରେ କର୍ଚ୍ଚାମାଳ ପଞ୍ଚାୟତ ଗୋଦାମରେ ୩୦୦ ପ୍ୟାକେଟ୍ ଚାଉଳ ଆସିଥିଲା। ତାହା ରଖିବା ପରେ ଗୋଦାମରେ ପୁଣି ଆଉ ଗୋଟେ ଗାଡ଼ିରୁ ୫୦ ପ୍ୟାକେଟ ଚାଉଳ କର୍ଚ୍ଚା ମାଳରେ ଅନଲୋଡ଼ କରିଥିଲେ। ବଳକା ୨୫୦ ପେକେଟ ଚାଉଳ କୋକଡ଼ିସେମେଲା ପଞ୍ଚାୟତରେ ଚାଉଳ ରଖାଯାଇଥିଲା। ଚାଉଳ ପ୍ରସଙ୍ଗ ଉପରେ ପିଇଓଙ୍କୁ ଭାଇସଚେୟାର ମ୍ୟାନ୍ ସମିତି ବୈଠକରେ ଫୋନ ଯୋଗେ ପଚାରିଥିଲେ। ଏହି ଘଟଣାକୁ ନେଇ ପିଇଓ ଶ୍ରୀ ମହାଙ୍କୁଡ କର୍ଚ୍ଚାମାଳ ସ୍ଥାନୀୟ ବ୍ୟବସାଇଙ୍କୁ ପଚାରିବାରୁ ତାଙ୍କ କାଜୁ ବସ୍ତାକୁ ଅନ୍ୟ ଜାଗାରୁ ବୋହି ଆଣି ଘରେ ସେହି ଚାଉଳ ଗାଡିରେ ଅନ୍‌ଲୋଡ଼ କୋରାଇଥିଲି ବୋଲି କହିଥିଲେ। ପିଇଓ କହିଛନ୍ତି ଯେ ତାଙ୍କ ଉପଭୋକ୍ତାଙ୍କୁ ସଠିକ ଚାଉଳ ଯୋଗାଣ ହେବା ସହ ସମସ୍ତ କାଗଜପତ୍ର ସଠିକ ଅଛି। ଯାଞ୍ଚ କମିଟି ଆସିଲେ ସେ ଦେଖାଇବେ ବୋଲି କହିଛନ୍ତି। ଚାଉଳ ଗାଡିରୁ ୪ଜଣ ମଜୁରିଆ ପ୍ରାୟ ୧୦୦ ଚାଉଳ ବସ୍ତା ହିଁ ଅନଲୋଡ୍ କରିଥିବା ଜଣେ ସ୍ଥାନୀୟ ଯୁବଶ୍ରମିକ ଗଣେଶ ଭତ୍ରା କହିଛନ୍ତି। ଏହାର ତଦନ୍ତ କରାଯିବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

## ଅବକାରୀ ଚଢ଼ଉ, ମଦ ଜବତ



କୋଷାଗୁମୁଡା,୩।୭ (ସମିସ): ଗୁରୁବାର ଦିନ ନବରଙ୍ଗପୁର ଅବକାରୀ ଅଧିକ୍ଷକ ପ୍ରତାପ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ନିରୀକ୍ଷକ ଦିଲୀପ କୁମାର ରଥଙ୍କ ନେତୃତ୍ୱରେ ଓ ବିଭାଗୀୟ କର୍ମଚାରୀ, କୋଡୀଙ୍ଗା ଅବକାରୀ ଥାନା କର୍ମଚାରୀ, କୋଡ଼ିଙ୍ଗା ଥାନା କର୍ମଚାରୀ ଚିର୍ମା ଗ୍ରାମ ଗୌଡ଼ ସାହିରେ ମହେଶ୍ୱର ଗୌଡଙ୍କ୍ ଘରେ ଚଢ଼ଉ କରିଥିଲେ। ଆସାମୀ ନିକଟରୁ ୧୮ ହଜାର ଲିଟର ଚୋରା ଦେଶୀ ହାତ ରନ୍ଧା ମଦ ଜବତ କରାଯାଇଛି। ମଦ ରାନ୍ଧିବା ପାଇଁ ୨୫୦ ଲିଟର ପ୍ରସ୍ତୁତ ପୋଚକୁ ଜବତ କରାଯାଇଛି। ଘଟଣା ସ୍ଥଳରେ ରସ ଡେକଚି ସହ ମଦ ଓ ପ୍ଲାଷ୍ଟିକ ଡ୍ରମ ସହ ପୋଚକୁ ନଷ୍ଟ କରି ଦିଆଯାଇଛି। ଏହି ଚଢ଼ାଉରେ ରେଶମା ସୁନା, ଆକ୍ରମ ଖାନ ଓ ରମେଶ ଚନ୍ଦ୍ର ପ୍ରଧାନ ସାମିଲ ଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ଜ୍ଞାନ ନବସୃଜନକୁ, ନବସୃଜନ ଉତ୍ପାଦନକୁ ଏବଂ ଉତ୍ପାଦନ ଅର୍ଥନୀତିକୁ ଗତିଶୀଳ କରେ।
-ୱିଲିୟମ ବ୍ରୋଡି

## ପୁନଶ୍ଚ ଅଧିକାର ସଙ୍କଟ

ଭାରତର 'ଅସୁସ୍ଥ ବ୍ୟକ୍ତି' (ସିକ୍‌ମ୍ୟାନ୍) ଭାବେ ପରିଚିତ ବିହାର ଅନେକ ପ୍ରସଙ୍ଗରେ ଦେଶକୁ ବାଟ ଦେଖାଇଛି ଏବଂ ବହୁକ୍ଷେତ୍ରରେ ବାଟ ବିଗାଡ଼ିଛି। ଜାତିଆଣ ରାଜନୀତି, ଜାତିଗତ ଦଙ୍ଗା, ଜାତିଗତ ହିଂସାକାଣ୍ଡ, ଜାତିଗତ ଜନଗଣନା, ବ୍ୟାଧି, ଦାରିଦ୍ର୍ୟ ଓ ସାମାଜିକ ଅସମତାର ଏକ ପରିଦର୍ଶନ ଓ ପ୍ରୟୋଗାତ୍ମକ କ୍ଷେତ୍ର ହୋଇ ରହିଆସିଥିବା ବିହାର ଏବେ ପୁଣି ଥରେ ପ୍ରମୁଖ ଖବରର ଶୀର୍ଷରେ ରହିଛି। ଆଉ ମାତ୍ର ଚାରି/ପାଞ୍ଚ ମାସ ପରେ ବିହାରରେ ହେବାକୁ ଯାଉଥିବା ବିଧାନସଭା ନିର୍ବାଚନ ପୂର୍ବରୁ ନିର୍ବାଚନ ଆୟୋଗ ରାଜ୍ୟର ଭୋଟର ତାଲିକାକୁ ତ୍ରୁଟିହୀନ ଓ ସମ୍ପୂର୍ଣ୍ଣ ବୈଧ କରିବା ପାଇଁ ଆରମ୍ଭ କରିଥିବା ଅଭିଯାନ ରାଜନୈତିକ ବିବାଦ ଓ ଅଧିକାର ସଙ୍କଟ ଭଳି ପ୍ରସଙ୍ଗକୁ ଜନ୍ମ ଦେଇଛି। ଅଣଏନ୍‌ଡିଏ ଦଳମାନେ ଏଥିରେ ଏନ୍‌ଆରସି (ଜାତୀୟ ନାଗରିକ ସଂହିତା)ର ଗନ୍ଧ ବାରିଛନ୍ତି। ବିଶେଷଜ୍ଞମାନଙ୍କ ମତାନୁଯାୟୀ ନିର୍ବାଚନ ଆୟୋଗଙ୍କ ଏହି ଅଭିଯାନ ସମ୍ପୂର୍ଣ୍ଣ ତ୍ରୁଟିଶୂନ୍ୟ ନ ହେଲେ ସାମ୍ବିଧାନିକ ଅଧିକାର ହନନ ଭଳି ଗୁରୁତର ସଙ୍କଟ ସୃଷ୍ଟି ହେବ।

ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ବିହାର ଭୋଟର ତାଲିକାରେ ନାମ ସଂଶୋଧନ ବାଧ୍ୟତାମୂଳକ କରାଯାଇଥିବା ବେଳେ ସେଥିପାଇଁ ୧୧ ପ୍ରକାର ଦଲିଲ୍ ବା ପ୍ରମାଣପତ୍ରର ଆବଶ୍ୟକତାକୁ ଦର୍ଶାଯାଇଛି। ୧୯୮୭ ପରେ ଜନ୍ମ ନେଇଥିବା ଏବଂ ୨୦୦୩ ଜାନୁଆରୀ ୧ ତାରିଖ ପରେ ଭୋଟର ତାଲିକାରେ ନାମ ଦାଖଲ କରିଥିବା ପ୍ରତି ଭୋଟର ସାନି ତାଲିକାଭୁକ୍ତ ହେବା ପାଇଁ ଅତିରିକ୍ତ ଭାବେ ସେମାନଙ୍କ ଭାରତୀୟ ନାଗରିକତ୍ୱର ପ୍ରମାଣପତ୍ର, ଜନ୍ମ ପ୍ରମାଣପତ୍ର, ପାସପୋର୍ଟ, ଜାତିଗତ ପ୍ରମାଣପତ୍ର କିମ୍ବା ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର ନେବାକୁ ପଡ଼ିବ। ଗରିବ, ନିରକ୍ଷର ଓ ଭୂମିହୀନ ଭୋଟରଙ୍କ ପକ୍ଷେ ଏହା ଯୋଗାଡ଼ କରିବା ଏକ ଦୁରୂହ ବ୍ୟାପାର। ତା'ଛଡ଼ା ଜୁନ୍ ୨୫ରୁ ଆରମ୍ଭ ହୋଇସାରିଥିବା ଏହି ସଂଶୋଧନ ପ୍ରକ୍ରିୟା ଜୁଲାଇ ୨୫ ତାରିଖ ସୁଦ୍ଧା ସମାପ୍ତ ହେବ ବୋଲି ଧାର୍ଯ୍ୟ କରାଯାଇଥିବାରୁ ଏତେ ସ୍ୱଳ୍ପ ସମୟ ମଧ୍ୟରେ ଗ୍ରାମାଞ୍ଚଳ ଓ ଦୁର୍ଗମ ଅଞ୍ଚଳରେ ରହୁଥିବା ଭୋଟରମାନେ ମାଇଲ୍ ମାଇଲ୍ ଗସ୍ତ ଓ ଅର୍ଥ ଖର୍ଚ୍ଚ କରି ସଂଶୋଧିତ ତାଲିକାରେ ନିଜ ନାମ ପଞ୍ଜିକରଣ କରିବା ପାଇଁ ଯେ ଆଗ୍ରହ ପ୍ରକାଶ କରିବେ ତାହା ବିଶ୍ୱାସ ହେଉନାହିଁ। ଏଭଳି ଏକପ୍ରକାର ଅସମ୍ଭବ ପରିସ୍ଥିତିରେ ରାଜନୈତିକ ଦଳର ତୃଣମୂଳସ୍ତରର କର୍ମୀମାନେ ସକ୍ରିୟ ହେବା ସ୍ୱାଭାବିକ। ତେଣୁ କୃତଜ୍ଞତା ସ୍ୱରୂପ ଭୋଟରମାନେ ସେହି ଦଳକୁ ଭୋଟ ଦେବେ ଯେଉଁ ଦଳର ନେତାମାନେ ଭୋଟରଙ୍କ ନାମଗୁଡ଼ିକୁ ସାନି ତାଲିକାଭୁକ୍ତ କରାଇବାରେ ସହାୟତା କରିଛନ୍ତି।

ରାଜନୈତିକ ବିବାଦରୁ ଊର୍ଦ୍ଧ୍ୱରେ ନିର୍ବାଚନ ଆୟୋଗଙ୍କ ସ୍ପଷ୍ଟୀକରଣ ଅନୁଯାୟୀ ବିହାରରେ ଭୂତଭୋଟର ଓ ଅବୈଧ ବହିରାଗତ ଭୋଟର ସମସ୍ୟା ସର୍ବାଧିକ। ଏହି ସଂଶୋଧନ ତାଲିକା ବଳରେ ଅବୈଧ ଭୋଟରଙ୍କୁ ଭାରତୀୟ ଗଣତାନ୍ତ୍ରିକ ବ୍ୟବସ୍ଥା ଓ ନିର୍ବାଚନ ପ୍ରକ୍ରିୟାରୁ ଦୂରେଇ ରଖିବା ସମ୍ଭବ ହେବ। ନିର୍ବାଚନ ଆୟୋଗଙ୍କ ଏହି ଲକ୍ଷ୍ୟ ଯେତିକି ମହତ୍ ଓ ସ୍ୱାଗତଯୋଗ୍ୟ; ତା'ଠାରୁ ଅଧିକ ଜଟିଳ ଓ ଆହ୍ୱାନପୂର୍ଣ୍ଣ। ଆମ ଦେଶର ସାମାଜିକ ବ୍ୟବସ୍ଥାରେ ସୀମିତ ସମୟରେ ଏହି ତାଲିକା ଯେ ତ୍ରୁଟିପୂର୍ଣ୍ଣ ହେବ ସେ ନିଶ୍ଚିତତା ଆଦୌ କରିହେଉ ନାହିଁ। ଆହୁରି ମଧ୍ୟ ବିହାରର ଶିକ୍ଷା, ସାମାଜିକ ଓ ଅର୍ଥନୈତିକ ସ୍ଥିତି ଯାହା ସେଥିରେ ମାତ୍ର ୩୦ଦିନ ମଧ୍ୟରେ ପ୍ରାୟ ୧୩ କୋଟି ୭ ଲକ୍ଷର ବିଶାଳ ଜନସଂଖ୍ୟା ଏବଂ ୭ କୋଟି ୬୪ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟର ବିଶିଷ୍ଟ ତାଲିକାର ତ୍ରୁଟିବିହୀନ ସଂଶୋଧନ ଯେ ସମ୍ଭବ ହେବ ସେ ବିଶ୍ୱାସ ହେଉନାହିଁ। ଏ କାମଟି କେତେ ଜଟିଳ ତାହା ଏକ କ୍ଷୁଦ୍ର ପରିସଂଖ୍ୟାନଗତ ବିଶ୍ଳେଷଣରୁ ବୁଝି ହେବ। 'ରେଜିଷ୍ଟ୍ରାର ଜେନେରାଲ୍ ଅଫ୍ ଇଣ୍ଡିଆ'ର ତଥ୍ୟାନୁଯାୟୀ ବିହାରରେ ୨୦୦୦ ମସିହାରେ ମାତ୍ର ୧.୧୯ ଲକ୍ଷ ଜନ୍ମ ପ୍ରମାଣପତ୍ର ପଞ୍ଜିକରଣ ହୋଇଥିବା ବେଳେ ତାହା ସେହିବର୍ଷ ସେହି ରାଜ୍ୟରେ ଜନ୍ମ ନେଇଥିବା ମୋଟ ଶିଶୁଙ୍କର ମାତ୍ର ୩.୭%। ୨୦୦୦ ପୂର୍ବରୁ ବିହାରରେ ଜନ୍ମଗତ ପ୍ରମାଣର କୌଣସି ନଥିପତ୍ର 'ରେଜିଷ୍ଟ୍ରାର ଜେନେରାଲ୍ ଅଫ୍ ଇଣ୍ଡିଆ' ପାଖରେ ଉପଲବ୍ଧ ନୁହେଁ। ଆଉ ଏକ ତଥ୍ୟ ଅନୁଯାୟୀ ୨୦୦୧ ମାର୍ଚ୍ଚ ୧ ତାରିଖରୁ ୨୦୧୧ ଭିତରେ ବିହାର ଜନସଂଖ୍ୟା ୨.୧୧ କୋଟି ବୃଦ୍ଧି ପାଇଛି, ଅଥଚ ସେହି ସମୟ ଭିତରେ ଜନ୍ମ ପଞ୍ଜିକରଣ ସଂଖ୍ୟା ବଢ଼ିଛି ମାତ୍ର ୭୩.୯୧ ଲକ୍ଷ। ଏଭଳି ପରିସ୍ଥିତିରେ ଗରିବ ଓ ଅଶିକ୍ଷିତ ଭୋଟରଟିଏ ଜନ୍ମ ପ୍ରମାଣପତ୍ର ପାଇବେ କେମିତି, ଭୋଟର ତାଲିକାରେ ନାମ ସଂଶୋଧନ କରିବ କେମିତି ଏବଂ ଭୋଟ ଅଧିକାର ସାବ୍ୟସ୍ତ କରିବ କେମିତି?

ବିହାରରେ ଭୋଟର ତାଲିକାକୁ ସମ୍ପୂର୍ଣ୍ଣ ବୈଧ ଓ ତ୍ରୁଟିହୀନ କରିବା ପାଇଁ ନିର୍ବାଚନ ଆୟୋଗ ଯେଉଁ ଅଭିଯାନ ଆରମ୍ଭ କରିଛନ୍ତି ତାହାକୁ ଆସାମ ନାଗରିକ ପଞ୍ଜିକାର ଫଳାଫଳ ଆଧାରରେ ବିଶ୍ଳେଷଣ କଲେ ବଡ଼ ପ୍ରମାଦର ଗନ୍ଧ ବାରି ହେଉଛି। ଆସାମର ମୂଳବାସିନ୍ଦାମାନଙ୍କ ଅଧିକାର ସୁରକ୍ଷିତ କରି ସେମାନଙ୍କ ଭାରତୀୟ ନାଗରିକତାକୁ ବୈଧ କରିବା ଏବଂ ବହିରାଗତମାନଙ୍କୁ ଅବୈଧ ଭାବେ ହାତେଇ ନେଇଥିବା ସରକାରୀ ସୁବିଧାସୁଯୋଗରୁ ବାଦ୍ ଦେବା ପାଇଁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ କାର୍ଯ୍ୟକାରୀ ହୋଇଥିଲା 'ଆସାମ୍ ନାଗରିକ ପଞ୍ଜିକା'। କିନ୍ତୁ ଏହା ପୂର୍ଣ୍ଣାଙ୍ଗ ରୂପ ନେବା ବେଳକୁ ଜଣାପଡ଼ିଲା ଯେ ବାଂଲାଦେଶୀ ଅନୁପ୍ରବେଶକାରୀ ବା ବହିରାଗତମାନେ ଅବୈଧ ଭାବରେ ହାତେଇ ନେଇଥିବା ଜମି ପଟ୍ଟା ବଳରେ ନାଗରିକ ପଞ୍ଜିକାରେ ସ୍ଥାନ ପାଇଛନ୍ତି, ଅଥଚ ଆସାମର ୧୯ ଲକ୍ଷ ମୂଳ ବାସିନ୍ଦା ପଞ୍ଜିକାରୁ ବାଦ୍ ପଡ଼ିଛନ୍ତି। ସେହି ହତଭାଗ୍ୟମାନେ ନିଜର ନ୍ୟାଯ୍ୟ ଭାରତୀୟତା ପ୍ରମାଣ କରିବା ଏବେ ବିଭିନ୍ନ ଆଇନ ଅଦାଲତକୁ ଦୌଡ଼ୁଛନ୍ତି। ତେଣୁ ଉପରୋକ୍ତ ପରିସଂଖ୍ୟାନ ଆଧାରରେ ବିହାରରେ ଯଦି ଅନୁରୂପ ବିଡ଼ମ୍ବନା ଘଟେ ତେବେ ତାହା ତ ନିର୍ବାଚନ ଆୟୋଗଙ୍କ ମୂଳ ଲକ୍ଷ୍ୟର ବ୍ୟତିକ୍ରମ ହେବ; ତା'ସହିତ ଭୋଟଦାନ ଅଧିକାରରୁ ବଞ୍ଚିତ ଭଳି ଗୁରୁତର ସାମ୍ବିଧାନିକ, ବୈଧାନିକ ଓ ଆଇନଗତ ଜଟିଳତାକୁ ଜନ୍ମ ଦେବ।

ଆହୁରି ମଧ୍ୟ ଆଶଙ୍କା ପ୍ରକାଶ ପାଉଛି ଯେ ବିହାରରେ ପରୀକ୍ଷଣ ପରେ ଦେଶର ଅନ୍ୟାନ୍ୟ ଏନ୍‌ଡିଏ ଶାସିତ ଏବଂ ପରବର୍ତ୍ତୀ ସମୟରେ ଅଣଏନ୍‌ଡିଏ ଶାସିତ ରାଜ୍ୟରେ ଏହା କାର୍ଯ୍ୟକାରୀ ହୋଇପାରେ। ଯଦି ଅବୈଧ ନାଗରିକ ଚିହ୍ନଟର ଏହା ତ୍ରୁଟିଶୂନ୍ୟ ଆଧାର ହୁଏ, ସେଥିରେ କେହି ବିରୋଧ କରିବାର ନାହିଁ। କିନ୍ତୁ ଏନ୍‌ଆରସି ଆଳରେ ଭାରତର ମୂଳ ବାସିନ୍ଦା ଯଦି ଭୋଟର ଅଧିକାରରୁ ବଞ୍ଚିତ ହେବେ ତାହା ଗ୍ରହଣୀୟ ନୁହେଁ। ଭୋଟର ତାଲିକାର ମୌଳିକ ସଂରଚନା, ବ୍ୟବସ୍ଥା ଓ ନିଷ୍ପତ୍ତିଗତ ଅଧିକାର ଆଦି ରାଜ୍ୟ ବ୍ୟାପାର ନୁହେଁ। ତେଣୁ ଗୋଟିଏ ରାଜ୍ୟରେ ଏତେ ବଡ଼ ଯୁଗାନ୍ତକାରୀ ପରୀକ୍ଷା ନିରୀକ୍ଷା କରିବା ପୂର୍ବରୁ ଏ ଦିଗରେ ଜାତୀୟସ୍ତରରେ ଅଧିକ ବିଚାର ବିମର୍ଶର ଆବଶ୍ୟକତା ଥିବା ଏବଂ ହାତରେ ଅଧିକ ସମୟ ରଖିବା ଉଚିତ ମନେ ହୁଏ।

# ଉତ୍ତର ଔପନିବେଶିକ ଧର୍ମଚିନ୍ତା

ହରପ୍ରସାଦ ଦାସ

ହିନ୍ଦୁଧର୍ମକୁ ନେଇ ସମଗ୍ର ୟୁରୋପରେ ନୂଆ ବୌଦ୍ଧିକ ଆଗ୍ରହ ସୃଷ୍ଟି ହେବା ସାମୟିକ, କ୍ଷଣସ୍ଥାୟୀ ନା ଆକସ୍ମିକ? ଏ ଆଗ୍ରହ ୧୯୬୪ ବେଳକୁ ଥିଲା କି? ବିଦେଶରେ ପ୍ରକାଶିତ ଧର୍ମ ସମ୍ବନ୍ଧୀୟ ବହିମାନଙ୍କ ଭିତରେ ହିନ୍ଦୁ ଧର୍ମର ଚର୍ଚ୍ଚା, ଦେବଦେବୀ ଓ ଲୋକସାହିତ୍ୟ ତଥା ଦନ୍ତକଥାକୁ ନେଇ ଅବଶ୍ୟ ଥିଲା, କିନ୍ତୁ ତାହା ସମକାଳୀନ ବିଶ୍ୱରେ ଶକ୍ତିତନ୍ତ୍ରର ରାଜନୀତିରେ ପ୍ରବେଶ କରି ନ ଥିଲା। କାରଣ ପାଶ୍ଚାତ୍ୟ ବୌଦ୍ଧିକ ଜଗତ ସେତେବେଳକୁ ପ୍ରାୟ ନିଶ୍ଚିତ ଥିଲା ଯେ ଯେତେସବୁ ଉପନିବେଶରୁ ୟୁରୋପୀୟମାନେ ଓହରିଯାଇଥିଲେ ସେଠି ଗୋଟେ ବୃହତ୍ତର ଉପନିବେଶ ରହିଯାଇଥିଲା। ସେ ଉପନିବେଶ ଥିଲା ବୌଦ୍ଧିକ ଉପନିବେଶ। ତାହା ରଚିତ ହୋଇଥିଲା ଚିନ୍ତାରେ, ଶିକ୍ଷାରେ ଓ ଇଂରେଜୀ ଭାଷା ଦ୍ୱାରା ଗୋଟେ ମହାଦେଶୋପମ ବିଶାଳ, ବିଚିତ୍ର ଓ ଧର୍ମପ୍ରଧାନ କ୍ଷେତ୍ରରେ। ଏ ବୌଦ୍ଧିକ ଉପନିବେଶ ଭାରତୀୟଙ୍କୁ ଏଭଳି ବଦଳେଇ ଦେଇଚି ଯେ ଇଂରେଜ ଗଲାପରେ ବି ଇଂରେଜୀ ରହିବ, ଇଂରେଜିୟତ ରହିବ ଓ ଭାରତ ଏକ କୃତାର୍ଥ ଦୃଷ୍ଟିରେ ଇଂରେଜ ଓ ଇଂରେଜୀକୁ ଅନାଇ ରହିବ। ଏ ଧାରଣା ଭୁଲ ଥିଲା।

ଏଡ଼ିକି କ୍ଷୁଦ୍ର ଗୋଟିଏ ଦେଶରୁ ଆସି ଏଭଳି ବିଶାଳ କ୍ଷେତ୍ରକୁ ସ୍ଥାନୀୟ ଲୋକଶକ୍ତି ବ୍ୟବହାର କରି ପ୍ରଭାବିତ କରିବା ସହିତ ଆଧୁନିକୀକରଣର ପ୍ରତିମାନ ସ୍ଥାପିତ କରି ସଫଳ ହେବା କିଛି କ୍ଷୁଦ୍ର ବ୍ୟାପାର ନଥିଲା। ଇଂରେଜଙ୍କ ସମ୍ରାଜ୍ୟବାଦୀ ଇତିହାସରେ ଭାରତ ଥିଲା ଏକ ଅତୁଳନୀୟ ଓ ଅନନ୍ୟ ଅନୁଭୂତି। ଏତେ ସମସ୍ୟା ସେମାନେ କୋଉଠି ସାମ୍ନା କରିନଥିଲେ, ଏତେ ହନ୍ତସନ୍ତ ସେମାନେ କୋଉଠି ହେଇନଥିଲେ କି ଏତେବଡ଼ ପ୍ରଶାସକୀୟ ଅଭିଜ୍ଞତା ସେମାନେ କୋଉଠି ପାଇନଥିଲେ। ୧୭୫୭ରୁ ୧୮୫୭ କମ୍ପାନୀ ଶାସନ ଓ ତା'ପରେ ୧୯୪୭ ଯାଏଁ ରାଜଗଣତନ୍ତ୍ର (ଉତ୍ତରାଧିକାର ସୂତ୍ରରେ ରାଜତନ୍ତ୍ରୀୟ ରାଷ୍ଟ୍ରମୁଖ୍ୟ, କିନ୍ତୁ ଲୋକନିର୍ବାଚିତ ପ୍ରତିନିଧିଙ୍କ ସରକାର) ଅଧୀନରେ ଔପନିବେଶିକ ଶାସନ ଏକ ବିଚିତ୍ର ମଡେଲ। ଶେଷ ନବେ ବର୍ଷ କଷ୍ଟକର। ସିପାହୀବିଦ୍ରୋହ (୧୮୫୭) ପରେ ବ୍ରିଟିଶ ପାର୍ଲିଆମେଣ୍ଟ ଓ ନିର୍ବାଚିତ ସରକାର ଭାରତର ଶାସନ ନିଜ ହାତକୁ ନେଇଗଲେ ସିନା ସମ୍ଭାଳିବା ସହଜ ନଥିଲା। ଇଂରେଜମାନଙ୍କ କୂଟର ପ୍ରୟୋଗ ବିଫଳ ହୋଇଚାଲିଲା। ଏଡ଼େ ବିରାଟ ଭୂଖଣ୍ଡର ଭାଷା, ସଂସ୍କୃତି ଓ ଧର୍ମକୁ ଗୋଟିଏ କ୍ଷୁଦ୍ର ବେଷ୍ଟନୀ ଭିତରେ ଆବଦ୍ଧ କରିବାର ଅନୁଭୂତିହୀନ ଉନ୍ମାସିକତା ତାଙ୍କୁ ବିପଦରେ ପକେଇଦେଲା। ଭାବିଦେଖନ୍ତୁ ସେତେବେଳର ଏ ସାଇବଗୁଡ଼ିକ କେଡ଼େ କ୍ଷୁଦ୍ର ଜୀବ ଥିଲେ, ଅଥଚ କେବଳ ଆଟୋପ ଦେଖାଇ କେଡ଼େବଡ଼ ମହାତ୍ତ୍ୱାକାଂକ୍ଷା ନେଇ ନିଜକୁ ଉପସ୍ଥାପିତ କରୁଥିଲେ ଏବଂ ନିଜ ଅଧସ୍ତନ ଦ୍ୱାରା ନିଜ ବଡ଼ପଣର କାହାଣୀ ଲେଖାଇ ତା'କୁ ଇତିହାସର ମାନ୍ୟତା ବି ଦେଇଥିଲେ।

ନିଜ କ୍ଷୁଦ୍ର ଦେଶର କମ୍ପାନୀ କିରାଣୀ, ଆର୍ମି ଅଫିସର, ସାମନ୍ତ ବଂଶଜମାନଙ୍କୁ ଗଭର୍ଣ୍ଣର ବନେଇ ସାଧାରଣଙ୍କୁ ମହିମାମଣ୍ଡିତ କରି ଥୋଇଲେ। ହେଷ୍ଟିଂସ, କ୍ଲାଇବ, କାନିଙ୍ଗ ଓ ପରେ କର୍ଜନ, ରିପ୍ପନ, ମାଉଣ୍ଟବାଟେନ ଓ ଅନ୍ୟସମସ୍ତେ ଗୋଟିଏ ଷ୍ଟେରିଓଟାଇପ। ଶିଳ୍ପବିପ୍ଳବ ପରର ଲୋକଜୀବନରେ ବ୍ୟାଚ ଉତ୍ପାଦନର ଯେଉଁ ଧାଡ଼ି, ଟାଇପ, ଶ୍ରେଣୀ ପ୍ରବେଶ କଲା ତା'ର ପ୍ରଭାବ ଥିଲା ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସବୁଠି ସାଧାରଣୀକରଣ। ମାଉଣ୍ଟବ୍ୟାଟେନ ଓ ରିପ୍ପନ, ଡେଲହାଉସି ଓ କର୍ଜନ ଏମାନେ ଅଲଗା ସମ୍ଭ୍ରାନ୍ତ୍ୟରେ କିନ୍ତୁ ଏକ ଉନ୍ମାସିକ ପତିଆରାରେ। ଏମାନଙ୍କ ବ୍ୟକ୍ତିପ୍ରତିମାର ଛାୟାଲୋକରେ ଯେଉଁ ଅମଲାତନ୍ତ୍ର କମ୍ପାନୀ ଓ ବ୍ରିଟିଶ ସରକାର ଉପନିବେଶ ପାଇଁ ନିର୍ମାଣ କଲେ ସେଥିରେ ଉନ୍ମାସିକ ପତିଆରା ଗୋଟେ ଅପଠିତ, କିନ୍ତୁ ଅନୁଭୂତ ଛାୟାପାଠ ହୋଇ ରହିଗଲା।

ମାନିବାକୁ ପଡ଼ିବ ଯେ ଅମଲାତନ୍ତ୍ରର ପ୍ରତିଷ୍ଠା ଥିଲା ଇଂରେଜଙ୍କ ବଡ଼ ସଫଳତା। ଇଏ ଥିଲା ଏକ ପ୍ରତିମାନ ବା ପ୍ରଚଳିତ ମାନର ବିପରୀତରେ ସ୍ଥାପିତ ଏକ ମାନ। ମୋଗଲ ଅମଲାବ୍ୟବସ୍ଥା ତନ୍ତ୍ରରେ ନିର୍ମିତ ହୋଇନଥିଲା। ଭାରତୀୟ ରାଜତନ୍ତ୍ରରେ ଅମଲାବ୍ୟବସ୍ଥା, ବସ୍ତୁତଃ ସବୁ ବ୍ୟବସ୍ଥାର ଭିତରେ ଥିଲା ଧର୍ମ, ତା'ର ବ୍ୟବହାରିକ ନୈତିକତା ଥିଲା ଆଧାର। କୁହାଯାଇପାରେ ଯେ ସନାତନୀ ଶାସନତନ୍ତ୍ର ଥିଲା ଧର୍ମ ଓ ତା'ର ଅନୁଭୂତି ଥିଲା ଆଧାର। ଏପରିକି ପରବର୍ତ୍ତୀ କାଳର ବୌଦ୍ଧ ଓ ଜୈନ ରାଜତନ୍ତ୍ରରେ ବି ଆଧାରଭୂତ ରଚନା ଥିଲା ସେଇଆ। କେବଳ ଅମଲାତନ୍ତ୍ର ଦ୍ୱାରା ଶାସନ କରିବା ସମ୍ଭବ ନଥିଲା, ତେଣେ ସନାତନୀ ହିନ୍ଦୁଙ୍କ ପ୍ରକୃତ ଆନୁଗତ୍ୟ ବା ସମ୍ମାନବୋଧର ଧର୍ମସୂତ୍ର ସେମାନଙ୍କ କଳ୍ପନାରେ ନଥିଲା। କ୍ୟାଥଲିକ ଖ୍ରୀଷ୍ଟୀୟ ଧର୍ମଧାରା ଓ ଭାରତୀୟ ସନାତନୀ ଧର୍ମଧାରା ଭିତରେ ଗୋଟିଏ ବଡ଼ ପାର୍ଥକ୍ୟ ଥିଲା। ସନାତନୀ ଧର୍ମ ମାର୍ଗ ଜ୍ଞାନମାର୍ଗ। ଅର୍ଥାତ ଏ ମାର୍ଗରେ ଔପଚାରିକତା ଗୌଣ, ଦର୍ଶନ ମୁଖ୍ୟ। ଏଭଳି ଧର୍ମ ବିଶ୍ୱରେ ଆଉ କାହିଁ? ମୁଁ ଜଣେ ହିନ୍ଦୁ ଭାବରେ ଏକଥା କହୁନାହିଁ। ସବୁ ଧର୍ମର କ୍ୟାନନିକାଲ ପାଠଗୁଡ଼ିକୁ ପଢ଼ିଲା ପରେ ମୁଁ ଏ ନିଷ୍କର୍ଷରେ ଉପନୀତ ହୋଇଚି ଯେ ସନାତନୀ ହିନ୍ଦୁଙ୍କ ଧର୍ମପାଠଗୁଡ଼ିକ ଧର୍ମ ଆଚରଣ ପାଇଁ ବିକଶିତ ହୋଇନାହାନ୍ତି, ଏଗୁଡ଼ିକ ବ୍ରହ୍ମାଣ୍ଡ ସହିତ ଈଶ୍ୱରଙ୍କୁ ନେଇ ବିସ୍ମୟ, ସୃଜନଶୀଳତା, କଳା ଓ କଳ୍ପନାର ବୌଦ୍ଧିକ ଆକଳନ ଓ ବିଚାର। ଯାକୁ ଲୋକାୟତରେ ପରିଚାଳିତ କରିବା ପାଇଁ ପୁରାଣମାନଙ୍କ ରଚନା। ପୁରାଣର ମର୍ମ ସାଧାରଣ ବୋଧଗମ୍ୟତା ପାଇଁ କଥାବାଚନ ଓ ପାରାୟଣ ଦ୍ୱାରା ପ୍ରସାରିତ। ସଂକ୍ଷେପରେ ହିନ୍ଦୁ ଜ୍ଞାନମାର୍ଗ ଏକ ତ୍ରିସ୍ତରୀୟ ମହାପଥ ବା ହାଇୱେ। ଲକ୍ଷ୍ୟସ୍ଥଳ ଗୋଟିଏ। ଜୀବରେ ପରମ ଓ ପରମରେ ଜୀବର ସ୍ଥାପନା। ଏତିକି ହୋଇଗଲେ ବସୁଧା ଏକ କୁଟୁମ୍ବ, ବିଶ୍ୱ ମଧୁମୟ ଓ ନିସର୍ଗ ସହିତ ସମଗ୍ର ବ୍ରହ୍ମାଣ୍ଡ ରାହସ୍ୟାବୃତ। ରହସ୍ୟ ଉଦଘାଟନ ଭାରତୀୟଙ୍କ ବିଜ୍ଞାନ ନୁହେଁ। ରହସ୍ୟ ଉତ୍ପାଦନ ବି ନୁହେଁ। ରହସ୍ୟକୁ ରହସ୍ୟ କରି ରଖିବାରେ ଭାରତୀୟ ସ୍ୱତନ୍ତ୍ରତା। ଯା ସହିତ ବିଶ୍ୱର ଚଳନ୍ତି ଆଧୁନିକତାର ଯୋଡ଼ ବସିବକି ନାହିଁ, ତାର ବିଚାର ପରେ। ଏବେ ସଂକ୍ଷେପରେ କେବଳ ସୂଚାଇ ଦେଉଚି ଯେ ବର୍ତ୍ତମାନର ସଂକ୍ରାମକ ଆଧୁନିକତାରୁ ଅତିବୁଦ୍ଧି, ଅତିବିଜ୍ଞାନ ଓ ଅତିଆସ୍ପର୍ଦ୍ଧା - ଏହି ତିନୋଟି 'ଅତି' ବାହାରିଗଲେ ମଣିଷ ତା'ର ମଣିଷ ହେବାର ତାତ୍ପର୍ଯ୍ୟ ଫେରିପା'ନ୍ତା। ଭାରତୀୟ ଧର୍ମଚିନ୍ତନରେ ସନାତନ ଅର୍ଥାତ ଅବିନାଶୀ ଚିରନ୍ତନତା ମଣିଷକୁ ମଣିଷ କରି ରଖିବାରେ।

ଶଙ୍କରାଚାର୍ଯ୍ୟଙ୍କ କାଶ୍ମୀରରୁ କନ୍ୟାକୁମାରୀ ଯାଏଁ ଯେଉଁ ଜୟଯାତ୍ରା ତାକୁ ଧର୍ମପ୍ରତିଷ୍ଠାର ଅଭିଯାନ ବୋଲି କହିବାର ତାତ୍ପର୍ଯ୍ୟ ଉପରଠାଉରିଆ। ପ୍ରକୃତରେ ଏହା ଥିଲା ଏକ ଜୀବନମୂଲ୍ୟ ବା ସିଦ୍ଧାନ୍ତର ତର୍କଯାତ୍ରା। ଯାର ପଟାନ୍ତର ନାହିଁ। ସପ୍ତମ-ଅଷ୍ଟମ ଶତାବ୍ଦୀରେ ସନାତନ ସହିତ ଏକେଶ୍ୱର ଗୋଟିଏ ବଡ଼ ତର୍କରେ ପରିଣତ ହୋଇଥିଲା ଜୈନ ଓ ବୌଦ୍ଧ ଉପଧାରା ପାଇଁ ଭୂମି ସନ୍ଧାନରେ ଥିବା ତର୍କବାଗୀଶଙ୍କ ଯୋଗୁଁ। ସନାତନୀ ପୃଷ୍ଠଭୂମି ପରିତ୍ୟାଗ କରି ଗୋଟିଏ ଆର୍ଖନୂଆ ଭୂମିରେ ଧର୍ମପ୍ରତିଷ୍ଠା ମହାବୀର ବା ବୁଦ୍ଧ ଚାହୁଁନଥିଲେ। ସେମାନେ ସନାତନର ମାର୍ଗୀ ଦାର୍ଶନିକ ଥିଲେ, ଅହିଂସ ମଧ୍ୟମ ମାର୍ଗ ଥିଲା ସନାତନର ବୈଦିକ-ବ୍ରାହ୍ମଣ୍ୟ ଉପଚାରସର୍ବସ୍ୱତାରୁ ସହଜ ସମାଧାନ ପାଇବାର ଲୋକମାର୍ଗ। ଲୋକଭାଷାରେ ଲୋକଙ୍କ ପାଖରେ ସନାତନୀ ପ୍ରଜ୍ଞାର ଆଲୋକ ପହଞ୍ଚାଇବା ଥିଲା ଜ୍ଞାନୋଦୟର ଧର୍ମାନୁଭବ। ପରେ ଯେତେବେଳେ ଏହା ଅନୁଷ୍ଠାନରେ ପରିଣତ ହୋଇଗଲା, ଏପରିକି ରାଜଧର୍ମ ଭାବରେ ଗୃହୀତ ହୋଇଗଲା, ସେତେବେଳେ ଯା'ର ସନାତନୀ ମୂଳ ଉତ୍ପାଟିତ ହେବାର ଭୟ ଆସିଗଲା। ସନାତନୀ ପ୍ରାଜ୍ଞ, ବୈଦିକ ବ୍ରାହ୍ମଣ ପଣ୍ଡିତ ଓ ବୌଦ୍ଧ-ଜୈନ ଧର୍ମପ୍ରଚାରକ - ଏ ତ୍ରିଶକ୍ତି ଏକାସାଙ୍ଗରେ ସକ୍ରିୟ ହେଲେ ଓ ପରସ୍ପର ସହିତ ତର୍କ କଲେ। ଶଙ୍କରାଚାର୍ଯ୍ୟ ଥିଲେ ସନାତନର ଅନ୍ତିମ ତାର୍କିକ। ସେ ଯେଉଁ ଚତୁର୍ଧାମର ପ୍ରତିଷ୍ଠା କଲେ ଓ ତା'ସହିତ ଯେଉଁଭଳି ଭାବରେ ଯୁଗକଳ୍ପନାକୁ ଆଣି ଯୋଡ଼ିଲେ, ତହିଁରେ ଏକ ରୋମାଞ୍ଚକ ବିସ୍ମୟ ଥିଲା ପୁରୀର ଜଗନ୍ନାଥ ଧାମ। ଜଗନ୍ନାଥ କଳ୍ପିତ ହେଇଥିଲେ ଜନଜାତୀୟ ଉପାସ୍ୟ ଶଙ୍କୁ ପ୍ରତୀକ ଭାବରେ, ତାହା ବ୍ରାହ୍ମଣ୍ୟ ଔପଚାରିକତାରୁ ମୁକ୍ତଥିଲା। ଶଙ୍କରାଚାର୍ଯ୍ୟ ଦୂରଦର୍ଶୀ ପ୍ରାଜ୍ଞପୁରୁଷ ଠିକ ଦେଖିଥିଲେ ଯେ ଜଗନ୍ନାଥରେ ହିଁ ସ୍ଥାନ-କାଳ, ତାଙ୍କରି ନିର୍ମିୟମାଣ ଭଙ୍ଗୁରତାରେ ଚଳମାନ ବର୍ତ୍ତମାନ, ସେହିଁ ନିରାକାରଙ୍କର ମଣିଷ ହାତରେ ଗଢ଼ା ଅମୂର୍ତ୍ତ ମୂର୍ତ୍ତି ଶ୍ରୀଜଗନ୍ନାଥ। ସେହି ଅମୂର୍ତ୍ତର ଆକାରପ୍ରାପ୍ତି ଦନ୍ତକଥା ଭଳି ଲାଗୁଚି, କିନ୍ତୁ ଏହା ଏକ ପ୍ରତୀକ ନିର୍ମାଣ।

ସରଳ ଭାବରେ କହିଲେ ସନାତନୀ ହିନ୍ଦୁଙ୍କ ଧର୍ମଚିନ୍ତା ଜୀବନଠାରୁ ଅଲଗା ନୁହେଁ, ଯେତେବେଳେ କି ହିନ୍ଦୁଙ୍କ ଧର୍ମଚିନ୍ତାକୁ ଜୀବନଠାରୁ ଅଲଗା କରି ଏକ ରାଜନୈତିକ ଦୃଷ୍ଟିକୋଣରୁ ଦେଖିବାର ପ୍ରୟାସ ଜାରି ରହିଚି ପଶ୍ଚିମରେ। ଏବେ ପୁରୀରେ ରଥଯାତ୍ରା ଦିନ ଘଟିଥିବା ଅଘଟନ ଯେଉଁ କାରଣରୁ ବି ଘଟିଥାଉ ସାଧାରଣ ଲୋକେ ଆତଙ୍କିତ ଯେ ଜଗନ୍ନାଥ ରୁଷ୍ଟ। ଶ୍ରୀମନ୍ଦିର ପ୍ରଶାସକ ଏବଂ ସରକାର ପ୍ରଭୁଙ୍କୁ କ୍ଷମାମାଗିବା ଗୋଟେ ଧର୍ମୀୟ ବ୍ୟାପାର ନା ସମାଜ, ରାଜନୀତି ଓ ପ୍ରଶାସନକୁ ଏକାଠି କରି ଆସ୍ଥାରେ ନ୍ୟସ୍ତ କରିବାର ସ୍ୱାଭାବିକ ପ୍ରତିକ୍ରିୟା? ଏଠି ସ୍ମରଣରେ ରହୁ ଯେ ପ୍ରଥମ ଓଡ଼ିଆ ଗଜପତି କପିଳେନ୍ଦ୍ରଦେବ ଜଗନ୍ନାଥଙ୍କୁ ରାଷ୍ଟ୍ରଦେବତା ମାନିଥିଲେ। ବସ୍ତୁତଃ ସେ ବର୍ତ୍ତମାନ ସମୟର ଏ ଦେଶ ଓ ରାଷ୍ଟ୍ର ଥିଲା ଯାଏଁ ଭାରତର ରାଷ୍ଟ୍ରଦେବତା। କୁହାଯାଉ କି ନ କୁହାଯାଉ ଶଙ୍କରାଚାର୍ଯ୍ୟ ଯେ ଜଗନ୍ନାଥଙ୍କ ସର୍ବସମନ୍ୱୟୀ, ସର୍ବମାନ୍ୟ ଐଶୀସତ୍ତା ଓ ତା'ର ରୂପ ପରିଗ୍ରହ ପର୍ଯ୍ୟନ୍ତ ସମଗ୍ର ବିଚାରଧାରାକୁ ସନାତନୀ ଜୀବନଧାରା ଭାବରେ ଗ୍ରହଣ କରିନେଇଥିଲେ ଏଥିରେ ସନ୍ଦେହ ନାହିଁ। ନଚେତ ସେ ଜଗନ୍ନାଥଙ୍କ ଆରାଧନା ଓ କର୍ମକାଣ୍ଡରେ ବାହ୍ୟ ପରିବର୍ତ୍ତନ କରି ଛାଡ଼ିଦେଇ ନ ଥା'ନ୍ତେ। ଶଙ୍କରଙ୍କ ଅବଦାନ ସନାତନୀ ଦେବତାଙ୍କର ଜନଜାତୀୟ ପ୍ରତିଷ୍ଠାରେ। ଏବେ ମଧ୍ୟ ତାହା ଅପ୍ରତିହତ।

ବିଶ୍ୱରେ ଅବଦମନର ରାଜନୀତିରେ ପଶ୍ଚିମାଙ୍କ ଦୃଷ୍ଟି ଭାରତକୁ ସଂହତ ଓ ସମନ୍ୱିତ କରି ରଖିଥିବା ସେଇ ରହସ୍ୟମୟ ଶକ୍ତି ଉପରେ ଯାହା ବାହାରକୁ ଦିଶୁନାହିଁ, କିନ୍ତୁ କାର୍ଯ୍ୟ କରିଚାଲିଚି। ତାହା ଧର୍ମ। ସେମାନେ ଏ ସତ୍ୟକୁ ଶାସକ ଭାବରେ ଧରିପାରିନଥିଲେ କି ଏବେବି ଧରିପାରୁନାହାନ୍ତି। ତାଙ୍କ ବହି ଗୋଟେ ଆଡ଼େ ଆମ ଆସ୍ଥାର ଗତି ଆଉ ଗୋଟେଆଡ଼େ। ଗୁହ୍ୟ ଓ ଅପ୍ରକଟ୍ୟ ହୋଇଥିବା ହେତୁ ଆମ ଧର୍ମର କାଇନେଟିକ ବା ଚଳତଶକ୍ତି ଏକ ମର୍ମ, ଭାଷ୍ୟ ନୁହେଁ।

ଭୁବନେଶ୍ୱର, ମୋ: ୯୪୩୭୦୩୯୮୫୮

# କବିତା ପାଠର ନୂଆ ଧାରା

ଧ୍ରୁବ ଚରଣ ଘିବେଲା

ସାହିତ୍ୟ ସଭାଟିଏ କରାଯାଉଛି ମାନେ ସେଠି ଗହଳ ଚହଳ ପରିବେଶଟିଏ ତିଆରିବା ପାଇଁ ସଂଯୋଜିତ ଥାଏ କବିତାପାଠର ଭବ୍ୟ ଆୟୋଜନ। ସେଠାକୁ ପୁଣି ନିମନ୍ତ୍ରିତ ଥା'ନ୍ତି କେତେ କବି, କବୟିତ୍ରୀ। ସାଧାରଣତଃ ଅନେକ ସ୍ଥାନରେ ଆଗ ହୁଏ ସାହିତ୍ୟ ସଭା ଏବଂ ତା'ପରେ କରାଯାଏ କବିତା ପାଠ। ସାହିତ୍ୟ ସଭା ଓ କବିତା ପାଠ ମଧ୍ୟରେ କେଉଁଠି କେଉଁଠି ସୁବ୍ୟବସ୍ଥିତ ଥାଏ ସୁସ୍ୱାଦୁ ଭୋଜନର ବ୍ୟବସ୍ଥା। ସଭା ପରେ ଯାଇ ହୁଏ ଭୋଜନ। ତା'ପରେ କବିତା ପାଠର ସୁନ୍ଦର ଆୟୋଜନ। ସାହିତ୍ୟ ସଭା ପରି କବିତାପାଠ କାର୍ଯ୍ୟକ୍ରମରେ ମଞ୍ଚାସୀନ ରହନ୍ତି ସଭାପତି, ଅତିଥିଙ୍କ ସହିତ କବିମାନଙ୍କ କବିତାଗୁଡ଼ିକର ସୁସଂଯୋଜନା ପାଇଁ ସଂଯୋଜକ ସଂଯୋଜିକା। ସେମାନଙ୍କ ସରସ ସୁନ୍ଦର ସଂଯୋଜନାରେ ରସାଳ କବିତା ପାଠ ଗତିଶୀଳ ରହିଥାଏ କବିମାନଙ୍କ ଭିନ୍ନ ଭିନ୍ନ ଶୈଳୀରେ କବିତାପାଠ କରିବା ଭିତରେ। ଆଜିକାଲି କବିତାପାଠ କାର୍ଯ୍ୟକ୍ରମକୁ ଅଧିକ ମନୋଜ୍ଞ ଓ ମନୋହର କରିବା ପାଇଁ ମଝିରେ ମଝିରେ ସଙ୍ଗୀତ, ନାଚ ଓ ଗୀତ ପରିବେଷଣ ବ୍ୟବସ୍ଥା କରାଗଲାଣି। ତଥାପି ଦେଖାଯାଏ ନାନା ବାହାନା ଦେଖାଇ କେହି କେହି କବି ନିଜ କବିତାଟି ପଢ଼ି ସାରି ସେଠୁ ଖସିଯିବାର ଧାରାବାହିକ ଉପକ୍ରମ କରନ୍ତି। ଏଥିରେ ହୁଏ କ'ଣ ନା କବିତାପାଠର ଶେଷଆଡ଼କୁ ଆଉ ବିଶେଷ କବି କେହି ନ ଥା'ନ୍ତି। ଯାହାର କବିତା ଥିବ, ସେଇ ଦୁଇ/ତିନି ଜଣ ଯାହା ରହିଥା'ନ୍ତି।

ଥରେ ଗୋଟେ ସଂସ୍ଥାର ବାର୍ଷିକ ଉତ୍ସବ ଆୟୋଜନ ପାଇଁ ଆହୂତ ପ୍ରାକ ବୈଠକ ସଭାରେ କବିତାପାଠର ଶେଷଭାଗରେ କବି ଓ କବିତା ମରୁଡ଼ି ବା କବିଙ୍କ ଅନୁପସ୍ଥିତିକୁ (ନିଜ କବିତା ପଢ଼ି ସାରି କବିଙ୍କ ପଳାଇବା ଦୁଃସ୍ଥିତିକୁ) କେମିତି ଏଡ଼ାଇ ଦିଆଯାଇପାରିବ ସେ ନେଇ ବିଚାରବିମର୍ଶ ଚାଲିଲା। ଜଣେ ସଦସ୍ୟ କହିଲେ ସଭାଶେଷରେ ସବୁ କବିଙ୍କୁ ପ୍ରଶସ୍ତିପତ୍ର ଦେବାର ବ୍ୟବସ୍ଥା ରଖାଯାଉ। ଆଉ ଜଣେ ସଦସ୍ୟ ତାଙ୍କ ଅନୁଭୂତିରୁ ଏକ ପ୍ରସ୍ତାବ ରଖିଲେ ଯେ ଉତ୍ସବର ମାସକ ଆଗରୁ କବିମାନଙ୍କୁ ଆହ୍ୱାନ କରାଯିବ ସ୍ୱରଚିତ କବିତା ଦାଖଲ କରିବା ପାଇଁ। ତା'ପରେ ଆସିଥିବା କବିତା ସଂଖ୍ୟା ଦେଖି କବିମାନଙ୍କୁ ବିଭିନ୍ନ ପର୍ଯ୍ୟାୟରେ କବିତା ପଢ଼ିବା ପାଇଁ ତାଲିକା ପ୍ରସ୍ତୁତ କରାଯିବ। ଯଦି ଷାଠିଏ କବିଙ୍କ କବିତା ଚୂଡ଼ାନ୍ତ ହେଲା ତେବେ ଚାରୋଟି ପର୍ଯ୍ୟାୟରେ ପନ୍ଦର ଜଣ ଲେଖାଏଁ କବି କବିତାପାଠ କରିବେ। ଏ ପ୍ରସ୍ତାବରେ ସମସ୍ତେ ସମ୍ମତି ଜଣାଇଲେ।

ପରବର୍ତ୍ତୀ ଉତ୍ସବ ସଭାକାର୍ଯ୍ୟ ସମୟ ରଖାଯାଇଥିଲା ଦିନ ଘ.୧୧.୪୫ମି. ରୁ ଘ.୧.୪୫ମି. ପର୍ଯ୍ୟନ୍ତ। ବାର୍ଷିକ ସଭା ପୂର୍ବରୁ ଦୁଇଟି ପର୍ଯ୍ୟାୟରେ ପନ୍ଦର ଜଣ ଲେଖାଏଁ କବି କବିତା ପଢ଼ିଲେ। ଆଗରୁ ବି ସୂଚନା ଦିଆଯାଇଥିଲା ସଂଯୋଜକ ଅତି ସଂକ୍ଷିପ୍ତ ବକ୍ତବ୍ୟ ରଖିବେ। କବି ସେମିତି ଅନାବଶ୍ୟକ ଭାବେ କବିତା ବ୍ୟତୀତ ଅନ୍ୟକଥା ରଖିବେ ନାହିଁ। ସମସ୍ତେ ସୂଚନା ମାନିଥିବାରୁ ନିର୍ଦ୍ଧାରିତ ସମୟରେ କବିତା ପାଠ ସରିଥିଲା ସଭା ଆଗରୁ। କବିତା ପାଠ ପରେ ସଭିଏଁ ମଞ୍ଚରୁ ଓହ୍ଲେଇ ଥିଲେ ଏକାଥରକେ। ତା'ପରେ ପରବର୍ତ୍ତୀ ପନ୍ଦର ଜଣ କବି ସସମ୍ମାନେ ମଞ୍ଚାସୀନ ହୋଇ କବିତା ପାଠ କରିଥିଲେ। ବାର୍ଷିକ ସଭା ପରେ ମଧ୍ୟାହ୍ନଭୋଜନ ବ୍ୟବସ୍ଥିତ ଥିଲା। ତା'ପରେ ତୃତୀୟ ପର୍ଯ୍ୟାୟ କବିତାପାଠ ସେଇ ସମାନ ଢାଞ୍ଚାରେ କରାଯାଇଥିଲା। ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ଜିଲ୍ଲା ବାହାର କବିଙ୍କୁ ଆଗ କବିତା ପଢ଼ିବା ପାଇଁ ସୁଯୋଗ ଦିଆଯାଇଥିଲା ଏବଂ ତୃତୀୟ ପର୍ଯ୍ୟାୟରେ ସ୍ଥାନୀୟ କବି କବିତା ପାଠ କରିଥିଲେ। ଏଥିରେ ଦେଖାଗଲା କବିମାନେ କବିତା ପଢ଼ିଲା ପରେ ପାଠୋତ୍ସବ ସ୍ଥଳି ଛାଡ଼ି ଯାଇନଥିଲେ।

ବାର୍ଷିକ ଉତ୍ସବ ପାଇଁ ନାଁ ପଞ୍ଜିକରଣ ବେଳେ ଫୁଲ ଚନ୍ଦନ ଦେଇ କବିଙ୍କୁ ବି ସୁସ୍ୱାଗତମ କରାସରିଥାଏ। ସେଠି କିଛି ସାହିତ୍ୟିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ପ୍ରଶସ୍ତିପତ୍ର, ସାଲ ଓ ସ୍ମାରକ ଫଳକ ଦିଆଯାଇ। ସବୁ କବିଙ୍କୁ ବି ମିଳିଥିଲା ପ୍ରଶଂସାପତ୍ର। ନୂଆ ତରିକାରେ କବିତା ପାଠ ଧାରା ଭଲ ଥିଲା। ଜଣକ ପରେ ଜଣେ ମଞ୍ଚକୁ ଯାଇ କବିତା ପଢ଼ି ପୁଣି ଫେରିଆସି ମଞ୍ଚ ସାମ୍ନାରେ ବସିବା ଧାରାଠୁ ପର୍ଯ୍ୟାୟଭିତ୍ତିକ କବିତାପାଠରେ ଜଣେ କବି ନିଜ କବିତା ପଢ଼ି ସାରିଲା ପରେ ଘଣ୍ଟାଏ କାଳ ମଞ୍ଚରେ ବସିବାର ଅନୁଭବ ନିଶ୍ଚୟ ନିଆରା ଥିଲା। ସବୁ କାର୍ଯ୍ୟକ୍ରମ ସରିଲା ପରେ ନୂଆ କବିତା ପାଠ ଧାରାକୁ ସ୍ଥାନୀୟ କବି ପ୍ରଶଂସା କରିବାରେ କାର୍ପଣ୍ୟତା ପ୍ରକାଶ କରିନଥିଲେ।

ବଉଦରାଜ (ବୌଦ୍ଧ), ମୋ: ୯୪୩୭୪୭୮୪୬୬

# ବାସି ଖାଦ୍ୟ, ଝାଡ଼ୁ ଅର୍ପଣରେ ଦୂର ହୁଏ ଚର୍ମରୋଗ

ଓଜସ୍ୱିନୀ

**ବିଶ୍ୱାସ ଓ ବିଜ୍ଞାନ**

ଆଜିକାଲିର ପ୍ରଦୂଷିତ ପରିବେଶ ପାଇଁ ବିଭିନ୍ନ ପ୍ରକାର ଚର୍ମରୋଗର ପ୍ରାଦୁର୍ଭାବ ବଢ଼ି ବଢ଼ି ଚାଲିଛି। ଚର୍ମରୋଗ ବିଶେଷଜ୍ଞମାନଙ୍କ ପାଖରେ ଚିକିତ୍ସିତ ହେବା ପରେ ରୋଗୀ କିଛିମାତ୍ରାରେ ସୁସ୍ଥ ହେଉଛନ୍ତି। ଅନେକେ କସ୍‌ମେଟିକ୍ ସର୍ଜରୀର ସାହାରା ମଧ୍ୟ ନେଉଛନ୍ତି, ଯାହାକି ବ୍ୟୟବହୁଳ। ଡାକ୍ତରୀ ସୁବିଧା ନଥିବା କିମ୍ବା ଅର୍ଥବଳ ନଥିବା ରୋଗୀମାନେ କିନ୍ତୁ ଆରୋଗ୍ୟ ଲାଭ ପାଇଁ ଈଶ୍ୱରଙ୍କ ଉପରେ ହିଁ ଭରସା କରିଥା'ନ୍ତି। ଭାରତରେ ଏଭଳି ଦୁଇଟି ଚମତ୍କାରୀ ମନ୍ଦିର ଅଛି, ଯେଉଁଠି ସମସ୍ତପ୍ରକାର ଚର୍ମରୋଗରୁ ମୁକ୍ତି ମିଳିଥାଏ। ଗୋଟିଏ ହେଉଛି ରାଜସ୍ଥାନର ଭରତପୁର ଜିଲ୍ଲାସ୍ଥିତ ବ୍ରହ୍ମବାଦଠାରେ ଥିବା ମା' ଶୀତଳାଙ୍କ ମନ୍ଦିର ଏବଂ ମୁର୍ଶୀଦାବାଦ୍-ଆଗ୍ରା ରାଜପଥ ନିକଟରେ ସଦ୍‌ଥିଠାରେ ଥିବା ମହାଦେବ ପୂଜା ପାଉଥିବା ପାତାଳେଶ୍ୱର ମନ୍ଦିର।

ସ୍କନ୍ଦପୁରାଣ ଅନୁସାରେ ମା' ଶୀତଳା ହେଉଛନ୍ତି ସ୍ୱଚ୍ଛତାର ଦେବୀ। ଗଧ ବାହିନୀ ମା' ନିମ୍ବ ପତ୍ର, ଝାଡ଼ୁ, କଳସ ଓ ସୂପ ଧାରଣ କରିଛନ୍ତି। ପାରମ୍ପରିକ ଚିକିତ୍ସା ବିଜ୍ଞାନରେ ହାଡ଼ଫୁଟି ଉପଶମ ପାଇଁ ଏଗୁଡ଼ିକ ଉପଯୋଗ ହେଉଥିବାରୁ ମା' ଶୀତଳାଙ୍କୁ ସଂକ୍ରାମକ ରୋଗନାଶିନୀ ଭାବେ ବର୍ଣ୍ଣନା କରାଯାଇଛି। ବହୁପୂର୍ବରୁ ଯେତେବେଳେ ହାଡ଼ଫୁଟିର ପ୍ରାଦୁର୍ଭାବ ଅଧିକ ଥିଲା, ସେତେବେଳେ ମା' ଶୀତଳାଙ୍କୁ ପୂଜା କରିବା ଦ୍ୱାରା ବ୍ୟକ୍ତି ସୁସ୍ଥ ହେବା ସହିତ ଶରୀର ଦାଗମୁକ୍ତ ହେଉଥିଲା ବୋଲି ଜନଶ୍ରୁତି ଅଛି। ବର୍ତ୍ତମାନ ସମୟରେ ମଧ୍ୟ ମା' ଶୀତଳାଙ୍କୁ ସମସ୍ତ ପ୍ରକାର ଚର୍ମରୋଗରୁ ମୁକ୍ତି ପାଇଁ ସେଠାରେ ପୂଜାର୍ଚ୍ଚନା କରାଯାଉଛି। ମନ୍ଦିରରେ ଥିବା ଏକ କୂଅରୁ ମା' ଶୀତଳାଙ୍କ ଆର୍ବିଭାବ ହୋଇଥିଲା ବୋଲି କଥିତ ଅଛି। ସେହି କୂଅର ପାଣି ପିଇବା ଓ ସ୍ନାନ କରିବା ଦ୍ୱାରା ସବୁ ଚର୍ମରୋଗ ଦୂର ହୋଇଥାଏ। ଏହାସହିତ ମା'ଙ୍କ ପାଖରେ ବାସି ଓ ଥଣ୍ଡା ଖାଦ୍ୟ ଭୋଗ କରିବାର ବିଧି ମଧ୍ୟ ରହିଛି। ମହିଳାମାନେ ମା'ଙ୍କୁ ଦର୍ଶନ କରିବାର ଗୋଟିଏ ଦିନ ପୂର୍ବରୁ ଭୋଗ ପ୍ରସ୍ତୁତ କରି ରଖିଥା'ନ୍ତି। ଶିତଳାଷ୍ଟମୀ ଦିନ ଏଠାରେ ମା'ଙ୍କର ବିଶେଷ ପୂଜାର୍ଚ୍ଚନା କରାଯାଏ ଏବଂ ଗୋଟିଏ ବଡ଼ ମେଳାର ଆୟୋଜନ ହୋଇଥାଏ, ଯାହାକୁ ବସୌଡ଼ା ପର୍ବ କୁହାଯାଏ। ଏହିଦିନ ଭକ୍ତମାନେ ସେମାନଙ୍କର ପରିବାରର ମଙ୍ଗଳକାମନା କରି ମା'ଙ୍କ ଦର୍ଶନ ପାଇଁ ଆସିଥା'ନ୍ତି। ମା' ଶୀତଳାଙ୍କ ମନ୍ଦିର ବ୍ରହ୍ମବାଦଠାରେ କିଭଳି ପ୍ରତିଷ୍ଠା ହେଲା ଏବଂ ମା'ଙ୍କ ପାଖରେ ବାସି ଖାଦ୍ୟ କାହିଁକି ଭୋଗ ହୁଏ, ସେ ସମ୍ପର୍କରେ ଅନେକ ଲୋକକଥା ଏବଂ ପୌରାଣିକ କଥା ରହିଛି।

ମୁର୍ଶୀଦାବାଦ୍-ଆଗ୍ରା ରାଜପଥ ନିକଟସ୍ଥ ସଦ୍‌ଥିଠାରେ ଥିବା ପ୍ରାୟ ୧୫୦ ବର୍ଷ ପୁରୁଣା ପାତାଳେଶ୍ୱର ମନ୍ଦିରର ବିଶେଷତ୍ୱ ହେଉଛି, ଚର୍ମରୋଗରୁ ମୁକ୍ତି ପାଇଁ ଏଠାରେ ଭକ୍ତମାନେ ଶିବଲିଙ୍ଗ ନିକଟରେ ଝାଡ଼ୁ ଅର୍ପଣ କରିଥା'ନ୍ତି। କିମ୍ବଦନ୍ତୀ ଅନୁଯାୟୀ ବହୁବର୍ଷ ପୂର୍ବେ ସଦ୍‌ଥିଠାରେ ଭିକାରୀ ଦାସ ନାମକ ଜଣେ ଅତ୍ୟନ୍ତ ଧନୀ ବ୍ୟବସାୟୀ ରହୁଥିଲେ। ସେ ଗମ୍ଭୀର ଚର୍ମରୋଗରେ ପୀଡ଼ିତ ଥିଲେ। ଏକଦା ସେ ଔଷଧ ଆଣିବା ପାଇଁ ସହର ଯିବା ସମୟରେ ଏହି ଗାଁ ନିକଟରେ ଅଟକିଥିଲେ। ଶୋଷ ମେଣ୍ଟାଇବା ପାଇଁ ନିକଟରେ ଥିବା ଆଶ୍ରମକୁ ଗଲେ। ସେଠାରେ ଜଣେ ସନ୍ନ୍ୟାସୀ ଦାଣ୍ଡ ଓଳାଉଥିଲେ। ସନ୍ନ୍ୟାସୀଙ୍କର ଝାଡ଼ୁ ବ୍ୟବସାୟୀଙ୍କ ଗୋଡ଼ରେ ବାଜିବାରୁ ଚମତ୍କାର ଭାବେ ସେ ଚର୍ମରୋଗରୁ ତତ୍‌କ୍ଷଣାତ୍ ମୁକ୍ତ ହୋଇଯାଇଥିଲେ। ପ୍ରତିଦାନ ସ୍ୱରୂପ ବ୍ୟବସାୟୀଜଣକ ସନ୍ନ୍ୟାସୀଙ୍କୁ ଅନେକ ସୁନା ମୋହର ଦେଲେ। କିନ୍ତୁ ସନ୍ନ୍ୟାସୀ ତାହାକୁ ଗ୍ରହଣ ନକରି ଆଶ୍ରମରେ ଗୋଟିଏ ମହାଦେବଙ୍କ ମନ୍ଦିର ନିର୍ମାଣ କରାଇବା ପାଇଁ ଇଚ୍ଛା ପ୍ରକାଶ କଲେ। ସେବେଠାରୁ ସେଠାରେ ମହାଦେବ ଶିବଲିଙ୍ଗ ସ୍ୱରୂପରେ ପାତାଳେଶ୍ୱର ଭାବେ ପୂଜା ପାଇ ଆସୁଛନ୍ତି। ଏଠାରେ ଭକ୍ତମାନେ ଝାଡ଼ୁ ଅର୍ପଣ କରିବା ଦ୍ୱାରା ଅନେକ ପ୍ରକାର ଚର୍ମରୋଗରୁ ମୁକ୍ତି ପାଇଥା'ନ୍ତି। ଭାରତ ବାହାରୁ ମଧ୍ୟ ଏଠାକୁ ଅନେକ ଭକ୍ତ ଆସି ସୁସ୍ଥ ହୋଇ ଫେରିଛନ୍ତି ବୋଲି ସ୍ଥାନୀୟ ଲୋକମାନଙ୍କଠାରୁ ଶୁଣିବାକୁ ମିଳେ। ଓଡ଼ିଶାର ଉଷ୍ମ ପ୍ରସବଣ ତପ୍ତପାଣି କୁଣ୍ଡରେ ସ୍ନାନ କରିବା ଦ୍ୱାରା ମଧ୍ୟ ଚର୍ମରୋଗ ଦୂର ହୋଇଥାଏ ବୋଲି ବିଶ୍ୱାସ ଅଛି। ଭଗବାନଙ୍କ ଉପରେ ଅତୁଟ ଭରସା ଓ ବିଶ୍ୱାସ ହିଁ ରୋଗମୁକ୍ତିରେ ମହୌଷଧି ପାଲଟିଯାଏ।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ବିଜେପି ବିଧାୟକଙ୍କ ଗାଡ଼ିରେ ଚୋରା ଗଞ୍ଜେଇ ଓ ମଦ ଚାଲାଣ

# ବିଧାୟକଙ୍କୁ ସରକାର ଘଣ୍ଟ ଘୋଡ଼ାଉଛନ୍ତି: ବିଜେଡି

**ଭୁବନେଶ୍ୱର,୩।୭ (ସମିସ):** ଭୁବନେଶ୍ୱରର ନାଲକୋ ଛକ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ବିଜେପି ବିଧାୟକ ପ୍ରକାଶ ସୋରେନଙ୍କ ଗାଡ଼ିରୁ ଗଞ୍ଜେଇ ଓ ମଦ ଥିବା ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ଏହି ଭିଡିଓକୁ ଆଧାର କରି ବିଜେଡି ପକ୍ଷରୁ ବିଜେପିର ବିଧାୟକ ମାନେ ବିଭିନ୍ନ ଅସାମାଜିକ କାର୍ଯ୍ୟରେ ଲିପ୍ତ ଥିବା ବେଳେ ରାଜ୍ୟ ସରକାର ତାଙ୍କୁ ଘଣ୍ଟ ଘୋଡାଉଛନ୍ତି ବୋଲି ଅଭିଯୋଗ କରିଛନ୍ତି।

ଗୁରୁବାର ଶଙ୍ଖ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ନେତା ତଥା ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି କହିଛନ୍ତି ଯେ ରାଜଧାନୀର ଜନଗହଳି ପୂର୍ଣ୍ଣ ନାଲକୋ ଛକରେ ସ୍ପଷ୍ଟ ଦିବାଲୋକରେ ହୋଇଥିବା ଏହି ଦୁର୍ଘଟଣା ବେଳେ ବିଧାୟକ ପ୍ରକାଶ ସୋରେନଙ୍କ ପୁଅ ଓ ତାଙ୍କର ପାଞ୍ଚ ଜଣ ସହଯୋଗୀ ଏହି ଗାଡ଼ିରେ ଥିଲେ। ଦୁର୍ଘଟଣା ପରେ ଘଟଣା ସ୍ଥଳରେ ସ୍ଥାନୀୟ ଲୋକମାନେ ରୁଣ୍ଡ ହୋଇ ଯାଇଥିଲେ। ବିଧାୟକଙ୍କ ଦୁର୍ଘଟଣାଗ୍ରସ୍ତ ଗାଡ଼ିରେ ମଦ ବୋତଲ ଓ ଗଂଜେଇ ଥିବାର ସ୍ଥାନୀୟ ଜନସାଧାରଣ ଦେଖିବା ପରେ ଏହାର ଭିଡିଓ କରି ସାମାଜିକ ଗଣମାଧ୍ୟମରେ ଛାଡିଥିଲେ, ଯାହା ଭାଇରାଲ ହେବାରେ ଲାଗିଛି। ବିଧାୟକଙ୍କ ଗାଡ଼ିରେ ମଦ ଗଞ୍ଜେଇ ଚାଲାଣ ହେବା ଏନଡିପିଏସ ଆଇନର ଉଲ୍ଲଂଘନ ଏବଂ ଏକ ସଂଗୀନ ଅପରାଧ। ବିଧାୟକ ପ୍ରକାଶ ସୋରେନ ଏହି ଘଟଣାକୁ ଚାପିଦେବା ଉଦ୍ଦେଶ୍ୟରେ ଘଟଣାକୁ ଅସ୍ୱୀକାର କରି ତାଙ୍କ ପୁଅ ଓ ସହଚରମାନଙ୍କୁ କ୍ଲିନଚିଟ ଦେବାକୁ ପ୍ରୟାସ କରୁଛନ୍ତି ବୋଲି ଶ୍ରୀ ମାର୍ଣ୍ଡି ଅଭିଯୋଗ କହିଛନ୍ତି।

ଅନ୍ୟପଟେ ଏହି ସଂଗୀନ ଅପରାଧରେ ଜଡ଼ିତ ବିଧାୟକଙ୍କ ପୁଅ ଓ ତାଙ୍କ ସହଚରମାନଙ୍କୁ ତୁରନ୍ତ ଗିରଫ ସହ ବିଧାୟକ ପ୍ରକାଶ ସୋରେନଙ୍କୁ ତଦନ୍ତ ପରିସର ଭିତରେ ରଖାଯାଉ ବୋଲି ବିଜେଡ଼ି ଦାବି କରିଛି। ପ୍ରକାଶ ସୋରେନ ମର୍ଯ୍ୟାଦାଜନକ ବାରିପଦା ଆସନରୁ ନିର୍ବାଚିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ବେଆଇନ ଗଞ୍ଜେଇ ଓ ମଦ ବେପାର ଅହେତୁକ ଭାବେ ବୃଦ୍ଧି ପାଇଛି। ରାସ୍ତାରେ ଚେକିଂକୁ ଚକମା ଦେବା ପାଇଁ ବିଧାୟକଙ୍କ ବୋର୍ଡ ଲାଗିଥିବା ଗାଡିକୁ ବେଆଇନ ଗଞ୍ଜେଇ ଓ ମଦ ଚାଲାଣ କାମରେ ଲଗା ଯାଉଛି। ତାଙ୍କ ନାମରେ ଥିବା ଗାଡ଼ିଟି ଅବୈଧ କାର୍ଯ୍ୟରେ ବ୍ୟବହାର ହେବା ଏକ ଗୁରୁତର ବିଷୟ। କେବଳ ବାରିପଦା ବିଧାୟକ ନୁହେଁ ରାଜ୍ୟର ଅନେକ ବିଜେପି ବିଧାୟକ ଓ ବିଜେପି କର୍ମକର୍ତ୍ତା ଏବେ ବିଭିନ୍ନ ବେଆଇନ କାର୍ଯ୍ୟରେ ଲିପ୍ତ ହୋଇଛନ୍ତି। ରାଜ୍ୟର ପୁଲିସ ଓ ଅବକାରୀ ଅଧିକାରୀଙ୍କୁ ଭୟଭୀତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ବାରଣ କରାଯାଇଛି। ଯାହା ଫଳରେ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇ ପଡିଛି। ତେଣୁ ଏହି ଘଟଣାର ନିରପେକ୍ଷ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ତୁରନ୍ତ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଶ୍ରୀ ମାର୍ଣ୍ଡି ଦାବି କରିଛନ୍ତି।



## ବିପୁଳ ମାଓ ସାମଗ୍ରୀ ଜବତ

**ବାଲିଗୁଡ଼ା,୩।୭ (ସମିସ):** କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ଅନ୍ତର୍ଗତ ସଲାଗୁଡା ପଞ୍ଚାୟତର କୁମ୍ଭେମିଲା ଜଙ୍ଗଲରୁ ବିପୁଳ ମାଓ ସାମଗ୍ରୀ ଜବତ ହୋଇଛି। ସୂଚନା ଅନୁସାରେ, ଗୁରୁବାର ଦିନ ଗୁଇନ୍ଦା ସୂଚନା ଅନୁଯାୟୀ ବିଏସ୍ଏଫ୍ ୧୩୬ ବାଟାଲିୟନ୍ ପକ୍ଷରୁ ଏକ ସ୍ୱତନ୍ତ୍ର ଅପରେସନ୍ କରାଯାଇଥିଲା। ଅପରେସନ୍ ବେଳେ ଯବାନମାନେ ଏକ ମାଓ କ୍ୟାମ୍ପକୁ ଠାବ କରିଥିଲେ। କ୍ୟାମ୍ପରୁ ଦୁଇଟି ରାଇଫଲ, ଗୋଟଏ ପ୍ୟାକେଟ୍ ଜିଲୋଟିନ୍, ଗୋଟିଏ ଡେଟନେଟର, ଦୁଇଟି ମାଓ ପୁସ୍ତିକା ସହ ଅନ୍ୟାନ୍ୟ ମାଓ ସାମଗ୍ରୀ ଓ ଔଷଧ ଜବତ ହୋଇଥିଲା। ତେବେ ଏଥିରେ କେହି ମାଓବାଦୀ ଗିରଫ ହୋଇନାହାନ୍ତି। ଆଗାମୀ ଦିନରେ ଏଠାରେ ସର୍ଚ୍ଚ ଅପରେସନ୍‌କୁ ଜୋରଦାର କରାଯିବ ବୋଲି ସୂଚନା ମିଳିଛି।

### ବିଜେଡି ନେତ୍ରୀ ଲେଖାଶ୍ରୀଙ୍କୁ ନୀଳଗିରି ବିଧାୟକଙ୍କ ଅଶାଳୀନ ମନ୍ତବ୍ୟ

# ବିଜୁ ମହିଳା ଜନତା ଦଳର ବିକ୍ଷୋଭ



**ବାଲେଶ୍ୱର/ନୀଳଗିରି,୩।୭ (ସମିସ):** ବିଜେଡିର ବାଲେଶ୍ୱର ସାଂସଦ ପ୍ରାର୍ଥିନୀ ଡ. ଲେଖାଶ୍ରୀ ସାମନ୍ତସିଂହାରଙ୍କ ପ୍ରତି ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଅତି ଆପତ୍ତିଜନକ ମନ୍ତବ୍ୟ ଦେବା ପ୍ରତିବାଦରେ ବିଜୁ ମହିଳା ଜନତା ଦଳ ଆଜି ବିକ୍ଷୋଭ ପ୍ରଦର୍ଶନ କରିଛି। ବହୁସଂଖ୍ୟାରେ ଦଳୀୟ ମହିଳା କର୍ମୀ ଆଜି ସନ୍ଧ୍ୟାରେ ଫାଣ୍ଡିଛକଠାରେ ଏକଜୁଟ୍ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହାସହ ବିଧାୟକ ଶ୍ରୀ ଖଟୁଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ କାଉନସିଲର୍ ସନ୍ଧ୍ୟାରାଣୀ ଜେନା ସହଦେବଖୁଣ୍ଟା ଥାନାରେ ଏକ ଲିଖିତ ଅଭିଯୋଗ ମଧ୍ୟ କରିଛନ୍ତି।

ଅଭିଯୋଗ ଅନୁସାରେ, ନୀଳଗିରିର ବିଜେପି ବିଧାୟକ ଶ୍ରୀ ଖଟୁଆ ଏକ ସାମ୍ବାଦିକ ସମ୍ମିଳନୀରେ ଡ. ସାମନ୍ତସିଂହାରଙ୍କ ପ୍ରତି ଆପତ୍ତିଜନକ ଓ ଅଶ୍ଳୀଳ ମନ୍ତବ୍ୟ ଦେଇଥିଲେ। ଜଣେ ବିଧାୟକ ଗଣମାଧ୍ୟମରେ ଜଣେ ମହିଳାଙ୍କ ପ୍ରତି ଏଭଳି ମନ୍ତବ୍ୟ ଦେବା ନିହାତି ଲଜ୍ଜାଜନକ। ଏହା ଖାଲି ଡ. ସାମନ୍ତସିଂହାରଙ୍କୁ ଅପମାନ ନୁହେଁ, ବରଂ ସମଗ୍ର ନାରୀଜାତିକୁ ଅପମାନ ବୋଲି ବିଜେଡି ମହିଳା କର୍ମୀମାନେ ଅଭିଯୋଗ କରିଥିଲେ। ନାରୀସମାଜ ପ୍ରତି ଡବଲ ଇଞ୍ଜିନ ସରକାରର ଏହା କି' ପ୍ରକାର ସମ୍ମାନ ବୋଲି ସେମାନେ ପ୍ରଶ୍ନ କରିଥିଲେ। ତେଣୁ, ସଂପୃକ୍ତ ବିଧାୟକଙ୍କ ବିରୋଧରେ ଆଇନଗତ ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ସେମାନେ ଦାବି କରିଥିଲେ। ଏହି ସମୟରେ ୨୬ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଭ୍ୟା ସୋନାଲି ବିଶ୍ୱାଳଙ୍କ ସମେତ ଅନ୍ୟ କାଉନସିଲର ମୀନା ମହାନ୍ତି, ଶଶିରେଖା ମହାନ୍ତି, ସବିତାରାଣୀ ଦାସ, ଅର୍ପିତା ପ୍ରିୟଦର୍ଶିନୀ ପଟ୍ଟନାୟକ, ଶୋଭା ମହାପାତ୍ର, ମୀରାଜ ବାନୋ, ରାଜଲକ୍ଷ୍ମୀ ଚାଟାର୍ଜୀ, ମିତା

### ଥାନାରେ ଏତଲା ଦେଲେ କାଉନସିଲର୍

ପଟ୍ଟନାୟକ, କବିତା ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଗୁରୁବାର ସନ୍ଧ୍ୟାରେ ବିଜେଡିର ପ୍ରାୟ୧୦୦ରୁ ଅଧିକ ମହିଳା କର୍ମୀ ନୀଳଗିରି ଥାନା ଆଇଆଇସିଙ୍କୁ ଭେଟି ବିଧାୟକ ଶ୍ରୀ ଖଟୁଆଙ୍କ ବିରୋଧରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ବିଧାୟକ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂରା ନାରୀସମାଜ ପାଖରେ କ୍ଷମା ମାଗନ୍ତୁ ବୋଲି ସେମାନେ ଦାବି କରିଛନ୍ତି। ନଚେତ୍ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ନାରୀନେତ୍ରୀ ଆଶୋକାସିନୀ ନାୟକ, ଶାନ୍ତିଲତା ବିଶ୍ୱାଳ ଏବଂ ସୋମବାରୀ ସିଂ ଚେତାବନୀ ଦେଇଛନ୍ତି।

# ୩ ମାସ ହେବ ଦରମା ପାଇନାହାନ୍ତି ୨୬ ଜିଲ୍ଲାରେ ବିଷୟବସ୍ତୁ ବିଶେଷଜ୍ଞ

**ଭୁବନେଶ୍ୱର,୩।୭ (ସମିସ):** ଓଡ଼ିଶାର ୨୬ ଟି ଜିଲ୍ଲାରେ କାର୍ଯ୍ୟରତ ୫୭ ଜଣ ବିଷୟବସ୍ତୁ ବିଶେଷଜ୍ଞ (ସବ୍‌ଜେକ୍ଟ ମ୍ୟାଟର ଏକ୍ସପର୍ଟ୍ସ) । ଏହି ଅଧିକାରୀମାନେ ଜିଲ୍ଲା ଯୋଜନା ଓ ନିରୀକ୍ଷଣ କେନ୍ଦ୍ର (ଡିପିଏମ୍‌ୟୁ)ରେ କାର୍ଯ୍ୟରତ ଅଛନ୍ତି। ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗ ଅଧିନରେ କାର୍ଯ୍ୟରତ ଏହି ଅଧିକାରୀମାନେ ୨୦୧୪ ମସିହାରୁ କାର୍ଯ୍ୟ କରି ଆସୁଥିଲେ ମଧ୍ୟ ୩୧ ମାର୍ଚ୍ଚ ୨୦୨୫ ପରେ ସେମାନଙ୍କୁ ଆଉ ଦରମା ଦିଆଯାଇ ନ ଥିବା ଜଣାପଡ଼ିଛି। ଯୋଜନା ଓ ସଂଯୋଜନ ବିଭାଗର ମୁଖିଆ ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦାୟିତ୍ୱ ନିର୍ବାହ କରୁଛନ୍ତି।

ଖୋଦ୍ ରାଜ୍ୟର ମୁଖିଆଙ୍କ ବିଭାଗରେ କାର୍ଯ୍ୟରତ ଅଧିକାରୀମାନେ ୩ ମାସ ହେବ ବେତନ ବିହୀନ ଅବସ୍ଥାରେ ଥିବାରୁ ସେମାନେ ଅନ୍ୟ କାହାକୁ ଗୁହାରୀ କରିବେ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏହି ବିଭାଗରେ କାର୍ଯ୍ୟରତ ଜଣେ ଅଧିକାରୀଙ୍କ କହିବା ଅନୁଯାୟୀ ଗତ ୨୦୧୪ ଓ ୨୦୧୭ ମସିହରେ ଦୁଇଟି ପର୍ଯ୍ୟାୟରେ ରାଜ୍ୟ ସରକାର ୫୭ ଜଣ ବିଷୟବସ୍ତୁ ବିଶେଷଜ୍ଞଙ୍କୁ ନିଯୁକ୍ତି ଦେଇଥିଲେ। ଯୋଜନା ଓ ସଂଯୋଜନ ବିଭାଗ ଦ୍ୱାରା ଏହି ନିଯୁକ୍ତିପତ୍ର ବଣ୍ଟନ ହୋଇଥିଲା। ତେବେ ଏହି ନିଯୁକ୍ତିର ନିୟମ ଅଧାରରେ ପ୍ରତି ବର୍ଷ କର୍ମଚାରୀମାନଙ୍କ ସହ ଚୁକ୍ତି କରାଯାଉଥିଲା। ଓ ପରବର୍ତ୍ତୀ ସମୟରେ ସେମାନଙ୍କୁ ସ୍ଥାୟୀ କରାଯିବ ବୋଲି ବ୍ୟବସ୍ଥା ରହିଥିଲା। ମାତ୍ର ୨୦୨୫ ମାର୍ଚ୍ଚ ଶେଷରେ ବାର୍ଷିକ ଚୁକ୍ତି ଅବଧି ଶେଷ ହେବା ପରେ ଆଉ ଏହି ଅଧିକାରୀମାନଙ୍କ ସହ ଚୁକ୍ତି କରାଯାଇ ନାହିଁ ଓ ୩ ମାସ ହେବ ସେମାନଙ୍କୁ ଦରମା ଦିଆଯାଉ ନାହିଁ। ଏହି କ୍ଷେତ୍ରରେ ୨୮ ଜଣ ବରିଷ୍ଠ ବିଶେଷଜ୍ଞଙ୍କର ୧୧ ବର୍ଷ ଓ ୨୯ ଜଣଙ୍କର ୮ ବର୍ଷରୁ ଅଧିକ ଅଭିଜ୍ଞତା ରହିଥିବା ବେଳେ ସେମାନେ ଏକାଧିକ ଗୁରୁତ୍ୱପୂର୍ଣ୍ଣ ସରକାରୀ ଯୋଜନା ଯଥା ଏମ୍‌ପି ଲ୍ୟାଡ୍, ଏମ୍‌ଏଲ୍‌ଏ ଲ୍ୟାଡ୍, ସିଏମ୍ ସ୍ୱତନ୍ତ୍ର ସହାୟତା, ସିଜିଏଫ୍, ବଜିଜେୱାଇ, କେବିକେ ସ୍କିମ, ବିଜୁ ସେତୁ, ଡିଏମ୍‌ଏଫ୍ ଓ ଆକାଂକ୍ଷୀ ଜିଲ୍ଲା ଓ ବ୍ଲକ୍ ଆଦି ଯୋଜନାରେ କାର୍ଯ୍ୟ କରୁଛନ୍ତି। ମାତ୍ର ଏଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ନିୟୋଜିତ ଅଧିକାରୀ ଦରମା ନ ମିଳୁଥିବାରୁ ଆଗକୁ ଏହି କାର୍ଯ୍ୟରେ ଗୁରୁତର ପ୍ରଭାବ ପଡ଼ିବାର ମଧ୍ୟ ଆଶଙ୍କା ସୃଷ୍ଟି ହୋଇଛି। ଏହି ସମସ୍ୟା ସମ୍ପର୍କରେ ଉନ୍ନୟନ କମିଶନରଙ୍କୁ ଅବଗତ କରାଇବା ସତ୍ତ୍ୱେ ଏହା କୌଣସି ସମାଧାନ ହୋଇ ନ ଥିବାରୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅଧିକାରୀମାନେ ଲିଖିତ ଭାବେ ଜଣାଇଛନ୍ତି। ଯଦି ତୁରନ୍ତ ଏହି ସମସ୍ୟାର ସମାଧାନ କରା ନଯାଏ ତେବେ ଏହି ଅଧିକାରୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଜଣାପଡ଼ିଛି।

# ଭିଜିଲାନ୍ସ ଜାଲରେ ତାଳଚେର ଥାନା ଏଏସ୍‌ଆଇ



**ତାଳଚେରସହର/ତାଳଚେରସଦର,୩।୭ (ସମିସ):** ଜଣେ ଚୋରା ମଦ ବ୍ୟବସାୟୀଙ୍କୁ ଥାନାରୁ ସିଆର୍‌ପିସି ୪୧ରେ ଜାମିନ କରାଇଦେବା ପାଇଁ ୩ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ତାଳଚେର ଥାନା ଏଏସ୍‌ଆଇ ଧରଣୀଧର ନାଥ। ତାଙ୍କଠାରୁ ରାସାୟନିକ ପ୍ରଲେପ ବୋଳା ଲାଞ୍ଚ ଟଙ୍କା ଜବତ କରାଯାଇଛି। ତାଙ୍କୁ ଭିଜିଲାନ୍ସ କାର୍ଯ୍ୟାଳୟକୁ ନିଆଯାଇ ପଚରାଉଚରା କରାଯାଉଛି। ଏଥିସହ ଧରଣୀଧରଙ୍କ ପୈତୃକ ଘର ଚେଣ୍ଡିପଦା ବ୍ଲକ୍ ଖାମର ଗ୍ରାମ ଓ ତାଳଚେର ହାଣ୍ଡିଧୂଆଁସ୍ଥିତ ଭଡ଼ାଘରେ ଖାନତଲାସି ଆରମ୍ଭ ହୋଇଛି। ମିଳିଥିବା ସୂଚନାନୁଯାୟୀ, ଜନ୍ଦାବାହାଳ ଗ୍ରାମର ପ୍ରୀତିରଞ୍ଜନ ଭୁକ୍ତା ଚୋରା ମଦ କାରବାର କରୁଥିବା ବେଳେ ଗତ ଏପ୍ରିଲ ମାସରେ ପୁଲିସ ଚଢ଼ଉ କରି ତାଙ୍କ ପାଖରୁ ୪୦୦୦ ଲିଟର ବିଦେଶୀ ମଦ ଜବତ କରିଥିଲା। ଏହି ମାମଲାରେ ଥାନାରୁ ୪୧ ସିଆର୍‌ପିସିରେ ଜାମିନ କରାଇଦେବା ପାଇଁ ଧରଣୀଧର ପ୍ରୀତିରଞ୍ଜନଙ୍କୁ ୩ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ପ୍ରୀତିରଞ୍ଜନ ଅନୁଗୋଳ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ତେଣୁ ତାଙ୍କୁ ଧରିବା ପାଇଁ ଭିଜିଲାନ୍ସ ଜାଲ ବିଛାଇଥିଲା। ଗୁରୁବାର ଭିଜିଲାନ୍ସର ରାସାୟନିକ ପ୍ରଲେପବୋଳା ଟଙ୍କା ପ୍ରୀତିରଞ୍ଜନଙ୍କ ମାଧ୍ୟମରେ ଧରଣୀଧରଙ୍କୁ ଦିଆଯାଇଥିଲା। ଏହି ସମୟରେ ଭିଜିଲାନ୍ସ ଅଧିକାରୀମାନେ ଚଢ଼ଉ କରି ଧରଣୀଧରଙ୍କ ନିକଟରୁ ଉକ୍ତ ଟଙ୍କା ଜବତ କରିଥିଲେ। ଜଣେ ଡିଏସ୍‌ପି ଓ ତିନିଜଣ ଇନ୍ସପେକ୍ଟର୍‌ଙ୍କ ନେତୃତ୍ୱରେ ଚଢ଼ଉ କରାଯାଇଥିଲା।

### ପୁଅ ପଚାରିଲାନି; ଋଣ ବୋଝ ଚିନ୍ତା ଘାରିଲା

# ଟ୍ରେନ୍ ଆଗକୁ ଡେଇଁ ବୃଦ୍ଧ ଦମ୍ପତିଙ୍କ ଆତ୍ମହତ୍ୟା

**ନୂଆପଡ଼ା, ୩।୭ (ସମିସ):** ୩ ଝିଅରେ ଗୋଟିଏ ବୋଲି ପୁଅ। ବଡ଼ ଗେଲବସରରେ ବଢ଼େଇଥିଲେ ବାପା-ମା'। ନିଜ ସାମର୍ଥ୍ୟ ଅନୁଯାୟୀ କୋଉଥିରେ କିଛି ଅଭାବ ରଖିନଥିଲେ। ଏପରିକି, ପାଠ ପଢ଼ାଠାରୁ ଆରମ୍ଭ କରି ପୁଅ-ଝିଅଙ୍କୁ ବାହାଦେବା ପାଇଁ ନିଜର ଅଢ଼େଇ ଏକରରୁ ଏକରେ ଜମି ବିକିବା ସହ ସାଉକାରଙ୍କଠାରୁ ଋଣ ବି କରିଥିଲେ। କିନ୍ତୁ ପରିଣତ ବୟସରେ ସେଇ ପୁଅ ପାଦରେ ଆଡ଼େଇଦେଲା। ବୁଢ଼ା ବୟସରେ ଦେହପା' କଥା ବୁଝିବା ତ ଦୂରର କଥା, ସାଉକାରଠାରୁ ବାପା କରିଥିବା ଋଣ ସେ ଶୁଝିପାରିବନି ବୋଲି ରୋକଠୋକ୍ ମନା କରିଦେଲା। ଫଳରେ, ଗୋଟିଏପଟେ ଋଣଭାର ବଢ଼ି ଚାଲିବା ଓ ଅନ୍ୟପଟେ ପୁଅ ହତାଦର କରିବା ବୃଦ୍ଧ ବାପା-ମା'ଙ୍କ ପାଇଁ ଅସହ୍ୟ ହେଲା। ତେଣୁ ଟ୍ରେନ୍ ଆଗକୁ ଡେଇଁ ଜୀବନ ହାରିଦେଲେ। ନୂଆପଡ଼ା ଜିଲ୍ଲା ସଦର ଥାନା ଅଞ୍ଚଳରେ ଏଭଳି ଏକ ହୃଦୟବିଦାରକ ଘଟଣା ଘଟିଛି। ମୃତ ଦମ୍ପତି ହେଲେ, ଗାଁର ଯଦୁରାମ ପାଣ୍ଡେ (୫୮) ଏବଂ ତାଙ୍କ ପତ୍ନୀ ଜାମବାଇ ପାଣ୍ଡେ (୫୫)। କଲ୍ୟାଣପୁର ଗାଁ ନିକଟରେ ଚଳନ୍ତା ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଛନ୍ତି।





ସୂଚନାନୁଯାୟୀ, ଯଦୁରାମ ପୁଅ-ଝିଅଙ୍କ ବାହାସାଜି ପାଇଁ ଜମି ବିକ୍ରି କରି ସାଉକାରଙ୍କଠାରୁ ଋଣ ଆଣିଥିଲେ। ପରବର୍ତୀ ସମୟରେ ପୁଅ ନରେଶଙ୍କ ସହ ମନୋମାଳିନ୍ୟ ହେବାରୁ ଅନ୍ୟ ଏକ କୋଠରିରେ ରହୁଥିଲେ। ବୁଧବାର ଦିନ ସକାଳେ ନରେଶ ନିଜ ସ୍ତ୍ରୀଙ୍କ ସହ ମିଶି କ୍ଷେତକୁ ଯାଇଥିଲେ। ତେବେ ମଧ୍ୟାହ୍ନରେ ଆସି ଦେଖିବା ବେଳକୁ ବାପା-ମା' ଘରେ ନଥିଲେ। ତେବେ ସଂଧ୍ୟାରେ କଲ୍ୟାଣପୁର ଗାଁ ଲେଭେଲ କ୍ରସିଂ ନିକଟରେ ଦୁହିଁଙ୍କ ମୃତଦେହ ପଡ଼ିଥିବା ଜଣାପଡ଼ିଥିଲା। କଣ୍ଟାବାଞ୍ଜି ରେଲୱେ ପୁଲିସ୍ ମୃତଦେହକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ଆଜି ନୂଆପଡ଼ା ପୁଲିସ୍ ଗାଁକୁ ଯାଇ ତଦନ୍ତ ଆରମ୍ଭ କରିଛି।

# ଅଶୌଚ ଲାଗିଥିଲା; ଶ୍ରୀମନ୍ଦିରରେ ପଶିଲେ ବିଧାୟକ

**ପୁରୀ, ୩।୭ (ସମିସ):** ଅଶୌଚ ଲାଗିଥିଲା; ହେଲେ ଏହାକୁ ଭୁଲିଗଲେ ବିଧାୟକ। ଦଳୀୟ ନେତା-ମନ୍ତ୍ରୀଙ୍କ ସହ ଶ୍ରୀମନ୍ଦିରକୁ ପ୍ରବେଶ କଲେ। କେବଳ ମନ୍ଦିର ଯେ ଯାଇଛନ୍ତି, ତାହା ନୁହେଁ, ରଥଯାତ୍ରାରେ ଭିଆଇପିଙ୍କ ପାଇଁ ହୋଇଥିବା ସବୁ ବ୍ୟବସ୍ଥାରେ ସାମିଲ ମଧ୍ୟ ହୋଇଛନ୍ତି। ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ରଙ୍କର ଏହି ସମୟର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ବେଳେ ଅନେକ ତାଙ୍କୁ କଟାକ୍ଷ କରିଛନ୍ତି। ହିନ୍ଦୁତ୍ୱର କଥା କହୁଥିବା ଏବଂ ଧର୍ମକୁ ନେଇ ସବୁବେଳେ ରାଜନୀତି କରି ଆସୁଥିବା ବିଜେପିର ଜଣେ ବିଧାୟକ କିପରି ପ୍ରଥା-ପରମ୍ପରା ଭୁଲିଗଲେ; ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଆପ୍‌ର ସମୀର ସାମନ୍ତରାୟଙ୍କଠାରୁ ଆରମ୍ଭ କରି ଅନେକ ବ୍ୟକ୍ତି।

### ସୋସିଆଲ ମିଡିଆରେ ବିଧାୟକଙ୍କୁ କଟାକ୍ଷ

ଘଟଣା ଥିଲା ଏମିତି; ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ଜୁନ୍ ୨୨ ତାରିଖରେ ତାଙ୍କ ଫେସ୍‌ବୁକ ପେଜ୍‌ରେ ଏକ ପୋଷ୍ଟ କରିଥିଲେ। ସେ ଲେଖିଥିଲେ, 'ବଡ଼ଭାଇନା ଗୌତମ ମିଶ୍ରଙ୍କର ପରମପୂଜ୍ୟ ପିତୃଦେବ ମୋର ଦଦେଇ ଦେବବ୍ରତ ମିଶ୍ରଙ୍କ ଆକସ୍ମିକ ବିୟୋଗ ଘଟିଥିବାରୁ ମୁଁ ଗଭୀର ଶୋକ ପ୍ରକାଶ କରିବା ସହ ବ୍ୟକ୍ତିଗତ ଭାବେ ଦୁଃଖିତ ଓ ମର୍ମାହତ'। ଅନ୍ୟପକ୍ଷରେ ବିଧାୟକ ଶ୍ରୀ ମିଶ୍ର ଗତ ୨୭ତାରିଖରେ ପୁରୀ ରଥଯାତ୍ରାରେ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ବିଜେପିର ଅନ୍ୟ ନେତା-ମନ୍ତ୍ରୀଙ୍କ ସହ ଉଦ୍ଦିଷ୍ଟ ମଞ୍ଚରେ ବସିଥିଲେ। ମୁଖ୍ୟମନ୍ତ୍ରୀ ଏବଂ ଅତିଥିଙ୍କ ସହିତ ଶ୍ରୀମନ୍ଦିର ଭିତରକୁ ଯାଇଥିଲେ। ମନ୍ଦିରକୁ ପ୍ରବେଶ କରୁଥିବାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି।

ପୁରୀ ଜିଲ୍ଲା ଆପ୍‌ର ସମୀର ସାମନ୍ତରାୟ ଏହି ଭିଡିଓକୁ ପୋଷ୍ଟ କରି କହିଛନ୍ତି, ଯଦି ବିଧାୟକ ଦଦେଇଙ୍କର ଜୁନ୍ ୨୨ରେ ପରଲୋକ ହେଲା, ତେବେ ତାଙ୍କର ଶୁଦ୍ଧିକର୍ମ ସରି ନଥିବା ବେଳେ ଅର୍ଥାତ୍ ଜୁନ୍ ୨୭ ତାରିଖରେ ସେ କିପରି ଶ୍ରୀମନ୍ଦିରକୁ ଭିତରକୁ ପ୍ରବେଶ କଲେ? ହିନ୍ଦୁ ପରମ୍ପରା ଅନୁସାରେ ଅଶୌଚ ପରେ ଶୁଦ୍ଧି ନ ହେବା ପର୍ଯ୍ୟନ୍ତ କୌଣସି ମନ୍ଦିରକୁ ଯିବାର ବିଧି ନାହିଁ। ସାଧାରଣତଃ ଆମ ପରମ୍ପରାରେ ୧୨ଦିନ ପର୍ଯ୍ୟନ୍ତ ଅଶୌଚ ଲାଗିଥାଏ। ହେଲେ ବିଧାୟକ କିପରି ଏହାକୁ ଭୁଲିଗଲେ ବୋଲି ସାଧାରଣରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଅବଶିଷ୍ଟାଂଶ

### ଦେଶରେ ଓଡ଼ିଶା...

ଏକାଧିକ ରିପୋର୍ଟରେ ଓଡ଼ିଶା ଉତ୍ତମ ପ୍ରଦର୍ଶନ କରି ଆସିଛି। ସଦ୍ୟ ପ୍ରକାଶିତ 'ପରଖ' ରିପୋର୍ଟରେ ଓଡ଼ିଶା ଉତ୍ତମ ପ୍ରଦର୍ଶନ କରିଥିବାବେଳେ ପିଜିଆଇ ର୍‍ୟାଙ୍କିଙ୍ଗ ଆଗକୁ ଉତ୍ତମ ପ୍ରଦର୍ଶନ କରିବାକୁ ପ୍ରୋତ୍ସାହିତ କରିବ ବୋଲି ଶିକ୍ଷାବିତ୍‌ମାନେ ମତବ୍ୟକ୍ତ କରିଛନ୍ତି। ସେହିପରି ରାଜ୍ୟର ସଫଳତାକୁ ନେଇ ନବୀନ ପଟ୍ଟନାୟକ କହିଛନ୍ତି ଯେ ପିଜିଆଇ ର୍‍ୟାଙ୍କିଙ୍ଗ୍‌ରେ ୨୦୧୪ ମସିହାରେ ୧୪ତମ ସ୍ଥାନରେ ଥିଲା ଓଡ଼ିଶା। ମାତ୍ର ଶିକ୍ଷା କ୍ଷେତ୍ରରେ ସଂସ୍କାର ଓ ଶୈକ୍ଷିକ ବାତାବରଣ ସୃଷ୍ଟି କ୍ଷେତ୍ରରେ ପ୍ରଗାଢ଼ ଉଦ୍ୟମ ଯୋଗୁଁ ୨୦୨୩-୨୪ ଶିକ୍ଷାବର୍ଷରେ ପଞ୍ଚମ ସ୍ଥାନ ହାସଲ କରିଛି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉଚ୍ଚାକାଂକ୍ଷା ଏବଂ ନୂତନତ୍ୱ ଆଣିବାକୁ ୫-ଟି ଅଧୀନରେ ବିଦ୍ୟାଳୟର ରୂପାନ୍ତରଣ ସଫଳତା ପାଇଛି। ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଦକ୍ଷତା ବଢ଼ାଇ ନୂତନ ଓଡ଼ିଶା ଗଠନ କରିବାରେ ସେ ବିଶ୍ୱାସ କରନ୍ତି। ଏଣୁ ତାଙ୍କ ସରକାର ସମୟରେ ରାଜ୍ୟରେ ପ୍ରାୟ ୭ହଜାର ବିଦ୍ୟାଳୟର ରୂପାନ୍ତରଣ କରାଯାଇଛି। ସରକାରୀ ବିଦ୍ୟାଳୟ ଶିକ୍ଷାର ଭିତ୍ତିଭୂମି ଦୃଢ଼ ହୋଇଛି ଏବଂ ଛାତ୍ରଛାତ୍ରୀମାନଙ୍କୁ ଉତ୍କର୍ଷ ହାସଲ କରିବାରେ ସାହାଯ୍ୟ କରୁଛି। ଏହି ବିଶାଳ ପରିବର୍ତ୍ତନ ପାଇଁ ସମସ୍ତ ଶିକ୍ଷକ, ଅଭିଭାବକ, ପ୍ରଶାସକ ଏବଂ ସହଯୋଗ କରିଥିବା ସମସ୍ତ କର୍ମଚାରୀଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି।

### ଓଏଏସ୍ ଆନ୍ଦୋଳନ...

ବ୍ଲକ୍ ଓ ଜିଲ୍ଲାସ୍ତରରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ ହୋଇପାରୁ ନ ଥିବା ବେଳେ ବିଭିନ୍ନ ଆର୍ଠଥକ କାର୍ଯ୍ୟ ମଧ୍ୟ ଗୁରୁତର ପ୍ରଭାବିତ ହୋଇଥିଲା। ସରକାର ବାରମ୍ବାର ଆଲୋଚନା ଓ ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ ଓଏଏସ୍ ସଂଘ ନିଜ ଜିଦ୍‌ରେ ଅଡ଼ି ବସିଥିଲା। ଏହିକ୍ରମରେ ଗୁରୁବାର ପୁଣି ଥରେ ଓଏଏସ୍ ସଂଘ ନିଜର ଦାବିକୁ ଦୋହରାଇବା ସରକାରଙ୍କ ଚିନ୍ତା ବଢ଼ାଇଥିଲା।

ରାଜ୍ୟ ସରକାର ଓଏଏସ୍ ସଂଘକୁ ବୁଝା ଶୁଝା କରି କାମ ମେଣ୍ଟାଇବାକୁ ଉଦ୍ୟମ କରୁଥିବା ବେଳେ ଏହି ସ୍ଥିତିରେ ଗୁରୁବାର ବିଜେପି ପାର୍ଟି ଅଫିସ୍‌ରେ ପହଞ୍ଚି ଦଳର ସଭାପତି ଓ ଅନ୍ୟ ନେତାଙ୍କ ସହ ଆଲୋଚନା କରିଥିଲେ। ସେହିପରି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମଧ୍ୟ ଓଏଏସ୍ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ତେବେ ଗୁରୁବାର ସନ୍ଧ୍ୟାରେ ଜଗନ୍ନାଥ ପ୍ରଧାନ ନିଜ ସମର୍ଥକଙ୍କ ସହ ଡ଼ିସିପି ଅଫିସରେ ପହଞ୍ଚି ଆତ୍ମ ସମର୍ପଣ କରିବା ପରେ ତାଙ୍କୁ ପୁଲିସ ଗିରଫ କରିଥିଲା।

**AFFIDAVIT**

By virtue of an affidavit sworn before Notary public, Bhubaneswar, Dated : 05.06.2025, I, **Narayan Sahoo,** S/o: Prasanna Sahoo, permanent resident of At/PO: Baigunia, PS: Fategarh, Dist: Nayagarh, Odisha - 752077 declare that I have changed the name of my minor son From Satyabrat Sahoo to **Omm Sahoo**. Henceforth, he shall Known as **Omm Sahoo** for all purposes.

**Narayan sahoo**

**AFFIDAVIT**

By virtue of an affidavit sworn before Notary public, Bhubaneswar, Dated: 29.05.2025, I, **Kabiraj Nayak**, S/o.: Lokanath Nayak, permanent resident of At: Balisahi, PO: Madhyakhanda, PS: Daspalla, Dist: Nayagarh, Odisha- 752093 currently residing at Damana Hata Basti, Damana, PO./P.S.: Chandrasekharpur, Bhubaneswar, Dist: Khordha, Odisha-751016 declare that I have changed the name of my minor son from Situn Nayak to **Situnu Nayak**. Henceforth, he shall be Known as **Situnu Nayak** for all purposes.

**Kabiraj Nayak**

**AFFIDAVIT**

By virtue of an affidavit sworn before the Notary Public, Nabarangpur, no. 4218 / 25, dated 18.06.2025, I Keshpar Mali, S/o. – Astu Mali, resident of Village –Bajargad, PO – Bajargad, PS. Kosagumuda, Dist – Nabarangpur, declared that I have changed my name son's name from Mheghnath Mali to Mahan Mali. Henceforth, my son shall be known as Mahan Mali for all purposes.

**Sd/- Keshpar Mali**

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. MCSW-BOBRN-REHAB-25-26-11

କାର୍ଯ୍ୟର ନାମ : ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱରରେ ବୋବରନ (BOBRN) ୱାଗନର ମରାମତି ତଥା ପୁନର୍ବାସ।

ବିଜ୍ଞାପିତ ମୂଲ୍ୟ (₹): 30,50,22,156.00, EMD (₹): 16,75,100.00, ଶେଷ ହେବା ଅବଧି : 24 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.14.07.2025ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.28.07.2025 ରିଖ 1500 ଘଟିକାରେ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର ନଥିପତ୍ର http://www.ireps.gov.in ରେ ଉପଲବ୍ଧ ଅଟେ।

ଡେପୁଟି ଚିଫ୍ ମେକାନିକାଲ ଇଂଜିନିୟର (POH-II), ରେଳ ଡବା ମରାମତି କାରଖାନା/ମଞ୍ଚେଶ୍ୱର

PR-316/Q/25-26

**AFFIDAVIT**

By virtue of an affidavit sworn before the Notary Public, Nabarangpur, no. 4260 / 25, dated 19.06.2025, I Manasai Bhatra, S/o. – Jhitru Bhatra, resident of Village – Santoshpur, PO- Ghodadhanua, PS. Kosagumuda, Dist – Nabarangpur, declared that I have changed my name son's name from Gipikrishna Bhatra to Gipkrish Bhatra. Henceforth, my son shall be known as Gipkrish Bhatra for all purposes.

**Sd/- Manasai Bhatra**

**AFFIDAVIT**

I, Minakhi Mishra, W/o- Uma Sankar Mohapatra, resident of At- Plot No. 1763, Mohotab Road, VTC: Lingaraj, Bhubaneswar-2, Po- Old Town, Ps- Airfield, Dist- Khurdha, Pin- 751002, Odisha declare by this affidavit No. 18703, dtd- 23/05/2025 that now onwards I shall be known as **MEENAKHI MISHRA** for all future purposes.

**AFFIDAVIT**

I Sri Ram Chandra Bhatra, S/o. Sri Laxman Bhatra, permanent resident of Village – Merai, PO – Kantagaon, PS – Tentulikhunti, Dist – Nabarangpur, Odisha, declare by the Affidavit No. 536, dated 01/07/2025, that myself RAM CHANDRA BHATRA and RAMA CHANDRA BHATRA is one same person, for all future purpose.

**NOTICE**

By virtue of an affidavit sworn before Notary public , Baripada, Sl. No.-10, date-01/05/2025 .I Kaushalya Sethi (New name ) , Adress-Palasbani, Po-Baiganbadia, Ps-Kuliana,Dist-Mayurbhanj, Odisha,pin-757105 declare that I have change my name from Kaushal Ya Sethi ( Old name) to Kaushalya Sethi (New name) . Henceforth,I shall be known as Kaushalya Sethi (New name) for all purposes.

**Kaushalya Sethi**

**AFFIDAVIT**

By virtue of an affidavit sworn before the Notary Public, Nabarangpur, no. 4050 / 25, dated 10.06.2025, I Temaru Bhatra, S/o. – Dhanar Bhatra, resident of Village – K. Semla, PO – K. Semla, PS. Kodinga, Dist – Nabarangpur, declared that I have changed my name son's name from Ganeswar Bhatra to Gyaneswar Bhatra. Henceforth, my son shall be known as Gyaneswar Bhatra for all purposes.

**Sd/- Temaru Bhatra**

**ସତ୍ୟପାଠ**

ସତ୍ୟପାଠ ନଂ.୧୩୯୧୨/୨୦୨୫, ମୁଁ ଜସ୍ୱନ୍ତୀ ନାୟକ, ସ୍ୱାମୀ-ପ୍ରଭାସ ରଞ୍ଜନ ନାୟକ, ଗ୍ରାମ-ଭିତରସୋବଲା ପୋଷ୍ଟ - ବାରଡାଙ୍ଗ, ଥାନା -ମହାକାଳପଡ଼ା ଜିଲ୍ଲା- କେନ୍ଦ୍ରାପଡ଼ା ଘୋଷଣା କରୁଛି କି ବିବାହ ପୂର୍ବରୁ ମୋ ନାମ ଜସ୍ୱନ୍ତୀ ସାହୁ ଥିଲା। ବିବାହ ପରେ ଜସ୍ୱନ୍ତୀ ନାୟକ ହୋଇଛି। ଏଣୁ ଜସ୍ୱନ୍ତୀ ନାୟକ ଓ ଜସ୍ୱନ୍ତୀସାହୁ ସମାନ ଲୋକ ଅଟେ।

**AFFIDAVIT**

By Virtue Of an Affidavit no. 665 dtd. 23.6.2025 the Executive Magistrate Gania, I Bhabani Sankar Panda S/o- Ananda Chandra Panda At- Nuapada, Po- karadapada, Ps - Gania, Dist- Nayagarh have changed my son's name Subhranshu Sankar Panda to Subhransu Sankar Panda. Henceforth He will be known as Subhransu Sankar Panda for all purposes.

**S/d- Bhabani Sankar Panda**

**AFFIDAVIT**

By virtue of an affidavit sworn before the Executive Magistrate, Pattamundai on dated- 30/06/2025. I **Anjali Panda,** W/o- Manoj Kumar Panda, resident of Village- Goptira, Po- Chandannagar, P.S.- Pattamundai Rural, Dist. Kendrapada, Odisha, My former name is **Anjali Rout** and after marriage my assumed name is **Anjali Panda**. I declare that my self **Anjali Panda** and **Anjali Rout** is one and same person for all purposes.

**Anjali Panda**

**AFFIDAVIT**

By virtue of an affidavit no. 664 dtd. 23.6.35 The Executive Magistrate, Gania. I, Sibashankar panda At- Nuapada, Po- Karadapada, Ps- Gania, Dist- Nayagarh have changed my name from Sib Sankar panda to Sibashankar panda . Henceforth I shall be known as **Sibashankar panda** for all purposes .

**KALYANPUR DEGREE COLLEGE**

KALYANPUR, DELANG, PURI-752015

Email: degreecollegekalyanpur@gmail.com, contact No. 8895300485

Invited sealed quotation from interested firms having OEM Authorization for upgrading IT infrastructure of the college by supplying Desktop Computers, UPS, MFM Printer, 65 inch LED TV, AC & Wireless Mice & Camera for Virtual Meeting. The tender must be received by the undersigned within 07 days from the date of publication. For details go through the website - www.kalyanpur.in

**Sd/- Principal**

### ୧୧୨ଟି ଅଞ୍ଚଳରୁ ଜଳ ନମୁନାର ପରୀକ୍ଷା

# ନାହିଁ ହଇଜା ଓ ଡାଇରିଆର ସଙ୍କେତ



ରାୟଗଡ଼ା,୩।୭ (ସମିସ): ରାୟଗଡ଼ା ଜିଲ୍ଲାରେ ଦିନକୁ ଦିନ ଡାଇରିଆ ଆକ୍ରାନ୍ତ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଏହାକୁ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ପ୍ରେସ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିରେ ଡାଇରିଆର ମୁକାବିଲା ପାଇଁ ସଜାଗ ରାୟଗଡ଼ା ଜିଲ୍ଲା ସ୍ୱାସ୍ଥ୍ୟ ସମିତି ବୋଲି କୁହାଯାଇଛି। ରାଜ୍ୟର ବିଭିନ୍ନ ଅଞ୍ଚଳରେ ଝାଡାବାନ୍ତି ବା ଡାଇରିଆ ଦେଖା ଦେଇଥିବା ବେଳେ ସମ୍ଭାବ୍ୟ ଡାଇରିଆର ମୁକାବିଲା କରିବା ପାଇଁ ରାୟଗଡ଼ା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଡାଇରିଆକୁ ନେଇ ଜିଲ୍ଲାବାସୀ କୌଣସି ଗୁଜବ କିମ୍ବା ସୋସିଆଲ ମିଡିଆରେ ଆସୁଥିବା ସୂଚନାରେ ଭୟଭୀତ କିମ୍ବା ଆତଙ୍କିତ ନ ହୋଇ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟ କର୍ମୀ ବା ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ବୋଲି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି। ବ୍ୟାପକ ସତର୍କତା ଅବଲମ୍ବନ ସହିତ ମାଛି ବସା, ପଚାସଢ଼ା ଓ ବାସୀ ଖାଦ୍ୟ ଖାଇବାକୁ ବାରଣ କରାଯାଇଛି। ଦୂଷିତ ନଳକୂପ ପାଣି ନ ପିଇବା, ପାଣିକୁ ଫୁଟାଇ ପିଇବା, ୬ ମାସରୁ କମ ଶିଶୁଙ୍କୁ ମା'କ୍ଷୀର ବ୍ୟତିତ ଅନ୍ୟ କୌଣସି ବାହାର ଖାଦ୍ୟ ନ ଦେବାକୁ ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ,ପରିବାର କଲ୍ୟାଣ ଡାକ୍ତର ମମତା ସାହୁ ଜିଲ୍ଲାବାସୀଙ୍କୁ ନିବେଦନ କରିଛନ୍ତି। ଚଳିତ ବର୍ଷ ଜୁନ ମାସରେ ଡାଇରିଆର ପ୍ରାକ୍ ମୁକାବିଲା ଓ ପ୍ରତିରୋଧ ପାଇଁ ପ୍ରତି ଘରକୁ ଦୁଇଟି କରି ଓଆରଏସ ପ୍ୟାକେଟ୍ ବଣ୍ଟା ଯାଇଥିବା ବେଳେ ପାଞ୍ଚ ବର୍ଷରୁ କମ ପିଲା ଥିବା ଘରକୁ ଅତିରିକ୍ତ ଗୋଟିଏ ପ୍ୟାକେଟ୍ ଓଆରଏସ ଓ ଦୁଇଟି ଜିଙ୍କ ବଟିକା ପ୍ରଦାନ କରାଯିବା ସହ ବିଗତ ବର୍ଷରେ ଡାଇରିଆରେ ପ୍ରଭାବିତ ହୋଇଥିବା ଅଞ୍ଚଳ ଗୁଡିକ ସହିତ ଓ ଚଳିତ ବର୍ଷ ରେ ଚିହ୍ନଟ ହୋଇଥିବା ସମ୍ଭାବ୍ୟ ସମ୍ବେଦନଶୀଳ ଅଞ୍ଚଳ ଗୁଡିକ ଉପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦିଆଯାଇଛି। ଗୋଷ୍ଠୀ ସ୍ତରରେ କିପରି ଡାଇରିଆର ସଂକ୍ରମଣକୁ ପ୍ରତିରୋଧ କରଯାଇ ପାରିବ ସେଥିପାଇଁ ଉନ୍ନତ ପରିମଳ ବ୍ୟବସ୍ଥା, ବିଶୁଦ୍ଧ ପାନୀୟ ଜଳ, ପରିଷ୍କାର ପରିଛନ୍ନତା, ହାତଧୁଆ ଅଭିଯାନ, ଓଆରଏସର ବ୍ୟବହାର ଭଳି ପ୍ରସଙ୍ଗ ଉପରେ ଆଶା, ଅଙ୍ଗନବାଡି କର୍ମୀ ଓ ସ୍ୱେଚ୍ଛାସେବୀ ମାନେ ଘର ଘର ବୁଲି ପରାମର୍ଶ ଦେଉଥିବା ସ୍ୱାସ୍ଥ୍ୟ ସମିତି ପକ୍ଷରୁ କୁହାଯାଇଛି। ଏହା ସହିତ ଗାଁ ଗହଳିରେ ଥିବା ସ୍ୱାସ୍ଥ୍ୟ କାନ୍ଥରେ ଡାଇରିଆକୁ ନେଇ ସଚେତନତା ଓ ଚିକିତ୍ସାର ସୂଚନା ପ୍ରଦାନ କରାଯାଇଛି। ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକରେ ଓଆରଏସ କୋଣ ପ୍ରତିଷ୍ଠା କରାଯାଇଥିବା ଏବଂ ଏଠାରେ ଓଆରଏସ ବ୍ୟବହାର ଓ ସ୍ୱଚ୍ଛତା ସମ୍ବନ୍ଧୀୟ ସୂଚନା ପ୍ରଦାନ କରାଯାଇଛି। ଏଥିପାଇଁ ପାଖାପାଖି ୨ ଲକ୍ଷ ୮୮ ହଜାର ୪୮୦ ପକେଟ ଓଟିଆରଏସ ଓ ୫ ଲକ୍ଷ ୭୩ ହଜାର ୧୨୦ ଜିଙ୍କ ଟାବ୍ଲେଟ୍ ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପ୍ରଦାନ କରାଯାଇଛି। ନିୟମିତ ବ୍ୟବଧାନରେ ସମସ୍ତ କୂଅ ଓ ନଳକୂପ ଗୁଡିକୁ କ୍ଲୋରିନେସନ୍ ବା ବିଶୁଦ୍ଧିକରଣ କରଯାଉଛି ବୋଲି ସ୍ୱାସ୍ଥ୍ୟ ସମିତି ପକ୍ଷରୁ କୁହାଯାଇଛି। ସଚେତନ ରହିଲେ ଓ ସ୍ୱଚ୍ଛତା ଅବଲମ୍ବନ କଲେ ଡାଇରିଆକୁ ପ୍ରତିହତ କରଯାଇପାରିବ। ଏହା ସହିତ ପ୍ରତିଷେଧକ ପଦକ୍ଷେପ ଭାବରେ ବିଭିନ୍ନ ଅଞ୍ଚଳରୁ ୧୧୨ ଟି ଜଳ ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରଯାଇଛି। ତେବେ ଏହି ଜଳ ନମୁନାରେ ଡାଇରିଆ କିମ୍ବା ହଇଜାର କୌଣସି ସଙ୍କେତ ମିଳିନାହିଁ। ସେଇଭଳି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହେଉଥିବା ସମସ୍ତ ରୋଗୀଙ୍କର ଝାଡ଼ା ପରୀକ୍ଷା କରଯାଉଛି। ଏଥିରେ ମଧ ହଇଜାର କୌଣସି ଲକ୍ଷଣ ମିଳି ନାହିଁ ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଭି. ସରୋଜୀନ ଦେବୀ କହିଛନ୍ତି। ଏହା ସହିତ ତୁରନ୍ତ ପରିସ୍ଥିତିର ମୁକାବିଲା କରିବା ପାଇଁ ପ୍ରସ୍ତୁତ ପୂର୍ବକ ଆବଶ୍ୟକୀୟ ଔଷଧ ଓ ଅନ୍ୟାନ ଦରକାରୀ ସାମଗ୍ରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରୁ ଆରମ୍ଭ କରି ଆଶା କର୍ମୀଙ୍କ ନିକଟରେ ପର୍ଯ୍ୟାପ୍ତ ପରିମାଣର ମହଜୁଦ ରଖାଯାଇଛି। ପ୍ରାକ ପ୍ରସ୍ତୁତି ଓ ତ୍ୱରିତ ପଦକ୍ଷେପର ନିରୀକ୍ଷଣ କରିବା ପାଇଁ ଜିଲ୍ଲା ଓ ବ୍ଲକ ସ୍ତରରେ ତ୍ୱରିତ ପଦକ୍ଷେପ ଦଳ ବା ରାପିଡ୍ ରେସପନ୍ସ ଟିମ ଗଠନ କରାଯାଇଛି ବୋଲି ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ସୂଚନା ଦିଆଯାଇଛି।

### ■ ଶାବର ଶ୍ରୀକ୍ଷେତ୍ରରେ ବାହୁଡା ପାଇଁ ପ୍ରସ୍ତୁତି

## ୩ ରଥର ହେଲା ଦକ୍ଷିଣ ମୋଡ



କୋରାପୁଟ,୩।୭ (ସମିସ): ଜନ୍ମବେଦୀରେ ଗତକାଲି ଥିଲା ମହାପ୍ରଭୁଙ୍କର ପଞ୍ଚମ ଦିନ। ମଙ୍ଗଳବାର ହେରାପଞ୍ଚମୀ ନୀତି ଅବସରରେ ମହାଲକ୍ଷ୍ମୀ ଆସି ରଥ ଭାଙ୍ଗି ଅଭିମାନରେ ବଡପଣ୍ଡାଙ୍କୁ ରଥରେ ବାନ୍ଧି ମନ୍ଦିରକୁ ଫେରିବା ପାଇଁ କହିଯାଇଥିଲେ। ଆଜି ଠାରୁ ଆରମ୍ଭ ହେଲା ବାହଡା ଯାତ୍ରା ପାଇଁ ପ୍ରସ୍ତୁତି। ସକାଳୁ ମହାପ୍ରଭୁଙ୍କ ନିକଟରୁ ଆଜ୍ଞାମାଳ ଆସିବା ପରେ ୩ରଥକୁ ଦକ୍ଷିଣ ମୋଡ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା।ମୁଖ୍ୟ ମହାରଣା ଏବଂ ରଥ ନିର୍ମାଣକାରୀ ସେବକଙ୍କ ଦ୍ୱାରା ମନ୍ଦିର କର୍ମକର୍ତ୍ତାଙ୍କ ଉପସ୍ଥିତିରେ ରଥକୁ ଦକ୍ଷିଣ ମୋଡ କରାଯାଇଥିଲା। ପରେ ସନ୍ଧ୍ୟାରେ ଜନ୍ମବେଦୀରେ ବାମନ ଓ ପର୍ଶୁରାମ ବେଶରେ ମହାପ୍ରଭୁ ଦର୍ଶନ ଦେଇଥିଲେ। ମହାପ୍ରଭୁ ଜଗନ୍ନାଥ ବାମନ ବେଶ ହୋଇଥିବା ବେଳେ ବଡଭାଇ ବଳଭଦ୍ର ପର୍ଶୁରାମ ବେଶ ହୋଇଥିଲେ। ମହାପ୍ରଭୁଙ୍କର ଏହି ଦେବଦୁର୍ଲଭ ରୂପ ଦେଖିବା ପାଇଁ ଗୁଣ୍ଡିଚା ମନ୍ଦିରର ପ୍ରବଳ ଜନଗହଳି ଦେଖିବାକୁ ମିଳିଛି। ଏହି ଅବସରରେ ଜିଲ୍ଲା ସଂସ୍କୃତି ପରିଷଦ ତରଫରୁ ଭକ୍ତ ମାନଙ୍କର ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

### ● ଅବଧି ସରିଲା, କିନ୍ତୁ କାମ ସରୁନି

## ଗୁପ୍ତେଶ୍ୱର ପୀଠରେ ଅସନ୍ତୋଷ ଝାଡ଼ିଲେ ଜିଲ୍ଲାପାଳ



ବୈପାରିଗୁଡା, ୩।୭ (ସମିସ): ଦକ୍ଷିଣ ଓଡ଼ିଶାର ପ୍ରସିଦ୍ଧ ଗୁପ୍ତେଶ୍ୱର ପୀଠର ଉନ୍ନତିକରଣ ନିମନ୍ତେ ୨୦ କୋଟି ୨୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଅବଧି ସରିଲାଣି କିନ୍ତୁ କାମ ସରୁନି । ୨ ବର୍ଷ ବିତିଯାଇଥିଲେ ମଧ କୌଣସି ଆଖିଦୃଶିଆ କାମ ହୋଇନଥିବାରୁ ଆର୍.ଏଣ୍ଡବି ବିଭାଗ ଉପରେ ବିଗିଡ଼ି ଥିଲେ କୋରାପୁଟ ଜିଲ୍ଲାପାଳ ଭି. କିର୍ତ୍ତୀ ଭାସନ। ଗତ ସମବାର ଦିନ ଜିଲ୍ଲାପାଳଙ୍କ ଗୁପ୍ତେଶ୍ୱର ଗସ୍ତ ଥିଲା । ଏହି ସମୟରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ତଦାରଖ କରିଥିଲେ। ପୀଠରେ ବିଶ୍ରାମଗୃହ , ପାନୀୟ ଜଳ କିମ୍ବା ଶୌଚାଳୟ ବ୍ୟବସ୍ଥା କରାଯାଇ ନାହିଁ। ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଥିବା ବେଳେ ଗୁପ୍ତେଶ୍ୱର ରାସ୍ତା ପ୍ରଶସ୍ତୀ କରଣ କରିବା ବଦଳରେ ମନ୍ଥର ଗତିରେ ସମସ୍ତ କାମ କରୁଥିବାରୁ ଯଥାଶୀଘ୍ର କାମ ସାରିବାକୁ ଆର୍.ଏଣ୍ଡବି ବିଭଗକୁ ନିର୍ଦେଶ ଦେଇଥିଲେ। ଏହାଛଡା ବିଦ୍ୟୁତ୍ ସରବରାହ ଯେମିତି ବନ୍ଦ ନହୁଏ, ସେଥିପାଇଁ ମଧ ତାଗିଦ୍ କରିଥିଲେ। ଆଗକୁ ଶ୍ରାବଣ ମାସ । ଶ୍ରାବଣ ମାସରେ ହଜାର ହଜାର ବୋଲବମ୍ କାଉଡ଼ିଆଙ୍କ ସମାଗମ ହୋଇଥାଏ। ବିଭାଗୀୟ ଅଧିକରଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ସମସ୍ତ ଉନ୍ନତିକରଣ କାର୍ଯ୍ୟ ଅଧାପନ୍ତରିଆ ଭାବେ ପଡି ରହିଛି। ଶିବରାତ୍ରି ପୂର୍ବରୁ ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ କରାବା କଥା । କିନ୍ତୁ ଏପର୍ଯ୍ୟନ୍ତ କାମ ସରୁନି। ଏଣୁ ଗୁପ୍ତେଶ୍ୱର ପୀଠରେ ଅସନ୍ତୋଷ ଝାଡିଥିଲେ କୋରାପୁଟ ଜିଲ୍ଲାପାଳ । ଏହି ଗସ୍ତ ସମୟରେ ଜୟପୁର ଉପଜିଲ୍ଲାପାଳ ଏ. ସସ୍ୟା ରେ‡ୀ, ବୈପାରିଗୁଡା ତହସିଲଦାର ସ୍ନିଗ୍ଧା ଚୌଧୁରୀ, ବିଡ଼ିଓ ଶକ୍ତି ମହାପାତ୍ର, ଅତିରିକ୍ତ ତହସିଲଦାର ଝାଡେଶ୍ୱର ସଉରା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କାର୍ତ୍ତିକ ପାଢ଼ୀ ଏବଂ ଆର୍. ଏଣ୍ଡ.ବି ବିଭାଗ ଅଧିକାରୀ ଉପସ୍ଥିତ ଥିଲେ।

## ମୁଖ୍ୟ ଡାକଘର ଛାତରୁ ଗଳୁଛି ପାଣି

ଜୟପୁର, ୩।୭ (ସମିସ): ଜୟପୁର ସହରର ମୁଖ୍ୟ ଡାକଘର ଦୀର୍ଘ ୭୦ ବର୍ଷରୁ ଉର୍ଦ୍ଧର ପୁରାତନ ଭବନରେ କାର୍ଯ୍ୟକାରୀ ହୋଇ ଆସୁଅଛି। ଏହିପରି ଉପର ମହଲାରେ ଡାକ ବିଭାଗର ବରିଷ୍ଠ ସୁପରିଟେଣ୍ଡେଣ୍ଟ କାର୍ଯ୍ୟାଳୟ ଚାଲିଥିବା ବେଳେ ତଳ ମହଲାରେ ଲୋକଙ୍କ ସେବା ପାଇଁ ଡାକ ଘର ଚାଲୁଛି। କିନ୍ତୁ ପୁରାତନ ଭବନର ବିଭାଗ ଦ୍ୱାରା ରକ୍ଷଣାବେକ୍ଷଣ ଅଭାବ ଯୋଗୁଁ କୋଠାରେ ପାଣି ଛାତରୁ ଝରୁଥିବା ବେଳେ କେତେକ ସ୍ଥାନରେ ସିମେଣ୍ଟ କଂକ୍ରିଟ ଝଡି ପଡୁଛି। କିନ୍ତୁ ଏହାର ମରାମତି ନେଇ କୌଣସି ପଦକ୍ଷପ ଗ୍ରହଣ କରାଯାଇନାହିଁ। ଗତ ୩ ଦିନରେ ଲଗାଣ ବର୍ଷା ଯୋଗୁଁ ମୁଖ୍ୟ ଡାକଘରର ଏହିପରି ଅବସ୍ଥା ରହିଥିବା ବେଳେ ଆଗକୁ ବର୍ଷା ଦିନରେ ଅବସ୍ଥା ଅସମ୍ଭାଳ ହେବ ବୋଲି କର୍ମଚାରୀ ଏବଂ ଗ୍ରାହକ ମାନେ ପ୍ରକାଶ କରିଛନ୍ତି। ଛାତରୁ ନିୟମିତ ଭାବେ ପାଣି ଗଳୁଥିବା ଯୋଗୁଁ ଚଟାଣରେ ପଡୁଥିବା ପାଣିକୁ ଏକ ବାଲିତି ସଂଗ୍ରହ କରାଯାଇ ବାରମ୍ବାର ଫିଙ୍ଗା ଯାଉଛି। ଏହିପରି ଅବ୍ୟବସ୍ଥାରେ ମୁଖ୍ୟଡାକଘର ଭବନ ବିପଦଶଙ୍କୁଳ ଅବସ୍ଥାରେ ରହିଥିବା ଯୋଗୁଁ ତୁରନ୍ତ ଏହାର ମରାମତି କରିବାକୁ ସାଧାରଣରେ ଦାବି କରାଯାଇଛି। ସୂଚନା ଅନୁଯାୟୀ ଜୟପୁର ମୁଖ୍ୟ ଡାକଘର ଅଧିନରେ ୪୨ଟି ସବପୋଷ୍ଟ କାର୍ଯ୍ୟାଳୟ ଏବଂ ୫୦୦ ରୁ ଊର୍ଦ୍ଧ୍ୱ ଶାଖା ପୋଷ୍ଟ କାର୍ଯ୍ୟାଳୟ ରହିଛି। ଏହି ମୁଖ୍ୟ ଡାକଗୃହରେ ୬୦ରୁ ଉଦ୍ଧ୍ୱର୍ କର୍ମଚାରୀ କାର୍ଯ୍ୟରତ ଅଛନ୍ତି। ମୁଖ୍ୟ ପୋଷ୍ଟମାଷ୍ଟର ରାମଚନ୍ଦ୍ର ପଟ୍ଟନାୟକ କହିଛନ୍ତି ଯେ ଏଥିନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇ ଦିଆଯାଇଛି। ଏହାର ସମାଧାନ ନେଇ ଅତଶୀଘ୍ର ବିଭାଗ ପକ୍ଷରୁ ପଦକ୍ଷପ ଗ୍ରହଣ କରାଯାଇଛି।

## କୋଷାଗୁମୁଡା ପଞ୍ଚାୟତ ସମିତି ବୈଠକ

କୋଷାଗୁମୁଡା,୩।୭ (ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଏଇଇ ଅଶ୍ୱିନୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆଜି ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଧାୟକ ମନୋହର ରନ୍ଧାରୀ,ସାଂସଦ ପ୍ରତିନିଧି ସୁରେଶ ପାତ୍ର, ନବରଙ୍ଗପୁର ବିଧାୟକ ପ୍ରତିନିଧି, କୋଷାଗୁମୁଡା ବ୍ଲକର ସମସ୍ତ ସରପଞ୍ଚ,ତିନୋଟି ଜନ ର ଜିଲ୍ଲା ପରିଷଦ, ପଂଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ସମିତି ସଭ୍ୟ,ଗ୍ରାମ ରୋଜଗାର ସେବକ,କନିଷ୍ଠ ଯନ୍ତ୍ରୀ, ବିଇଓ, ସିଡିପିଓ, ଗ୍ରାମ୍ୟ ଜଳ ଯୋଗାଣ ଏଇ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ, ବନ ବିଭାଗ, ବିଦ୍ୟୁତ ବିଭାଗ, ରାସ୍ତା, ଯୋଗାଣ ବିଭାଗ ଭଳି ବ୍ଲକର ପ୍ରାୟ ୨୭ଟି ବିଭାଗ କର୍ମଚାରୀଙ୍କ ଉପସ୍ଥିତ ଥିଲେ। ବୈଠକରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯିବା ସହିତ ତାର ସମାଧାନ ଉପରେ ବିଭାଗୀୟ କର୍ମଚାରୀ ମାନେ ନିଜ ନିଜ ମତ ପ୍ରକାଶ କରିଥିଲେ । ଫାର୍ଶାଗୁଡା ଓ ବାଲେଙ୍ଗା ପଂଚାୟତର ସ୍ଥଗିତ କାର୍ଯ୍ୟ ସବୁ ଯଥାଶୀଘ୍ର ତ୍ୱରାନ୍ୱିତ କରିବା ପାଇଁ ବିଧାୟକ ମନୋହର ରନ୍ଧାରୀ ଦୁଇ ବିଭାଗୀୟ ଯନ୍ତ୍ରୀ ମାନଙ୍କୁ ତାଦିଗ କରିବା ସହ ବିଲ ନକଲେ ନିଜେ ବିଲର ପ୍ରାପ୍ୟ ରାଶି ପ୍ରଦାନ କରିବେ ବୋଲି ଚେତାବନୀ ଦେଇଥିଲେ। ବୈଠକରେ ସମସ୍ତ ଆଲୋଚନା ଓ ସମାଲୋଚନା ପରେ ସମସ୍ତଙ୍କୁ ଧନ୍ୟବାଦ ଜଣେଇ ସଭା ସାଙ୍ଗ କରାଯାଇଥିଲା।

## ସାଇବର ଠକେଇରୁ ବର୍ତ୍ତିଲେ ମିସ୍ତ୍ରୀ

ଲକ୍ଷ୍ମୀପୁର,୩।୭ (ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଶାନ୍ତିନଗରରେ ରହୁଥିବା ଗାଙ୍ଗୁ ଦାସ ମିସ୍ତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି। ତେବେ ସେ ନିଜର ଉପସ୍ଥିତ ବୁଦ୍ଧି ଖଟାଇ ସାଇବର ଠକେଇରୁ ବର୍ତ୍ତି ଯାଇଛନ୍ତି। ସୋମବାର ସନ୍ଧ୍ୟା ୬ଟା ସମୟରେ ଏକ ଅଜଣା ଫୋନ ନମ୍ବରରେ କଲ ଆସିଥିଲା। ୪୫ ହଜାର ଟଙ୍କା ଗାଙ୍ଗୁଙ୍କ ଫୋନ ପେ ନମ୍ବରରେ ଛାଡୁଛି କହି ୪୫ ହଜାର ଟଙ୍କା ପଠାଇବା ଭଳି ଏକ ସ୍କ୍ରିନ୍ ସର୍ଟ ହ୍ୱାଟ୍‌ସ ଆପ୍‌ରେ ଛାଡି ଥିଲା। ଗାଙ୍ଗୁ ତାହା ଦେଖି ଆଶ୍ଚର୍ଯ୍ୟ ହୋଇ ନିଜ ବାଲାନ୍ସ ଦେଖିଥିଲେ । ବାଲେନ୍ସ ଯେତିକିର ଥିଲା, ସେତିକି ରହିଥିଲା। ପୁଣି ସେ ଫୋନ କରି ୧୦ ହଜାର ଟଙ୍କା ପଠାଅ, ତାଙ୍କର ଜଣେ ସମ୍ପର୍କୀୟ ମେଡ଼ିକାଲରେ ପଡିଛନ୍ତି, ଔଷଧ କିଣିବାକୁ ଟଙ୍କା ଦରକାର ପଡୁଛି ଭାଇ ବୋଲି କହି କାକୁତି ମିନତି ହୋଇଥିଲେ। ଗାଙ୍ଗୁ ଜାଣି ପାରୁ ଥିଲେ ଏହା ସାଇବର ଠକଙ୍କ କାମ। ସାଇବର ଠକ ନିଜକୁ ରେଳବାଇ ଯନ୍ତ୍ରୀ ବୋଲି ପରିଚୟ ଦେବା ସହ ଅନେକ କାମ ତମେ କରିଛ ବୋଲି ଗାଙ୍ଗୁକୁ ମନେଇବା ଆରମ୍ଭ କରିଥିଲା କିନ୍ତୁ ଗାଙ୍ଗୁ ସାଇବର ଠକର କୌଣସି କଥାରେ ପ୍ରଲୋଭିତ ହୋଇ ନଥିଲା। ଏନେଇ ଲକ୍ଷ୍ମୀପୁର ଥାନା ଏସଆଇ ମାନସ ରଞ୍ଜନ ପ୍ରଧାନଙ୍କୁ ଦେଖାଇ ସବୁ ବିଷୟରେ ଜଣାଇ ଥିଲେ । ଏସଆଇ ଶ୍ରୀ ପ୍ରଧାନ କଲ୍ ଆସୁଥିବା ନମ୍ବରକୁ ବ୍ଲକ କରିବାକୁ ଗାଙ୍ଗୁକୁ ନିର୍ଦ୍ଦେଶ କରି ଥିଲେ। ସାଇବର ଠକ ମାନେ ଅନେକ ପ୍ରକାର ପ୍ରଲୋଭନ ଦେଖାଇବେ। ତେଣୁ ଏଭଳି ଲାଳସାରେ ନ ପଡ଼ିବା ହିଁ ଭଲ ନଚେତ। ସବୁ ଖାଲି କରି ଦେଇଥାନ୍ତେ ବୋଲି କୁହାଯାଇଛି।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଗୁଡାରୀ,୩।୭ (ସମିସ): ଗତ ଗୁରବାର ଗୁଡାରୀ ପଞ୍ଚାୟତ କାର୍ଯ୍ୟଳୟ ପରିସରରେ ଭିମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଏଥିରେ ପରିଷଦ ଏବଂ ଗୁଡ଼ାରୀ ପଦ୍ମପୁର ବ୍ଲକର ରୋଗୀମାନେ ନିଜ ନିଜ ସ୍ୱାସ୍ଥ୍ୟ ଶିବିରରେ ପଞ୍ଜିକରଣ କରିଥିଲେ। ଏଥିରେ ଚନ୍ଦନ ଘଟନାୟକ (ଶିଶୁ ବିଭାଗ), ସଞ୍ଜା ଦାସ(ମେଡିସିନ), ଏମ.ସୁରେଶ କୁମାର (ଦୃଷ୍ଟିଶକ୍ତି) ସେମିତିରେ ଏଲ କେ ସ୍ୱାଇଁ(ଅସ୍ଥିଶଲ୍ୟ) ସଂଘମିତ୍ରା ପାତ୍ର (ବାଧିତ, ଶ୍ରବଣ ଶକ୍ତି ଏବଂ ବାଧିତ ବାକ୍ ଶକ୍ତି ବିଭିନ୍ନ ବିଭାଗର ଡକ୍ତରମାନେ ଉପସ୍ଥିତ ରହି ରୋଗୀଙ୍କ ଚିକିତ୍ସା କରିଥିଲେ। ଏଥିରେ ୨୬୫ ବିକଳାଙ୍ଗ ପ୍ରମାଣପତ୍ର ଦିଆଯାଇଥିଲା। ସମସ୍ତ ବିଭାଗର ୧୪୩ ଜଣ ରୋଗୀଙ୍କ ଚିକିତ୍ସା କରାଯାଇଥିବା ଜଣାପଡିଛି। ଜିଲ୍ଲା ଡିଏସ୍‌ଏସ୍‌ଓ ଶ୍ରୀକାନ୍ତ ପାଣିଗ୍ରାହୀ ଏବଂ ଗୁଡ଼ାରୀ ବ୍ଲକ ଡିଏସ୍‌ଏସ୍‌ଓ ସଦାନନ୍ଦ ସାହୁଙ୍କ ସହ ସମସ୍ତ ବ୍ଲକ୍ କର୍ମଚାରୀ ଉପସ୍ଥିତ ଥିବା ଦେଖିବାକୁ ମିଳିଛି। ସମସ୍ତଙ୍କ ପାଇଁ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ତରଫରୁ ଭୋଜନ ବ୍ୟବସ୍ଥା କରାଯାଇଥିଲା।

# ଓଏସ୍‌ଆରଟିସି ବସ୍ ଛାତରୁ ଗଳୁଛି ବର୍ଷା ପାଣି

### ■ ଯାତ୍ରୀ ହନ୍ତସନ୍ତ

କୋରୁକୋଣ୍ଡା,୩।୭ (ସମିସ): ରାଜ୍ୟ ସରକାରଙ୍କ ପରିବହନ ବିଭାଗ ପକ୍ଷରୁ ମାଲକାନଗିରି ଜିଲ୍ଲାର ବାଲିମେଳା ସହରରୁ ବାଲିମେଳା-ବ୍ରହ୍ମପୁରକୁ ଦୈନିକ ଯା'ଆସ ନିମନ୍ତେ ଏକ ରାତ୍ରିକାଳୀନ ଦ୍ରୁତଗାମୀ ଓଏସଆରଟିସି ବସ୍ ଚାଲୁଛି। ଉକ୍ତ ବସ୍ ଛାତରୁ ଗଳୁଛି ବର୍ଷା ପାଣି। ସିଟ୍‌ରେ ବର୍ଷା ପାଣି ଟୋପା ଟୋପା ହୋଇ ପଡିବା ଫଳରେ ଯାତ୍ରୀ ମାନେ ହନ୍ତସନ୍ତ ହେଉଥିବା ଅଭିଯୋଗ କରିଛନ୍ତି। ତେବେ ଗତ କିଛିଦିନ ଧରି ଲଗାଣ ବର୍ଷା ଜାରି ରହିଥିବା ବେଳେ ଗତକାଲି ଏହି ବସ୍‌ରେ ଆସୁଥିବା ଯାତ୍ରୀମାନଙ୍କ ସିଟରେ ବର୍ଷା ପାଣି ପଡିବା ଫଳରେ ରାସ୍ତାରେ କିଛି ଯାତ୍ରୀ କଣ୍ଡକ୍ଟରଙ୍କୁ ଏପରି ରାତ୍ରିକାଳୀନ ବସ୍ କିଭଳି ଭାବେ ଏତେ ଦୂର ଯାତ୍ରା ନିମନ୍ତେ ନେଉଥିବା ନେଇ ପ୍ରଶ୍ନ କରିଥିଲେ। ଆଜି ସକାଳୁ ବସ(ଓଡି ୦୭ ଏଜେ ୨୨୬୦)ଟି ସକାଳୁ ଆସି ବାଲିମେଳା ବସ୍‌ଷ୍ଟାଣ୍ଡରେ ପହଞ୍ଚିବା ପରେ ପୁନଃ କିଛି ଯାତ୍ରୀମାନେ ଅସନ୍ତୋଷ ହୋଇ ପାଟି ତୁଣ୍ଡ କରିଥିବା ଦେଖିବାକୁ ମିଳିଥିଲା। ପ୍ରତ୍ୟେକ ଦିନ ବସ୍‌ଟି ଦିନ ୨ଟା ସମୟରେ ବାଲିମେଳାରୁ ବାହାରି ରାୟଗଡା ଦେଇ ବ୍ରହ୍ମପୁରରେ ସକାଳ ୫ଟାରେ ପହଞ୍ଚିଥାଏ। ତେବେ ୬୦୦ ଟଙ୍କା ମୂଲ୍ୟ ଦେଇ ଯାତ୍ରୀ ଜଣକ ୧୫ ଘଣ୍ଟାର ଯାତ୍ରାରେ ସାରା ରାତି ଟିକେ ଶୋଇବା ବଦଳରେ ବର୍ଷା ଜଳରେ ସମ୍ପୂର୍ଣ ଭିଜି ନିଜ ନିଜ ସିଟରେ ନ ବସି ଛିଡା ହୋଇ ଆସିଥିବା କହିଛନ୍ତି। ତେବେ ବାରମ୍ବାର ଯାତ୍ରୀମାନେ ଅଭିଯୋଗ କରିବା ପରେ ମଧ ବସ କଣ୍ଡକ୍ଟର କିମ୍ବା ଡ୍ରାଇଭର କର୍ଣ୍ଣପାତ ନ କରିବା ସହ ସେମାନେ କିଛି କରି ପାରିବେ ନାହିଁ ବୋଲି କହିଛନ୍ତି। ତେବେ ସରକାରୀ ବସର ଏପରି ଅବସ୍ଥା ହେତୁ ଲୋକେ ବେସରକାରୀ ବସରେ ଅଧିକ ମୂଲ୍ୟ ଦେଇ ନିଜ ଗନ୍ତବ୍ୟ ସ୍ଥଳକୁ ଯାଉଥିବା ଦେଖିବାକୁ ମିଳୁଛି। କିଛି ଡ୍ରାଇଭର ଏବଂ କଣ୍ଡକ୍ଟର ଦୈନିକ ବ୍ରହ୍ମପୁରରୁ କିଛି ବ୍ୟବସାୟୀଙ୍କ ସାମଗ୍ରୀ ବସ୍ତା ବସରେ ପକାଇ ଉପୁରି ଭଲ ଟଙ୍କା ଆତ୍ମସାତ୍ କରୁଥିବା ଦେଖିବାକୁ ମିଳୁଛି। ଏନେଇ ଆମେ ବ୍ରହ୍ମପୁର ଡିଟିଏମ୍ ଅରବିନ୍ଦ ମହାନ୍ତିଙ୍କୁ ପଚାରିବାରୁ ସେ ତୁରନ୍ତ ଉକ୍ତ ବସରେ ଏକ ପତଳା ସ୍ତରର ପିଚୁ ଦେଇ ମରାମତି କରିବା ସହ ଆସନ୍ତା କାଲି ଠାରୁ ସେହି ବସ୍ ପରିବର୍ତ୍ତେ ଅନ୍ୟ ଏକ ବସ୍ ବାଲିମେଳାକୁ ପଠାଯିବ ବୋଲି କହିଛନ୍ତି। ଯେଉଁ ଡ୍ରାଇଭର ଏବଂ କଣ୍ଡକ୍ଟର ଯାତ୍ରୀ ମାନଙ୍କ ସହ ଦୁର୍ବ୍ୟବହାର କରିଛନ୍ତି ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମଧ ସେ ପ୍ରକାଶ କରିଥିଲେ।

## ଉତ୍କଳ ସମ୍ମିଳନୀ କୋରାପୁଟ ଶାଖାର ନିର୍ବାଚନ

ଜୟପୁର, ୩।୭ (ସମିସ) : ଉତ୍କଳ ସମ୍ମିଳନୀ କୋରାପୁଟ ଜିଲ୍ଲା ଶାଖାର ନିର୍ବାଚନ ଆଜି ସ୍ଥାନୀୟ ଯାଦବ ଭବନ ଠାରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସମ୍ପାଦକ ନବୀନ ମାଦଳାଙ୍କ ଆହ୍ୱାନ କ୍ରମେ ଅନୁଷ୍ଠିତ ଏହି ନିର୍ବାଚନ ବୈଠକକୁ ସଭାପତି ମଦନ ମୋହନ ନାୟକ ଅଧ୍ୟକ୍ଷତା କରିଥିଲେ। କେନ୍ଦ୍ରୀୟ ସଭାପତି ଡ. ଅଦ୍ୱୈତ କୁମାର ପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ଅନୁଷ୍ଠିତ ଏହି ନିର୍ବାଚନରେ ମାଲକାନଗିରି ଜିଲ୍ଲା ଶାଖା ସଭାପତି ରଞ୍ଜନ କୁମାର ସ୍ୱାଇଁ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିଲେ। ଏଥିରେ ସମସ୍ତ ସଦସ୍ୟଙ୍କ ସର୍ବସମ୍ମତି କ୍ରମେ କର୍ମକର୍ତ୍ତା ମନୋନୀତ କରାଯାଇଥିଲା। ମୁଖ୍ୟ ପରାମର୍ଶଦାତା ଭାବେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି , ପରାମର୍ଶଦାତା ଭାବେ ପୂର୍ବତନ କେନ୍ଦ୍ରୀୟ ସଭାପତି ବିନୋଦ ମହାପାତ୍ର, ବରିଷ୍ଠ ଆଇନଜୀବୀ ଲକ୍ଷ୍ମୀକାନ୍ତ ପଣ୍ଡାଙ୍କୁ ମନୋନୀତ କରାଯାଇଛି। ସେହିପରି ସଭାପତି ଭାବେ ମଦନ ମୋହନ ନାୟକ, କାର୍ଯ୍ୟକାରୀ ସଭାପତି ଗୁପ୍ତେଶ୍ୱର ଦଣ୍ଡସେନା, ଉପସଭାପତି କୃଷ୍ଣଚନ୍ଦ୍ର ନେପାକ ଏବଂ ରାଜେନ୍ଦ୍ର କୁମାର ଗୌଡ଼, ସାଧାରଣ ସଂପାଦକ ନବୀନ ମାଦଳା, ସଙ୍ଗଠନ ସଂପାଦକ ପରମେଶ୍ୱର ପାତ୍ର, ଯୁଗ୍ମ ସଂପାଦକ ଚନ୍ଦ୍ରକାନ୍ତ ସୂତାର ଏବଂ ନବକୃଷ୍ଣ ରଥ, କୋଷାଧକ୍ଷ ନରେଶ ମହାକୁଲଙ୍କୁ ମନୋନୀତ କରାଯାଇଥିଲା। ଆଗାମୀ ୩ ବର୍ଷ ପାଇଁ ହୋଇଥିବା ଏହି ନିର୍ବାଚନରେ ରାଜ୍ୟ ପରିଷଦ ପାଇଁ ବିରେନ ମୋହନ ପଟ୍ଟନାୟକ, ନରେନ୍ଦ୍ର କୁମାର ମହାନ୍ତି, ସୂର୍ଯ୍ୟ ନାରାୟଣ ରଥ, ବାଲା ରାୟ, ଦେବେନ୍ଦ୍ର ବାହାନୀପତି, ଡଃ. ସୁରେଶ ଦାଶ, ଦୁର୍ଗା ଶଙ୍କର ସାହୁ, ହରିହର କରସୁଧା ପଟ୍ଟନାୟକ, ପ୍ରମୋଦ କୁମାର ଦାସ, ସମର କେଶରୀ ବାରିକଙ୍କୁ ମନୋନୀତ କରାଯାଇଥିଲା। ଜିଲ୍ଲା କାର୍ଯ୍ୟକାରିଣୀ ପାଇଁ ଆଇନଜୀବୀ ବିଷ୍ଣୁ ପ୍ରସାଦ ପାତ୍ର, ବୈଦ୍ୟନାଥ ମିଶ୍ର, କୃଷ୍ଣଚନ୍ଦ୍ର ହୋତା, ଶୁଭେନ୍ଦୁ ବ୍ରହ୍ମା, ଇଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ମୀନ କେତନ ପରିଛା, ପ୍ରଫୁଲ ଦାଷ, କୃଷ୍ଣ କେଶବ ଷଡ଼ଙ୍ଗୀ, କେଦାର ନାଥ ବେହେରା, ମହମ୍ମଦ ହାସାନ ମଦାନୀ, ନିହାର ବିଶୋୟୀ, ଚନ୍ଦ୍ରମଣି ବାରିକ, ଡା. ସୁଦର୍ଶନ ଗୌଡ଼, ଗାୟତ୍ରୀ ଦେବୀ, ଗିରିଧର ଖରା, ହରିଶ୍ଚନ୍ଦ୍ର ମୁଦୁଲି, ନିଶାନ ପଟ୍ଟନାୟକ, ତେଜେଶ୍ୱର ପଣ୍ଡା, ଶଶଧର ରାଉତ, ଭବାନୀ ଶଙ୍କର ମିଶ୍ର, ଶରତ ନାୟକ, ଶରତ ଧଳ, ତ୍ରିନାଥ ଖରା, ଜଳେନ୍ଦ୍ର ତ୍ରିପାଠୀ ଓ ନରସିଂହ ବ୍ରହ୍ମା ପ୍ରମୁଖଙ୍କୁ ମନୋନୀତ କରାଯାଇଛି।

## ପ୍ରବଳ ବର୍ଷାରେ ଭାଙ୍ଗିଲା ଘର



ଦାମନଯୋଡି,୩।୭ (ସମିସ): ବିଗତ ୧୫ ଦିନ ହେଲା ଲଗାଣ ବର୍ଷା ଯୋଗୁଁ କୋରାପୁଟ ଜିଲ୍ଲାରେ ବହୁ କ୍ଷୟକ୍ଷତି ହୋଇଥିବା ଦେଖିବାକୁ ମିଳିଛି। କୋରାପୁଟ ଜିଲ୍ଲା ସିମିଳିଗୁଡା ବ୍ଲକ୍‌ର ଚାରାଙ୍ଗୁଲ ଗ୍ରାମପଞ୍ଚାୟତ ଅଧିନସ୍ଥ ଗୌଡଗୁଡ଼ା, କୁମ୍ଭାରଗୁଡ଼ା ଆଦି ଗ୍ରାମରେ ଲୋକଙ୍କ ଘର ଓ ଗାଈଗୁହାଳ ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଛି। ଗଉଡ଼ଗୁଡ଼ା ନିବାସୀ ତୁମନାଥ ଗଉଡ଼ଙ୍କ ଘର ଭାଙ୍ଗି ଯାଇଥିବା ବେଳେ ବଳରାମ ଗଉଡ଼ଙ୍କ ଗାଈ ଗୁହାଳ ଭାଙ୍ଗି ସମ୍ପୂର୍ଣ ମାଟିରେ ମିଶି ଯାଇଛି। ସେହିପରି କୁମ୍ଭାରଗୁଡ଼ାର ଅସମତୀ ପାଙ୍ଗିଙ୍କ ଘର ଉପରେ ଗଛ ପଡ଼ି ଘରଟି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ସୂଚନା ମିଳିଛି। ଏଯାବତ୍ କ୍ଷତିଗ୍ରସ୍ତ ପରିବାରଙ୍କୁ କୌଣସି ସରକାରୀ ସୁବିଧା ମିଳିନଥିବା ଜଣାପଡ଼ିଛି। ତେବେ କ୍ଷତିଗ୍ରସ୍ତ ପରିବାରଙ୍କୁ ତୁରନ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ଚାରାଙ୍ଗୁଲ ସରପଞ୍ଚ ପ୍ରତିନିଧିଙ୍କ ସହ କଥା ହେବାରେ ସେ କହିଛନ୍ତି। କ୍ଷତିଗ୍ରସ୍ତ ପରିବାରଙ୍କୁ ପ୍ରଶାସନ ତୁରନ୍ତ କ୍ଷତି ପୂରଣ ସହ ଥଇଥାନ କରିବାକୁ ସାଧାରଣରେ ଦାବି ହେଉଛି।

### କାଦୁଅ ପଚପଚ ବାଲାପାଡୁ-ହାସ୍କୁ ରାସ୍ତା

# ହନ୍ତସନ୍ତ ରାୟଗଡ଼ା ଓ କୋରାପୁଟ ଜିଲ୍ଲା ବାସିନ୍ଦା



ରାୟଗଡ଼ା,୨।୭ (ସମିସ): ରାୟଗଡ଼ା ଜିଲ୍ଲା ସଦର ବ୍ଲକ୍ ବଡଇରକୁବାଡି ଗ୍ରାମ ପଞ୍ଚାୟତର ବାଲାପାଡୁ-ହାସ୍କୁ ଗ୍ରାମ ଠାରେ ଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବା ଆପ୍ରୋଚ ରାସ୍ତାଟି ଲଗାଣ ବର୍ଷା ଯୋଗୁଁ ଶୋଚନୀୟ ହୋଇପଡିଛି। ରାସ୍ତାଟି ଆଣ୍ଠୁଏ ଲେଖାଁଏ କାଦୁଅରେ ପରିଣତ ହୋଇଥିବାରୁ ଏହି ରାସ୍ତା ଉପରେ ନିର୍ଭର କରି ଦୈନନ୍ଦିନ ଯାତାୟାତ କରୁଥିବା ରାୟଗଡ଼ା ଓ କୋରାପୁଟ ଜିଲ୍ଲାବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାଲାପାଡୁ ଠାରୁ ହାସ୍କୁ ପର୍ଯ୍ୟନ୍ତ ଦୀର୍ଘ ୪ରୁ ୫କିମି ଦୂର ଥିବା ରାସ୍ତାଟିର ଶୋଚନୀୟ ଅବସ୍ଥା ଯୋଗୁଁ କପାଡାଙ୍ଗ, କାଂଚମୁୟୀ, ବାଇଗଣପାଇ, ମେଳକା ନାକଟି, ମୁଦୁଗୁରୁ, ହାସ୍କୁ, ଇରକୁବାଡି ସମେତ କୋରାପୁଟ ଜିଲ୍ଲାର ବନ୍ଧୁଗାଁ ବ୍ଲକର ଅନେକ ଗ୍ରାମବାସୀ ଯାତାୟାତ ପାଇଁ ହଇରାଣ ହେଉଥିବା ଗ୍ରାମବାସୀ କହିଛନ୍ତି। ବଡଇରକୁବାଡି ଗ୍ରାମପଞ୍ଚାୟତର ବାଲୁପାଡୁ ଗ୍ରାମ ନିକଟ ଗୁମୁଣାଗାଣ୍ଡା ଘାଟି ରାସ୍ତା ଅଧିକ ବେହାଲ ହୋଇପଡିଛି। ଏହି ରାସ୍ତା ଦେଇ ବଡ଼ଇରକୁବାଡି ସମେତ ସଦର ବ୍ଲକର ଅନେକ ପଞ୍ଚାୟତବାସୀ ପଡୋଶୀ କୋରାପୁଟ ଜିଲ୍ଲାର ବନ୍ଧୁଗାଁ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତକୁ ଯିବା ଆସିବା କରୁଥିବା ବେଳେ ବନ୍ଧୁଗାଁ ବ୍ଲକ୍‌ରୁ ମଧ ଲୋକେ ବିଭିନ୍ନ କାମ ପାଇଁ ରାୟଗଡାକୁ ଯିବା ଆସିବା କରିଥାନ୍ତି। ଜରୁରୀକାଳନୀ ସ୍ୱାସ୍ଥ୍ୟ ସେବା ଯୋଗାଉଥିବା ଆମ୍ବୁଲାନ୍ସ ମଧ ଏହି ରାସ୍ତାରେ ଯିବା କଷ୍ଟକର ହୋଇପଡିଛି। କାଦୁଅ ପଚପଚ ରାସ୍ତାରେ ଗାଡିଗୁଡିକ ସ୍ଲିପ ହେଉଥିବାରୁ ଅନେକ ସମୟରେ ଗାଡ଼ିରୁ ପଡି ଆହତ ହେଉଥିବା ଗ୍ରାମବାସୀ କହିଛନ୍ତି। ପୂର୍ବରୁ ଏହି ଶୋଚନୀୟ ରାସ୍ତାଟି ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ଅର୍ନ୍ତଭୁକ୍ତ ହୋଇଥିବା ବେଳେ ଗତ ଦୁଇ ମାସ ତଳେ ପୁର୍ନବାର ରାସ୍ତାଟିର ଦୂରବସ୍ଥା ଦେଖି ନୂତନ ରାସ୍ତା ନିର୍ମାଣ ପାଇଁ ବିଭାଗ ପକ୍ଷରୁ ରାସ୍ତା ଖୋଳାଖୋଳି କରି ଛାଡି ଦେଇଥିଲେ। ଯାହାକି ଆଜି ପର୍ଯ୍ୟନ୍ତ ଆଉ ପକ୍କା ରାସ୍ତା ନିର୍ମାଣ ହୋଇପାରିଲା ନାହିଁ। ବର୍ତ୍ତମାନ ବର୍ଷା ଲାଗି ରହିଥିବାରୁ ଉକ୍ତ ରାସ୍ତାଟି କାଦୁଅ ପଚପଚ ସହ ଖାଲଖମାରେ ଭରି ହୋଇପଡିଛି। ଫଳରେ ରାସ୍ତାରେ ଯାତାୟାତ କରୁଥିବା ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବ୍ଲକ ପ୍ରଶାସନ ଓ ସଂପୃକ୍ତ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟିଦେଇ ଯଥାଶୀଘ୍ର ରାସ୍ତା କାମ ସଂପୂର୍ଣ୍ଣ ସଂପାଦନା କରିବା ଦିଗରେ ପଦକ୍ଷେପ ନେବାକୁ ସମାଜସେବୀ ଯୁବକ ଚନ୍ଦ୍ରଶେଖର ଖର୍ସେଲବଂଶଙ୍କ ସମେତ ବଡଇରକୁବାଡି ସମିତି ସଭ୍ୟ ଦୟାନିଧି କଣ୍ଡାଗରୀ ଦାବି କରିଛନ୍ତି।

● ଭାଷା, ସାହିତ୍ୟ ସୁରକ୍ଷାରେ ଅବଦାନ

# ୪୦ ସାମ୍ବାଦିକଙ୍କୁ ସମ୍ବର୍ଦ୍ଧନା



ନନ୍ଦପୁର,୩।୭ (ସମିସ): ଓଡ଼ିଆଭାଷାସାହିତ୍ୟସୁରକ୍ଷାରେସାମ୍ବାଦିକମାନଙ୍କରଉଲ୍ଲେଖନୀୟ ଭୂମିକା ରହିଥିବା କହିଛନ୍ତି ସୁନାମ ଧନ୍ୟ କବି ବିଚିତ୍ର ନନ୍ଦ ପଣ୍ଡା। 'ବୈଶାଖୀ'ର ନବମ ସଂସ୍କରଣ ପୁସ୍ତକ ଉନ୍ମୋଚନ ସମାରୋହ ଉତ୍ସବରେ ସେ ସାମ୍ବାଦିକଙ୍କ ଭୂମିକାକୁ ପ୍ରଶଂସା କରିଥିଲେ। ନନ୍ଦପୁରଠାରେ ଆୟୋଜିତ ରାଜ୍ୟସ୍ତରୀୟ ସମାରୋହରେ କୋରାପୁଟ ଜିଲ୍ଲାର ବିଭିନ୍ନ ବ୍ଲକରୁ ଯୋଗ ଦେଇଥିବା ୪୦ ରୁ ଉର୍ଦ୍ଧ ସାମ୍ବାଦିକ ମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଭଳି ପ୍ରୟାସକୁ ଜାରି ରଖିବାକୁ ସେ ସାମ୍ବାଦିକ ମାନଙ୍କୁ ଆହ୍ୱାନ ଦେଇଛନ୍ତି।

# ସରକାରୀ ସ୍କୁଲ୍‌ରେ ବନ ମହୋତ୍ସବ



କୋଷାଗୁମୁଡା,୩।୭ (ସମିସ): ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ମାଝୀଧନୁଆ ଠାରେ ପ୍ରଧାନ ଶିକ୍ଷକ ବଦ୍ରିନାରାୟଣ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ବନ ମହୋତ୍ସବ ପାଳନ ପାଇଁ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ପ୍ରଧାନ ଶିକ୍ଷକ ଛାତ୍ର ଛାତ୍ରୀ ମାନଙ୍କୁ ବୃକ୍ଷ ରୋପଣର ଉପକାରିତା ବିଷୟରେ ବୁଝାଇଥିଲେ। ବୃକ୍ଷ ଆମ ଜୀବନରେ କେତେ ମହତ୍ତ୍ୱପୂର୍ଣ୍ଣ ତାହା ବର୍ଣ୍ଣନା କରିଥିଲେ। ଏହା ପରେ ମାଝୀଧନୁଆ ଗ୍ରାମପଞ୍ଚାୟତର ସରପଞ୍ଚ ବୃକ୍ଷ ଆମ ଜୀବନର ଅବିଚ୍ଛେଦ ଅଙ୍ଗ ବୋଲି ପିଲାଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହା ପରେ ରଚନା , ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। ପରେ କୋଡ଼ିଙ୍ଗା ବନ ବିଭାଗରୁ ଆକାଶି , ଅଶୋକ, ଦେବଦାରୁ , ଅମୃତଭଣ୍ଡା, ସଜନା , ଆମ୍ବ, ଆଦି ବିଭିନ୍ନ ପ୍ରକାରର ବୃକ୍ଷ ଆଣି ବୃକ୍ଷ ରୋପଣ କରାଯାଇଥିଲା। କୋଷାଗୁମୁଡ଼ା ବନ ଉପଖଣ୍ଡର ମନ୍ଦାଶିନି ଶବର, ,କୋଡିଙ୍ଗା ରେଞ୍ଜର ନନ୍ଦ ସାରଙ୍କ ତତ୍ତ୍ୱାବଧାନରେ ବନ ମହୋତ୍ସବ ପାଳନ କରାଯାଇଥିଲା। ଏହି ଉତ୍ସବରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଏବଂ ଶିକ୍ଷୟତ୍ରୀ ଉପସ୍ଥିତ ରହି ବନ ମହୋତ୍ସବ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ଚନ୍ଦ୍ରପୁର ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ



ଚନ୍ଦ୍ରପୁର,୩।୭ (ସମିସ): ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ସରକାରୀ (ଏସ୍‌ଏସ୍‌ଡି) ଉଚ୍ଚ ବିଦ୍ୟାଳୟ ପରିସରରେ ଚନ୍ଦ୍ରପୁର ବନପାଳ ଲକ୍ଷ୍ମୀକାନ୍ତ ପାଇଟାଙ୍କଙ୍କ ତତ୍ତ୍ୱାବଧାନରେ ୭୬ ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହିଅବସରରେହରିଡ଼ା, ବାହାଡା, ଅଁଳା, କରଞ୍ଜ, ଅର୍ଜୁନ, ପିସ୍ତାବାଦାମ ଓ ପିଜୁଳି ପ୍ରଭୃତି ୧୧୦ଟି ଚାରା ରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ କଇନ କିମ୍ବାକା, ପୂର୍ବତନ ସରପଞ୍ଚ ତଥା ସ୍କୁଲ ସଭାପତି ହାଡିବନ୍ଧୁ ବ୍ରେକବେଡା, ସ୍କୁଲ ପ୍ରଧାନ ଶିକ୍ଷକ ଭାସ୍କର ଗମାଙ୍ଗ, ଚନ୍ଦ୍ରପୁର ବିଟ ବନରକ୍ଷୀ କମଳ ନାଗ, ୱାଇଲ୍ଡ ଲାଇଫ୍ କର୍ମଚାରୀ ଦେବରାଜ ରାଜୁ, ରାଜେନ୍ଦ୍ର ହିକାବାଡି, ବିଶିଷ୍ଟ ପରିବେଶବିତ୍ ତଥା କୃଷି ଶିକ୍ଷକ ଡକ୍ଟର ପ୍ରଦୀପ କୁମାର ଚୌଧୁରୀ, ସହକାରୀ ଶିକ୍ଷକ କୁନା କୁମାର ମାଝୀ, ଆନନ୍ଦ ଡୁବୁରୁକା, ରୁଦ୍ରନାରାୟବାଗ ଏବଂ ସମସ୍ତ ଶିକ୍ଷକ ଓ କର୍ମଚାରୀ ଏବଂ ବିଦ୍ୟାଳୟର ଛାତ୍ର ଉପସ୍ଥିତ ଥିଲେ।

# ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ମାଲକାନଗିରି, ୩।୭ (ସମିସ): ମାଲକାନଗିରି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟଅନ୍ତର୍ଗତ ବିରଲକ୍ଷ୍ମଣପୁର କ୍ଲଷ୍ଟରରେ ଗୁଡୁମପଦର ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ସିନ୍ଧିଭଟ୍ଟା ପ୍ରାଥମିକ ବିଦ୍ୟାଳର ପ୍ରଧାନ ଶିକ୍ଷକ ବୀଜୟ ସାହୁଙ୍କୁ ଅବସର ସମ୍ବର୍ଦ୍ଧନା ଉଦ୍ଦେଶ୍ୟରେ ଏକ ବିଦାୟକାଳୀନ ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ବିରଲକ୍ଷ୍ମଣପୁର ପଞ୍ଚାୟତର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ଉପସ୍ଥିତ ରହିଥିଲେ। କ୍ଲଷ୍ଟର ସିଆରଶସିସି ରଂଜନ ମଣ୍ଡଳଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷାଧିକାରୀ ରବୀନ୍ଦ୍ର କୁମାର ଧର, ସମ୍ମାନିତ ଅତିଥି ଭାବେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶ୍ୱିନୀ ମାଝୀ, ସରପଞ୍ଚ ନୀଳକଣ୍ଠ ଖୋଲା, ରାଜ୍ୟ ସଂଘ ଉପସଭାପତି ରଂଜିତ ନାୟକ ଯୋଗ ଦେଇଥିଲେ। ବିଆରସିସି ଗୌରାଙ୍ଗ ସାଜନ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇଥିଲେ। । ସହକାରୀ ଶିକ୍ଷକ ମନୋରଞ୍ଜନ ବେହେରା ସଭାକାର୍ଯ୍ୟ ସଂଯୋଜନା କରିଥିଲେ। ଏଥିରେ ପ୍ରଧାନ ଶିକ୍ଷୟତ୍ରୀ କବିତା ବୁରୁଦା, ଶିକ୍ଷକ ସୁବାଷ ସାହୁ, ଅନିଲ ବେହେରା, ମାମି ମହାରଣା, ତାରିଣୀ ପୂଜାରୀ, ବୀଣାପାଣି ନାୟକ, ମିହିର ବିଶ୍ୱାସ, ଶ୍ୟାମ ହନ୍ତାଳ ପ୍ରମୁଖଙ୍କ ସହ ଅନ୍ୟମାନେ ସହଯୋଗ କରିଥିଲେ।

ଖ୍ରୀଷ୍ଟିୟାନ ମଞ୍ଚ ଶୋଭାଯାତ୍ରା ଘଟଣା

# ୨୫ ଜଣଙ୍କ ନାମରେ ରୁଜୁ ହେଲା ମାମଲା


ମାଲକାନଗିରି, ୩।୭ (ସମିସ): ମାଲକାନଗିରି ଜିଲ୍ଲାରେ ଖ୍ରୀଷ୍ଟୀୟାନ ମଞ୍ଚ ପକ୍ଷରୁ ଗତକାଲି ଏକ ବିଶାଳ ଶୋଭାଯାତ୍ରା କରି ଜିଲ୍ଲାପାଳଙ୍କୁ ଦାବିପତ୍ର ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମର ଅନୁମତି ନନେଇ ଜୋର ଜବରଦସ୍ତ ସରକାରୀ କାର୍ଯ୍ୟାଳୟ ମଧ୍ୟକୁ ଧସେଇ ପଶିବା ଭଳି ଅନେକ ଅଭିଯୋଗ କରି ୨୫ ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି। ମାଲକାନଗିରି ଆଦର୍ଶ ଥାନା ପୋଲିସ ନିଜ ଆଡୁ ଏହି ମାମଲା ରୁଜୁ କରିଥିବା ବେଳେ ଘଟଣାର ତଦନ୍ତ ଜାରି ରହିଛି। ସୂଚନା ଅନୁଯାୟୀ ଗତ ଜୁନ ୨୧ ତାରିଖରେ ଜିଲ୍ଲାର କତାମାଟେରୁ ଠାରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଯୋଗୁଁ ୩୦ ଜଣ ଆହତ ହୋଇଥିଲେ। ଆହତ ବ୍ୟକ୍ତି ମାନେ ଖ୍ରୀଷ୍ଟିୟାନ ସମ୍ପ୍ରଦାୟର ହୋଇଥିବା ବେଳେ ଏହାକୁ ନେଇ ଜିଲ୍ଲା ଖ୍ରୀଷ୍ଟୀୟାନ ମଞ୍ଚ ମାଲକାନଗିରି ଆଦର୍ଶ ଥାନାରେ ମାମଲା ରୁଜୁ କରିବାର ଅନେକ ଦିନ ବିତି ଯାଇଥିବା ବେଳେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନଥିବାରୁ ଗତକାଲି ଜିଲ୍ଲା ଖ୍ରୀଷ୍ଟୀୟାନ ମଞ୍ଚ ପକ୍ଷରୁ ଏକ ବିକ୍ଷୋଭ ଶୋଭାଯାତ୍ରା କରଯାଇଥିଲା। ଏଥିରେ ୧୦୦୦ରୁ ଅଧିକ ଲୋକେ ସାମିଲ ରହିଥିବା ବେଳେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଏହି ଶୋଭାଯାତ୍ରା ପହଞ୍ଚିଥିଲା। ତେବେ ସେଠାରେ ଦାବିପତ୍ର ଗ୍ରହଣ କରିବା ପାଇଁ ଅଧିକାରୀ ମାନେ ବାହାରକୁ ଆସିବାରେ ବିଳମ୍ବ ହେଉଥିବାରୁ ଏହାକୁ ନେଇ ହୋ ହଲ୍ଲା ହୋଇଥିଲା। ଏହି ସମୟରେ କିଛି ସମୟ ପାଇଁ ସାମାନ୍ୟ ଉତ୍ତେଜନାମୂଳକ ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇଥିଲା। ଏହି ଘଟଣାରେ ଅନୁମତି ନନେଇ ସରକାରୀ କାର୍ଯ୍ୟାଳୟରେ ଧସେଇ ପଶିବା ସହ ସରକାରୀ ଅଧିକାରୀଙ୍କୁ ଦୁର୍ବ୍ୟବାହାର ଭଳି ଅନେକ ଧାରା ଦେଇ ପୁଲିସ ନିଜ ଆଡୁ ଏକ ମାମଲା ରୁଜୁ କରିଛି। ଏହି ଶୋଭାଯାତ୍ରାରେ ସାମିଲ ଥିବା ୨୫ ଜଣଙ୍କ ନାମରେ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ରିଗାନ କିଣ୍ଡୋଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

# ଡ୍ରେନ୍‌ରୁ ଗାଈକୁ ଉଦ୍ଧାର

କୋରୁକୋଣ୍ଡା, ୩।୭ (ସମିସ): ମାଲକାନଗିରି ଜିଲ୍ଲା ବାଲିମେଲା ସହରର ଏକ ଡ୍ରେନ୍‌ରେ ଖସି ପଡି ଗୁରୁତର ଅବସ୍ଥାରେ ରହିଥିବା ଏକ ଗାଈକୁ ଉଦ୍ଧାର କରିଛନ୍ତି ବାଲିମେଲା ଏନ୍‌ଏସି କର୍ତ୍ତୃପକ୍ଷ। ଗାଈଟି ଡ୍ରେନ୍‌ରେ ପଡ଼ିଥିବା ଖବର ପାଇ ନଗରପାଳ ପ୍ରଦୀପ କୁମାର ନାୟକଙ୍କ ନିର୍ଦ୍ଦେଶ କ୍ରମେ ବାଲିମେଲା ଏନଏସିର ବରିଷ୍ଠ କର୍ମଚାରୀ ସାଧୁ ଚରଣ ମାହାନ୍ତିଙ୍କ ନେତୃତ୍ୱରେ ଏକ ଟିମ ଘଟଣା ସ୍ଥଳରେ ପହଞ୍ଚି ରଶି ଓ ପାଇପ୍ ସହାର୍ଯ୍ୟରେ ବହୁ ସମୟ ସଂଘର୍ଷ କରିବା ପରେ ଉକ୍ତ ଗାଈକୁ ଡ୍ରେନରୁ ଉଦ୍ଧାର କରାଯାଇଥିଲା। ଘଟଣା ସ୍ଥଳରୁ ୯ ନମ୍ବର ୱାର୍ଡର କାଉନ୍‌ସିଲର କୃଷ୍ଣ ବାଘଙ୍କ ସୂଚନା କ୍ରମେ ପଶୁ ଚିକିତ୍ସାଳୟର କର୍ମଚାରୀମାନେ ସ୍ଥଳରେ ଗାଈଟିର ଚିକିତ୍ସା ଆରମ୍ଭ କରିଥିଲେ।

● ରେଲୱେ ଭୂତଳ ରାସ୍ତାରେ ଅଣ୍ଟାଏ ପାଣି

# ଗାଁକୁ ଯୋଗାଯୋଗ ବିଚ୍ଛିନ୍ନ, ଦୁର୍ଦ୍ଦଶାରେ ଗ୍ରାମବାସୀ



ବିଷମକଟକ,୩।୭ (ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକର ରେଳ ଲାଇନ୍ ଆରପାରିରେ ରହିଥିବା ଗ୍ରାମବାସୀଙ୍କ ଗମନାଗମନରେ ସୁବିଧା କରିବା ପାଇଁ ରେଳ ବିଭାଗ ତରଫରୁ ଭୂତଳ ରାସ୍ତା ନିର୍ମାଣ କରାଯାଇଛି। ହେଲେ ବର୍ଷାଦିନେ ଏହି ଭୂତଳ ରାସ୍ତାରେ ଜମୁଥିବା ବର୍ଷା ଜଳ ନିଷ୍କାସନ ବ୍ୟବସ୍ଥା କରିବାକୁ ଭୁଲି ଯାଇଛି ରେଳ ବିଭାଗ। ଅସରାଏ ବର୍ଷା ହେଲେ ଏହି ଭୂତଳ ରାସ୍ତାରେ ବର୍ଷାଜଳ ଜମି ରହି କୃତ୍ରିମ ବନ୍ୟା ସୃଷ୍ଟି ହେଉଛି। ଆଉ ଯୋଗାଯୋଗ ବିଚ୍ଛିନ୍ନ ହେଉଛି। ଏଠାରେ ଅଣ୍ଟାଏ ପାଣିର ଲହଡ଼ି ଭାଙ୍ଗିବା ଫଳରେ ଏହି ଗାଁ ମାନଙ୍କୁ ଯିବା ଆସିବା କରିବା ଲୋକଙ୍କ ପାଇଁ କଷ୍ଟ ସାଧ୍ୟ ହେଉଛି। ଏପରି ଦୃଶ୍ୟ ଦେଖିବାକୁ ମିଳିଛି ବିଷମ କଟକ ବ୍ଲକ ଅନ୍ତର୍ଗତ ଚାଟିକୋଣା ସ୍ଥିତ ବାଇପାସ୍ ନିକଟରେ ରହିଥିବା ଭୂତଳ ରାସ୍ତାରେ। ଏହି ରାସ୍ତା ରେଳ ଲାଇନ୍ ଆରପଟେ ରହିଥିବା ଚନ୍ଦନପୁର ଏବଂ ଡି.କୁମ୍ଭାରବାଡି ଗାଁକୁ ଯୋଗାଯୋଗ କରୁଛି। ଦୁଇ ଗାଁକୁ ଯିବା ଆସିବା କରିବାକୁ କୌଣସି ରାସ୍ତା ନଥିବା ବେଳେ ଗ୍ରାମବାସୀମାନେ ରେଳ ଧାରଣା ଉପର ଦେଇ ଯିବାଆସିବା କରୁଥିଲେ। ଭୂତଳ ରାସ୍ତାଟିଏ ନିର୍ମାଣ ନିମନ୍ତେ ଗ୍ରାମବାସୀ ରେଳ ବିଭାଗ ନିକଟରେ ଦୀର୍ଘବର୍ଷ ହେବ ଦାବି କରିଆସୁଥିବା ବେଳେ ଗତ ବର୍ଷ ରେଳ ବିଭାଗ ତରଫରୁ ଏହି ଭୂତଳ ରାସ୍ତା ନିର୍ମାଣ କରାଗଲା। ତେବେ ବର୍ଷା ପାଣି ଏହି ରାସ୍ତାରେ ଜମି ରହୁଛି। ଗତି ୪ଦିନ ହେବ ଲଗାଣ ବର୍ଷା ହେଉଥିବାରୁ ଏହି ଭୂତଳ ରାସ୍ତାରେ ପ୍ରଚୁର ପାଣି ଜମି ରହି ପୋଖରି ସଦୃଶ୍ୟ ହୋଇଯାଇଛି। ଏହି ରାସ୍ତା ଦେଇ ଲୋକେ ଯାତାୟତ କରିପାରୁନାହାନ୍ତି କି ଗାଇଗୋରୁ ଏବଂ ଜରୁରୀ କାଳିନ ଆମ୍ବୁଲାନସ୍ ମଧ୍ୟ ଯିବା ଆସିବା କରିବା ସମ୍ଭବ ହେଉନାହିଁ। ରାସ୍ତା ଥାଇ ମଧ୍ୟ ଏହି ଦୁଇ ଗ୍ରାମବାସୀ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଏହି ଗୋଟିଏ ଭୂତଳ ରାସ୍ତା ନୁହେଁ, ବ୍ଲକରେ ରେଳ ବିଭାଗ ଦ୍ୱାରା ନିର୍ମିତ ସମସ୍ତ ଭୂତଳ ରାସ୍ତାର ସମାନ ଅବସ୍ଥା ଦେଖିବାକୁ ମିଳୁଛି। ଭୂତଳ ରାସ୍ତା ଗୁଡିକରେ ଉପୁଜୁଥିବା ସମସ୍ୟା ସମ୍ବନ୍ଧରେ ରେଳ ବିଭାଗର ରକ୍ଷଣାବେକ୍ଷଣ ଦାୟୀତ୍ୱରେ ରହିଥିବା ଅଧିକାରୀ ରାମ ବାବୁଙ୍କ ସହ ଯୋଗାଯୋଗ କରିବାରେ ବର୍ଷାପାଣି ନିଷ୍କାସନ ନିମନ୍ତେ ନିର୍ମାଣ ହୋଇଥିବା ଡ୍ରେନ୍‌ରେ ମାଟି ଜମିଯାଇଛି। ତେଣୁ ଜଳ ନିଷ୍କାସନ ହୋଇପାରୁନାହିଁ। ତୁରନ୍ତ ଡ୍ରେନ୍ ସଫାକରି ଜଳ ନିଷ୍କାସନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

# ମହିଳାଙ୍କ ଦୁଇ ଆଙ୍ଗୁଳି କଟିଗଲା



ପଦ୍ମପୁର,୩।୭ (ସମିସ): ରାୟଗଡ଼ା ଜିଲ୍ଲାର ପଦ୍ମପୁର ବ୍ଲକ୍ ଅନ୍ତର୍ଗତ ଲିକିଟିପଦର ପଞ୍ଚାୟତର ମୁକ୍କି ଗ୍ରାମରେ କାଠ କାଟିବା ବେଳେ ଜଣେ ମହିଳାଙ୍କ ଦୁଇଟି ଆଙ୍ଗୁଳି କଟିଯାଇଛି। ଆଜି ସନ୍ଧ୍ୟାରେ ନୂଆ ଘର ନିର୍ମାଣ ପାଇଁ ସେଣ୍ଟରିଙ୍ଗ୍ କାଠ କାଟିବା ପାଇଁ ଲଳିତା ନୃଣ୍ଡୁକା (୩୩ର) ଧରିଥିବା କାଠକୁ ତାଙ୍କ ସ୍ୱାମୀ ଭାସ୍କର ନୃଣ୍ଡୁକା ମେସିନ୍ ସାହାଯ୍ୟରେ କାଟୁଥିବା ବେଳେ ମେସିନ୍ ହାତରୁ ଖସି ଯାଇଥିଲା। ଫଳରେ ଲଳିତାଙ୍କର ଡାହାଣ ହାତର ଦୁଇଟି ଆଗୁଠି ସଂପୂର୍ଣ୍ଣ ଭାବେ କଟି ଯାଇଥିଲା। ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯିବା ପରେ ଡାକ୍ତର ସାନ୍ତୁନୁ ଜେନା ଚିକିତ୍ସା ଚିକିତ୍ସା କରି ଅଧିକ ଚିକିତ୍ସା ନିମନ୍ତେ ବ୍ରହ୍ମପୁର ତାଙ୍କୁ ଏମକେସିଜି ମେଡିକାଲକୁ ସ୍ଥାନାନ୍ତର କରିଛନ୍ତି।

# ବରଗଛ ପଡ଼ି ରାଜପଥ ଅବରୋଧ



କଲ୍ୟାଣସିଂହପୁର, ୩।୭ (ସମିସ): ରାୟଗଡା ଓ କଲ୍ୟାଣସିଂହପୁର ମୁଖ୍ୟ ୪୫ ନମ୍ବର ରାଜପଥ ଉପରେ ଏକ ବିଶାଳକାୟ ବର ଗଛ ପଡି ରାସ୍ତା ଅବରୋଧ ହେବାରୁ ଦୀର୍ଘ ୪ ଘଣ୍ଟା ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଲଘୁଚାପ ବର୍ଷା ଯୋଗୁଁ ଭାତପରିସୀ ଓ କୃଷ୍ଣପାତ୍ରଗୁଡା ମଝିରେ ଥିବା ଏକ ବହୁ ପୁରାତନ ବରଗଛ ବର୍ଷା ଯୋଗୁ ଉପୁଡି ଯାଇଥିବା ଦେଖିବାକୁ ମିଳିଛି। ଫଳରେ ରାୟଗଡ଼ା ଓ କଲ୍ୟାଣସିଂହପୁର ମୁଖ୍ୟ ରାସ୍ତାରେ ଯାତାୟାତ କରୁଥିବା ସମସ୍ତେ ଯାନବାହାନ ଚଲାଚଳ ଏକ ପ୍ରକାର ଠପ୍ ହୋଇଥିଲା। ପରେ ଅଗ୍ନିଶ୍ରମ ବିଭାଗର ଓଆଇସି ବିଜୟକୁମାର ବେହେରା ଓ ସମସ୍ତ କର୍ମଚାରୀ ମିଶି ଗଛକୁ କାଟି ସଫା କରିଥିଲେ। ସଫା ହେବା ପରେ ଯାତାୟତ କରିଥିଲା ଯାନବାହନ। ସେହିଭଳି ଖସିଗୁଡା ଛକ ନିକଟରେ ମଧ୍ୟ ପୁରୁଣା ଚାକୁଣ୍ଡା ଗଛ ପଡ଼ିଥିବାରୁ ଯାତାୟତରେ ବାଧାପ୍ରାପ୍ତ ହୋଇଥିଲା। ଅଗ୍ନିଶମ ବିଭାଗର କର୍ମଚାରୀ ଆସି ଗଛକାଟି ସଫାକରିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

■ ହସି ହସି ନେଉଥିଲେ ପ୍ରଶିକ୍ଷଣ

# ହଠାତ୍ ଟଳିପଡିଲେ ଆଶାକର୍ମୀ



ମାଥିଲି, ୩।୭ (ସମିସ): ମୃତ୍ୟୁ ଏମିତି ବି ଆସେ, କେହି କେବେ ବିଶ୍ୱାସ କରି ପାରିବେ ନାହି। କିଛି କ୍ଷଣ ପୂର୍ବରୁ ଯେଉଁ ମହିଳା ହସି ହସି ତାଲିମ ନେଉଥିଲେ ସେହି ମହିଳା ଜଣଙ୍କର ଏହାଥିଲା ଶେଷ ହସ। କିଛି ଏପରି ଚିତ୍ର ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା ଖଇରପୁଟ ସ୍ୱାସ୍ଥ୍ୟ କେନ୍ଦ୍ରରୁ। ମୃତ ଅଶାକର୍ମୀ ହେଲେ ବଣ୍ଡାଘାଟି ମୁଦୁଲିପଡା ଅନ୍ତର୍ଗତ କିର୍ଷାନୀପଡାର ମଙ୍ଗୁଳି କିର୍ଷାନୀ। ସୂଚନା ଅନୁଯାୟୀ ଖଇରପୁଟ ବ୍ଲକରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆଶାକର୍ମୀ ମାନଙ୍କୁ ନେଇ ତିନିଦିନିଆ ଆରୋଗ୍ୟ ପଥ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଦିନରେ ୪୦ ଜଣ ଆଶାକର୍ମୀ ଏହି ତାଲିମ ନେଉଥିଲେ। ଏହାରି ମଧ୍ୟରେ ମଙ୍ଗୁଳି ମଧ୍ୟ ବେଶ୍ ହସଖୁସିରେ ନିଜ ସହକର୍ମୀଙ୍କ ସହିତ ମିଶି ତାଲିମ ନେଉଥିଲେ। ହେଲେ ହଠାତ୍ ଆଶାକର୍ମୀ ମଙ୍ଗୁଳୀ ବେହୋସ ହୋଇ ତଳେ ପଡିଯାଇଥିଲେ। ତାଙ୍କୁ ସଙ୍ଗେସଙ୍ଗେ ଡାକ୍ତରଙ୍କ ନିକଟକୁ ନିଆ ଯାଇଥିଲା। ଡାକ୍ତର ତାଙ୍କର ସ୍ୱାସ୍ଥ୍ୟ ଯାଞ୍ଚ ବେଳେ ମଙ୍ଗୁଳିଙ୍କ ମୃତ୍ୟୁ ହୋଇଥିବା ପ୍ରକାଶ କରିଥିଲେ। ଏହି ଘଟଣା ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଥିବା ବେଳେ ମଙ୍ଗୁଳି କର୍ତବ୍ୟରେ ଥିବା ସମୟରେ ମୃତ୍ୟୁ ଘଟିଥିବାରୁ ତାଙ୍କୁ ସମସ୍ତ ପ୍ରକାର ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ସୂଚନା ମିଳିଛି।

# ଓଏଏସ୍ ସଂଘକୁ ସମର୍ଥନ କଲା ରାଜସ୍ୱ ଅମଳା ସଂଘ



ମାଲକାନଗିରି,୩।୭ (ସମିସ): ଭୁବନେଶ୍ୱର ସ୍ଥିତ ବିଏମ୍‌ସି. ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଆକ୍ରମଣ ଘଟଣା ନେଇ ସାରା ରାଜ୍ୟରେ ଓଏଏସ୍ ସଂଘ କାର୍ଯ୍ୟବନ୍ଦ ଆନ୍ଦୋଳନ କରୁଥିବା ବେଳେ ଏହାକୁ ମାଲକାନଗିରି ଜିଲ୍ଲା ଓଡିଶା ରାଜସ୍ୱ ଅମଳା ସଂଘ ପୂର୍ଣ୍ଣ ସମର୍ଥନ କରିଛି। ଆଜି ଜିଲ୍ଲାପାଳଙ୍କୁ ଏ ନେଇ ଏକ ଲିଖିତ ପତ୍ର ପ୍ରଦାନ କରାଯାଇଛି। ଅମଳା ସଂଘର ଅଧ୍ୟକ୍ଷ ଶିବ ଚରଣ ସିଥା, କାର୍ଯ୍ୟକାରୀ ସଭାପତି ନିଳକଣ୍ଠ ଭୁମିଆ, ଉପ ସଭାପତି ଏମ୍‌ଡି. ଗୌସ୍ ମହିଦ୍ଦିନ୍, ସମ୍ପାଦକ ଦିଲିପ କୁମାର ନାୟକ, କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ପୃଷ୍ଟିଙ୍କ ସହ ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଏହି ସମର୍ଥନ ପତ୍ର ପ୍ରଦାନ କରିଛନ୍ତି। ଏହି ଘଟଣାକୁ ନେଇ ରାଜସ୍ୱ ଅମଳା ସଂଘ ନିନ୍ଦା କରିବା ସହ ଦୁଃଖ ପ୍ରକାଶ କରିଛନ୍ତି।

# ଜିଲ୍ଲା ଓଏଏସ ସଂଘର ଆନ୍ଦୋଳନ



ରାୟଗଡ଼ା,୩।୭ (ସମିସ): ରାୟଗଡ଼ା ଜିଲ୍ଲା ଓଡ଼ିଶା ପ୍ରଶାସନିକ ସେବା ସଂଘର ସମସ୍ତ ଅଧିକାରୀଙ୍କୁ ନେଇ ପୁଣି ଗୁରୁବାର ଏକ ବୈଠକ ଜିଲ୍ଲା ଓଏଏସ ସଂଘର ସଭାପତି ତଥା ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ଓଏଏସ ସଂଘ ସହ ସମସ୍ତ ଜିଲ୍ଲା ଓଏଏସ ସଂଘ ର ହୋଇଥିବା ଆଜିର ବୈଠକ ସମ୍ପର୍କରେ ମଧ୍ୟ ବିସ୍ତୃତ ଆଲୋଚନା କରାଯାଇଥିଲା। ଏଥିରେ ରାଜ୍ୟ ସଂଘ ର ପ୍ରତ୍ୟେକ ନିଷ୍ପତି ସହ ଜିଲ୍ଲା ସଂଘ ଦୃଢ ଭାବେ ଏକମତ ଅଛି। ସମୂହ ଛୁଟି ତୃତୀୟଦିନ ମଧ୍ୟ ଜାରି ରହିଛି। ସଂଘର ସମସ୍ତ ସଦସ୍ୟ ରାଜ୍ୟ ସରକାରଙ୍କ ଉପରେ ସମ୍ପୂର୍ଣ ଆସ୍ଥା ପ୍ରକଟ କରିବା ସହିତ ଓଡିଶା ପ୍ରଶାସନିକ ସେବା ସଂଘ, ଓଡିଶା ଦ୍ୱାରା ଦିଆଯାଇଥିବା ଦାବି ଗୁଡିକ ଶୀଘ୍ର ପୂରଣ କରିବେ ବୋଲି ଆଶାବ୍ୟକ୍ତ କରିଥିଲେ ଏବଂ ରାଜ୍ୟ ସଂଘର ନିଷ୍ପତି ଓ ପରାମର୍ଶ ପ୍ରକାରେ ସମସ୍ତ ଓଡିଶା ପ୍ରଶାସନିକ ଅଧିକାରୀ ବିଭିନ୍ନ ଜରୁରୀ କାଳୀନ ସେବା ଯଥା ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ, କୌଣସି ଆକସ୍ମିକ ଦୁର୍ଘଟଣା ଜନିତ ସ୍ଥିତିର ମୁକାବିଲା, ରଥଯାତ୍ରା ସମ୍ପର୍କିତ ସମସ୍ତ ନୀତିକାନ୍ତିକୁ ଦାୟିତ୍ୱ ସମ୍ପନ୍ନ ଭାବେ ତୁଲାଇବେ। ସଂଘ ଦ୍ୱାରା ନିଷ୍ପତି ନିଆଯାଇଥିବା ଏବଂ ତାହା ସହିତ ଦାବି ପୂରଣ ପର୍ଯ୍ୟନ୍ତ ସମୂହ ଛୁଟି କୁ ବଳବତ୍ତର ରଖିବା ନିମନ୍ତେ ସ୍ଥିର ହୋଇଛି। ଓଏଏସ ରାୟଗଡ ଶାଖା, ରାଜ୍ୟ ଶାଖା ସହିତ ଏକଜୁଟ ହୋଇ ଦାବି ପୂରଣ ପର୍ଯ୍ୟନ୍ତ ସଂଘର ନିଷ୍ପତିକୁ ବଜାୟ ରଖିବା ଦିଗରେ କାର୍ଯ୍ୟ କରିବ ବୋଲି ସଂଘ ସଭାପତି ଶ୍ରୀ ନାୟକ କହିଛନ୍ତି

କ୍ରୀଡ଼ା ମନ୍ତ୍ରୀଙ୍କ ରାୟଗଡ଼ା ଜିଲ୍ଲା ଗସ୍ତ ଆଜି

# ଅନୁଦାନ ମିଳିଛି; ନିର୍ମାଣ ହୋଇପାରୁନି ଷ୍ଟାଡିୟମ

ରାୟଗଡ଼ା, ୩।୭ (ସମିସ): ଶୁକ୍ରବାର ଦିନିକିଆ ରାୟଗଡ଼ା ଗସ୍ତରେ ଆସୁଛନ୍ତି ରାଜ୍ୟ (ସ୍ୱାଧୀନ) ଉଚ୍ଚଶିକ୍ଷା, କ୍ରୀଡା ଏବଂ ଯୁବ ସେବା, ଓଡିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ। ଉପାନ୍ତ ରାୟଗଡ଼ା ଜିଲ୍ଲାର ଓଡିଶା-ଆନ୍ଧ୍ର ସୀମାନ୍ତବର୍ତ୍ତି ଅଞ୍ଚଳଗୁଡିକରେ ଓଡିଆ ଭାଷା, ସାହିତ୍ୟର ବହୁଳ ବ୍ୟବହାର ପାଇଁ ବିଭାଗ ପକ୍ଷରୁ କୌଣସି ଆଖିଦୃଶିଆ କାର୍ଯ୍ୟକ୍ରମ ହାତକୁ ନିଆଯାଉ ନ ଥିବା ବେଳେ ଉକ୍ତ ଅଞ୍ଚଳ ଗୁଡିକରେ ଓଡିଆ ଭାଷା ,ଲେଖାକୁ କଦର୍ଯ୍ୟ ଭାବେ ବ୍ୟବହାର କରାଯାଉଥିବା ଦେଖିବାକୁ ମିଳୁଛି। ବିଭିନ୍ନ ଓଡିଆ ଅନୁଷ୍ଠାନ ଗୁଡିକ ପକ୍ଷରୁ ଓଡିଆ ଭାଷା ଓ ଲେଖାକୁ ବଞ୍ଚାଇ ରଖିବା ପାଇଁ ଉଦ୍ୟମ କରାଯାଉଥିବା ବେଳେ ବିଭାଗ ତଥା ପ୍ରଶାସନ ପକ୍ଷରୁ ଏହାକୁ ଗମ୍ଭୀରତାର ସହ ନେବାକୁ ପଡିବ ବୋଲି ରାୟଗଡ଼ା ର ସ୍ୱାଭିମାନୀ ଓଡିଆ ବ୍ୟକ୍ତିବିଶେଷମାନେ ମତପ୍ରକାଶ କରୁଛନ୍ତି। କେବଳ ଉତ୍କଳ ଦିବସରେ ଓଡିଆକୁ ମନେ ପକାଯାଉଥିବା ବୁଦ୍ଧିଜୀବି ମହଲରେ ଚର୍ଚ୍ଚା ହୋଇରହୁଛି। ସେହିପରି ରାୟଗଡ଼ା ଜିଲ୍ଲାର ୧୧ଗୋଟି ବ୍ଲକ୍ ନିମନ୍ତେ ଷ୍ଟାଡିୟମ ନିର୍ମାଣ ପାଇଁ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଆବଶ୍ୟକୀୟ ସରକାରୀ ଜମି

● ଖେଳାଳି ଓ କ୍ରୀଡାବିତ୍ ନିରାଶ

ଯୋଗାଇ ଦିଆଯାଇଛି। ବ୍ଲକ୍‌ସ୍ତରୀୟ ଷ୍ଟାଡିୟମ ନିମନ୍ତେ ରାୟଗଡ଼ା ପ୍ରଶାସନ ପକ୍ଷରୁ ରାୟଗଡ଼ା ପୌରାଞ୍ଚଳ ରାଣୀଗୁଡା ମୌଜାର ଖାତା ନମ୍ବର ୦୯, ପ୍ଲଟ ନମ୍ବର ୧୯ ପତିତ କିସମର ୮.୦୯ ଏକର ଏବଂ ୧୩ ନମ୍ବର ପ୍ଲଟର ଡି-୨ କିସମର ୪.୪୬ ଏକର ମୋଟ ୧୨.୫୫ ଏକର ସରକାରୀ ଜମି ଚିହ୍ନଟ ହୋଇ ସାରିଥିବା ବେଳେ ଆଜି ଯାଏଁ ପ୍ରକଳ୍ପ କାମ ଆରମ୍ଭ ହୋଇ ପାରି ନ ଥିବା ଜିଲ୍ଲା କ୍ରୀଡା ଅଧିକାରୀ ଶେଖ୍ ଅଲିନୁର ପ୍ରକାଶ କରିଛନ୍ତି। ରାୟଗଡ଼ା ପୌରାଞ୍ଚଳରେ ଶିରିଗୁଡାଠାରେ ତତ୍କାଳୀନ ସରକାରଙ୍କ ଦ୍ୱାରା ଗୋଟିଏ ବହୁମୁଖୀ ବିଜୁ ପଟ୍ଟନାୟକ କ୍ରୀଡା ଭବନ, ସଦ୍‌ଭାବନା କ୍ରୀଡା କଂପ୍ଲେକ୍ସ ନିର୍ମାଣ ହୋଇଛି। ବର୍ତମାନ ଅନେକ କ୍ରୀଡ଼ାର ଅଭ୍ୟାସ ନିମନ୍ତେ ଆବଶ୍ୟକୀୟ ବ୍ୟବସ୍ଥା ନାହିଁ। ସେହିପରି ଇଣ୍ଡୋର ଷ୍ଟାଡିୟମ, ଲଙ୍ଗ ଟେନିସ, ବାସ୍କେଟ ବଲ୍ ପାଇଁ କ୍ରୀଡ଼ା କଂପ୍ଲେକ୍ସ ରହିଥିବା ବେଳେ ବିଭାଗ ପକ୍ଷରୁ ଦୀର୍ଘ ଦିନ ଧରି ଏଗୁଡିକ ମରାମତି ତଥା ଅତ୍ୟାଧୁନିକ କ୍ରୀଡା ସରଞ୍ଜାମ ପ୍ରଦାନ କରାଯାଉ ନ ଥିବାରୁ ଖେଳାଳୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ବର୍ତମାନ ବ୍ଲକସ୍ତରୀୟ ଷ୍ଟାଡିୟମ ନିର୍ମାଣ ପାଇଁ ରାୟଗଡ଼ା ତହସିଲ ପକ୍ଷରୁ ଜାଗା ଚିହ୍ନଟ ହୋଇସାରିଛି। ନିକଟରେ କ୍ୟାବିନେଟ ବୈଠକରେ ରାଜ୍ୟରେ କ୍ରୀଡ଼ା ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କାର ଅନୁଦାନ ଘୋଷଣା କରିଛନ୍ତି। ଏଥିପାଇଁ ନିର୍ମାଣ ହେବାକୁ ଯାଉଛି ପ୍ରତି ବ୍ଲକ୍‌ରେ ବ୍ଲକ୍‌ସ୍ତରୀୟ ସ୍ପୋର୍ଟସ କଂପ୍ଲେକ୍ସ। ଏହି ପରିପ୍ରେକ୍ଷୀରେ ରାୟଗଡ଼ା ଜିଲ୍ଲାର ୧୧ଗୋଟି ବ୍ଲକ୍‌ରେ ପୂର୍ବରୁ ଥିବା ମିନି ଷ୍ଟାଡିୟମ ସହ ଆବଶ୍ୟକ ଅନୁଯାୟୀ ଜମି ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଇଛି। ହେଲେ ଗୋଟିଏ ହେଲେ ବ୍ଲକସ୍ତରୀୟ ଷ୍ଟାଡିୟମ କାମ ଆରମ୍ଭ ହୋଇପାରିନାହିଁ। ଜମି ମିଳିଛି, ଅନୁଦାନ ମଂଜୁରୀ ହୋଇଛି ତଥାପି ବ୍ଲକସ୍ତରୀୟ ଷ୍ଟାଡିୟମ ନିମନ୍ତେ କାର୍ଯ୍ୟାରମ୍ଭ ହୋଇପାରୁ ନ ଥିବାରୁ ଖେଳାଳୀ ଓ କ୍ରୀଡାବିତମାନେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ପ୍ରକାଶ ଥାଉ କି, ସ୍ଥାନୀୟ ବିଧାୟକ କାଡ୍ରକା ଆପଲାସ୍ୱାମୀ ନିଜ ନିର୍ବାଚନୀ ମଣ୍ଡଳି ରାୟଗଡ଼ାରେ ଫୁଟବଲ ଖେଳ ପାଇଁ ଷ୍ଟାଡିୟମ, କ୍ରୀଡାର ବିକାଶ ପାଇଁ କ୍ରୀଡା ଛାତ୍ରାବାସ, କ୍ରୀଡା ଭିତିଭୂମିର ବିକାଶ ଓ ପ୍ରତିଭାମାନଙ୍କ ବିକାଶ ପାଇଁ ସରକାର ଓ ପ୍ରଶାସନ ପାଖରେ ଦାବି ସହ ନିଜ ପାଣ୍ଠିରୁ ମଧ୍ୟ ଅନୁଦାନ ଦେବାକୁ କହିଛନ୍ତି। ତେବେ ବିଭିନ୍ନ ସମସ୍ୟା ନେଇ ମନ୍ତ୍ରୀ ପଦକ୍ଷେପ କ'ଣ ରହୁଛି ତାହା ଦେଖିବାକୁ ଲୋକେ ଚାହିଁ ରହିଛନ୍ତି।

# ମ୍ୟାଲେରିଆ, ଡେଙ୍ଗୁ ଓ ଡାଇରିଆ ମୁକାବିଲା ପାଇଁ ସଚେତନତା



ବିଷମ କଟକ, ୩।୭ (ସମିସ): ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ତ୍ତମାନ ଡାଇରିଆ ସ୍ଥିତି ଅଣାୟତ ହେଉଥିବାରୁ ରାୟଗଡା ଜିଲ୍ଲା ବିଷମ କଟକ ସ୍ୱାସ୍ଥ୍ୟ ବିଭାଗ ଅଗୁଆ ସଜାଗ ହୋଇଛି। ଗାଁ ଗାଁରେ ଲୋକଙ୍କୁ ସଚେତନ କରିବା ସହ ବିଭାଗୀୟ କର୍ମଚାରୀଙ୍କୁ ସଜାଗ କରିଛି ସ୍ୱାସ୍ଥ୍ୟ ବିଭାଗ। ନିରନ୍ତର ବର୍ଷା ଲାଗି ରହିଥିବା ଯୋଗୁଁ ବିଭିନ୍ନ ପ୍ରକାର ସଂକ୍ରମକ ରୋଗ ବ୍ୟାପିବାର ସମ୍ଭାବନା ରହିଛି। ଯେ କୌଣସି ରୋଗଜନିତ ଗୁଜବକୁ ଶୁଣି ଜନସାଧାରଣ ଭୟଭୀତ ନ ହୋଇ ନିଜେ ଗ୍ରାମର ଆଶା କର୍ମୀ, ସ୍ୱାସ୍ଥ୍ୟ କର୍ମୀଙ୍କଠୁ ପରାମର୍ଶ ନେବେ ଓ ନିକଟସ୍ଥ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରକୁ ଯାଇ ଚିକିତ୍ସିତ ହେବାକୁ ଅନୁରୋଧ କରିଛି ସ୍ୱାସ୍ଥ୍ୟ ବିଭାଗ। ଏବେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ତରରେ ୩ଟି ରାପିଡ୍ ଏକ୍ସନ୍ ଟିମ୍ ଗଠନ କରାଯାଇଛି। ଡାଇରିଆ କୁ ନେଇ ମିଥ୍ୟ ଗୁଜବ ଏବଂ ସାମାଜିକ ଗଣ ମାଧ୍ୟମରେ ପ୍ରଚାର ହେଉଥିବା ଗୁଜବକୁ ବିଶ୍ୱାସ୍ ନ କରିବା ପାଇଁ ବିଷମ କଟକ ଗୋଷ୍ଠୀ ସ୍ୱସ୍ଥ୍ୟ କେନ୍ଦ୍ର ଅଧିକାରୀ ହରିହର ବଳଦେବ ଟୁଡ ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରିଛନ୍ତି।

## ଜାପାନ: ୧୪ ଦିନରେ ଏକ ହଜାର ଭୂକମ୍ପ



ଟୋକିଓ, ୩।୭ (ଏଜେନ୍ସି): ଜାପାନର ଟୋକାରା ଦ୍ୱୀପ ଓ ତାର ଆଖପାଖ ଅଞ୍ଚଳରେ ଗତ ଦୁଇ ସପ୍ତାହରେ ୧୦୦୦ରୁ ଊର୍ଦ୍ଧ୍ୱ ଭୂକମ୍ପ ହୋଇଛି । ଜୁନ୍ ୨୧ରୁ ଆରମ୍ଭ ହୋଇଥିବା ଏହି ଭୂକମ୍ପର ପ୍ରକ୍ରିୟା ଏପର୍ଯ୍ୟନ୍ତ ଜାରି ରହିଛି । ବୁଧବାର ରାତି ୩ଟାରେ ୫.୫ ତୀବ୍ରତାରେ ଭୂକମ୍ପ ଆସିଥିଲା । ଆଗକୁ ଆହୁରି ଭୂକମ୍ପର ଝଟ୍‌କା ଆସିବ ବୋଲି ଚେତାବନୀ ଦିଆଯାଇଛି । ଲୋକଙ୍କୁ ସୁରକ୍ଷିତ ଜାଗାକୁ ଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ତେବେ ଏହି ଦ୍ୱୀପରେ ଏତେ ସଂଖ୍ୟାରେ ଭୂକମ୍ପ କାହିଁକି ଆସିଛି ତାହା ଜଣାପଡ଼ିନାହିଁ । ଭୂକମ୍ପରେ କେହି ମୃତାହତ ହୋଇ ନାହାନ୍ତି ବୋଲି କୁହାଯାଇଛି । ଜାପାନ ବିଶ୍ୱର ସବୁଠାରୁ ଭୂକମ୍ପ ପ୍ରବଣ ଦେଶ ଭାବେ ପରିଚିତ । ଏହି ଦ୍ୱୀପ ୪ଟି ଟେକ୍ଟୋନିକ୍ ପ୍ଲେଟ୍ ଉପରେ ଅବସ୍ଥିତ ଓ ଏହା ପ୍ରଶାନ୍ତ ମହାସାଗରର 'ରିଙ୍ଗ ଅଫ୍ ଫାୟାର'ର ଅଂଶବିଶେଷ । ପ୍ରତିବର୍ଷ ଏଠାରେ ୧୫୦୦ ଭୂକମ୍ପ ଆସିଥାଏ । ଅବଶ୍ୟ ଏଥିମଧ୍ୟରୁ ଅଧିକାଂଶ ହାଲକା ଭାବେ ଅନୁଭୂତ ହୋଇଥାଏ । ଟୋକାରାରେ ଜୁନ୍ ୨୧ରୁ ୩୦ ପର୍ଯ୍ୟନ୍ତ ୭୪୦ଟି ଭୂକମ୍ପ ଦେଖିବାକୁ ମିଳିଥିଲା । ଏଥିରୁ ଅଧିକାଂଶ ୫ କିମ୍ବା ତା'ଠାରୁ ଅଧିକ ତୀବ୍ର ଥିଲା । ଟୋକାରା ୧୨ଟି ଦ୍ୱୀପରୁ ୭ଟିରେ ମୋଟ୍ ଉପରେ ୭୦୦ ଲୋକ ରହିଥାନ୍ତି । କେବଳ ଜୁନ୍ ୨୩ରେ ୧୮୩ଟି ଭୂକମ୍ପ ଆସିଥିଲା । ଗୋଟିଏ ଦିନରେ ଏହା ସର୍ବାଧିକ ଭୂକମ୍ପର ରେକର୍ଡ କରିଛି । ଆଗାମୀ ୩୦ ବର୍ଷ ଅର୍ଥାତ ୩ ଦଶନ୍ଧି ମଧ୍ୟରେ ୨ ଲକ୍ଷ ୯୮ ହଜାର ଲୋକ ଭୂକମ୍ପରେ ପ୍ରାଣ ହରାଇବେ ବୋଲି ଆଶଙ୍କା କରାଯାଉଛି । ଉଲ୍ଲେଖଥାଉ କି, ୨୦୧୧ରେ ୯.୦ ତୀବ୍ରତାର ଭୂକମ୍ପ ଆସିବା ପରେ ସୁନାମୀରେ ୧୮ ହଜାର ଲୋକ ପ୍ରାଣ ହରାଇଥିଲେ । ଆଗାମୀ ୩୦ ବର୍ଷରେ ୭୫ରୁ ୮୨ ପ୍ରତିଶତ ଭୂକମ୍ପ ତୀବ୍ର ହେବ ବୋଲି ଜାପାନ ସରକାର ଚେତାବନୀ ଦେଇଛନ୍ତି ।

## ବ୍ରହ୍ମୋସକୁ ଦେଖି ଡରିଯାଇଥିଲୁ: ପାକ୍ ନେତା




ଇସଲାମାବାଦ, ୩।୭ (ଏଜେନ୍ସି): ଅପରେସନ ସିନ୍ଦୂର ବେଳେ ପାକିସ୍ତାନରେ କେମିତି ଆତଙ୍କ ସୃଷ୍ଟି କରିଥିଲା ଭାରତୀୟ କ୍ଷେପଣାସ୍ତ୍ର ବ୍ରହ୍ମୋସ ସେସଂପର୍କରେ ବର୍ଣ୍ଣନା କରିଛନ୍ତି ପାକିସ୍ତାନର ଆଉ ଜଣେ ସରକାରୀ ନେତା । ସେ କହିଛନ୍ତି ଯେ ଏହି କ୍ଷେପଣାସ୍ତ୍ରରେ ପରମାଣୁ ବୋମା ଥାଇପାରେ ବୋଲି ଆମେ ଡରିଯାଇଥିଲୁ । ଏଭଳି ହୋଇଥିଲେ ଭାରତ ଓ ପାକିସ୍ତାନ ମଧ୍ୟରେ ପରମାଣୁ ଯୁଦ୍ଧ ନିଶ୍ଚିତ ହୋଇଥାଆନ୍ତା ଏବଂ ଏହା ବିଶ୍ୱ ପାଇଁ ବିନାଶକାରୀ ସାବ୍ୟସ୍ତ ହୋଇଥାଆନ୍ତା ।

ରାଜଧାନୀ ଇସଲାମାବାଦ୍ ନିକଟସ୍ଥ ନୂର ଖାନ୍ ପାକିସ୍ତାନର ବାୟୁସେନା ଘାଟୀ ଉପରେ ବ୍ରହ୍ମୋସ କ୍ଷେପଣାସ୍ତ୍ର ମାଡ଼ ନେଇ ପାକିସ୍ତାନର ଆଉ ଜଣେ ନେତା ମୁହଁ ଖୋଲିଛନ୍ତି । ଏହି କ୍ଷେପଣାସ୍ତ୍ର ଭୟଙ୍କର ଥିଲା ବୋଲି ସ୍ୱୀକାର କରିଛନ୍ତି ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହାବାଜ ସରିଫ୍‌ଙ୍କ ସ୍ୱତନ୍ତ୍ର ଉପଦେଷ୍ଟା ରାଣା ସନାଉଲ୍ଲା । ସେ କହିଛନ୍ତି ଯେତେବେଳେ କ୍ଷେପଣାସ୍ତ୍ର ଆସିଥିଲା ସମସ୍ତେ ଡରିଯାଇଥିଲେ । ଏଥିରେ ପରମାଣୁ ଅସ୍ତ୍ର ଥିଲା କି ନାହିଁ ସେ ନେଇ କେହି ଅବଗତ ନଥିଲେ । ଏଥିରେ ପରମାଣୁ ଅସ୍ତ୍ର ଅଛି କି ନାହିଁ ସେସଂପର୍କ ।ରେ ନିଶ୍ଚିତ ହେବାକୁ ପାକିସ୍ତାନ ପାଖରେ ମାତ୍ର ୩୦ରୁ ୪୫ ସେକେଣ୍ଡ ସମୟ ଥିଲା । ଏତେ କମ ସମୟରେ ନିଷ୍ପତ୍ତି ନେବା ନିଶ୍ଚିତ ଭାବେ କଷ୍ଟକର ଥିଲା ।

ଯଦି ପାକିସ୍ତାନ ଭୁଲ୍‌ରେ ଭାରତ ପରମାଣୁ ଅସ୍ତ୍ର ମାଡ କରିଛି ବୋଲି ଭାବି ନେଇଥାନ୍ତା, ତାହେଲେ ଏହା ଏକ ଭୟଙ୍କର ପରମାଣୁ ଯୁଦ୍ଧରେ ପରିଣତ ହୋଇଥାନ୍ତା । ଏଥିରେ ଧ୍ୱଂସର ତାଣ୍ଡବଲୀଳା ଦେଖିବାକୁ ମିଳିଥାନ୍ତା ବୋଲି ସେ କହିଛନ୍ତି । ତେବେ ଏହି ଛୋଟିଆ ଯୁଦ୍ଧକୁ ରୋକିବା ପାଇଁ ଘୋଷିତ ଅସ୍ତ୍ରବିରତିର ଶ୍ରେୟ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ସେ ଦେଇଛନ୍ତି । ସେ କହିଛନ୍ତି ଯେ ତାଙ୍କ ଯୋଗୁଁ ବିନାଶରୁ ବର୍ତ୍ତିଗଲା ବିଶ୍ୱ । ଏଥିପାଇଁ ତାଙ୍କ ଦେଶ ଟ୍ରମ୍ପଙ୍କୁ ନୋବେଲ ଶାନ୍ତି ପୁରସ୍କାର ଦେବାକୁ ଦାବି କରୁଛି ।

## ୟୁକ୍ରେନ୍ ଆକ୍ରମଣରେ ରୁଷ୍‌ର ନୌସେନା କମାଣ୍ଡର ମୃତ

ମସ୍କୋ, ୩।୭ (ଏଜେନ୍ସି): ରୁଷିଆର ଜଣେ ଆଗଧାଡ଼ିର ମେଜର ଜେନେରାଲ ମିଖାଇଲ୍ ଗୁଦ୍‌କୋଭ ୟୁକ୍ରେନ ସୀମାରେ ମୃତ୍ୟୁବରଣ କରିଛନ୍ତି । ରୁଷୀୟ ନୌସେନାରେ ସେ ଉପ-ମୁଖ୍ୟ ଭାବେ ଦାୟିତ୍ୱରେ ଥିଲେ । ୟୁକ୍ରେନ ତରଫରୁ ହୋଇଥିବା ଆକ୍ରମଣରେ ଗୁଦ୍‌କୋଭଙ୍କ ସମେତ ୧୦ଜଣ ରୁଷ୍ ସୈନିକ ପ୍ରାଣ ହରାଇଛନ୍ତି । ୟୁକ୍ରେନ ସୀମବର୍ତ୍ତୀ କୁର୍ସ୍କ ଅଞ୍ଚଳର କୋରେନେବୋଠାରେ ଏକ କମାଣ୍ଡ ପୋଷ୍ଟରେ ସେ ନିୟୋଜିତ ଥିଲେ ଓ ସେ ନିଜ ଟ୍ରୁପ୍‌ର ନୀରିକ୍ଷଣ କରିବାକୁ ଯାଇଥିଲେ । ସେ ୟୁକ୍ରେନର ଏକ ମିସାଇଲ ମାଡରେ ପ୍ରାଣ ହରାଇଛନ୍ତି ବୋଲି କୁହାଯାଉଛି । ରାଷ୍ଟ୍ରପତି ପୁତିନ ତାଙ୍କୁ ନୌସେନାର ଡେପୁଟି ଇନ୍ ଚିଫ୍ ବନାଇଥିଲେ । ସେ ପୁତିନଙ୍କର ସେ ପ୍ରିୟଥିଲେ ଓ ତାଙ୍କୁ ହିରୋ ଅଫ୍ ଦି ରୁଷିଆନ ଫେଡେରେସନ ଉପାଧିରେ ଭୁସିତ କରାଯାଇଥିଲା । ସାଢେ ୩ ବର୍ଷରେ ଏହି ଯୁଦ୍ଧରେ ଏପର୍ଯ୍ୟନ୍ତ ରୁଷିଆର ୧୦ ଜଣ ଜେନେରାଲ ପ୍ରାଣ ହରାଇଛନ୍ତି ।

## ଅମରନାଥ ଯାତ୍ରାରେ ପ୍ରଥମ ଆଳତି

ପହଲଗାମ୍, ୩।୭ (ଏଜେନ୍ସି): ଗୁରୁବାରଠାରୁ ଅମରନାଥ ଯାତ୍ରା ଆରମ୍ଭ ହୋଇଛି । ସକାଳେ ଅମରନାଥଙ୍କ ପ୍ରଥମ ଆଳତି ହୋଇଛି । ଯାତ୍ରୀମାନଙ୍କୁ ନେଇ ପ୍ରଥମ ବସ୍ ଅମରନାଥ ଯାଇଛି । ଶ୍ରଦ୍ଧାଳୁ ତଥା ଭକ୍ତମାନେ 'ହର ହର ମହାଦେବ' ଓ 'ବମ୍ ବମ୍ ଭୋଲେ' ବୋଲି ଜୟକାର କରୁଥିବାର ଦେଖାଯାଇଥିଲା । ପ୍ରଥମ ପର୍ଯ୍ୟାୟ ଯାତ୍ରୀଙ୍କ ମଧ୍ୟରେ କେନ୍ଦ୍ରମନ୍ତ୍ରୀ ଶୋଭା କରନ୍ଦଲାଜେ ସାମିଲ ଅଛନ୍ତି । କଡ଼ା ସୁରକ୍ଷା ବଳୟ ଭିତରେ ବୁଧବାର ପ୍ରଥମ ପର୍ଯ୍ୟାୟରେ ୫, ୮୯୨ ଯାତ୍ରୀ ସାମିଲ ରହିଛନ୍ତି । ସେହିପରି ଗୁରୁବାର ଦ୍ୱିତୀୟ ପର୍ଯ୍ୟାୟରେ ୫,୨୦୦ ଯାତ୍ରୀ ଜମ୍ମୁର ବେସ୍ କ୍ୟାମ୍ପରୁ ଯାତ୍ରା ଆରମ୍ଭ କରିଛନ୍ତି । ଉପ- ରାଜ୍ୟପାଳ ମନୋଜ ସିହ୍ନା ଜମ୍ମୁର ଭଗବଦୀ ନଗର ଶିବିରରୁ ଯାତ୍ରା ଆରମ୍ଭ କରିଛନ୍ତି । ୩୮ ଦିନଧରି ଚାଲିବାକୁ ଥିବା ଅମରନାଥ ଯାତ୍ରା ପହଲଗାମ୍ ଓ ବାଲଟାଲ ଦୁଇଟି ପଥ ଦେଇ ଚାଲୁ ରହିବ । ଅଗଷ୍ଟ ୯ରେ ରକ୍ଷାବନ୍ଧନ ଦିନ ଯାତ୍ରା ଶେଷ ହେବ । ଗତବର୍ଷ ୫୨ ଦିନ ଧରି ଯାତ୍ରା ଚାଲୁ ରହିଥିଲା ଓ ମୋଟ୍ ୫ ଲକ୍ଷ ଶ୍ରଦ୍ଧାଳୁ ଏହି ପବିତ୍ର ଗୁମ୍ଫାର ଦର୍ଶନ କରିଥିଲେ ।

## ବାଲି ଦୀପରେ ଜାହାଜ ବୁଡ଼ିଲା: ୫ ମୃତ, ୩୧ ନିଖୋଜ

ଜାକର୍ତ୍ତା, ୩।୭ (ଏଜେନ୍ସି): ଇଣ୍ଡୋନେସିଆର ବାଲି ରିସୋର୍ଟ ଦୀପ ନିକଟରେ ଏକ ବଡ଼ ଅଘଟଣା ଘଟିଛି । ୬୫ ଜଣ ଲୋକଙ୍କୁ ନେଇ ଯାଉଥିବା ଏକ ଜାହାଜ ସମୁଦ୍ରରେ ବୁଡିଯାଇଛି । ଫଳରେ ୫ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୩୧ ଜଣ ଲୋକ ନିଖୋଜ ହୋଇଛନ୍ତି ବୋଲି କୁହାଯାଇଛି । କେଏମ୍‌ପି ଟୁନୁ ପ୍ରତାମା ନାମକ ଏହି ଜାହାଜ ପୂର୍ବ ଜାଭାର କୋତାପାଙ୍ଗ ବନ୍ଦରରୁ ୫୦ କିମି ଦୂରରେ ଥିବା ବାଲିର ଗିଲିମାନୁକ ବନ୍ଦରକୁ ଯାଉଥିଲା । ଯାତ୍ରା ଆରମ୍ଭ କରିବାର ମାତ୍ର ୩୦ ମିନିଟ୍ ପରେ ହିଁ ଜାହାଜ ବୁଡି ଯାଇଥିଲା । ଏଥିରେ ୫୩ ଜଣ ଯାତ୍ରୀ ଓ ୧୨ ଚାଳକ ରହିଥିଲେ । ଜାହାଜରେ ୨୨ଟି ବାହନ ଥିଲା ଓ ଏଗୁଡିକ ମଧ୍ୟରୁ କେତୋଟି ଟ୍ରକ୍ ମଧ୍ୟ ଥିଲା ।

## ଥାଇଲାଣ୍ଡରେ ଦୁଇ ଦିନରେ ଦୁଇ ପ୍ରଧାନମନ୍ତ୍ରୀ

ବ୍ୟାଙ୍କକ୍, ୩।୭ (ଏଜେନ୍ସି): ଗତ ଦୁଇଦିନ ମଧ୍ୟରେ ଥାଇଲାଣ୍ଡରେ ଦୁଇଜଣ ପ୍ରଧାନମନ୍ତ୍ରୀଙ୍କୁ ଦେଖିବାକୁ ମିଳିଛି । ଗୃହମନ୍ତ୍ରୀ ଫୁମ୍‌ଥମ ବେଚାୟାଚାଇ ଗୁରୁବାର କାମଚଳା ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନେଇଛନ୍ତି । ଏହାପୂର୍ବରୁ ସୂର୍ଯ୍ୟା ଜୁଙ୍ଗରୁଙ୍ଗ୍‌ରେଙ୍ଗକିଟ୍ ୨୪ ଘଣ୍ଟା ପାଇଁ ପ୍ରଧାନମନ୍ତ୍ରୀ ଦାୟିତ୍ୱରେ ରହିଥିଲେ । ସୂର୍ଯ୍ୟାଙ୍କୁ ବୁଧବାର କାର୍ଯ୍ୟବାହକ ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତି ଦିଆଯାଇଥିଲା । ୭୦ ବର୍ଷୀୟ ସୂର୍ଯ୍ୟା ନିଲମ୍ବିତ ପ୍ରଧାନମନ୍ତ୍ରୀ ପାଇତୋଙ୍ଗତାର୍ଣ୍ଣ ଶିନାୱାତ୍ରାଙ୍କ ସ୍ଥାନରେ ଦାୟିତ୍ୱ ସମ୍ଭାଳିଥିଲେ । ଶିନାୱାତ୍ରାଙ୍କୁ ଜୁନ୍ ୧ରେ ପଦରୁ ବହିସ୍କାର କରାଯାଇଥିଲା । ପଡୋଶୀ କାମ୍ବୋଡିଆର ଜଣେ ବଡ଼ ନେତା ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ହୁନ ସେନ୍‌ଙ୍କ ସହ ଫୋନ୍‌ରେ କଥା ହୋଇଥିଲେ ଶିନାୱାତ୍ରା । ଏହି ଫୋନ୍ କଲ୍ ଲିକ୍ ହୋଇଥିଲା । ଏଥିରେ ଶନାୱାତ୍ରା ତାଙ୍କୁ ଅଙ୍କଲ ବୋଲି କହି ସମ୍ବୋଧନ କରିଥିଲେ ଓ ନିଜ ଦେଶର ସେନାଧକ୍ଷଙ୍କୁ ସମାଲୋଚନା କରିଥିଲେ ।

## ବ୍ରିଟେନ ବିମାନକୁ ନେଇ ସସ୍‌ପେନ୍ସ



ନୂଆଦିଲ୍ଲୀ, ୩।୭ (ଏଜେନ୍ସି): କେରଳର ଥିରୁବନନ୍ତପୁରମ ଆନ୍ତର୍ଜାତିକ ବିମାନବନ୍ଦରରେ ଗତ ୨୦ ଦିନ ଧରି ଅଟକି ରହିଥିବା ବ୍ରିଟିଶ ରୟାଲ ନେଭିର ଏଫ୍-୩୫ ଲଢୁଆ ବିମାନକୁ ନେଇ ସସପେନ୍ସ ବଢ଼ି ଚାଲିଛି । ଏହି ବିମାନକୁ ହାଙ୍ଗର ଭିତରକୁ ନନେବା ଏବଂ ଏହାକୁ ସ୍ପର୍ଶ କରିବା ଲାଗି କୌଣସି ଭାରତୀୟଙ୍କୁ ଅନୁମତି ନଦେବା ଭଳି ଘଟଣା ଯୋଗୁଁ ସନ୍ଦେହ ହେବା ସ୍ୱାଭାବିକ । ବିଶ୍ୱର ସବୁଠାରୁ ଅତ୍ୟାଧୁନିକ ଲଢୁଆ ବିମାନ କୁହାଯାଉଥିବା ଏଫ୍-୩୫ରେ ଏଭଳି ଜ୍ଞାନକୌଶଳ ଖଞ୍ଜି ହୋଇରହିଛି, ଯାହାକି ଏବେ ବି ଚୀନ ଓ ରୁଷର ପହଞ୍ଚ ବାହାରେ । ଭାରତୀୟ ଇଞ୍ଜିନିୟର ଏଥିରେ ପ୍ରବେଶ କଲେ କାଳେ ଏହି ଟେକନୋଲୋଜି ଲିକ୍ ହୋଇଯିବ, ସେହି ଭୟରେ ଏଥିରେ ବାହାର ଲୋକଙ୍କୁ ହାତ ମାରିବାକୁ ଦିଆଯାଉ ନାହିଁ ।

ଗତମାସ ୧୪ ତାରିଖରେ ଆରବ ସାଗରରେ ଭାରତ ଓ ବ୍ରିଟେନର ମିଳିତ ସମରାଭ୍ୟାସ ସମୟରେ ଭାରତୀୟ ଉପକୂଳରୁ ୧୦୦ ମାଇଲ ଦୂର ବ୍ରିଟେନର ଜାହାଜରୁ ଏହି ଏଫ୍-୩୫ ଲଢୁଆ ବିମାନ ଉଡ଼ାଣ ଆରମ୍ଭ କରିଥିଲା । କିନ୍ତୁ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଏହା ଥିରୁବନନ୍ତପୁରମ ବିମାନବନ୍ଦରରେ ଜରୁରୀ ଅବତରଣ କରିଥିଲା । କୁହାଯାଉଛି ଯେ ଏହାର ହାଇଡ୍ରୋଲିକ ବ୍ୟବସ୍ଥା ଖରାପ ହୋଇଯାଇଛି । ଏଭଳି ପରିସ୍ଥିତିରେ ବିମାନର ଉଡ଼ାଣ ଏବଂ ଅବତରଣରେ ଅସୁବିଧା ହୋଇପାରେ । ସେହିଦିନ ଠାରୁ ଏହା ବିମାନବନ୍ଦରରେ ଅଟକି ରହିଛି । ଏହାର ମରାମତି ଲାଗି କେତେକ ବ୍ରିଟିଶ ଇଞ୍ଜିନିୟର ଆସିଥିଲେ ମଧ୍ୟ ସଫଳ ହୋଇନାହାନ୍ତି । ମରାମତିରେ ସହାୟତା ପାଇଁ ଭାରତୀୟ ବାୟୁସେନା ପ୍ରସ୍ତାବ ଦେଇଥିଲେ ମଧ୍ୟ ବ୍ରିଟେନ ଏହାକୁ ପ୍ରତ୍ୟାଖ୍ୟାନ କରିଦେଇଛି । ତେବେ ଶୁଣାଯାଉଛି ଯେ ବ୍ରିଟେନରୁ ଏକ ୪୦ ଜଣିଆ ବିଶେଷଜ୍ଞ ଟିମ୍ ଆସୁଛନ୍ତି । ସେମାନେ ମରାମତି ପାଇଁ ଉଦ୍ୟମ କରିବେ । ବିଫଳ ହେଲେ ଏହି ଜେଟ୍ ବିମାନକୁ ପରିବହନ ବିମାନରେ ଫେରାଇନେବେ ।

ତେବେ ପ୍ରଶ୍ନ ଉଠୁଛି ଏହି ବିମାନରେ ଏମିତି କଣ ଅଛି ଯେ ଭାରତରେ ଏହାକୁ କାହାକୁ ସ୍ପର୍ଶ କରିବାକୁ ଦିଆଯାଉ ନାହିଁ । ଆମେରିକାର ଏକ କଂପାନୀ ଦ୍ୱାରା ନିର୍ମିତ ଏହି ବିମାନର ମୂଲ୍ୟ ହେଉଛି ଏକ ହଜାର କୋଟି ଟଙ୍କା । ଏହା ହେଉଛି ସବୁଠାରୁ ଅତ୍ୟାଧୁନିକ ଲଢୁଆ ବିମାନ । ଏଥିରେ ଏମିତି ଜ୍ଞାନକୌଶଳ ଖଞ୍ଜାଯାଇଛି ଯେ ଶତ୍ରୁ ପକ୍ଷ ଏହାର ଟେର୍ ବି ପାଇବେ ନାହିଁ । ଶତ୍ରୁ ଦେଶର ଆକାଶ ସୀମାରେ ଥିଲେ ମଧ୍ୟ ଏହାର କେହି କ୍ଷତି କରିପାରିବେ ନାହିଁ । ରଡାରରେ ଏହାକୁ ଠାବ କରିବା କ୍ଷଣି ସେହି ସୀମାରୁ ଏହା ଉଭାନ ହୋଇଯିବ । ବ୍ରିଟେନ ନୌସେନା ଏହାର ବ୍ୟବହାର କରୁଥିଲେ ମଧ୍ୟ ରକ୍ଷଣାବେକ୍ଷଣ ଏବଂ ମରାମତି ଦାୟିତ୍ୱ ଆମେରିକା କଂପାନୀ ହାତରେ ରହିଛି । ତେଣୁ ଆମେରିକା ଛଡ଼ା ଅନ୍ୟ କୌଣସି ଦେଶର ଇଞ୍ଜିନିୟରମାନଙ୍କୁ ହାତ ମାରିବାକୁ ଦିଆଯାଉ ନାହିଁ । ଦୀର୍ଘ ଦିନ ଧରି ବିମାନଟି ବାହାରେ ପ୍ରବଳ ବର୍ଷାରେ ଠିଆ ହୋଇଥିଲେ ମଧ୍ୟ ହାଙ୍ଗର ମଧ୍ୟକୁ ନେବାଲାଗି ବ୍ରିଟେନ ଅନୁମତି ଦେଉନଥିଲା । ତେବେ ବ୍ରିଟେନ ନୌସେନାର କେତେକ ବିଶେଷଜ୍ଞ ଆସିବା ପରେ ସେମାନଙ୍କ ଉପସ୍ଥିତିରେ ଏହାକୁ ହାଙ୍ଗର ଭିତରକୁ ନିଆଯାଇଛି ।

ଆଉ ଏକ ସୂତ୍ରରୁ ପ୍ରକାଶ ଯେ ଏହି ଏଫ୍-୩୫ ବିମାନ ଜରିଆରେ ବ୍ରିଟେନ ଗୁଇନ୍ଦା ତଥ୍ୟ ହାସଲ କରିପାରିବ । ଏହି ବିମାନକୁ ଠାବ କରିବାରେ ଶତ୍ରୁ ପକ୍ଷର ରଡାର ସମର୍ଥ କି ନୁହେଁ, ଠାବ କରିବା ପରେ କେତେ ସମୟ ମଧ୍ୟରେ ଶତ୍ରୁ ପକ୍ଷ କ୍ଷେପଣାସ୍ତ୍ର ମାଡ଼ କରିପାରିବ ଏବଂ ଏହି ବିମାନର ସଫଟୱେୟାର ଜାମ୍ କରିବା ଲାଗି ଶତ୍ରୁ ପାଖରେ ଇଲେକଟ୍ରୋନିକ୍ ୱାରଫେୟାର ଅଛି କି ନାହିଁ? ଭାରତୀୟ ବାୟୁ ସେନାର ଏଭଳି ଦକ୍ଷତାକୁ ମାପିବା ଲାଗି ଏଫ୍-୩୫ ନିୟୋଜିତ ହୋଇଥାଇପାରେ ବୋଲି କୁହାଯାଉଛି । ତେବେ ସରକାରୀ ଭାବେ କେହି କିଛି କହୁନାହାନ୍ତି । ଏହା ହିଁ ସମଗ୍ର ଘଟଣାକୁ ରହସ୍ୟମୟ କରି ରଖିଛି ।

## ଆମେରିକା ଶରଣରେ ପାକିସ୍ତାନ

### ଅପରେସନ ସିନ୍ଦୂରରେ ଚାଇନା ଅସ୍ତ୍ର ଫ୍ଲପ୍


### ମୁନିରଙ୍କ ପରେ ପାକ୍ ବାୟୁସେନା ମୁଖ୍ୟ ଆମେରିକାରେ



ନୂଆଦିଲ୍ଲୀ, ୩।୭ (ଏଜେନ୍ସି): ଅପରେସନ ସିନ୍ଦୂର ପ୍ରହାରରେ ଶୋଚନୀୟ ଭାବେ ପରାସ୍ତ ହୋଇଥିବା ପାକିସ୍ତାନ ଏବେ ଆମେରିକାର ଦ୍ୱାରସ୍ଥ ହୋଇଛି । ଭାରତ ସହିତ ଏହି ୪ ଦିନର ଯୁଦ୍ଧରେ ଚୀନ୍ ନିର୍ମିତ ଅସ୍ତ୍ରଶସ୍ତ୍ର ପାକିସ୍ତାନ ବ୍ୟବହାର କରିଥିଲା । କିନ୍ତୁ ଏହା ଭାରତର ମୁକାବିଲାରେ ବିଫଳ ହୋଇଥିଲା । ଏହାକୁ ।ନେଇ ପାକିସ୍ତାନର ଚିନ୍ତା ବଢ଼ିଯାଇଛି । ଚୀନ ବଦଳରେ ଆମେରିକା ଅସ୍ତ୍ର ନେବାକୁ ପାକିସ୍ତାନ ଉଦ୍ୟମ ଆରମ୍ଭ କରିଛି । ଏସଂପର୍କରେ ଆମେରିକା ସହ ଆଲୋଚନା ପାଇଁ ପାକିସ୍ତାନ ସେନାଧକ୍ଷ ଅସିମ ମୁନିର ୱାସିଂଟନ ଯାଇଥିଲେ । ଏବେ ବାୟୁସେନା ମୁଖ୍ୟ ଜାହିର ଅହମ୍ମଦ ବାବର ସିଦ୍ଧୁ ଆମେରିକା ଯାତ୍ରା କରିଛନ୍ତି । ଆମେରିକା ସହ ଦ୍ୱିପାକ୍ଷିକ ପ୍ରତିରକ୍ଷା ସହଯୋଗ ପାଇଁ ପାକିସ୍ତାନ ପ୍ରୟାସ ଆରମ୍ଭ କରିଛି । ଦୀର୍ଘ ଏକ ଦଶନ୍ଧି ପରେ କୌଣସି ପାକ୍ ବାୟୁସେନା ମୁଖ୍ୟ ଆମେରିକା ଯାତ୍ରା କରିଛନ୍ତି । ଚୀନ୍ ଅସ୍ତ୍ରଶସ୍ତ୍ରର ବିଶ୍ୱସନୀୟତା ନେଇ ପାକିସ୍ତାନ ଚିନ୍ତିତ ରହିଛି । ପାକିସ୍ତାନ ଏବେ ତା'ର ବାୟୁସେନାକୁ ଆହୁରି ଦୃଢ଼ କରିବାକୁ ଆମେରିକା ସହ ଆଲୋଚନା କରିବ । ଫଳରେ ପାକିସ୍ତାନ ଏଫ୍-୧୬ ବିମାନ ସମେତ ବ୍ଲକ ୭୦ ଲଢୁଆ ଜେଟ୍ ଓ ଏୟାର ଡିଫେନ୍ସ ସିଷ୍ଟମ ଓ ଅନ୍ୟ କେତେକ ଉପକରଣ ପାଇବ । ଭାରତ ସହ ଯୁଦ୍ଧ ପରେ ଚୀନ୍ ଉପରେ ପାକିସ୍ତାନ ଆଉ ଭରସା କରିବାକୁ ଚାହୁଁନାହିଁ ବୋଲି ଜଣେ ପାକିସ୍ତାନୀ ପ୍ରତିରକ୍ଷା ଅଧିକାରୀ କହିଛନ୍ତି ।

## ଉତ୍ତରାଧିକାରୀ ନିଷ୍ପତ୍ତି ଦଲାଇଲାମା ହିଁ ନେବେ: ଭାରତ

ନୂଆଦିଲ୍ଲୀ, ୩।୭ (ଏଜେନ୍ସି): ବୌଦ୍ଧ ଧର୍ମର ଧର୍ମଗୁରୁ ଦଲାଇଲାମାଙ୍କ ଉତ୍ତରାଧିକାରୀ ଚୟନ ପ୍ରକ୍ରିୟା ଏବେ ନୂଆ ମୋଡ ନେଇଛି । ଏ ନେଇ ଭାରତ ଓ ଚୀନ୍ ମଧ୍ୟରେ ମୁହାଁମୁହିଁ ସ୍ଥିତି ଉପୁଜିଛି । ଦଲାଇଲାମାଙ୍କ ଉତ୍ତରାଧିକାରୀ ଚୟନ ନିଷ୍ପତ୍ତି ଚୀନ୍ ନେବ ବୋଲି କହୁଥିବା ବେଳେ ଭାରତ ଏହାକୁ ବିରୋଧ କରିଛି । ଏ ସଂକ୍ରାନ୍ତରେ କେବଳ ଦଲାଇଲାମା ହିଁ ନିଷ୍ପତ୍ତି ନେଇପାରି ।ବେ ବୋଲି ଭାରତ ସ୍ପଷ୍ଟ କରିଛି । ନିଜ ଜୀବନକାଳ ମଧ୍ୟରେ ପରବର୍ତ୍ତୀ ଦଲାଇଲାମା ଘୋଷଣା କରାଯିବ ବୋଲି ୧୪ତମ ତୀବ୍ବତୀୟ ଧର୍ମଗୁରୁ ଦଲାଇଲାମା ଘୋଷଣା କରିବା ପରେ ଏଭଳି ସ୍ଥିତି ଉପୁଜିଛି । ଏ ସଂକ୍ରାନ୍ତରେ କେବଳ ଦଲାଇଲାମା ହିଁ ନିଷ୍ପତ୍ତି ନେବେ । ଆଉ କାହାର ଏ ନେଇ ଅଧିକାର ନାହିଁ ବୋଲି କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ କହିଛନ୍ତି । ଦଲାଇଲାମା ପଦ ସବୁଠାର ମହତ୍ତ୍ୱପୂର୍ଣ୍ଣ । କେବଳ ତିବତ୍ତୀୟଙ୍କର ନୁହଁ ସବୁ ଧର୍ମ ଉପାସକଙ୍କ ପାଇଁ ସେ ସର୍ବୋପରି ବୋଲି ରିଜିଜୁ କହିଛନ୍ତି ।



ଉଲ୍ଲେଖଥାଉ କି, କିଛିଦିନ ତଳେ ଦଲାଇଲାମା ତାଙ୍କର ୯୦ତମ ଜନ୍ମ ଦିବସ ପାଳନ କରିଥିଲେ । ୧୯୫୯ରେ ତୀବ୍ବତକୁ ଚୀନ ଦଖଲ କରିବା ପରେ ଦଲାଇଲାମା ଭାରତରେ ଆଶ୍ରୟ ନେଇଛନ୍ତି ଓ ସେ ଧର୍ମଶାଳାରେ ରହୁଛନ୍ତି । ରିଜିଜୁ ଓ ଜନତା ଦଳ ୟୁନାଇଟେଡ ନେତା ଲଲନ ସିଂ ଦଲାଇଲାମାଙ୍କ ୯୦ତମ ଜନ୍ମ ଦିବସ ପାଳନ ଉତ୍ସବରେ ଯୋଗ ଦେବାକୁ ଧର୍ମଶାଳା ଯାଇଥିଲେ ଓ ଏହା ଏକ ସମ୍ପୂର୍ଣ୍ଣ ଧାର୍ମିକ ଗସ୍ତ ଥିଲା ବୋଲି କୁହାଯାଇଥିଲା । ଦଲାଇଲାମା ଇତିମଧ୍ୟରେ ନିଜ ଉତ୍ତରାଧିକାରୀ ଚୟନର ଦାୟିତ୍ୱ ଗୋଦେନ ଫୋଡରଙ୍ଗ ଟ୍ରଷ୍ଟକୁ ପ୍ରଦାନ କରିଛନ୍ତି । ଏହି ଟ୍ରଷ୍ଟ ହିଁ ପରବର୍ତ୍ତୀ ଦଲାଇଲାମା ଚିହ୍ନଟ ଓ ମାନ୍ୟତା ପ୍ରକ୍ରିୟାର ସଞ୍ଚାଳନ କରିବ ବୋଲି ସେ ସ୍ପଷ୍ଟ କରିଥିଲେ ।

## ଦିଲ୍ଲୀ ସରକାରଙ୍କ ୟୁଟର୍ଣ୍ଣ; ଚାଲିବ ପୁରୁଣା ଗାଡ଼ି

### ■ ଉଠିଲା ତେଲ କଟକଣା
### ■ ନୂଆ ଗାଇଡଲାଇନ୍ସ ଆଣିବେ ସରକାର

ନୂଆଦିଲ୍ଲୀ, ୩।୭ (ଏଜେନ୍ସି): ଦିଲ୍ଲୀରେ ପୁରୁଣା ଗାଡି ଉପରେ କଟକଣା ଲଗାଇଥିବା ଦିଲ୍ଲୀ ସରକାର ୟୁଟର୍ଣ୍ଣ ନେଇଛନ୍ତି । ପୁରୁଣା ଗାଡ଼ି ମାଲିକଙ୍କ ଚାପ ଆଗରେ ମୁଣ୍ଡ ନୁଆଁଇ ଏହି କଟକଣାକୁ ହଟାଇ ।ନେଇଛନ୍ତି । ସରକାର ଏହା ବଦଳରେ ନୂଆ ଗାଇଡଲାଇନ୍ସ ଆଣିବେ ବୋଲି କହିଛନ୍ତି । ପୂର୍ବରୁ ୧୦ ବର୍ଷ ପୁରୁଣା ଡିଜେଲ ଗାଡି ଓ ୧୫ ବର୍ଷ ପୁରୁଣା ପେଟ୍ରୋଲ ଗାଡିକୁ ପେଟ୍ରୋଲ କି ଡିଜେଲ ଦେବାକୁ ସରକାର ବାରଣ କରିଥିଲେ । କିନ୍ତୁ ସରକାର ଏବେ ତାଙ୍କ ମତ ବଦଳାଇଛନ୍ତି । ଏହି କଟକଣା ଲାଗୁ କରିବାର ସମୟ ଆସିନାହିଁ ବୋଲି ସରକାର କହିଛନ୍ତି । ଏନେଇ ଥିବା କେତୋଟି ଟେକନିକାଲ ଚ୍ୟାଲେଞ୍ଜ କାରଣରୁ ଏବେ ଏହି ନିୟମକୁ ଲାଗୁ କରିବା ଠିକ ହେବ ନାହିଁ ବୋଲି ଦିଲ୍ଲୀ ପରିବେଶ ମନ୍ତ୍ରୀ ମନଜିନ୍ଦର ସିଂହ ସିରସା କହିଛନ୍ତି । କଟକଣାକୁ ନେଇ ଲୋକଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖାଯାଇଥିଲା । ଜୁଲାଇ ପହିଲାରୁ ଏହି ନିୟମ ଲାଗୁ ହୋଇଥିଲା । ଫଳରେ ୬୦ ଲକ୍ଷ ଗାଡ଼ି ଅଚଳ ହୋଇପଡ଼ିଥିଲା । ଗତ ମାର୍ଚ୍ଚରେ ସରକାର ତେଲ କଟକଣା ନେଇ ନୂଆ ନିୟମର ଘୋଷଣା କରିଥିଲେ ।



## ବିହାରରେ ଏକାକୀ ନିର୍ବାଚନ ଲଢିବ ଆପ୍: କେଜ୍ରିୱାଲ୍

ଅହମଦାବାଦ୍, ୩।୭ (ଏଜେନ୍ସି): ଆଗାମୀ ବିହାର ବିଧାନସଭା ନିର୍ବାଚନରେ ଆମ୍ ଆଦମୀ ପାର୍ଟି (ଆପ୍) ଏକାକୀ ନିର୍ବାଚନ ଲଢିବ । ପାର୍ଟି ମୁଖିଆ ଅରବିନ୍ଦ କେଜ୍ରିୱାଲ୍ ଗୁରୁବାର ଅହମଦାବାଦ୍‌ରେ ଗୁରୁବାର ଘୋଷଣା କରିଛନ୍ତି । କେବଳ ଲୋକସଭା ନିର୍ବାଚନ ପାଇଁ ଇଣ୍ଡିଆ ମେଣ୍ଟ ସହ ଆପ୍ ମିଶିଥିଲା । ଏବେ ଆପ୍ କୌଣସି ପାର୍ଟି ସହ ମେଣ୍ଟ କରିବ ନାହିଁ ବୋଲି କେଜ୍ରିୱାଲ କହିଛନ୍ତି ।

କେଜ୍ରିୱାଲ ଗୁଜରାଟକୁ ଦୁଇ ଦିନିଆ ଗସ୍ତ କରି ଅହମଦାବାଦରେ ପହଞ୍ଚିଛନ୍ତି । ସେଠାରେ ସେ ପାର୍ଟିର ସଦସ୍ୟତା ନେଇ ଅଭିଯାନ ଆରମ୍ଭ କରିଛନ୍ତି । ସେ କହିଲେ, ଗୁଜରାଟର ବିସାବଦର ଉପନିର୍ବାଚନରେ ଆମେ କଂଗ୍ରେସଠାରୁ ଅଲଗା ହୋଇ ନିର୍ବାଚନ ଲଢିଥିଲୁ ଓ ୩ ଗୁଣା ଅଧିକ ଭୋଟ ହାସଲ କରିଥିଲୁ । ଏବେ ଦେଶରେ ଆପ୍ ବିକଳ୍ପ ପାର୍ଟି ଭାବେ ଉଭା ହୋଇଛି ବୋଲି ଏହି ଉପ- ନିର୍ବାଚନ ଫଳାଫଳରୁ ସ୍ପଷ୍ଟ ହୋଇଛି । ଆଗକୁ ଆମେ ଗୁଜରାଟ୍‌ରେ ମଧ୍ୟ ନିର୍ବାଚନ ଲଢିବୁ ଓ ବିଜୟ ହସଲ କରିବୁ । ଦିଲ୍ଲୀ ପରାଜୟରେ ଦଳକୁ ଝଟ୍‌କା ଲାଗିଛି ବୋଲି ସେ ସ୍ୱୀକାର କରିଛନ୍ତି । ଦଳ ଏବେ ପଞ୍ଜାବରେ ଦ୍ୱିତୀୟଥର ପାଇଁ ସରକାର ଗଠନ କରିବ । ୩୦ ବର୍ଷ କଂଗ୍ରେସ ଓ ୩୦ ବର୍ଷ ବିଜେପି ଶାସନ କରିଛି । ଏବେ ସମୟଚକ୍ର ପୂରା ଘୂରିଛି । ତେଣୁ ଏବେ ବିଜେପି ଯିବାର ସମୟ ଆସି ଉପନୀତ ହୋଇଛି ବୋଲି ସେ କହିଛନ୍ତି । ଏବେ ଆପ୍‌କୁ ଲୋକେ ବିକଳ୍ପ ଭାବେ ଦେଖୁଛନ୍ତି । ତେଣୁ ଆଗାମୀ ନିର୍ବାଚନ ଗୁଡିକରେ ଆପ୍ ପୂରା ଶକ୍ତି ଓ ସାମର୍ଥ୍ୟ ସହ ନିର୍ବାଚନରେ ଅବତୀର୍ଣ୍ଣ ହେବ ବୋଲି ସେ ସ୍ପଷ୍ଟ କରିଛନ୍ତି ।



## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ପରିବାରର ସହଯୋଗ ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଘରେ ପୂଜାପାଠର ଆୟୋଜନ ହୋଇପାରେ। ବାହନ ସୁଖ ପ୍ରାପ୍ତ ହେବ। ବିଦ୍ୟାର୍ଥୀମାନେ କୃତକାର୍ଯ୍ୟ ହେବେ।

**ବୃଷ:** ଜମିବାଡ଼ି କିଣିବା ଯୋଗ ଅଛି। ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। କୌଣସି ଶୁଭ ସମାଚାର ପ୍ରାପ୍ତ ହେବ। ଅଯଥା ଖର୍ଚ୍ଚ କରନ୍ତୁନି। କଳା ଓ ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିବ।

**ମିଥୁନ:** ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଧାର୍ମିକ ସମାବେଶରେ ଯୋଗ ଦେଇପାରନ୍ତି। ଦୂରସ୍ଥାନକୁ ଯାତ୍ରାଯୋଗ ଅଛି।

**କର୍କଟ:** ଦିନଟି ବ୍ୟସ୍ତତା ଭିତରେ କଟିବ। ଛାତ୍ରଛାତ୍ରୀ ପଢ଼ାରେ ମନୋନିବେଶ କରିବେ। ଉଚ୍ଚଶିକ୍ଷା ପାଇଁ ଅନୁକୂଳ ସମୟ। କଥାବାର୍ତ୍ତାରେ ମଧୁରତା ରଖିବେ। ଗୁରୁଜନଙ୍କ ସ୍ୱାସ୍ଥ୍ୟ ସମସ୍ୟା ଚିନ୍ତା ବୃଦ୍ଧି କରିପାରେ।

**ସିଂହ:** ପରିବାର ସହ ଯାତ୍ରା ଯୋଗ ରହିଛି। ଘରକୁ ଅତିଥି ଆଗମନ କରିବେ। ଦିନଟି ହସଖୁସିରେ ଅତିବାହିତ ହେବ। ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଆୟ ବ୍ୟୟ ସମାନ ରହିବ। ସଙ୍ଗୀତ ପ୍ରତି ରୁଚି ବଢ଼ିବ।

**କନ୍ୟା:** ନିଜ ଲୋକ ଶତ୍ରୁ ସାଜିପାରନ୍ତି। ମାପିଚୁପି କଥା କୁହନ୍ତୁ। ବ୍ୟବସାୟକୁ ଆଗକୁ ବଢ଼ାଇବାରେ ସଫଳ ହେବେ। ରିୟଲ ଇଷ୍ଟେଷ୍ଟ ବ୍ୟବସାୟରେ ଲାଭ ହେବ। ବନ୍ଧୁଙ୍କ ଦ୍ୱାରା ଧନପ୍ରାପ୍ତି ଯୋଗ ରହିଛି।

**ତୁଳା:** ବ୍ୟସ୍ତତା ଭିତରେ ପରିବାର ପାଇଁ ସମୟ ବାହାର କରିବେ। ଖର୍ଚ୍ଚ ବୃଦ୍ଧି ପାଇବ। ମନପସନ୍ଦର କୌଣସି କାର୍ଯ୍ୟ କରିବେ। ବିବାହକୁ ନେଇ ଶୁଭ ସମାଚାର ମିଳିପାରେ। ନୂତନ କାର୍ଯ୍ୟ ଆରମ୍ଭ କରିପାରନ୍ତି।

**ବିଛା:** ବରିଷ୍ଠ ଅଧିକାରୀଙ୍କ ସହ କଥାବାର୍ତ୍ତା ସମୟରେ ସଂଯମତା ରକ୍ଷା କରନ୍ତୁ। ପ୍ରଶାସନିକ କ୍ଷେତ୍ରରେ ସଫଳତା ପାଇବେ। ପରିବାରରେ ସୁଖଶାନ୍ତି ବଜାୟ ରହିବ। ଯୋଜନା ମୁତାବକ କାମ କରନ୍ତୁ।

**ଧନୁ:** ପ୍ରେମ ଜୀବନରେ ପ୍ରଗାଢ଼ତା ଆସିବ। ଯାନବାହନ ଓ ଜମି କିଣିବାର ଯୋଗ ଅଛି। ନିବେଶ ପାଇଁ ଭଲ ସମୟ। ଅଫିସ୍ କାମ ପାଇଁ ପ୍ରଶଂସିତ ହେବେ। ସରକାରି ଚାକିରିଆଙ୍କ ପାଇଁ ଦିନଟି ଭଲ।

**ମକର:** କ୍ୟାରିୟର ପାଇଁ ଭଲ ସମୟ ରହିବ। ନୂଆ ଲୋକଙ୍କୁ ଭେଟିବାର ସୁଯୋଗ ଜୁଟିବ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ। ଅଟକି ରହିଥିବା କାର୍ଯ୍ୟ ପୂରଣ ହେବ। ଅଯଥା ଯୁକ୍ତିତର୍କ ହୋଇପାରେ।

**କୁମ୍ଭ:** ସଫଳତା ପାଇଁ ଅଧିକ ପରିଶ୍ରମ କରିବେ। ପରିବାରର ସହଯୋଗ ମିଳିବ। ଚାକିରିରେ ପଦୋନ୍ନତି ସମ୍ଭାବନା ରହିଛି। ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମୀନ:** ବିବାହ ସ୍ଥିର ହେବ। କୌଣସି ନୂଆ ବିଷୟ ପ୍ରତି ଆଗ୍ରହ ବଢ଼ିବ। ଅଫିସ୍ କାର୍ଯ୍ୟ ପାଇଁ ବିଦେଶ ଯାତ୍ରା ଯୋଗ ରହିବ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ପଡ଼ୋଶୀଙ୍କ ସହ ସୁ-ସମ୍ପର୍କ ବଢ଼ିବ।

## ଆଜିର ଇତିହାସ

- ୧୯୪୬- ଦୀର୍ଘ ୩୮୧ ବର୍ଷର ଔପନିବେଶିକ ଶାସନ ପରେ ଫିଲିପାଇନ୍ସକୁ ଆମେରିକାର ପୂର୍ଣ୍ଣ ସ୍ୱାଧୀନତା ପ୍ରଦାନ।
- ୧୯୦୨- ସ୍ୱାମୀ ବିବେକାନନ୍ଦଙ୍କ ଦେହାନ୍ତ।
- ୧୯୪୬- ଫିଲିପାଇନ୍ସ ଆମେରିକା ଠାରୁ ସ୍ୱାଧୀନ ହେଲା।
- ୧୯୬୩- ଜାତୀୟ ପତାକାର ନିର୍ମାତା ତଥା ସ୍ୱାଧୀନତା ସଂଗ୍ରାମୀ ପିଙ୍ଗଳି ଭେଙ୍କୟାଙ୍କ ପରଲୋକ।
- ୧୯୯୭- ନାସାର ମହାକାଶ ଯାନ 'ପାଥ୍‌ଫାଇଣ୍ଡର' ମଙ୍ଗଳ ପୃଷ୍ଠରେ ଅବତରଣ।

## ଆଜି ବାହୁଡ଼ିଥିଲେ
# ସ୍ୱାମୀ ବିବେକାନନ୍ଦ



ସାରା ବିଶ୍ୱରେ ଯେଉଁ କେତେଜଣ ପ୍ରସିଦ୍ଧ ସନ୍ୟାସୀଙ୍କ କଥା ସଦା ସର୍ବଦା ଆଲୋଚିତ ହୋଇଥାଏ ସେହି ମନୀଷୀମାନଙ୍କ ମଧ୍ୟରେ ଭାରତୀୟ ସନ୍ୟାସୀ ସ୍ୱାମୀ ବିବେକାନନ୍ଦ ଥିଲେ ଅନ୍ୟତମ। ସେ ଥିଲେ ଏକାଧାରରେ ଜଣେ ଆଧ୍ୟାତ୍ମିକ ଗୁରୁ, ସଂସ୍କାରକ,ଦାର୍ଶନିକ ଓ ଶିକ୍ଷାବିତ୍। ସନାତନ ଧର୍ମକୁ ବିଶ୍ୱସ୍ତରରେ ପରିଚିତ କରାଇଥିବା ବିବେକାନନ୍ଦ ତ୍ୟାଗ, ତେଜ ଓ ନିର୍ଭୀକତାର ପ୍ରତୀକ ଥିଲେ। ଯୁବସମାଜ ମଧ୍ୟରେ ଆଧ୍ୟାତ୍ମିକ ଶକ୍ତି ସହ ଶାରୀରିକ ଶକ୍ତିର ବିକାଶକୁ ସେ ଗୁରୁତ୍ୱ ଦେଉଥିଲେ। ଆଧ୍ୟାତ୍ମିକ ଗୁରୁ ରାମକୃଷ୍ଣ ପରମହଂସଙ୍କ ଶିଷ୍ୟ ବିବେକାନନ୍ଦ ବେଦାନ୍ତ ଓ ଯୋଗ ଦର୍ଶନ ପାଇଁ ସମଗ୍ର ବିଶ୍ୱରେ ଲୋକପ୍ରିୟ ହୋଇଥିଲେ। ରାଷ୍ଟ୍ର ନିର୍ମାଣ ପ୍ରକ୍ରିୟାରେ ଯୁବକମାନଙ୍କ ଭୂମିକାକୁ ନେଇ ସେ ସ୍ୱର ଉତ୍ତୋଳନ କରିଥିଲେ। ତାଙ୍କ ମତରେ ଧର୍ମ କେବଳ ତତ୍ତ୍ୱ ନୁହେଁ ବରଂ ଜୀବନ ପ୍ରଣାଳୀ ପାଇଁ ଏକ ଦର୍ଶନ। ଏହା ମଣିଷକୁ ବର୍ବରତାରୁ ମନୁଷ୍ୟତାକୁ ନେଇଯାଇଥାଏ। ୧୮୬୩ ଜାନୁଆରୀ ୧୨ରେ ବିବେକାନନ୍ଦ କଲିକତାର ସିମିଳାପଲ୍ଲୀରେ ଏକ ରୂଢ଼ିବାଦୀ ହିନ୍ଦୁ ପରିବାରରେ ଜନ୍ମଗ୍ରହଣ କରିଥିଲେ। ବିବେକାନନ୍ଦଙ୍କ ପିତା ବିଶ୍ୱନାଥ ଦତ୍ତ କଲିକତା ହାଇକୋର୍ଟର ଓକିଲ ଥିଲେ।। ତାଙ୍କ ମା' ଭୁବେନଶ୍ୱରୀ ଦେବୀ ଆଧ୍ୟାତ୍ମିକତାରେ ରୁଚି ରଖୁଥିଲେ। ପିଲାବେଳେ ସେ ନରେନ୍ଦ୍ର ଦତ୍ତ ନାଁରେ ପରିଚିତ ଥିଲେ। ପିଲାଟି ବେଳୁ ତାଙ୍କର ଦର୍ଶନ, ଧର୍ମ, ସାହିତ୍ୟ, ସାମାଜିକ ବିଜ୍ଞାନ, କଳା ଆଦି ବିଷୟରେ ରୁଚି ଥିଲା। ତାଙ୍କର ସ୍ମୃତିଶକ୍ତି ଅତ୍ୟନ୍ତ ପ୍ରଖର ଥିଲା । ସେ ଗୋଟିଏ ଗୋଟିଏ ମୋଟା ବହିକୁ ଗୋଟିଏ ଦିନରେ ହିଁ ପଢ଼ି ଶେଷ କରିଦେଉଥିଲେ । ତାଙ୍କର ଧୀଶକ୍ତି ଏତେ ତୀକ୍ଷ୍ଣ ଥିଲା ଯେ, ସେ ବହିରେ ଥିବା ପ୍ରତ୍ୟେକ ପୃଷ୍ଠାର ପ୍ରତିଟି ଲାଇନ୍‌କୁ ମଧ୍ୟ ମନେ ରଖି ପାରୁଥିଲେ । ଗୁରୁ ରାମକୃଷ୍ଣ ପରମହଂସଙ୍କ ସଂସ୍ପର୍ଶରେ ଆସି ସେ ଆଧ୍ୟାତ୍ମିକ ଦିଗରେ ଅନୁପ୍ରାଣିତ ହୋଇଥିଲେ। ୧୮୯୩ ମସିହା ସେପ୍ଟେମ୍ବର ୧୧ ରେ ଆମେରିକାର ଚିକାଗୋ ସହରରେ ଆୟୋଜିତ ଧର୍ମମହାସଭାରେ ସଭାକୁ ସମ୍ବୋଧନ କରି ସେ "ପ୍ରିୟ ଆମେରିକାବାସୀ ଭାଇ ଓ ଭଉଣୀମାନେ" କହି ତାଙ୍କର ଓଜସ୍ୱିନୀ ବକ୍ତୃତାର ଆରମ୍ଭ କରିଥଲେ । ଏହି ସମ୍ବୋଧନ ଏବଂ ଭାରତୀୟ ସଂସ୍କୃତି ଉପରେ ତାଙ୍କର ପାଣ୍ଡିତ୍ୟପୂର୍ଣ୍ଣ ଭାଷଣ ତାଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେବାସହ ଭାରତୀୟ ମୂଲ୍ୟବୋଧକୁ ମଧ୍ୟ ବିଶ୍ୱ ଦରବାରରେ ପରିଚିତ କରାଇଲା । ଏହାପରେ ସେ ସ୍ୱାମୀ ବିବେକାନନ୍ଦ ଭାବରେ ପରିଚିତ ହେଲେ । ୧୮୯୭ ମସିହାରେ ସ୍ୱାମୀ ବିବେକାନନ୍ଦ ଧର୍ମ ସଂସଦରୁ ଫେରିବା ପରେ ତାଙ୍କ ଗୁରୁ ସନ୍ଥ ଶ୍ରୀ ରାମକୃଷ୍ଣ ପରମହଂସଙ୍କ ନାମରେ ସାମାଜିକ ସେବା ପାଇଁ ରାମକୃଷ୍ଣ ମିଶନ ପ୍ରତିଷ୍ଠା କରିଥିଲେ। ସ୍ୱାମୀ ବିବେକାନନ୍ଦ ହେଉଛନ୍ତି ଅଗଣିତ ଯୁବ ସମାଜର ମାର୍ଗ ପ୍ରବର୍ତ୍ତକ। ବିଶ୍ୱର ସମସ୍ତ ଅଧିବାସୀଙ୍କୁ ସେ ଏକ ପରିବାର ମନେ କରି ବିଶ୍ୱ ଭାତୃତ୍ୱର ବାର୍ତ୍ତା ପ୍ରଦାନ କରୁଥିଲେ। ଏହି ମନୀଷୀଙ୍କର ୧୯୦୨ ମସିହା ଆଜିର ଦିନରେ ମାତ୍ର ୩୯ ବର୍ଷ ବୟସରେ କଲିକତାର ବେଲୁର ମଠରେ ଦେହାବସାନ ଘଟିଥିଲା।

# ସୁପର୍‌ହିରୋ ଭୂମିକାରେ ଜନ୍



ବଲିଉଡ୍ ଅଭିନେତା ଜନ୍ ଆବ୍ରାହମ୍, ଅଭିଷେକ ଶର୍ମାଙ୍କ ଫିଲ୍ମ 'ମଙ୍କିମ୍ୟାନ୍'ରେ ସୁପର୍‌ହିରୋ ଭୂମିକାରେ ନଜର ଆସିବେ। ଏହାପୂର୍ବରୁ ଜନ୍ 'ପରମାଣୁ'ରେ ଅଭିଷେକଙ୍କ ସହ କାମ କରିଥିଲେ। ତେବେ ପୂର୍ବରୁ ବଲିଉଡ୍‌ରେ 'ମଙ୍କିମ୍ୟାନ୍' ଭଳି ଫିଲ୍ମ ନିର୍ମାଣ ହୋଇ ନ ଥିବାରୁ ଜନ୍ ଏହାକୁ ନେଇ ବେଶ୍ ଉତ୍ସାହିତ ଥିବା କୁହାଯାଉଛି। ଏହା ଏକ ବିଗ୍ ବଜେଟ୍‌ର ଫିଲ୍ମ ହେବ । ଏହାର କାହାଣୀ 'ମଙ୍କିମ୍ୟାନ୍' ପୁସ୍ତକ ଉପରେ ଆଧାରିତ। ଏହି ବହିକୁ ମଧ୍ୟ ଅଭିଷେକ ଶର୍ମା ଲେଖିଥିଲେ। ୨୦୦୧ରେ ଦିଲ୍ଲୀରେ ମଙ୍କିମ୍ୟାନ୍ ଆତଙ୍କ ଖେଳାଉଥିଲା ବୋଲି ଗୁଜବ ଉଠିଥିଲା ତାକୁ ନେଇ ଅଭିଷେକ ଏହି ବହି ଲେଖିଥିଲେ। ମହାବୀର ଜୈନ ଏହାର ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି। ୨୦୨୬ ଆରମ୍ଭରେ ଏହା ରିଲିଜ୍ ହୋଇପାରେ। ଜନ୍‌ଙ୍କ କାମ କଥା କହିବାକୁ ଗଲେ ସେ ଏବେ ରୋହିତ୍ ସେଟ୍ଟିଙ୍କ ଏକ ବାୟୋପିକ୍ ଫିଲ୍ମରେ ରାକେଶ ମାରିଆ (ମୁମ୍ବାଇର ପୂର୍ବତନ ପୁଲିସ୍ କମିଶନର)ଙ୍କ ଭୂମିକାରେ ଅଭିନୟ କରୁଛନ୍ତି। ଏହା ସହ ସେ 'ଗରମ ମସଲା'ର ସିକ୍ୱେଲରେ ମଧ୍ୟ ନଜର ଆସିବେ। ଜନ୍ ଶେଷ ଥର ପାଇଁ 'ଦ ଡିପ୍ଲୋମାଟ୍' ଫିଲ୍ମରେ ନଜର ଆସିଥିଲେ।

# ୧୧ ଦିନ ଉଜାଗର ରହି ରେକର୍ଡ



୧୯୬୩ ମସିହାରେ ଆମେରିକାର ୧୭ ବର୍ଷୀୟ ର୍ୟାଣ୍ଡି ଗାର୍ଡନର ଏମିତି ଏକ କାରନାମା କରି ଦେଖାଇଥିଲେ ଯାହାକି ସେ ସମୟରେ ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଥିଲା। ସେ ୨୬୪ ଘଣ୍ଟା ଅର୍ଥାତ୍ ୧୧ ଦିନ ନ ଶୋଇ ରେକର୍ଡ କରିଥିଲେ। ତେବେ ସେ ତାଙ୍କର ଦୁଇ ସାଙ୍ଗ ବ୍ରୁସ୍ ମ୍ୟାକଏଲେଷ୍ଟର ଏବଂ ଜୋ ମାର୍କିୟାନୋ ଜୁନିୟରଙ୍କ ସହ ମିଶି ଏହି ରେକର୍ଡ କରିବା ନିଷ୍ପତ୍ତି ନେଇଥିଲେ। ପୂର୍ବରୁ ଏହି ରେକର୍ଡ ହୋନୋଲୁଲୁର ଡିଜେ ଟମ୍ ରାଉଣ୍ଡସ୍‌ଙ୍କ ନାମରେ ଥିଲା। ଟମ୍ ୨୬୦ ଘଣ୍ଟା ଅନିଦ୍ରା ରହି ଏହି ରେକର୍ଡ କରିଥିଲେ। ର୍ୟାଣ୍ଡିଙ୍କ ଦୁଇ ସାଙ୍ଗ ପ୍ରୟାସ କଲେ ତାଙ୍କୁ ଲଗାତାର ଜାଗ୍ରତ ରଖିବେ ଏବଂ ପ୍ରତି ଛଅ ଘଣ୍ଟାରେ ତାଙ୍କ ମାନସିକ ସ୍ଥିତିକୁ ପରୀକ୍ଷା କରିବେ। ସେହିପରି ଦିନ ଯେମିତି ଗଡ଼ିଲା, ର୍ୟାଣ୍ଡିଙ୍କ ମାନସିକ ସ୍ଥିତି ବିଗିଡ଼ିବାରେ ଲାଗିଲା। ତିନିଦିନ ବିତିବା ପରେ ର୍ୟାଣ୍ଡିଙ୍କର ଛୋଟ ଛୋଟ କଥା ମନେ ରହିଲା ନାହିଁ। ତେବେ ଚତୁର୍ଥ ଓ ପଞ୍ଚମ ଦିନରେ ଏହା ଅତ୍ୟନ୍ତ କଷ୍ଟକର କାମ ବୋଲି ସେ ଅନୁଭବ କଲେ। ସେହିପରି ଏହି ଖବର ଗଣମାଧ୍ୟମକୁ ଆସିଯିବାରୁ ସେ ଏଥିରୁ ଓହରିଲେ ନାହିଁ। ଅନ୍ୟପକ୍ଷରେ ଏହି ଘଟଣାର ଗମ୍ଭୀରତାକୁ ଦେଖି ଷ୍ଟେନଫର୍ଡ ୟୁନିର୍ଭର୍ସିଟିର ନିଦ ବିଶେଷଜ୍ଞ ଡା. ୱିଲିୟମ୍ ଡମେଣ୍ଟ ର୍ୟାଣ୍ଡିଙ୍କ ସହ ସାମିଲ ହେଲେ। ତାଙ୍କୁ ଉଜାଗର ରଖିବା ପାଇଁ ସେ ଅନେକ ଉପାୟ ଆପଣାଇଲେ। ତାଙ୍କ ସାମ୍ନାରେ ଜୋର୍ ଶବ୍ଦରେ ରେଡିଓ ବଜାଇବା, କାର୍‌ରେ ବୁଲିବା ଏବଂ ପିନ୍‌ବଲ ଖେଳିବା ଚ୍ୟାଲେଞ୍ଜ ରଖିଲେ। ର୍ୟାଣ୍ଡି ୧୦ ଦିନ ଯାଏଁ ନ ଶୋଇ ମଧ୍ୟ ପିନ୍‌ବଲ ଖେଳି ଜିତିଯାଇଥିଲେ। ୧୧ ଦିନ ପର୍ଯ୍ୟନ୍ତ ଶୋଇ ନ ଥିବାରୁ ର୍ୟାଣ୍ଡିଙ୍କ ଅବସ୍ଥା ବିଗିଡ଼ି ଯାଇଥିଲା। ତାଙ୍କଠାରେ ଏକାଗ୍ରତା ହ୍ରାସ ପାଇବା, ସ୍ମୃତିଶକ୍ତିରେ ସମସ୍ୟା, ଭୟ, ଭ୍ରମ ଏବଂ ପ୍ରତ୍ୟେକ ଜିନିଷରେ ଚିଡ଼ଚିଡ଼ାପଣ ସମସ୍ୟା ଦେଖାଯାଇଥିଲା। ରେକର୍ଡ ପରେ ତାଙ୍କୁ ଡାକ୍ତରୀ ଟିମ୍ ୧୫ ଘଣ୍ଟା ଶୋଇବାକୁ ଦେଇଥିଲେ। ଏହି ସମୟରେ ତାଙ୍କର ମସ୍ତିଷ୍କ, ହୃଦୟ, ରକ୍ତଚାପ ଆଦିର ମନିଟର କରାଯାଇଥିଲା। ଧୀରେ ଧୀରେ ସେ ସାଧାରଣ ନିଦ୍ରାଭ୍ୟାସକୁ ଫେରିଥିଲେ ବି ତାଙ୍କଠାରେ ଅନିଦ୍ରା ସମସ୍ୟା ଦେଖା ଦେଇଥିଲା। ଅନ୍ୟପକ୍ଷରେ ୧୯୯୭ରେ ଗିନିଜ୍ ବିଶ୍ୱ ରେକର୍ଡ ଏଭଳି ପ୍ରୟାସକୁ ସ୍ୱୀକାର କରିବା ବନ୍ଦ କରିଥିଲା। କାରଣ ଏଭଳି ପ୍ରୟାସ ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ।

## ସଞ୍ଜୀବନୀ

# ଅନିୟନ୍ତ୍ରିତ ପରିସ୍ରା

ଅନିୟନ୍ତ୍ରିତ ପରିସ୍ରା ବା ପରିସ୍ରା ଅସଂଯମ ( urine incontinence) ସମସ୍ୟା ସାଧାରଣତଃ ମହିଳାମାନଙ୍କଠାରେ ଦେଖାଦେଇଥାଏ। ବିଶେଷକରି ବୟସ୍ୟାଧିକ, ହରମୋନ୍ ଅସନ୍ତୁଳନ, ତଳିପେଟର ମାଂସପେଶୀ ଦୁର୍ବଳ ବା ଢିଲା ହୋଇଗଲେ, ପରିସ୍ରାନଳୀ ସଂକ୍ରମଣ ଏହି ରୋଗର କାରଣ। ସମଗ୍ର ଭାରତରେ ପ୍ରାୟ ୨୭.୧% ମହିଳା ୟୁଆଇ ସହିତ ଜୀବନଯାପନ କରୁଛନ୍ତି। ନିଃସନ୍ତାନ(ନଲିପାରୋସ) ମହିଳାମାନଙ୍କଠାରେ ଏହି ସମସ୍ୟା ଅଧିକ ଦେଖାଯାଏ। ସାଧାରଣ ଭାବେ ଏମାନେ ପରିସ୍ରାକୁ ନିଜ ଇଚ୍ଛା ଅନୁସାରେ ଚାପି ରଖି ପାରନ୍ତି ନାହିଁ।



ଡାକ୍ତର ଜ୍ୟୋତି ମୋହନ ତୋଷ

କାଶିଲେ, ଛିଙ୍କଲେ, ହାଇ ମାରିଲେ, ଟିକେ ଜୋର୍ ଦଉଡ଼ି ଚାଲିଲେ କିମ୍ବା ବସି ପଡ଼ିଲେ, ଆପଣ ଛାଏଁ ପରିସ୍ରା ହୋଇଯାଏ। ଫଳରେ ମହିଳାମାନେ ଏକ ଅସ୍ୱାଭାବିକ ପରିସ୍ଥିତିର ସାମନା କରନ୍ତି। ଗ୍ରାମାଞ୍ଚଳର ମହିଳା ଏହି ସମସ୍ୟାରେ ଅଧିକ ପୀଡ଼ିତ। କର୍ମଜୀବୀ ମହିଳାମାନେ ଏଥିପାଇଁ ଅନେକ ସମୟରେ ଅପଦସ୍ତ ହୋଇଥାନ୍ତି।



ଏଭଳି ବିଲକ୍ଷଣର ଶିକାର ହୋଇଥିବା ମହିଳାମାନେ ମୁହଁ ଖୋଲି ଏ କଥା କାହା ଆଗରେ କହି ପାରନ୍ତି ନାହିଁ। ଏଭଳିକି ନିଜ ପରିବାର ଲୋକଙ୍କୁ ମଧ୍ୟ ଲୁଚାଇ ଥାଆନ୍ତି। ଡାକ୍ତରଙ୍କ ପରାମର୍ଶ ନେବାକୁ ବି ସଙ୍କୋଚ ପ୍ରକାଶ କରନ୍ତି। ଏହା କେବଳ ସେମାନଙ୍କ ଶାରୀରିକ ସୁସ୍ଥତା ଉପରେ ନୁହେଁ; ସାମଗ୍ରିକ ଭାବେ ସାମାଜିକ ସୁସ୍ଥତା ଉପରେ ମଧ୍ୟ ପ୍ରଭାବ ପକାଇଥାଏ।

ଏହାକୁ ମହିଳାମାନେ ଅନାରୋଗ୍ୟ ବୋଲି ଧରି ନେଇଥାନ୍ତି। ଖୁସିର ଖବର ଏହା ଚିକିତ୍ସାଯୋଗ୍ୟ। ଓଡ଼ିଶାରେ ଡାକ୍ତରମାନେ ଏବେ ଏହି ସମସ୍ୟା ଦୂର କରିବା ପାଇଁ ଆଗେଇ ଆସିଛନ୍ତି। ଭାରତରେ ଏହାର ଚିକିତ୍ସା ପାଇଁ ଜଣଙ୍କୁ ୧୦ ରୁ ୨୦ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡ଼ୁଛି। ବିଶେଷଜ୍ଞମାନେ ପ୍ରାଥମିକ ଚିକିତ୍ସା ସ୍କ୍ରିନିଂ ବଢ଼ାଇବା, ସମ୍ପ୍ରଦାୟ ମଧ୍ୟରେ ସ୍ୱାସ୍ଥ୍ୟ ଶିକ୍ଷା ବୃଦ୍ଧି କରିବା ଏବଂ ଆଶା ଓ ଏଏନ୍‌ଏମ୍ ମାନଙ୍କୁ ପ୍ରଶିକ୍ଷଣ ଦେଇ ଲକ୍ଷଣଗୁଡ଼ିକୁ ଶୀଘ୍ର ଚିହ୍ନଟ କରାଯାଉଛି। ବିଶିଷ୍ଟ ୟୁରୋଲୋଜିଷ୍ଟ ଡାକ୍ତର ଜ୍ୟୋତି ମୋହନ ତୋଷ କହନ୍ତି, ଏ ରୋଗ ଚିକିତ୍ସାଯୋଗ୍ୟ। ସରଳ ପେଲ୍‌ଭିକ ଫ୍ଲୋର ବ୍ୟାୟାମ, ଓଜନ ପରିଚାଳନା ତଥା ଜୀବନଶୈଳୀରେ ସକରାତ୍ମକ ପରିବର୍ତ୍ତନ କରି ଏହି ସମସ୍ୟାକୁ ଦୂର କରି ହେବ। ଏବେ ମହିଳାମାନେ ଏ ବିଷୟରେ ସଚେତନ ହୋଇ ଏହି ସମସ୍ୟା ଦୂର କରିବାକୁ ଡାକ୍ତରଙ୍କ ପରାମର୍ଶ ନେବା ପାଇଁ ଆଗେଇ ଆସିଲେଣି। ଆଗାମୀ ଏକ ବର୍ଷ ମଧ୍ୟରେ ଏହାର ପୂର୍ଣ୍ଣ ସମାଧାନ ଦିଗରେ ମଧ୍ୟ ଡାକ୍ତରୀ ପ୍ରୟାସ ଜାରି ରହିଛି। ଓଡ଼ିଶାର ବିଶେଷଜ୍ଞ କୁହନ୍ତି, ପରିସ୍ରା ଅସଂଯମ ମହିଳାଙ୍କ ଭାଗ୍ୟ ନୁହେଁ - ଏହା ଏକ ଚିକିତ୍ସା ଯୋଗ୍ୟ ଅବସ୍ଥା।

ପରାମର୍ଶଦାତା-
ୟୁରୋଲୋଜି ଆଣ୍ଡ ରେନାଲ ଟ୍ରାନ୍ସପ୍ଲାଣ୍ଟ କେୟାର,
ଭୁବନେଶ୍ୱର

## 'ସକାଳ'ର ସ୍ୱାସ୍ଥ୍ୟ
# ସାପକାମୁଡ଼ା ଓ ଚିକିତ୍ସା




ପ୍ରତିବର୍ଷ ଭାରତରେ ସାପ କାମୁଡ଼ାରେ ବହୁ ଜଣଙ୍କ ମୃତ୍ୟୁ ହୋଇଥାଏ। ଅନ୍ୟଋତୁ ତୁଳନାରେ ବର୍ଷାଦିନେ ସାପ କାମୁଡ଼ା ସଂଖ୍ୟା ବୃଦ୍ଧି ପାଏ। ତେବେ ପରିତାପର ବିଷୟ, ଆଜି ବି ଆମ ସମାଜରେ ସାପ କାମୁଡ଼ିଲେ ଅଧିକାଂଶ ବ୍ୟତିବ୍ୟସ୍ତ ହୋଇ ଝଡ଼ାଫୁଙ୍କା ପରି ଅନ୍ଧବିଶ୍ୱାସକୁ ଭରସା କରନ୍ତି। ଫଳରେ ଚିକିତ୍ସାରେ ବିଳମ୍ବ ଯୋଗୁଁ ଅକାଳରେ ଜୀବନ ଚାଲିଯାଇଥାଏ। ତେଣୁ ସାପ କାମୁଡ଼ିଲେ ପ୍ରାରମ୍ଭିକ ପର୍ଯ୍ୟାୟରେ ଏହାର ଲକ୍ଷଣକୁ ଜାଣି ଡାକ୍ତରଙ୍କ ପରାମର୍ଶରେ ଚିକତ୍ସା କରିବା ଆବଶ୍ୟକ।

ସାପ କାମୁଡ଼ିବା ମାତ୍ରେ ଅଧିକାଂଶ ବ୍ୟତିବ୍ୟସ୍ତ ହୋଇ ଦୌଡ଼ା ଦୌଡ଼ି କରିଥାନ୍ତି। ହେଲେ ଏପରି କରିବା ଦ୍ୱାରା ରକ୍ତସଞ୍ଚାଳନରେ ସାପ ବିଷ ଶୀଘ୍ର ବ୍ୟାପି ଯାଇଥାଏ। ତେଣୁ ସାପ କାମୁଡ଼ିଲେ, ବ୍ୟସ୍ତ ନ ହୋଇ ସାପ କାମୁଡ଼ିଥିବା ବା ଆଘାତ ଦେଇଥିବା ସ୍ଥାନକୁ ପ୍ରଥମେ ଚିହ୍ନଟ କରନ୍ତୁ। ଏଥିରେ କୌଣସି ପ୍ରକାର ପ୍ରଲେପ ଲଗାଇବା ଅନୁଚିତ। ତୁରନ୍ତ ସାପ କାମୁଡ଼ିଥିବା ବ୍ୟକ୍ତିଙ୍କୁ ନିକଟସ୍ଥ ଡାକ୍ତରଖାନାକୁ ନେବା ଆବଶ୍ୟକ। କାରଣ କିଛିଟା ପରୀକ୍ଷା ମାଧ୍ୟମରେ ଡାକ୍ତର ବିଷଧର ସାପ କାମୁଡ଼ିଛି କି ନାହିଁ ତାହା ନିର୍ଣ୍ଣୟ କରନ୍ତି। ସାଧାରଣତଃ ଚିତି, ନାଗ ଆଦି ସାପ କାମୁଡ଼ିବା ଦ୍ୱାରା ସ୍ନାୟୁଗତ ଦୁର୍ବଳତା, ଆଖି ଦୁଇ ଦୁଇଟି ଦିଶିବା, ହାତଗୋଡ଼ ଅବସ ହୋଇଯିବା, ଛେପ ନ ଢ଼ୋକି ପାରିବା ଆଦି ଲକ୍ଷଣ ଦେଖାଯାଏ। ସେହିପରି ବୋଡ଼ାସାପ କାମୁଡିଲେ, ରକ୍ତସଞ୍ଚାଳନରେ ବ୍ୟାହାତ ହୁଏ, ବୃକ୍କ ପ୍ରଭାବିତ ହେବା, ରକ୍ତସ୍ରାବ, କାମୁଡ଼ିଥିବା ସ୍ଥାନ ଫୁଲିଯିବା ଆଦି ଲକ୍ଷଣ ଦେଖାଯାଏ। ଉପରୋକ୍ତ ଲକ୍ଷଣ ସହିତ ମାଂସପେଶୀ ଦୁର୍ବଳ, ମୁଣ୍ଡବିନ୍ଧା, ନିଶ୍ୱାସପ୍ରଶ୍ୱାସ ନେବାରେ ସମସ୍ୟା ଆଦି ଲକ୍ଷଣ ପ୍ରକାଶ ପାଇଲେ, ସାପ ବିଷର ପ୍ରଭାବ ଅଛି ବୋଲି ଜଣାଯାଏ। ତେଣୁ ଯେ କୌଣସି ସାପକାମୁଡ଼ିଲେ ବି ଉକ୍ତ ମାମଲାରେ ପୂଜାର୍ଚ୍ଚନା କରିବା, କିମ୍ବା କୌଣସି ଚେରମୂଳି ଖାଇବା ପରି ଅନ୍ଧବିଶ୍ୱାସରେ ବଶୀଭୂତ ନ ହୋଇ ବ୍ୟକ୍ତିକୁ ହସ୍‌ପିଟାଲ ନେଇ ତାଙ୍କର ବ୍ଲଡ୍ କ୍ଲଟିଂ ଟେଷ୍ଟ କରିବାକୁ ହୁଏ। ଯଦି ଉକ୍ତ ପରୀକ୍ଷାରେ ଦୁଇ ମିନିଟ୍ ମଧ୍ୟରେ ରକ୍ତ ଜମାଟ ବାନ୍ଧୁଛି, ତେବେ ଏଥିରୁ ଶରୀରରେ ବିଷ ପ୍ରତିକ୍ରିୟା ହୋଇ ନ ଥିବା ସ୍ପଷ୍ଟ ହୋଇଥାଏ। ଯଦି ରକ୍ତ ୫ରୁ ୧୦ ମିନିଟ୍ ରକ୍ତ ଜମାଟ ନ ବାନ୍ଧି ମିଳାଇ ଯାଉଥାଏ ତେବେ ରକ୍ତରେ ବିଷ ବ୍ୟାପୁଥିବା ଜଣାପଡ଼େ। ଡାକ୍ତର ସାପର ପ୍ରଜାତି ଓ କାମୁଡ଼ିଥିବା ବ୍ୟକ୍ତିର ଶାରୀରିକ ଲକ୍ଷଣକୁ ଦେଖି ବିଷକୁ ପ୍ରତିହତ କରିବାକୁ ଆଣ୍ଟି ସ୍ନେକ୍ ଭେନମ୍ (ଏସ୍‌ଭି) ଦେଇଥାନ୍ତି। ଆଣ୍ଟି ଭେନମ୍ ସାପ କାମୁଡ଼ାର ପ୍ରାଥମିକ ଚିକିତ୍ସା। ରୋଗର ତୀବ୍ରତା ଅନୁଯାୟୀ ଆଣ୍ଟିଭେନମ ଡୋଜ୍ ଦିଆଯାଏ। ଆଣ୍ଟି ଭେନମ୍‌ରେ ବିଷ ବିଷାକ୍ତ ପଦାର୍ଥକୁ ନିଷ୍କ୍ରିୟ କରିଥାଏ। ଆଣ୍ଟିଭେନମ୍ ସିରମ ବିଷାକ୍ତ ପଦାର୍ଥକୁ ବାନ୍ଧି ଶରୀରକୁ ଅଧିକ କ୍ଷତ ପହଞ୍ଚାଇବାରୁ ରୋକିବାରେ କାମ କରିଥାଏ। ଏହା ବିଷର ପ୍ରଭାବକୁ ନିଷ୍କ୍ରିୟ କରିବା, ଲକ୍ଷଣର ତୀବ୍ରତା ହ୍ରାସ କରିବା ଏବଂ ଜଟିଳତାକୁ ରୋକିବାରେ ସାହାଯ୍ୟ କରେ। ସାଧାରଣତଃ ସମସ୍ତ ସରକାରୀ ହସ୍‌ପିଟାଲରେ ମାଗଣାରେ ଆଣ୍ଟି ଭେନମ ଉପଲବ୍ଧ ରହୁଥିବାରୁ ସାପ କାମୁଡିବା ମାତ୍ରେ ଚିକିତ୍ସା କରିବା ନିହାତି ଆବଶ୍ୟକ।

## ଏନର୍ଜି ଡ୍ରିଙ୍କ
ରକ୍ତ କର୍କଟ ଆଶଙ୍କା ବଢ଼ାଏ

ଶରୀରକୁ ଫୁର୍ତ୍ତି ଓ ସତେଜ ରଖିବାକୁ ପ୍ରାୟତଃ ଏନର୍ଜି ଡ୍ରିଙ୍କ୍‌ସ, ପ୍ରୋଟିନ୍ ସେକ୍ ଏବଂ ସ୍ପୋର୍ଟସ ଡ୍ରିଙ୍କସ୍ ପିଇଥାନ୍ତି। ଏନର୍ଜି ଡ୍ରିଙ୍କ୍‌ସ ପାଟିକୁ ସ୍ୱାଦିଷ୍ଟ ଲାଗିଲେ ମଧ୍ୟ ଏହା ଶରୀର ପାଇଁ ଆଦୌ ହିତକର ନୁହେଁ। ଏପରିକି ଏହି ଏନର୍ଜି ଡ୍ରିଙ୍କ୍‌ସ ପିଇବା ଦ୍ୱାରା ରକ୍ତ କର୍କଟ ହେବାର ଆଶଙ୍କା ଅଧିକ ରହିଛି ବୋଲି ଆମେରିକା ବୈଜ୍ଞାନିକ ଏକ ଅଧ୍ୟୟନରେ କହିଛନ୍ତି। କେତେକ ନିର୍ଦ୍ଦିଷ୍ଟ ଏନର୍ଜି ଡ୍ରିଙ୍କ୍‌ସ୍‌ରେ ପ୍ରଚୁର ମାତ୍ରାର କେଫିନ୍, କୃତ୍ରିମ ଚିନି ଏବଂ ଆମିନୋଏସିଡ ଟରିନ୍




ଥାଏ। ତେବେ ଯେଉଁମାନଙ୍କର ଆଗରୁ ଶରୀରରେ ଲ୍ୟୁକେମିଆ ଥାଏ, ସେମାନେ ଏହି ଏନର୍ଜି ଡ୍ରିଙ୍କ୍‌ସ ନେବା ଦ୍ୱାରା ଏଥିରେ ମିଳୁଥିବା ଟରିନ୍ ଲ୍ୟୁକେମିଆକୁ ବଢ଼ାଇ କର୍କଟ ଆଶଙ୍କାକୁ ବଢ଼ାଇଥାଏ। ଗବେଷକଙ୍କ ମୁତାବକ, ଲ୍ୟୁକେମିଆ କୋଷ ଗ୍ଲାଇକୋଲାଇସିସ୍ ନାମକ ପ୍ରକ୍ରିୟା ମାଧ୍ୟମରେ ନିଜର ବୃଦ୍ଧି ପ୍ରକ୍ରିୟାକୁ ଇନ୍ଧନ ଦେବା ପାଇଁ ଟରିନ୍‌ର ଉପଯୋଗ କରିଥାଏ। ଏହି ପ୍ରକ୍ରିୟାରେ କୋଷଗୁଡ଼କ ଶକ୍ତି ଉତ୍ପନ୍ନ କରିବାକୁ ଗ୍ଲୁକୋଜକୁ ଭାଙ୍ଗି କର୍କଟ କୋଷିକାକୁ ବୃଦ୍ଧି କରନ୍ତି। ଟରିନ୍ ମନୁଷ୍ୟ ଶରୀରରେ ପ୍ରାକୃତିକ ଉପାୟରେ ତିଆରି ହୋଇଥାଏ। ମାଂସ ଏବଂ ମାଛରେ ମଧ୍ୟ ଟରିନ୍ ମିଳିଥାଏ। ତେବେ ନିର୍ଦ୍ଦିଷ୍ଟ ଏନର୍ଜିଡ୍ରିଙ୍କ୍‌ସରେ ଟରିନ୍ ମିଶାଯାଉଥିବାରୁ ଶରୀରରେ ଟରିନ୍ ଲ୍ୟୁକେମିଆକୁ କିପରି ବଢ଼ାଇବାରେ ସାହାଯ୍ୟ କରୁଛି ତାହା ଜାଣିବାକୁ ଗବେଷକମାନେ ଏକ ସ୍ୱତନ୍ତ୍ର ଜିନ୍ ଏସ୍‌ଏଲ୍‌ସି୬ଏ୬ ସହିତ ମୂଷା ଉପରେ ଗବେଷଣା କରିଥିଲେ। ଉକ୍ତ ମୂଷାଙ୍କୁ ମନୁଷ୍ୟ ଲ୍ୟୁକେମିଆ କୋଷ ଦିଆଯାଇଥିଲା। ଏହି ଗବେଷଣାରୁ ମୂଷାଙ୍କ ଶରୀରର ଅସ୍ଥିମଜ୍ଜାର ସୁସ୍ଥ କୋଷଗୁଡ଼ିକ ଟରିନ୍ ଉତ୍ପାଦନ କରି ଏହାକୁ ଏସ୍‌ଏଲ୍‌ସି୬ଏ୬ ଜିନ୍ କର୍କଟ କୋଷ ଯାଏଁ ପହଞ୍ଚାଉଥିବା ଦେଖିବାକୁ ମିଳିଥିଲା। ଏହାଦ୍ୱାରା ହିଁ ରକ୍ତକର୍କଟ ହେବାର ଆଶଙ୍କା ବଢ଼ିଯାଏ। ତେଣୁ ଏନର୍ଜି ଡ୍ରିଙ୍କ୍‌ସର ମାତ୍ରାଧିକ ଟରିନ୍ ଲ୍ୟୁକେମିଆ ରୋଗୀଙ୍କ ପାଇଁ ଅଧିକ କ୍ଷତି ସାବ୍ୟସ୍ତ ହୋଇପାରେ ବୋଲି ଗବେଷକ କହିଛନ୍ତି। ଏନର୍ଜି ଡ୍ରିଙ୍କ୍‌ସ ବଦଳରେ ମିଲ୍‌ସେକ୍, ତରଭୁଜ ଜୁସ୍, ନଡ଼ିଆ ପାଣି ଆଦି ପିଇବା ସ୍ୱାସ୍ଥ୍ୟ ପକ୍ଷେ ଲାଭଦାୟକ।

# ଗିଲ୍‌ଙ୍କ ରେକର୍ଡ ଟେଷ୍ଟ ଦ୍ୱିଶତକ

ବର୍ମିହାମ, ୩।୭ (ଏଜେନ୍ସି):

ଅଧିନାୟକ ଶୁବମାନ ଗିଲ୍‌ଙ୍କ ଦମ୍‌ଦାର ଦ୍ୱିଶତକୀୟ ପାଳି ବଳରେ ସ୍ଥାନୀୟ ଏଜ୍‌ବାଷ୍ଟନ ଗ୍ରାଉଣ୍ଡରେ ଘରୋଇ ଇଂଲଣ୍ଡ ବିପକ୍ଷରେ ଚାଲିଥିବା ଦ୍ୱିତୀୟ ଟେଷ୍ଟର ପ୍ରଥମ ପାଳିରେ ଭାରତ ୫୮୭ ରନର ବିଶାଳ ସ୍କୋର ଠିଆ କରାଇଛି। ଗତକାଲି ୧୧୪ ରନ କରି ଅପରାଜିତ ରହିଥିବା ଗିଲ୍ ଗୁରୁବାର ଦ୍ୱିତୀୟ ଦିବସରେ ଏହି ସ୍କୋରକୁ ଆଗେଇ ନେଇ କ୍ୟାରିୟର ଶ୍ରେଷ୍ଠ ୨୬୯ ରନର ମାରାଥନ ପାଳି ଖେଳିଥିଲେ। ୩୮୭ ବଲ୍‌ର ଏହି ପାଳିରେ ସେ ୩୦ ଚୌକା ଓ ୩ ଛକା ମାରିଥିଲେ। ଜୋଶ୍ ଟଙ୍ଗ୍‌ଙ୍କୁ ପୁଲ୍ ମାରିବାକୁ ଯାଇ ଗିଲ୍ ସର୍ଟ ଫାଇନ୍ ଲେଗ୍‌ରେ ଓଲି ପୋପ୍‌ଙ୍କ ହାତରେ ଧରାପଡ଼ି ତ୍ରିଶତକରୁ ବଞ୍ଚିତ ହୋଇଥିଲେ। ସେହିଭଳି ଅନ୍ୟମାନଙ୍କ ମଧ୍ୟରେ ଅଭିଜ୍ଞ ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡେଜା ୮୯, ୱାଶିଂଟନ ସୁନ୍ଦର ୪୨, ଆକାଶଦୀପ୍ ୬, ମହମ୍ମଦ ସିରାଜ ୮ ଓ ପ୍ରସିଦ୍ଧ କ୍ରିଷ୍ଣା ଅପରାଜିତ ୫ ରନ କରିଥିଲେ। ଗିଲ୍ ଓ ଜାଡେଜାଙ୍କ ମଧ୍ୟରେ ୬ଷ୍ଠ ୱିକେଟ ଭାଗୀଦାରିରେ ୨୦୩ ରନ ସଂଗୃହିତ ହୋଇଥିଲା। ଯାହା ଭାରତକୁ ୫୦୦ ରନ ଅତିକ୍ରମ କରାଇବାରେ ସହାୟତା କରିଥିଲା। ଇଂଲଣ୍ଡ ପକ୍ଷରୁ ସଫଳ ବୋଲର ଭାବେ ସୋଏବ ବସିର ୩ ଏବଂ କ୍ରିସ୍ ୱକ୍ସ ଓ ଟଙ୍ଗ୍ ୨ଟି ଲେଖାଏ ୱିକେଟ୍ ନେଇଥିଲେ। ଜବାବରେ ପ୍ରଥମ ପାଳି ଆରମ୍ଭ କରିଥିବା ଘରୋଇ ଇଂଲଣ୍ଡ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଷ୍ଟମ୍ପ ସୁଦ୍ଧା ୧୮ ଓଭରରେ ୩ ୱିକେଟ୍ ହରାଇ ୭୨ ରନ ସଂଗ୍ରହ କରିଛି। ହ୍ୟାରୀ ବ୍ରୁକ୍ସ ୨୬ ଓ ଜୋ ରୁଟ୍ ୧୭ ରନ କରି ଅପରାଜିତ ରହିଛନ୍ତି। ଓପନର୍ ବେନ୍ ଡକେଟ୍ ଓ ଓଲି ପୋପ୍ ଖାତା ଖୋଲି ନ ପାରି ଆକାଶଦୀପଙ୍କ ବଲରେ ଆଉଟ୍ ହୋଇଥିଲେ। ସେହିଭଳି ଜ୍ୟାକ୍ କ୍ରାଲୀ ୧୯ ରନ କରି ସିରାଜଙ୍କ ଶିକାର ବନିଥିଲେ।

ଏହି ଦ୍ୱିଶତକୀୟ ପାଳି ଅବସରରେ ଗିଲ୍ ଏକାଧିକ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ୬ଷ୍ଠ ଭାରତୀୟ ଅଧିନାୟକ ଭାବେ ସେ ଟେଷ୍ଟରେ ଦ୍ୱିଶତକୀୟ ପାଳି ଖେଳିଛନ୍ତି। ତାଙ୍କ ପୂର୍ବରୁ ଏମ୍ଏକେ ପୌଟଦୀ, ସୁନିଲ ଗାଭାସ୍କର, ସଚିନ ତେନ୍ଦୁଲକର, ମହେନ୍ଦ୍ର ସିଂ ଧୋନି ଓ ବିରାଟ କୋହଲି ଏହି ସଫଳତା ପାଇଥିଲେ। ସେମାନଙ୍କ ମଧ୍ୟରୁ ବିରାଟ ଅଧିନାୟକ ଭାବେ ସର୍ବାଧିକ ୭ଟି ଦ୍ୱିଶତକ ମାରିଛନ୍ତି। ସେହିଭଳି ଭାରତୀୟ ଅଧିନାୟକ ଭାବେ ମଧ୍ୟ ଏହା ଟେଷ୍ଟରେ ସର୍ବୋଚ୍ଚ ବ୍ୟକ୍ତିଗତ ସ୍କୋର ହୋଇଛି। ପୂର୍ବରୁ ୨୦୧୯ରେ କୋହଲି ଅଧିନାୟକ ଥିବାବେଳେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଅପରାଜିତ ୨୫୪ ରନର ପାଳି ଖେଳିଥିଲେ। ସେହିଭଳି ପଟୌଦୀ (୨୩ ବର୍ଷ ୩୯ ଦିନ)ଙ୍କ ପରେ ୨ୟ କନିଷ୍ଠ ଭାରତୀୟ ଅଧିନାୟକ ଭାବେ ଗିଲ୍ (୨୫ ବର୍ଷ ୨୯୮ ଦିନ) ଦ୍ୱିଶତକ ହାସଲ କରିଛନ୍ତି। ଇଂଲଣ୍ଡ ମାଟିରେ ଭାରତୀୟ ବ୍ୟାଟର୍ ଭାବେ ଗାଭାସ୍କରଙ୍କ ନାମରେ ଥିବା ସର୍ବୋଚ୍ଚ ସ୍କୋର (୨୨୧ ରନ୍)କୁ ଟପିଛନ୍ତି।

**ଭାରତୀୟ ଭାବେ ସର୍ବୋଚ୍ଚ ଟେଷ୍ଟ ସ୍କୋର**

| ବ୍ୟାଟର୍ | ରନ | ପ୍ରତିପକ୍ଷ | ବର୍ଷ |
|---|---|---|---|
| ବୀରେନ୍ଦ୍ର ସେହ୍ୱାଗ | ୩୧୯ | ଦ.ଆଫ୍ରିକା | ୨୦୦୮ |
| ବୀରେନ୍ଦ୍ର ସେହ୍ୱାଗ | ୩୦୯ | ପାକିସ୍ତାନ | ୨୦୦୪ |
| କରୁନ ନାୟାର | ୩୦୩ | ଇଂଲଣ୍ଡ | ୨୦୧୬ |
| ବୀରେନ୍ଦ୍ର ସେହ୍ୱାଗ | ୨୯୩ | ଶ୍ରୀଲଙ୍କା | ୨୦୦୯ |
| ଭିଭିଏସ୍ ଲକ୍ଷ୍ମଣ | ୨୮୧ | ଅଷ୍ଟ୍ରେଲିଆ | ୨୦୦୧ |
| ରାହୁଲ ଦ୍ରାବିଡ୍ | ୨୭୦ | ପାକିସ୍ତାନ | ୨୦୦୪ |
| ଶୁବମାନ ଗିଲ୍ | ୨୬୯ | ଇଂଲଣ୍ଡ | ୨୦୨୫ |



**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୫୮୭/୧୦, ୧୫୧ ଓଭର (ଜୟସ୍ୱାଲ-୮୭, ଗିଲ-୨୬୯, ଜାଡେଜା- ୮୯, ସୁନ୍ଦର-୪୨, କ୍ରିସ ୱକ୍ସ-୨/୮୧, ଟଙ୍ଗ- ୨/୧୧୯, ବସିରି- ୩/୧୬୭)।
ଇଂଲଣ୍ଡ ପ୍ରଥମ ଇନିଂସ: ୭୨/୩, ୧୮ ଓଭର (ରୁଟ୍ ବ୍ୟାଟିଂ -୧୭, ବ୍ରୁକ୍ ବ୍ୟାଟିଂ -୨୬, କ୍ରାଲୀ- ୧୯, ଆକାଶ ଦୀପ-୨/୩୬)

## ତୃତୀୟ ରାଉଣ୍ଡରେ ଜୋକୋଭିଚ୍

ଲଣ୍ଡନ, ୩।୭ (ଏଜେନ୍ସି): ସର୍ବିଆ ତାରକା ନୋଭାକ ଜୋକୋଭିଚ୍ ବର୍ଷର ୩ୟ ଗ୍ରାଣ୍ଡସ୍ଲାମ ୱିମ୍ବଲଡନର ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଗୁରୁବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ୨ୟ ରାଉଣ୍ଡ ମୁକାବିଲାରେ ୬ଷ୍ଠ ସିଡ୍ ଜୋକୋଭିଚ୍ ୬-୩, ୬-୨, ୬-୦ ସିଧାସଳଖ ସେଟ୍‌ରେ ଘରୋଇ ଖେଳାଳି ଡାନ୍ ଇଭାନ୍ସକୁ ପରାସ୍ତ କରିଥିଲେ। ଏଥିସହ ୩୮ ବର୍ଷୀୟ ଜୋକୋଭିଚ୍ କ୍ୟାରିୟରରେ ୧୯ ଥର ଲାଗି ୱିମ୍ବଲଡନ ୩ୟ ରାଉଣ୍ଡରେ ସ୍ଥାନ ପକ୍କା କରିଛନ୍ତି। ଜୋକୋଭିଚ୍ ଯଦି ଏଠାରେ ଚାମ୍ପିଅନ ହୁଅନ୍ତି ତେବେ କ୍ୟାରିୟରର ୮ମ ୱିମ୍ବଲଡନ ଟ୍ରଫି ଓ ମୋଟ୍ ଉପରେ ବିଶ୍ୱରେକର୍ଡ ୨୫ତମ ଗ୍ରାଣ୍ଡସ୍ଲାମ ଟ୍ରଫି ଜିତିବେ। ଅପରପକ୍ଷରେ ମହିଳା ବିଭାଗରେ କାଜାଖସ୍ତାନର ଏଲିନା ରିବାକିନା, ରୁଷିଆର ଏକତେରିନା ଆଲେକ୍ସଜାଣ୍ଡ୍ରୋଭା ପ୍ରମୁଖ ୨ୟ ରାଉଣ୍ଡରେ ବିଜୟୀ ହୋଇଛନ୍ତି। ସେହିଭଳି ପୁରୁଷ ଡବଲ୍ସରେ ଭାରତର ଏନ୍ ଶ୍ରୀରାମ ବାଲାଜୀ ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି।

## ୫ ରନରେ ୭ଟି ୱିକେଟ୍ ହରାଇଲା ବାଂଲାଦେଶ

କଲମ୍ବୋ, ୩।୭ (ଏଜେନ୍ସି): ଅଧିନାୟକ ଚାରିଥ ଆସ୍‌ଲାଙ୍କା(୧୦୬)ଙ୍କ ଶତକ ବଳରେ ଏଠାରେ ବାଂଲାଦେଶ ବିପକ୍ଷରେ ଅନୁଷ୍ଠିତ ପ୍ରଥମ ଦିନିକିଆ ମ୍ୟାଚକୁ ଘରୋଇ ଶ୍ରୀଲଙ୍କା ୭୭ ରନରେ ଜିତିନେଇଛି। ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ୪୯.୨ ଓଭରରେ ୨୪୪ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ ଭ୍ରମଣକାରୀ ବାଂଲାଦେଶ ୩୫.୫ ଓଭରରେ ୧୬୭ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଏକଦା ୧୬.୨ ଓଭରରେ ୧୦୦ ରନରେ ଗୋଟିଏ ୱିକେଟ୍ ହରାଇ ଭଲ ସ୍ଥିତିରେ ରହିଥିବା ବାଂଲାଦେଶ ସାଂଘାତିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୦୫ ରନରେ ୮ ୱିକେଟ୍ ହରାଇଥିଲା।

## ପୂର୍ବତନ ଫୁଟ୍‌ବଲର୍ ଶଙ୍କର ଦତ୍ତଙ୍କ ପରଲୋକ

ଭୁବନେଶ୍ୱର, ୩।୭ (ସମିସ): ଓଡ଼ିଶାର ପ୍ରାକ୍ତନ ଫୁଟ୍‌ବଲ ଖେଳାଳି ଶଙ୍କର ଦତ୍ତ ରାୟଙ୍କ ଗୁରୁବାର ୮୪ ବର୍ଷ ବୟସରେ ପରଲୋକ ଘଟିଛି। 'ଦାଦା' ଭାବେ ପରିଚିତ ଶଙ୍କର ଓଡ଼ିଶା ପକ୍ଷରୁ ସମ୍ମାନଜନକ ସନ୍ତୋଷ ଟ୍ରଫିରେ ଏକାଧିକଥର ପ୍ରତିନିଧିତ୍ୱ କରିଛନ୍ତି। ଅବସର ପରେ ସେ ରାଜ୍ୟ ଫୁଟ୍‌ବଲ ଦଳର ପ୍ରଶିକ୍ଷକ ଭାବେ ମଧ୍ୟ କିଛି ବର୍ଷ କାର୍ଯ୍ୟ ତୁଲାଇଥିଲେ। ତାଙ୍କର ଦୁଇ ଝିଅ ରହିଛନ୍ତି। ତାଙ୍କ ବିୟୋଗରେ ଫୁଟ୍‌ବଲ ଆସୋସିଏସନ୍ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ସମ୍ପାଦକ ଆଶୀର୍ବାଦ ବେହେରା ଶୋକ ପ୍ରକାଶ କରିଛନ୍ତି।



## ରାଜ୍ୟ କନିଷ୍ଠ ବାସ୍କେଟବଲ୍ ଚାମ୍ପିଅନସିପ୍ ଉଦ୍‌ଯାପିତ | ଗଞ୍ଜାମ, ଏଣ୍ଟରଟେନର୍ କ୍ଲବ ଚାମ୍ପିଅନ

ଭୁବନେଶ୍ୱର, ୩।୭ (ସମିସ): ବ୍ରହ୍ମପୁର ନିଷ୍ଟ ବିଶ୍ୱବିଦ୍ୟାଳୟ ପରିସରରେ ୪ ଦିନ ଧରି ଚାଲିଥିବା ଓଡ଼ିଶା ରାଜ୍ୟ କନିଷ୍ଠ ବାସ୍କେଟବଲ୍ ଚାମ୍ପିଅନସିପ୍ ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଶା ବାସ୍କେଟବଲ୍ ସଂଘ ଓ ରାଜ୍ୟ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାର ବାଳକ ବିଭାଗରେ ଗଞ୍ଜାମ ଚାମ୍ପିଅନ ହୋଇଥିବାବେଳେ କଟକର ସେଲଟିକ୍ସ କ୍ଲବ ରନର୍ସଅପ୍ ହୋଇଛି। ଫାଇନାଲରେ ଗଞ୍ଜାମ ୭୧-୬୭ ପଏଣ୍ଟରେ ବିଜୟୀ ହୋଇଥିଲା। ସେହିଭଳି କଡ଼ା ସଂଘର୍ଷପୂର୍ଣ୍ଣ ବାଳିକା ବିଭାଗ ଫାଇନାଲରେ କଟକର ଏଣ୍ଟରଟେନର କ୍ଲବ ୫୩-୫୦ ପଏଣ୍ଟରେ ପୁରୀକୁ ପରାସ୍ତ କରି ଟାଇଟଲ୍ ହାସଲ କରିଛି।



## ଜାତୀୟ ବରିଷ୍ଠ ମିନିଗଲ୍ଫରେ ଓଡ଼ିଶାକୁ ୮ ପଦକ



ଭୁବନେଶ୍ୱର, ୩।୭ (ସମିସ): ନାଗପୁରରେ ଅନୁଷ୍ଠିତ ଜାତୀୟ ବରିଷ୍ଠ ମିନିଗଲ୍ଫ ଚାମ୍ପିଅନସିପ୍‌ରେ ଓଡ଼ିଶା ମୋଟ୍ ୮ ପଦକ ବିଜୟୀ ହୋଇଛି। ଯେଉଁଥିରେ ୨ ସ୍ୱର୍ଣ୍ଣ ଏବଂ ୩ଟି ଲେଖାଏ ରୌପ୍ୟ ଓ କାଂସ୍ୟ ପଦକ ରହିଛି। ଦଳଗତ ଭାବେ ଓଡ଼ିଶା ମହିଳା ଦଳ ରନର୍ସଅପ୍ ଓ ପୁରୁଷ ଦଳ ତୃତୀୟ ସ୍ଥାନ ହାସଲ କରିଛି। ମିକ୍ସଡ ଡବଲ୍ସରେ ବିକାଶ ଚନ୍ଦ୍ର ପଟ୍ଟନାୟକ ଓ ଅଭିପ୍ସା ପଣ୍ଡା ଯୋଡ଼ି ସ୍ୱର୍ଣ୍ଣପଦକ ଜିତିଛନ୍ତି। ସେହିଭଳି ମହିଳା ବ୍ୟକ୍ତିଗତ ବିଭାଗରେ ଲତା ସମର୍ଥ ସ୍ୱର୍ଣ୍ଣ ଓ ଆନିକା ପଟ୍ଟନାୟକ କାଂସ୍ୟ ପଦକ ହାସଲ କରିଛନ୍ତି। ନକ୍‌ଆଉଟ୍ ଇଭେଣ୍ଟର ମହିଳା ଦଳଗତରେ ଓଡ଼ିଶା ଦଳ ରୌପ୍ୟ ବିଜୟୀ ହୋଇଛନ୍ତି। ପୁରୁଷ ଡବଲ୍ସରେ ଦେବଦତ୍ତ ଓ ଦେବଜିତ୍ ଯୋଡ଼ି ରୌପ୍ୟ ପଦକ ଜିତିଛନ୍ତି। କ୍ରୀଡ଼ା ବିଭାଗର ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ସ୍ୱରୂପାନନ୍ଦ ସାହୁଙ୍କ ସମେତ ଓଡ଼ିଶା ମିନି ଗଲ୍ଫ ସଂଘର ସଭାପତି ଡ. ସତ୍ୟବ୍ରତ ମୀନକେତନ, ଉପସଭାପତି ପ୍ରସେନଜିତ ପତି, ଯୁଗ୍ମ ସଭାପତି ପ୍ରଦ୍ୟୁମ୍ନ ବେହେରା, ସ୍ମୃତିରେଖା ପଟ୍ଟନାୟକ ପ୍ରମୁଖ ଦଳକୁ ଅଭିନନ୍ଦନ ଜଣାଇଛନ୍ତି।







PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS